# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୫/୨୦୨୨ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, November 5/2022 | Page 18 | ₹ 7.00 | ★★★★★★

୪୮ଶ ଭାଗ ୩୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 339 | ମୂଲ୍ୟ ₹୭/-




**ଅପସ୍ମାର ସମ୍ପର୍କରେ ସଚେତନ କରୁଛନ୍ତି ଫାତିମା**
ମସ୍ତିଷ୍କଜନିତ ରୋଗ 'ଅପସ୍ମାର' ସମ୍ପର୍କରେ ଲୋକଙ୍କୁ ସଚେତନ କରୁଛନ୍ତି ବଲିଉଡ୍ ଅଭିନେତ୍ରୀ ଫାତିମା ସାନା ଶେଖ୍।
୧୬

୧୫
**ଜୋଶୁଆ ଲିଟିଲଙ୍କ ହ୍ୟାଟ୍ରିକ**
ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଆୟର୍ଲାଣ୍ଡ ପେସ୍ ବୋଲର ଜୋଶୁଆ ଲିଟିଲ ହ୍ୟାଟ୍ରିକ ଉଇକେଟ ଅକ୍ତିଆର କରିଛନ୍ତି।



# ଶିକ୍ଷାରେ ଉତ୍କର୍ଷ ପାଇଁ ସଂଘର୍ଷ

**ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ସ୍କୁଲ ପ୍ରଦର୍ଶନ ଗ୍ରେଡ୍ ସୂଚକାଙ୍କ(ପିଜିଆଇ) ପ୍ରକାଶ ପାଇଛି। ଏଥିରେ ଲେଭଲ ୧ରୁ ୧୦ ଯାଏ ର୍ୟାଙ୍କିଙ୍ଗ୍ ରହିଛି। କେରଳ ଓ ଆନ୍ଧ୍ରପ୍ରଦେଶ ଶ୍ରେଷ୍ଠ ପ୍ରଦର୍ଶନକାରୀ ମାନ୍ୟତା ପାଇଛନ୍ତି। ହେଲେ ଓଡ଼ିଶା ଲେଭଲ ୩ରେ ରହିଛି। ସରକାରୀ ସ୍ତରରେ ପ୍ରାଥମିକରୁ ଉଚ୍ଚଶିକ୍ଷା ଯାଏ ବ୍ୟବସ୍ଥା ସୁଦୃଢ଼ କରାଯାଉଛି ବୋଲି କୁହାଯାଉଥିଲେ ମଧ୍ୟ ଜାତୀୟସ୍ତରୀୟ ରିପୋର୍ଟରେ ଓଡ଼ିଶାର ପ୍ରଦର୍ଶନ ଉତ୍ସାହଜନକ ନାହିଁ। ସେହିପରି ୨୦୨୨ ଜୁଲାଇରେ ଉଚ୍ଚଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ ର୍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ(ଏନ୍‌ଆଇଆର୍‌ଏଫ୍)ରେ ସାମଗ୍ରିକ ଭାବେ ଶ୍ରେଷ୍ଠ ୧୦୦ରେ ଓଡ଼ିଶାର କୌଣସି ସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନ ସ୍ଥାନ ପାଇପାରି ନ ଥିଲା। ଏ କ୍ଷେତ୍ରରେ ଉତ୍କର୍ଷ ଲାଭ ପାଇଁ ଭିତ୍ତିଭୂମିର ବିକାଶ କରାଯାଉଥିଲେ ହେଁ ଗୁଣାତ୍ମକ ଶିକ୍ଷାର ଅଭାବ ଯୋଗୁ ଶ୍ରେଷ୍ଠ ସ୍ତରରେ ପହଞ୍ଚିବା ପାଇଁ ଓଡ଼ିଶାକୁ ସଂଘର୍ଷ କରିବାକୁ ପଡ଼ୁଛି।**



**ଭୁବନେଶ୍ୱର, ୪।୧୧(ବ୍ୟୁରୋ)**

ସ୍କୁଲ ସ୍ତରରେ ପ୍ରଦର୍ଶନ ଗ୍ରେଡିଂ ସୂଚକାଙ୍କ (ପିଜିଆଇ) ୨୦୨୦-୨୧ରେ ଓଡ଼ିଶା ଲେଭଲ ୩ (୮୫୧ରୁ ୯୦୦ ସ୍କୋର)ରେ ରହିଛି। ଯଦିଓ ପୂର୍ବାପେକ୍ଷା ଏଥର ସ୍କୋର ବଢ଼ିଛି, କିନ୍ତୁ ଲେଭଲ ୧ (୯୫୦ରୁ ୧,୦୦୦ ସ୍କୋର) କିମ୍ବା ଲେଭଲ ୨ (୯୦୧ରୁ ୯୪୯ ସ୍କୋର)ରେ ରାଜ୍ୟ ସ୍ଥାନ ପାଇପାରି ନାହିଁ। ପିଜିଆଇ ୨୦୨୦-୨୧ରେ ୧୦୦୦ ପଏଣ୍ଟରୁ ଓଡ଼ିଶା ମୋଟ ୮୭୭ ପଏଣ୍ଟ ସ୍କୋର କରିଛି। ୨୦୧୯-୨୦ରେ ଓଡ଼ିଶା ଲେଭଲ ୪ (୮୦୦ରୁ ୮୪୯ ସ୍କୋର)ରେ ରହିଥିଲା। ତେବେ ଲେଭଲ ୧ରେ ସ୍ଥାନ ପାଇବାରେ କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ସକ୍ଷମ ହୋଇନାହାନ୍ତି। ଉଲ୍ଲେଖଯୋଗ୍ୟ, ପିଜିଆଇ ପ୍ରସ୍ତୁତ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣକୁ ପ୍ରୋତ୍ସାହିତ କରିବା ଏବଂ ସମସ୍ତଙ୍କ ପାଇଁ ଉନ୍ନତମାନର ଶିକ୍ଷା ସୁନିଶ୍ଚିତ କରିବା ଲାଗି ପାଠ୍ୟକ୍ରମରେ ସୁଧାର ଆଣିବା। ଶିକ୍ଷାଦାନରେ ଉନ୍ନତି ଆଣିବା ସକାଶେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପ୍ରେରିତ କରିବା ପିଜିଆଇର ଅନ୍ୟତମ ଲକ୍ଷ୍ୟ। ଏହାର ଦୁଇଟି ବର୍ଗ (ଫଳାଫଳ ଏବଂ ପରିଚାଳନା)ରେ ☞ପୃଷ୍ଠା-୪

## ଶ୍ରେଷ୍ଠ ୧୦ରେ ଓଡ଼ିଶା: ରାଜ୍ୟ ସରକାର

**ଭୁବନେଶ୍ୱର, ୪।୧୧(ବ୍ୟୁରୋ)**

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପିଜିଆଇ ୨୦୨୦-୨୧ ରିପୋର୍ଟରେ ଶ୍ରେଷ୍ଠ ୧୦ ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଟୁଇଟ୍ କରି ପ୍ରଶଂସା କରିବା ସହିତ ରାଜ୍ୟ ଗଣଶିକ୍ଷା ବିଭାଗକୁ ଶୁଭେଚ୍ଛା ଜଣାଇଛନ୍ତି। ରିପୋର୍ଟ ଅନୁସାରେ, ୨୦୧୯-୨୦ ଶିକ୍ଷାବର୍ଷ ତୁଳନାରେ ୨୦୨୦-୨୧ ଶିକ୍ଷାବର୍ଷରେ ଓଡ଼ିଶା ସମସ୍ତ ୫ଟି ମାଟ୍ରିକ୍ସରେ ଭଲ ପ୍ରଦର୍ଶନ କରିବା ସହ ଦେଶର ଆଗଧାଡ଼ିର ରାଜ୍ୟମାନଙ୍କ ମଧ୍ୟରେ ନିଜର ସ୍ଥିତିକୁ ସୁଦୃଢ଼ ରଖିଛି। ପିଜିଆଇ ୨୦୨୦-୨୧ରେ ୧୦୦୦ ପଏଣ୍ଟରୁ ଓଡ଼ିଶା ମୋଟ ୮୭୭ ପଏଣ୍ଟ ସ୍କୋର କରିଥିବାବେଳେ ଲେଭଲ ୩ରେ ରହିଛି। ଗୁଣାତ୍ମକ ଶିକ୍ଷାକ୍ଷେତ୍ରରେ ୧୮୦ରୁ ୧୩୮, ବିଦ୍ୟାଳୟ ପ୍ରବେଶ ସୁବିଧାରେ ୮୦ରୁ ୭୧, ସୁଦୃଢ଼ ଭିତ୍ତିଭୂମିରେ ୧୫୦ରୁ ୧୩୩, ଛାତ୍ରୀଛାତ୍ରଙ୍କ ☞ପୃଷ୍ଠା-୪

# ଚାଇନା ପଠାଇଛି ଗୁପ୍ତଚର ଜାହାଜ

**ହ୍ୱିଲର ଦ୍ୱୀପରୁ କ୍ଷେପଣାସ୍ତ୍ର ପରୀକ୍ଷଣ ନେଇ ତଥ୍ୟ ସଂଗ୍ରହ ଉଦ୍ୟମ**



'ୟୁଆନ୍ ୱାଙ୍ଗ୍ ୬ଷ୍ଠ'ର ପ୍ରତୀକାତ୍ମକ ଫଟୋ

**ନୂଆଦିଲ୍ଲୀ, ୪।୧୧**

ଓଡ଼ିଶା ଉପକୂଳର ଅବ୍‌ଦୁଲ କଲାମ ଦ୍ୱୀପ (ହ୍ୱିଲର ଦ୍ୱୀପ)ରୁ ଆସନ୍ତା ୧୦-୧୧ ତାରିଖରେ ଏକ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯିବ, ଯାହାର ରେଞ୍ଜ ହେଉଛି ୨,୨୦୦ କି.ମି.। ଏହି ମିଶାଇଲ ଟେଷ୍ଟ ସମ୍ପର୍କରେ ଗୋଇନ୍ଦା ତଥ୍ୟ ସଂଗ୍ରହ ପାଇଁ ଚାଇନା ଏକ ଗୁପ୍ତଚର ଜାହାଜ ପଠାଇଛି। ଗୁପ୍ତଚର ଜାହାଜ ୟୁଆନ୍ ୱାଙ୍ଗ୍ ୬ଷ୍ଠ ଭାରତ ମହାସାଗରରେ ଯାତ୍ରା ଆରମ୍ଭ କରି ଇଣ୍ଡୋନେସିଆର ବାଲିରେ ପହଞ୍ଚିଥିବା ନେଇ ଏକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

ଭାରତର ସୁରକ୍ଷା ଦୃଷ୍ଟିରୁ ନୂଆଦିଲ୍ଲୀର କଡ଼ା ବିରୋଧ ସତ୍ତ୍ୱେ ଚାଇନା ଏହାର ହାଇଟେକ୍ ରିସର୍ଚ୍ଚ ଶିପ୍ ୟୁଆନ୍ ୱାଙ୍ଗ୍ ୫ମକୁ ଶ୍ରୀଲଙ୍କାକୁ ପଠାଇଥିଲା। ଏହି ଗୁପ୍ତଚର ଜାହାଜ ଗତ ଅଗଷ୍ଟ ୧୬ରେ ଶ୍ରୀଲଙ୍କାର ହାମ୍ବନ୍‌ଟୋଟା ବନ୍ଦରରେ ପହଞ୍ଚିଥିଲା। ଏହାର ୩ ମାସ ନ ବିତୁଣୁ ଭଦ୍ରକ ଜିଲା ହ୍ୱିଲର ଦ୍ୱୀପରୁ ଭାରତ ପକ୍ଷରୁ ☞ପୃଷ୍ଠା-୪

# ୨୩ରୁ ମାଟ୍ରିକ ସମ୍ମେଟିଭ୍-୧

- ୧୧ରୁ ପ୍ରାକ୍ଟିକାଲ
- ୩୧୬ ନୋଡାଲ ସେଣ୍ଟରରେ ରହିବ ପ୍ରଶ୍ନପତ୍ର

**କଟକ ଅଫିସ, ୪।୧୧**

ଆସନ୍ତା ୨୩ରୁ ମାଟ୍ରିକ ସମ୍ମେଟିଭ-୧ ପରୀକ୍ଷା। ଏହି ପରୀକ୍ଷା ୩୦ ତାରିଖ ପର୍ଯ୍ୟନ୍ତ ହେବ। ଚଳିତବର୍ଷ ୫ ଲକ୍ଷ ୩୨ ହଜାର ୭୧୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି। ସେମାନଙ୍କ ପାଇଁ ୩୦୨୯ଟି ସେଣ୍ଟର କରାଯାଇଛି ବୋଲି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ରାମାଶିଷ ହାଜରା ସୂଚନା ଦିଆଯାଇଛି। ସେହିପରି ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପ୍ରତିବାଦର ପ୍ରଭାବ








HOME FURNITURE & STORAGES | MODULAR KITCHENS | MATTRESSES | www.godrejinterio.com

**GODREJ INTERIO STORE:** Bhubaneshwar: Sahid Nagar 9821101082 Lewis Road 0674-2433318 Patrapada 8280041182 **FURNITURE DEALER:** Bhubaneshwar: Chandrasekharpur 7873766075 Bapuji Nagar 0674-2597172 Angul 9040060801 Kaniha 9861351719 Balasore 9437264659, 9438062315 Barbil 9937733204 Baripada 9930428352 Berhampur 9437073545 Bhadrak 7381072649 Bhawanipatna 9337220039 Bolangir 7008924386 Cuttack 9040013191, 9583323370, 9337267036 Dhenkanal 8260022665 Jagatsinghpur 9937092786 Jajpur 9437245295, 9238320655 Jajpur Town 8328905795 Jharsuguda 9437058020 Brajrajnagar 9937522874 Kendrapara 9437088023 Keonjhar 8249419035 Koraput 6370626180 Malkangiri 9437030622 Nabarangpur 7008216327 Umerkote 9937387777 Nayagarh 9078685012 Paradeep 9437183494 Puri 9337740428 Rayagada 9437234691 Rourkela 9937040221 Sambalpur 7873078720, 9437050406, 9437017101 **MATTRESS DEALER:** Manjuri Road 8249674003 Rourkela 7008624298

**FOR MODULAR KITCHEN ENQUIRY CONTACT:** 9439445145

**ଡିସେମ୍ବର ୪ରେ ଦିଲ୍ଲୀ ପୌର ନିର୍ବାଚନ**

ଦିଲ୍ଲୀ ପୌର ନିଗମ (ଏମ୍‌ସିଡି) ନିର୍ବାଚନ ଡିସେମ୍ବର ୪ରେ ଅନୁଷ୍ଠିତ ହୋଇ ୭ ତାରିଖରେ ଫଳାଫଳ ଘୋଷଣା କରାଯିବ। ଶୁକ୍ରବାର ରାଜ୍ୟ ନିର୍ବାଚନ କମିଶନ ଏହା ଘୋଷଣା କରିଛନ୍ତି। ଏନେଇ ଆସନ୍ତା ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାବେଳେ ନାମାଙ୍କନପତ୍ର ଦାଖଲ ଶେଷ ତାରିଖ ନଭେମ୍ବର ୧୪ ରହିଛି। ଭୋଟ ତାରିଖ ଘୋଷଣା ସହ ଶୁକ୍ରବାରଠାରୁ ଦିଲ୍ଲୀରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି।



## ସଂକ୍ଷେପରେ

### ବସ୍-ଏସ୍‌ୟୁଭି ଧକ୍କାରେ ୧୧ ମୃତ



**ଭୋପାଳ,୪।୧୧:** ମଧ୍ୟପ୍ରଦେଶର ବେତୁଲ୍ ଜିଲାରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ ୨ ଶିଶୁଙ୍କ ସମେତ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ଶ୍ରମିକ। ସେମାନେ ଏସ୍‌ୟୁଭିରେ ମହାରାଷ୍ଟ୍ରର ଅମରାବତୀରୁ ଫେରୁଥିବାବେଳେ ଭୋର ସମୟରେ ବେତୁଲ ଜିଲାର ଝାଲର ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ନିଦରେ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଦୁର୍ଘଟଣା ଘଟିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ମନିଲଣ୍ଡରିଂ ମାମଲା
### ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରେ ଇଡି ଚଢ଼ାଉ

**ରାଞ୍ଚି/କୋଲକାତା,୪।୧୧(ପି.ଟି.):** ମନିଲଣ୍ଡରିଂ ମାମଲାର ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ଅନେକ ସ୍ଥାନରେ ଏକସଙ୍ଗେ ଚଢ଼ାଉ କରିଛି। ଏହି ଦୁଇ ରାଜ୍ୟରେ ଜାଲ୍ କାଗଜପତ୍ରରେ ପ୍ରତିରକ୍ଷା ଜମି ବିକ୍ରି ଅଭିଯୋଗ ହୋଇଥିଲା। ଇଡି ଅଧିକାରୀମାନେ ରାଞ୍ଚି ସମେତ ଝାଡ଼ଖଣ୍ଡର ୮ଟି ସ୍ଥାନରେ ଚଢ଼ାଉ କରିଥିଲେ। ସେହିପରି କୋଲକାତାରେ ଗିରଫ ବ୍ୟବସାୟୀ ଅମିତ ଅଗ୍ରୱାଲଙ୍କ ଘର ସମେତ ଏକାଧିକ ସ୍ଥାନରେ ଚଢ଼ାଉ ହୋଇଛି। ଝାଡ଼ଖଣ୍ଡରେ ହେମନ୍ତ ସୋରେନ ସରକାରକୁ ଭାଙ୍ଗିଦେବା ଲାଗି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ କରାଯାଉଥିବା ଶାସକ ଉପା ମେଣ୍ଟ ପକ୍ଷରୁ କୁହାଯାଇଛି। ସେଠାର କେତେଜଣ ରିଅଲ ଇଷ୍ଟେଟ୍ ଡିଲର ଏବଂ ଜମି କାରବାର ସହ ଜଡ଼ିତ ଅନ୍ୟ ବ୍ୟକ୍ତିବିଶେଷଙ୍କ ଘରେ ଚଢ଼ାଉ କରାଯାଇଥିଲା।

### ସୁକେଶଙ୍କ ଲାଞ୍ଚ ଅଭିଯୋଗ ପରେ ତିହାର ଜେଲ ଡିଜିଙ୍କ ବଦଳି

**ନୂଆଦିଲ୍ଲୀ,୪।୧୧:** ତିହାର ଜେଲରେ ଥିବା କନ୍‌ମ୍ୟାନ ସୁକେଶ ଚନ୍ଦ୍ରଶେଖରଙ୍କୁ ସୁରକ୍ଷା ଯୋଗାଇ ଦେବା ଲାଗି ଏଏପି ନେତା ସତ୍ୟେନ୍ଦ୍ର ଜୈନ ୨୦୧୯ରେ ୧୦ କୋଟି ଟଙ୍କା ଲାଞ୍ଚ ନେଇଥିବା ସେ ଅଭିଯୋଗ ଆଣିବା ପରେ ଜେଲ ଡିଜି ସନ୍ଦୀପ ଗୋଏଲଙ୍କୁ ବଦଳି କରାଯାଇଛି। ୧୯୮୯ ବ୍ୟାଚର ଆଇପିଏସ୍ ଅଫିସର ସଞ୍ଜୟ ବେନିୱାଲଙ୍କୁ ସେଠାରେ ନୂଆ ଡିଜି ଭାବେ ଦାୟିତ୍ୱ ଦିଆଯାଇଛି। ସତ୍ୟେନ୍ଦ୍ର ଜୈନ ବାରମ୍ବାର ତିହାର ଜେଲକୁ ଯାଇ ସୁକେଶଙ୍କୁ ୧୦ କୋଟି ଟଙ୍କା ଲାଞ୍ଚ ଦେବା ଲାଗି ଧମକାଇଥିଲେ। ଏ ସମ୍ପର୍କରେ ସୁକେଶ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କୁ ପତ୍ର ଲେଖି ଜଣାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୦୦ କୋଟି ଟଙ୍କା ମନିଲଣ୍ଡରିଂ ମାମଲାରେ ସୁକେଶ ଜେଲରେ ଅଛନ୍ତି।


ସନ୍ଦୀପ ଗୋଏଲ

# ଟୁଇଟରରେ ଛଟେଇ ଆରମ୍ଭ

## ଅଫିସ୍‌ରେ ଥାଆନ୍ତୁ କି ବାଟରେ ଘରକୁ ଫେରିଯାଆନ୍ତୁ

**ଟୁଇଟର ଇଣ୍ଡିଆର ପ୍ରାୟ ୨୦୦ କର୍ମଚାରୀଙ୍କ ମଧ୍ୟରୁ ଅନେକେ ଶୁକ୍ରବାର ପୂର୍ବାହ୍ନରେ ସେମାନଙ୍କ ଅଫିସିଆଲ୍ ଇ-ମେଲ୍, ଇଣ୍ଟର୍ନାଲ ସ୍ଲାକ୍ ଓ ଗ୍ରୁପ୍ ଚାଟ୍‌ଗୁଡ଼ିକୁ ଆକ୍‌ସେସ୍ କରିପାରି ନ ଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଛଟେଇ ହେବା ଆଶଙ୍କା ସୃଷ୍ଟି ହୋଇଛି। କାରଣ ଟୁଇଟରର ନୂଆ ମାଲିକ ଏଲନ୍ ମସ୍କ ଏହି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମକୁ ବ୍ୟବସାୟିକ ଦୃଷ୍ଟିରୁ ଏକ ଲାଭଦାୟକ ସଂସ୍ଥାରେ ପରିଣତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି।**

**ନୂଆଦିଲ୍ଲୀ/ୱାଶିଂଟନ,୪।୧୧**

କାଲିଫର୍ନିଆସ୍ଥିତ ସାନ୍‌ଫ୍ରାନ୍ସିସ୍କୋରେ ମୁଖ୍ୟାଳୟ ଥିବା ଆମେରିକୀୟ ଟେଲିକମ୍ୟୁନିକେଶନ କମ୍ପାନୀ ଟୁଇଟରକୁ ବିଶ୍ୱର ସବୁଠୁ ଧନୀ ତଥା ଇଲେକ୍ଟ୍ରୋନିକ୍ କାର୍ ଟେସ୍‌ଲା ନିର୍ମାତା ଏଲନ୍ ମସ୍କ ୪୪ ବିଲିୟନ ଡଲାରରେ କିଣିଛନ୍ତି। ଗତ ଅକ୍ଟୋବର ୨୭ରେ ମସ୍କ ମାଲିକାନା ସ୍ୱତ୍ୱ ହାତକୁ ନେବା ପରେ ଏହା ପବ୍ଲିକ୍ ଲିମିଟେଡ୍ କମ୍ପାନୀରୁ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରେ ପରିଣତ ହୋଇଛି। ଏଥିଯୋଗୁ ଟୁଇଟରକୁ ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜରୁ ଆସନ୍ତା ୮ରେ ବାଦ୍ ଦିଆଯିବ। ଏହି ପରିପ୍ରେକ୍ଷୀରେ ମସ୍କ ଟୁଇଟରକୁ ନିଜ ଢଙ୍ଗରେ ଚଳାଇବା ଆରମ୍ଭ କରିଛନ୍ତି। ଶୁକ୍ରବାରଠାରୁ ଟୁଇଟରର ଅନେକ ଅଫିସକୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି। ଏଥିସହ ବହୁସଂଖ୍ୟକ କର୍ମଚାରୀଙ୍କୁ ଛଟେଇ କରାଯାଉଛି। ଏନେଇ ଟୁଇଟର ପକ୍ଷରୁ କର୍ମଚାରୀମାନଙ୍କୁ ଇ-ମେଲ୍ କରାଯାଇଛି। ଅଫିସ୍‌ରେ ଥାଆନ୍ତୁ କି ଅଫିସକୁ ଆସିବା ପାଇଁ ବାଟରେ ଥାଆନ୍ତୁ ଦୟାକରି ଘରକୁ ଫେରିଯାଆନ୍ତୁ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଟୁଇଟରକୁ ଏକ ସୁସ୍ଥ ପଥରେ ଆଗେଇ ନେବା କ୍ଷେତ୍ରରେ ଆମେ ଅନେକ କଠିନ ପ୍ରକ୍ରିୟା ଦେଇ ଗତି କରିବୁ। ଏଥି ସକାଶେ ସାରା ବିଶ୍ୱରେ ଆମେ ଛଟେଇ କରୁଛୁ। ଯେଉଁ କର୍ମଚାରୀମାନେ ଛଟେଇ ହେବେ ନାହିଁ ସେମାନଙ୍କୁ ଇ-ମେଲ୍‌ରେ ଜଣାଇଦିଆଯିବ ବୋଲି କୁହାଯାଇଛି।

ପ୍ରକାଶ ଯେ, ଗତ ଏପ୍ରିଲରେ ମସ୍କ ଟୁଇଟର କିଣିବା ନେଇ ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ଫେକ୍ ଆକାଉଣ୍ଟ ସଂଖ୍ୟାର ଆଳ ଦେଖାଇ ଡିଲ୍‌ରୁ ବାହାରିଯିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହେବାରୁ ଟୁଇଟର ଅଦାଲତଙ୍କ ଆଶ୍ରୟ ନେଇଥିଲା। ଶେଷରେ କୋର୍ଟ ନିର୍ଦ୍ଧାରିତ ଡେଡ୍‌ଲାଇନ୍‌ର ଦିନକ ପୂର୍ବରୁ ମସ୍କ ଏହି ସୋସିଆଲ ମିଡିଆ ସାଇଟ୍‌କୁ କିଣିବାକୁ ବାଧ୍ୟ ହୋଇଥିଲେ। ଟୁଇଟରକୁ ଅଧିଗ୍ରହଣ କରିବା ମାତ୍ରେ ୫୧ ବର୍ଷୀୟ ମସ୍କ ଏହାର ସିଇଓ ପରାଗ ଅଗ୍ରୱାଲ ଓ ଲିଗାଲ୍ ଏକ୍‌ଜିକ୍ୟୁଟିଭ୍ ବିଜୟା ଗାଡ୍ଡେଙ୍କୁ ବିଦା କରିଥିଲେ। ଶୁକ୍ରବାର କେତେଜଣ ଭାରତୀୟ କର୍ମଚାରୀ ଚାକିରି ହରାଇଛନ୍ତି ସେନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ତେବେ ମାର୍କେଟିଂ, ଇଞ୍ଜିନିୟରିଂ ଓ କମ୍ୟୁନିକେଶନ ବିଭାଗର କର୍ମଚାରୀମାନେ ସର୍ବାଧିକ ପ୍ରଭାବିତ ହୋଇଥିବା କୁହାଯାଉଛି। ଯେଉଁମାନେ ଏବେ ବି ଟୁଇଟର ଇଣ୍ଡିଆରେ ଅଛନ୍ତି, ସେମାନେ ନିଯୁକ୍ତି ହରାଇବା ନେଇ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହା ଆମକୁ ବାହାର କରିବା ପାଇଁ ଅତି ଅମାନବୀୟ ଉପାୟ। ଟୁଇଟର ଇଣ୍ଡିଆରେ ଅନେକ ବର୍ଷ କାର୍ଯ୍ୟ କରିଛୁ। ମସ୍କ ଏହାର ମାଲିକ ହେବା ପରଠୁ ଆମ ସହ କମ୍ପାନୀ ଆଦୌ ଯୋଗାଯୋଗ କରୁନାହିଁ ବୋଲି ପ୍ରଭାବିତ କର୍ମଚାରୀମାନେ କହିଛନ୍ତି। ଟୁଇଟରରେ କାର୍ଯ୍ୟରତ ୭,୬୦୦ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ଅଧା ଅର୍ଥାତ୍ ୩,୮୦୦ ଜଣଙ୍କୁ ନୂଆ ସିଇଓ ମସ୍କ ବିଦା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆମେରିକାର ଆଇନ ଅନୁସାରେ ଛଟେଇ ପାଇଁ ୬୦ ଦିନ ପୂର୍ବରୁ ନୋଟିସ ଦିଆଯିବା କଥା। ଏପରି ନ କରି ସିଧାସଳଖ କାର୍ଯ୍ୟରୁ ଅବ୍ୟାହତି ଦିଆଯାଉଥିବାରୁ ଗୁରୁବାର କେତେଜଣ କର୍ମଚାରୀ ଟୁଇଟର ବିରୋଧରେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି।


ଏଲନ୍ ମସ୍କ

- ୭,୬୦୦ କର୍ମଚାରୀଙ୍କ ମଧ୍ୟରୁ ଅଧାଙ୍କୁ ବିଦା କରିବେ ମସ୍କ
- ଚାକିରି ଯିବା ଭୟରେ ଟୁଇଟର ଇଣ୍ଡିଆ କର୍ମଚାରୀ

### ଶିବସେନା ନେତା ସୁଧୀର ସୁରୀଙ୍କୁ ଗୁଳିକରି ହତ୍ୟା



**ନୂଆଦିଲ୍ଲୀ,୪।୧୧**

ପଞ୍ଜାବର ଅମୃତସରଠାରେ ଶୁକ୍ରବାର ଶିବସେନା ନେତା ସୁଧୀର ସୁରୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଅମୃତସରର ଗୋପାଳ ମନ୍ଦିରରେ ମୂର୍ତ୍ତି ଭଙ୍ଗାରୁଜାକୁ ନେଇ ଶିବସେନା ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ଭିଡ଼ ଭିତରୁ କେହି ଜଣେ ସୁରୀଙ୍କୁ ଗୁଳି କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ ବୋଲି ଅମୃତସର ପୋଲିସ କହିଛି। ଆକ୍ରମଣକାରୀଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ବନ୍ଧୁକ ଜବତ ହୋଇଛି। ସ୍ପଷ୍ଟ ଦିବାଲୋକରେ ବହୁ ପୋଲିସ ଅଫିସରଙ୍କ ଉପସ୍ଥିତିରେ ହିନ୍ଦୁ କର୍ମୀ ସୁଧୀର ସୁରୀଙ୍କୁ ଅତି ନିକଟରୁ ଗୁଳିକରି ହତ୍ୟା କରାଯିବା ଘଟଣାରେ ଭାଜପା ଏଏପି ସରକାରଙ୍କୁ ସମାଲୋଚନା କରିଛି। ସୁରୀ ଖଲିସ୍ତାନୀ ସପକ୍ଷବାଦୀଙ୍କ ହିଟ୍‌ଲିଷ୍ଟରେ ଥିବା ନେଇ ଖବର ପ୍ରକାଶ ପାଇଥିଲା। ଏହା ସତ୍ତ୍ୱେ ତାଙ୍କୁ ସୁରକ୍ଷା ଦିଆଗଲାନି ବୋଲି ଭାଜପା କହିଛି। ଅନ୍ୟପକ୍ଷରେ ପୋଲିସ କହିବା ଅନୁଯାୟୀ ସୁରୀଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। କିନ୍ତୁ ଆକ୍ରମଣକାରୀ ସନ୍ଦିପ ସିଂ ଭିଡ଼ ଭିତରେ ତାଙ୍କୁ ଗୁଳିକରିବାରେ ସଫଳ ହେଲେ ବୋଲି ପୋଲିସ କମିଶନର ଅରୁଣ ପାଲ୍ ସିଂ କହିଛନ୍ତି। ଆକ୍ରମଣକାରୀ ଅନ୍ୟ ୩ ଜଣଙ୍କ ସହ ଏକ ଏସ୍‌ୟୁଭିରେ ଆସିଥିଲେ। ଆକ୍ରମଣ ପଛର କାରଣ ସମ୍ପର୍କରେ ତଦନ୍ତ ଜାରି ରହିଥିବା ପୋଲିସ କମିଶନର କହିଛନ୍ତି।

# ଆଜିଠୁ ଦିଲ୍ଲୀରେ ପ୍ରାଥମିକ ସ୍କୁଲ ବନ୍ଦ

## ବାୟୁ ପ୍ରଦୂଷଣ ଉଦ୍‌ବେଗଜନକ

**ନୂଆଦିଲ୍ଲୀ,୪।୧୧**

ଜାତୀୟ ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବାବେଳେ ଶନିବାରଠାରୁ ସମସ୍ତ ପ୍ରାଥମିକ ସ୍କୁଲ ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଘୋଷଣା କରିଛନ୍ତି। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ରହିବାକୁ ଥିବାବେଳେ ପଞ୍ଚମରୁ ଉପରକୁ ସମସ୍ତ ଶ୍ରେଣୀ ପିଲାଙ୍କର ବାହାର କ୍ରୀଡ଼ା ବନ୍ଦ ରଖିବାକୁ କୁହାଯାଇଛି। ଗାଡ଼ି ଚଳାଚଳରେ ଯୁଗ୍ମ-ଅଯୁଗ୍ମ ସୂତ୍ର କାର୍ଯ୍ୟକାରୀ କରିବା ଲାଗି ବିଚାର କରାଯାଉଛି ବୋଲି ଏକ ଖବରଦାତା ସମ୍ମିଳନୀରେ କେଜ୍‌ରିୱାଲ କହିଛନ୍ତି।

ଦିଲ୍ଲୀରେ ବାୟୁ ଗୁଣବତ୍ତା ଗମ୍ଭୀର ସ୍ଥିତିରେ ପହଞ୍ଚିଛି। ବାୟୁ ମାନରେ ଉନ୍ନତି ନ ଆସିବା ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରଖିବାକୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ୍‌ସିପିସିଆର୍) ଦିଲ୍ଲୀ ସରକାରଙ୍କୁ କହିଥିଲେ। ପିଲାମାନଙ୍କ ସୁରକ୍ଷା ଲାଗି ଅନେକ ସ୍କୁଲ୍ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଦ୍ୟାଳୟରେ ବାହ୍ୟ କାର୍ଯ୍ୟକଳାପକୁ ବନ୍ଦ କରାଯାଇଥିବାବେଳେ ଶ୍ରେଣୀଗୃହରେ ଶ୍ୱାସକ୍ରିୟା ବ୍ୟାୟାମ କରାଯାଉଛି। ତେବେ ଅନେକେ ସ୍କୁଲ ବନ୍ଦ ସପକ୍ଷରେ ନ ଥିଲେ। ଏହା ଶିକ୍ଷାଦାନରେ ବାଧା ସୃଷ୍ଟି କରିବ ବୋଲି ସେମାନେ ଯୁକ୍ତ ଦର୍ଶାଇଥିଲେ। ନୋଏଡ଼ା ଏବଂ ଗ୍ରେଟର ନୋଏଡ଼ା କର୍ତ୍ତୃପକ୍ଷ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ଲାଗି ଅନ୍‌ଲାଇନ ପାଠପଢ଼ା ଆରମ୍ଭ କରିଛନ୍ତି। ସମ୍ଭବ ହେଲେ ନବମରୁ ଦ୍ୱାଦଶ ଶ୍ରେଣୀ ପାଠପଢ଼ା ଅନ୍‌ଲାଇନରେ କରିବାକୁ ସ୍କୁଲଗୁଡ଼ିକୁ ପରାମର୍ଶ ଦିଆଯାଇଛି।



### ୧୦ରେ ପିଆଇଏଲ୍ ଶୁଣାଣି

ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣ ରୋକିବା ଲାଗି ନଡ଼ା ପୋଡ଼ି ଉପରେ ସାନି ଗାଇଡ୍‌ଲାଇନ ଜାରି ନିମନ୍ତେ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ଆସନ୍ତା ୧୦ ତାରିଖରେ ଏହାର ଶୁଣାଣି ପାଇଁ ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। ଆଇନଜୀବୀ ଶଶାଙ୍କ ଶେଖର ଝା ଦାଏର କରିଥିବା ପିଆଇଏଲ୍‌କୁ ପ୍ରଧାନ ବିଚାରପତି ଉଦୟ ଉମେଶ ଲଳିତ ଏବଂ ଜଷ୍ଟିସ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ପଡୋଶୀ ରାଜ୍ୟଗୁଡ଼ିକରେ ଚାଷୀ କ୍ଷେତରେ ନଡ଼ା ପୋଡୁଥିବାରୁ ବାୟୁ ପ୍ରଦୂଷଣ ବଢୁଛି। ବାୟୁ ମାନ ଏତେ ତଳକୁ ଖସିଲାଣି ଯେ ସାଧାରଣ ଲୋକେ ବାହାରେ ଚାଲିପାରୁ ନାହାନ୍ତି। ସ୍କୁଲ୍ କଲେଜ, ସରକାରୀ ଓ ଘରୋଇ କାର୍ଯ୍ୟାଳୟଗୁଡ଼ିକ ଭର୍ଚୁଆଲ ବା ଅନ୍‌ଲାଇନରେ କରିବା ଲାଗି ନିର୍ଦ୍ଦେଶ ଦେବାକୁ ପିଆଇଏଲ୍‌ରେ ଅନୁରୋଧ କରାଯାଇଛି। ପ୍ରତିବର୍ଷ ପ୍ରଦୂଷଣ ସମସ୍ୟା ବଢୁଛି, ଯାହା ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇଥିବାରୁ ତୁରନ୍ତ ଅଦାଲତ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ଆବେଦନକାରୀ ଦର୍ଶାଇଥିଲେ। ନଡ଼ା ପୋଡ଼ିଜନିତ ପ୍ରଦୂଷଣ ରୋକିବା ଲାଗି ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ କମିଟି ଗଠନ ଲାଗି ଅଦାଲତଙ୍କୁ ଅନୁରୋଧ କରାଯାଇଛି।

# ଇମ୍ରାନ୍ ସମର୍ଥକଙ୍କ ବିକ୍ଷୋଭ

**ଇସ୍‌ଲାମାବାଦ/ ଲାହୋର,୪।୧୧(ପି.ଟି.)**



ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ହତ୍ୟା ଉଦ୍ୟମ ଘଟଣାର ପ୍ରତିବାଦରେ ଉତ୍ୟକ୍ତ ସମର୍ଥକମାନେ ଶୁକ୍ରବାର ନମାଜ ପାଠ ପରେ ରାସ୍ତାକୁ ଓହ୍ଲାଇ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆକ୍ରମଣରେ ସମ୍ପୃକ୍ତ ଆଉ ୨ ଜଣ ସନ୍ଦିଗ୍ଧଙ୍କୁ ପାକିସ୍ତାନ ପଞ୍ଜାବ ପ୍ରଦେଶ ପୋଲିସ ଗିରଫ କରିଛି। ଉଚ୍ଚ ସ୍ତରୀୟ ଯୁଗ୍ମ ତଦନ୍ତ କମିଟି (ଜେଆଇଟି) ଗଠନ କରି ଆକ୍ରମଣ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଲାଗି ପଞ୍ଜାବ ପ୍ରଦେଶକୁ ପାକ୍ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଆକ୍ରମଣ ପଛରେ ସୁପରିକଳ୍ପିତ ଷଡ଼ଯନ୍ତ୍ର ରହିଥିବା ଇମ୍ରାନଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ (ପିଟିଆଇ) ପକ୍ଷରୁ କୁହାଯାଇଛି। ଗୁରୁବାର ଇମ୍ରାନ ପାକ୍ ସରକାରଙ୍କ ବିରୋଧରେ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଥିବାବେଳେ ପଞ୍ଜାବ ପ୍ରଦେଶର ୱଜିରାବାଦ୍‌ଠାରେ ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ଏହାର ପ୍ରତିବାଦରେ ଉତ୍ୟକ୍ତ ସମର୍ଥକମାନେ ବିଭିନ୍ନ ସହରରେ ବିକ୍ଷୋଭ କରିବା ସହ ରାସ୍ତା ଅବରୋଧ କରିଥିଲେ। ଫୈଜାବାଦରେ ପୋଲିସ ସହ ବିକ୍ଷୋଭକାରୀଙ୍କ ସଂଘର୍ଷ ଘଟିଛି। ଅନ୍ୟପକ୍ଷେ ଆକ୍ରମଣ ବିଷୟରେ ପୂର୍ବରୁ ଅବଗତ ଥିବା ନେଇ ଇମ୍ରାନ୍ ଏକ ଭିଡିଓରେ କହିଛନ୍ତି।

### ଆକ୍ରମଣକାରୀଙ୍କୁ ଧରିଥିବା ବ୍ୟକ୍ତିଙ୍କୁ ଧନ୍ୟବାଦ

ଇମ୍ରାନ୍ ଖାନ୍‌ଙ୍କ ପୂର୍ବତନ ସ୍ତ୍ରୀ ଜେମିମା ଗୋଲ୍ଡସ୍ମିଥ୍ ଆକ୍ରମଣକାରୀଙ୍କୁ ଧରିଥିବା ବ୍ୟକ୍ତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଇମ୍ରାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଡାକ୍ତର କହିବା ପରେ ଜେମିମା ଏ ନେଇ ଟୁଇଟରରେ ଏକ ପୋଷ୍ଟ ଶେୟାର କରିଥିଲେ। ଇମ୍ରାନ୍‌ଙ୍କ ସହଯୋଗୀଙ୍କ ମୃତ୍ୟୁ ନେଇ ଜେମିମା ଶୋକ ବ୍ୟକ୍ତ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପଞ୍ଜାବ ପ୍ରଦେଶ ପୋଲିସ ଶୁକ୍ରବାର ଆଉ ୨ ଜଣଙ୍କୁ ଗିରଫ କରିଛି। ଆକ୍ରମଣକାରୀ ନାଭିଦ ମହମ୍ମଦ ବଶିର ୨୦ ହଜାର ଟଙ୍କାରେ ବନ୍ଧୁକ କିଣିଥିବା ପୋଲିସ କହିଛି। ସରକାର ବିରୋଧୀ ରାଲି ସମୟରେ ୱଜିରାବାଦର ଆଲ୍ଲାୱାଲା ଛକ ନିକଟରେ ଇମ୍ରାନ୍‌ଙ୍କ ଉପରକୁ ଗୁଳିମାଡ ହୋଇଥିଲା। ଇମ୍ରାନ୍‌ଙ୍କ ସମର୍ଥକମାନେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।


ଇମ୍ରାନ୍‌ଙ୍କ ପୂର୍ବତନ ସ୍ତ୍ରୀ ଜେମିମା ଗୋଲ୍ଡସ୍ମିଥ୍

### ପରିବାରର ୪ ଜଣଙ୍କୁ ହତ୍ୟା ପରେ ଯୁବକଙ୍କ ଆତ୍ମହତ୍ୟା

**ଯୋଧପୁର,୪।୧୧**

ରାଜସ୍ଥାନର ଯୋଧପୁରରେ ଜଣେ ୩୮ ବର୍ଷୀୟ ଯୁବକ ଶୁକ୍ରବାର ତାଙ୍କ ପରିବାରର ୪ ଜଣଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ଲାଲ୍ ନାମକ ଯୁବକ କ୍ଷେତରେ କାମ କରୁଥିବା ତାଙ୍କ ବାପା ସୋନାରାମ (୬୫)ଙ୍କୁ କୁରାଢ଼ିରେ ହାଣି ହତ୍ୟା କରିବା ପରେ ମାଆ ଚମ୍ପା (୫୫)ଙ୍କ ଜୀବନ ନେଇଥିଲେ। ଏହା ପରେ ଲାଲ୍ ତାଙ୍କ ପୁଅ ଲକ୍ଷ୍ମଣ(୧୪) ଏବଂ ଦିନେଶ(୮)ଙ୍କୁ ହତ୍ୟା କରିଥିଲେ ବୋଲି ଲୋହାୱତ ଏସ୍‌ଏଚ୍‌ଓ ବଦ୍ରି ପ୍ରସାଦ କହିଛନ୍ତି। ମୃତଦେହଗଡ଼ିକୁ ସେ ଘର ପଛପଟେ ଥିବା ପୋଖରୀରେ ପକାଇଦେଇଥିଲେ। ପରେ ସେ ନିକଟରେ ଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇ ସେଠାରେ ଥିବା ଏକ ପୋଖରୀକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଚାଷ କାର୍ଯ୍ୟ କରୁଥିବା ଲାଲ୍ ଅଫିମ ଖାଇଥାନ୍ତି। ସେ ତାଙ୍କ ପରିବାର ସଦସ୍ୟଙ୍କୁ ନିଶା ଦେବା ପରେ ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। କାରଣ ପରିବାରରେ ତାଙ୍କ ସ୍ତ୍ରୀ ଓ ଅନ୍ୟ ସଦସ୍ୟ ଥିଲେ ମଧ୍ୟ ସେମାନେ ହତ୍ୟାକାଣ୍ଡ ସମ୍ପର୍କରେ ଜାଣିପାରି ନ ଥିଲେ।

# ଇସିଙ୍କ କ୍ଷମତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୪।୧୧**

ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୧୧ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ପିଟିଶନ ଉପରେ ଶୁକ୍ରବାର ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଲୋକ ପ୍ରହରୀ ନାମକ ଏନ୍‌ଜିଓ ପକ୍ଷରୁ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଏସ୍.ଏନ୍. ଶୁକ୍ଲା ଏହି ପିଟିଶନ ଦାଏର କରିଛନ୍ତି। ବିଧାୟକ କିମ୍ବା ଏମ୍‌ପିଙ୍କୁ ବହିଷ୍କାର କରିବା କିମ୍ବା ତାଙ୍କର ଅଯୋଗ୍ୟତା ସମୟ ସୀମା ହ୍ରାସ ଲାଗି ଜନପ୍ରତିନିଧି ଆଇନର ଧାରା ୧୧ରେ ନିର୍ବାଚନ କମିଶନଙ୍କୁ ଦିଆଯାଇଥିବା କ୍ଷମତାକୁ ଚ୍ୟାଲେଞ୍ଜ କରାଯାଇଛି।

ପ୍ରଧାନ ବିଚାରପତି ୟୁ.ୟୁ. ଲଳିତ ଏବଂ ଜଷ୍ଟିସ୍ ବେଲା ଏମ୍ ତ୍ରିବେଦୀଙ୍କ ଖଣ୍ଡପୀଠ ଆବେଦନକାରୀଙ୍କ ଯୁକ୍ତି ଶୁଣିବା ପରେ କେନ୍ଦ୍ର ସରକାର ଓ ଅନ୍ୟମାନଙ୍କୁ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୫କୁ ଧାର୍ଯ୍ୟ କରାଯାଇଛି।

**ଜନପ୍ରତିନିଧିଙ୍କୁ ଅଯୋଗ୍ୟ ଘୋଷଣା ଅବଧି ହ୍ରାସ: କେନ୍ଦ୍ରକୁ ନୋଟିସ**



# ନ୍ୟୁଜିଲାଣ୍ଡ ହେବ ଡାର୍କ ସ୍କାଏ ନେଶନ

**ୱେଲିଂଟନ୍,୪।୧୧**

ଅନ୍ଧାର ଆକାଶ ରାତ୍ରିଚର ଓ ବିଦେଶାଗତ ପକ୍ଷୀଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ରାତିରେ କୃତ୍ରିମ ଆଲୋକ ଯୋଗୁ କୀଟମାନଙ୍କ ଗତିବିଧି ହ୍ରାସ ପାଉଥିବାରୁ ଡାର୍କ ସ୍କାଏ ସେମାନଙ୍କ ପାଇଁ ଏକ ଜରୁରୀ ଆବଶ୍ୟକତା। ଏହି ଆବଶ୍ୟକତା ପୂରଣ ସକାଶେ ନ୍ୟୁଜିଲାଣ୍ଡ ଏକ ଡାର୍କ ସ୍କାଏ ନେଶନ ବା ଅନ୍ଧାର ଆକାଶ ରାଷ୍ଟ୍ର ହେବାକୁ ଲକ୍ଷ୍ୟ ରଖିଛି। ଏହି ଦ୍ୱୀପରାଷ୍ଟ୍ରର ଅଧିକାଂଶ ଅଞ୍ଚଳ ଆଲୋକ ପ୍ରଦୂଷଣ ଦ୍ୱାରା ପ୍ରଭାବିତ। କିନ୍ତୁ ସରକାର ଏହାକୁ ହ୍ରାସ କରି ଆକାଶର ମୌଳିକ ଦୃଶ୍ୟକୁ ବଜାୟ ରଖିବା ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି।

ପୃଥିବୀର ୮୦ ଭାଗ ଅଞ୍ଚଳ ଆଲୋକ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହୋଇଥିବାରୁ ରାତିରେ ଆକାଶର ଶୋଭା ନଷ୍ଟ ହୋଇଥାଏ। ତେଣୁ ନ୍ୟୁଜିଲାଣ୍ଡ ପକ୍ଷେ ଡାର୍କ ସ୍କାଏ ନେଶନ ଲକ୍ଷ୍ୟ ହାସଲ କଠିନ ବ୍ୟାପାର। ବିଶ୍ୱର ଏକମାତ୍ର ଡାର୍କ ସ୍କାଏ ନେଶନ ରୂପେ ସ୍ୱୀକୃତିପ୍ରାପ୍ତ ରାଷ୍ଟ୍ର ହେଉଛି ନିଉଏ, ଯାହାକି ପ୍ରଶାନ୍ତ ମହାସାଗରର ଦକ୍ଷିଣ ଭାଗରେ ଅବସ୍ଥିତ। ଉକ୍ତ ଦ୍ୱୀପରାଷ୍ଟ୍ରକୁ ଇଣ୍ଟରନ୍ୟାଶନାଲ ଡାର୍କ-ସ୍କାଏ ଆସୋସିଏଶନ୍ (ଆଇଡିଏସ୍‌ଏ) ପକ୍ଷରୁ ୨୦୨୦ରେ ଏହି ମାନ୍ୟତା ପ୍ରଦାନ କରାଯାଇଥିଲା। ବିଶ୍ୱରେ ବର୍ତ୍ତମାନ ୧୧୫ଟି ଡାର୍କ ସ୍କାଏ ପାର୍କ ଥିବାବେଳେ ଏଭଳି ୨୦ ରିଜର୍ଭ ଓ ୧୬ ଡାର୍କ ସ୍କାଏ ସାଙ୍କଚୁଆରି ରହିଛି। ନ୍ୟୁଜିଲାଣ୍ଡର ମାଓରି ଅଧିବାସୀମାନେ ଡାର୍କ ସ୍କାଏ ସଂରକ୍ଷଣର ପରିବେଶଗତ ଓ ସାଂସ୍କୃତିକ ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଉଦ୍ୟମ ଚଳାଇଛନ୍ତି। ଏହି ସମ୍ପ୍ରଦାୟର ଲୋକେ ତାରା ରୋପଣ, ଫସଲ ଅମଳ, ମାଛ ଧରିବା ଓ ଶିକାର କରିବା ପାଇଁ ଚନ୍ଦ୍ର ପଞ୍ଜିକା ଦେଖି ସର୍ବୋତ୍ତମ ସମୟ ବାହାର କରିଥାଆନ୍ତି।



### ଡାର୍କ ସ୍କାଏ ନେଶନ କ'ଣ

ଆଇଡିଏସ୍‌ଏ ପକ୍ଷରୁ ୨୦୦୧ରେ ଡାର୍କ ସ୍କାଏ ଅଭିଯାନ ଆରମ୍ଭ ହୋଇଥିଲା। ଡାର୍କ ସ୍କାଏ ଭୂଖଣ୍ଡ ହେଉଛି ଏପରି ଏକ ସ୍ଥାନ, ଯେଉଁଠି ତାରକାପୂର୍ଣ୍ଣ ରାତିରେ ରାତ୍ରିଚରଙ୍କ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରାଯାଇଥାଏ। ଏହାକୁ ସମ୍ପୃକ୍ତ ରାଷ୍ଟ୍ରର ବୈଜ୍ଞାନିକ, ପ୍ରାକୃତିକ, ଶୈକ୍ଷିକ ଓ ସାଂସ୍କୃତିକ ଐତିହ୍ୟ ତଥା ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ସୁରକ୍ଷିତ ରଖାଯାଇଥାଏ। ୨୦୨୨ ଜାନୁୟାରୀ ସୁଦ୍ଧା ବିଶ୍ୱରେ ୧୯୫ ସାର୍ଟିଫାଏଡ୍ ଡାର୍କ ସ୍କାଏ ରହିଥିବା ଆଇଡିଏସ୍‌ଏ ପକ୍ଷରୁ କୁହାଯାଇଛି। ଅନ୍ଧାର ଆକାଶ ରାତ୍ରିଚର ପକ୍ଷୀଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ। କାରଣ ପକ୍ଷୀମାନେ ଏଭଳି ପରିବେଶରେ ବସା ବାନ୍ଧିବାକୁ ଆଗଭର ହୋଇଥାଆନ୍ତି। ସେହିପରି ବିଦେଶାଗତ ପକ୍ଷୀମାନେ ରାତିରେ ତାରାଗୁଡ଼ିକର ଅବସ୍ଥିତି ଦେଖି ଦିଗ ବାରିଥାଆନ୍ତି। ଅନ୍ୟ ରାତ୍ରିଚର ପ୍ରାଣୀ ମଧ୍ୟ ଡାର୍କ ସ୍କାଏରେ ବଂଶବିସ୍ତାର ପାଇଁ ଅଧିକ ସୁଯୋଗ ପାଇଥାଆନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୭୧,୦୪,୬୩୩ | ୬୬,୦୨,୫୫୦ | ୬୧,୬୫,୦୯,୮୭୮ |
| ଭାରତ | ୪,୪୬,୫୮,୩୬୫ | ୫,୩୦,୪୭୯ | ୪,୪୧,୧୨,୧୮୧ |
| ଓଡ଼ିଶା | ୧୩,୩୬,୨୩୨ | ୯୨୦୩(+୫୩) | ୧୩,୨୬,୭୬୮ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସର୍ବଦଳୀୟ ବୈଠକ ଡାକିବାକୁ ଦେଲେ ପ୍ରସ୍ତାବ

## ସୀମା ବିବାଦର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୪।୧୧(ବ୍ୟୁରୋ)**

ଆନ୍ଧ୍ରପ୍ରଦେଶ ସୀମାବର୍ତ୍ତୀ କୋରାପୁଟ ଏବଂ ଗଜପତି ଜିଲାରେ ଉଭା ହୋଇଥିବା ସୀମା ବିବାଦକୁ ଶାନ୍ତିପୂର୍ଣ୍ଣ ଭାବେ ସମାଧାନ କରିବା ଆବଶ୍ୟକ। ଏଥିରେ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର କୋଟିଆ ଏବଂ ଗଜପତି ଜିଲା ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତ ମାଣିକପାଟଣାରେ ଦେଖାଯାଇଥିବା ସୀମା ବିବାଦର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ଜରୁରୀ। ଏଥିପାଇଁ ଏକ ସର୍ବଦଳୀୟ ବୈଠକ ଡକାଯାଉ ବୋଲି ସେ କହିଛନ୍ତି।

ଧର୍ମେନ୍ଦ୍ର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ସର୍ବଦଳୀୟ ବୈଠକରେ ସୀମା ବିବାଦ ପାଇଁ ଗଠନ କରାଯାଇଥିବା ଆନ୍ତଃ ରାଜ୍ୟ କମିଟିର ଅଗ୍ରଗତି କାର୍ଯ୍ୟ ଉପରେ ସମୀକ୍ଷା ହେଉ। ଏହାସହ ସୀମାବର୍ତ୍ତୀ ଗାଁଗୁଡ଼ିକରେ ନିଆଯାଇଥିବା ବିକାଶମୂଳକ କାର୍ଯ୍ୟଗୁଡ଼ିକର ତଥ୍ୟ ବୈଠକରେ ଉପସ୍ଥାପନ କରାଯିବା ଆବଶ୍ୟକ। ଶାନ୍ତିପୂର୍ଣ୍ଣ ଭାବେ ୨ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନାକରି ସୀମା ବିବାଦର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସେ ୨୦୨୦ ଓ ୨୦୨୧ରେ ଚିଠି ଲେଖିଥିଲେ। ଏହାସତ୍ତ୍ୱେ ଏଥିରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ଭଳି ମନେହେଉଛି। ଗତ କିଛିଦିନରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ସୀମାବର୍ତ୍ତୀ ଗ୍ରାମଗୁଡ଼ିକରେ ପ୍ରଶାସନିକ ହସ୍ତକ୍ଷେପ କରିବାର ଖବର ସାମ୍ନାକୁ


ଧର୍ମେନ୍ଦ୍ର ପ୍ରଧାନ


ନବୀନ ପଟ୍ଟନାୟକ

ଆସୁଛି। ଆନ୍ଧ୍ର ସରକାରଙ୍କ ଦ୍ୱାରା ଏହି ବେଆଇନ ଓ ଦୁର୍ଭାଗ୍ୟପୂର୍ଣ୍ଣ ହସ୍ତକ୍ଷେପ କେବଳ କୋଟିଆରେ ସୀମିତ ହୋଇ ରହିନାହିଁ। ଦକ୍ଷିଣ ଓଡ଼ିଶାରେ ଅନେକ ଗ୍ରାମକୁ ଏହା ବ୍ୟାପିବାରେ ଲାଗିଛି। ନାମ ପରିବର୍ତ୍ତନ କରାଯାଇ ଆନ୍ଧ୍ର ସରକାରଙ୍କ ଦ୍ୱାରା ନୂତନ ଭାବେ ଗଠିତ ହୋଇଥିବା ପାର୍ବତୀପୁରମ ମାନ୍ୟମ ଜିଲାରେ ଏହିଭଳି ୨୧ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି, ଯାହାର ସଦର ମହକୁମା କୋଟିଆର ଅନେକ ଗ୍ରାମରୁ ୪୦ କି.ମି. ଦୂରରେ ରହିଛି। ଆନ୍ଧ୍ର ସରକାର ସକ୍ରିୟ ଭାବେ ଏହିସବୁ ଗ୍ରାମରେ ବିଭିନ୍ନ ଯୋଜନା ଓ ଉନ୍ନୟନ କାର୍ଯ୍ୟକୁ କାର୍ଯ୍ୟକାରୀ କରିବା ସହ ଅଞ୍ଚଳର ଅଧିବାସୀଙ୍କୁ ଆନ୍ଧ୍ରର ଅଂଶ ହେବା ପାଇଁ ପ୍ରଲୋଭନ ଦେଖାଉଛନ୍ତି। ଏଭଳି ସମୟରେ ଓଡ଼ିଶା ସରକାର ମଧ୍ୟ ସରଜମିନ ସ୍ତରରେ କ୍ରିୟାଶୀଳ ହେବାର ଆବଶ୍ୟକତା ରହିଛି। ଫଳସ୍ୱରୂପ ସରକାର ଏବଂ ପ୍ରଶାସନ ଏହି ସୀମାବର୍ତ୍ତୀ ଗ୍ରାମବାସୀଙ୍କ ନିକଟତର ହୋଇପାରିବ।

ପ୍ରଧାନ ଆହୁରି ଉଲ୍ଲେଖ କରିଛନ୍ତି, ଆନ୍ଧ୍ର ସରକାରଙ୍କ ଦ୍ୱାରା ଦିଆଯାଉଥିବା ସୁବିଧା ଦ୍ୱାରା ଲୋକମାନେ କିପରି ପ୍ରଲୋଭିତ ନ ହେବେ, ସେ ଦିଗ ପ୍ରତି ଧ୍ୟାନ ଦିଆଯାଉ। ସୀମା ବିବାଦ ଅଞ୍ଚଳଗୁଡ଼ିକରେ ଓଡ଼ିଶା ସରକାରଙ୍କ ଦ୍ୱାରା ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ। ପ୍ରଶାସନିକ ମୁହାଁମୁହିଁ ଓ ବିବାଦ ଦ୍ୱାରା ଉକ୍ତ ଅଞ୍ଚଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସହ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବା ସମ୍ଭାବନା ରହିଛି। ଏପରି ପରିସ୍ଥିତି ଉପୁଜିଲେ ଉଭୟ ରାଜ୍ୟର ସାମାଜିକ ଓ ରାଜନୈତିକ ଉଦ୍ଦେଶ୍ୟର ବିରୋଧ ହେବ, ଯାହା ବ୍ୟବସ୍ଥା ବିରୋଧୀ ମତକୁ ପ୍ରଶ୍ରୟ ଦେବ। ଅପରପକ୍ଷରେ ଦଳ ମତ ନିର୍ବିଶେଷରେ ସବୁ ରାଜନୈତିକ ଦଳ ସୀମାବର୍ତ୍ତୀ ଗାଁଗୁଡ଼ିକରେ ବସବାସ କରୁଥିବା ଓଡ଼ିଆ ଲୋକଙ୍କ ସ୍ୱାର୍ଥ ରକ୍ଷା ସହ ସେମାନଙ୍କ ଉନ୍ନତି ପାଇଁ ମତପ୍ରକାଶ କରିଛନ୍ତି। ତେଣୁ ୨ ରାଜ୍ୟର ଲୋକକଲ୍ୟାଣକୁ ଦୃଷ୍ଟିରେ ରଖି ସୀମା ବିବାଦର ସମାଧାନ କରିବା ପାଇଁ ଧର୍ମେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ଶୀତ ବଢ଼ିବ: ୧୭ ଡିଗ୍ରୀ ତଳେ ୯ ସହର

**ଭୁବନେଶ୍ୱର,୪।୧୧(ବ୍ୟୁରୋ):** ରାଜ୍ୟରେ ଶନିବାରଠାରୁ ଶୀତ ବଢ଼ିବ। ପାରଦ ୨ରୁ ୪ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିବ। ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ଶୀତର ପ୍ରକୋପ ବଢ଼ିବ। ପାଗ ମେଘମୁକ୍ତ ରହୁଥିବାରୁ ଦିନରେ ଟାଣ ଖରା ସହ ରାତିରେ ପାରଦ ୧୦ ଡିଗ୍ରୀ ସେଲ୍‌ସିୟସକୁ ଖସି ଆସିବ। ନଭେମ୍ବର ୧୫ ତାରିଖଠାରୁ ଶୀତର ପ୍ରକୋପ ଆହୁରି ବଢ଼ିବା ସମ୍ଭାବନା ରହିଛି। ଶୁକ୍ରବାର ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଯାଇଛି। ୯ ସହରର ତାପମାତ୍ରା ୧୭ ଡିଗ୍ରୀ ତଳେ ରହିଛି।

# କର୍ମଚାରୀ ପେନ୍‌ସନ ଯୋଜନା ବୈଧତା ସୁପ୍ରିମକୋର୍ଟରେ କାଏମ

**ନୂଆଦିଲ୍ଲୀ,୪।୧୧**

କର୍ମଚାରୀ ପେନ୍‌ସନ (ସଂଶୋଧନ) ଯୋଜନା, ୨୦୧୪କୁ ସୁପ୍ରିମକୋର୍ଟ ଶୁକ୍ରବାର କାଏମ ରଖିଛନ୍ତି। ତେବେ ଇପିଏଫ୍‌ରେ ଯୋଗଦେବା ପାଇଁ ରହିଥିବା ୧୫,୦୦୦ ଟଙ୍କା ମାସିକ ବେତନ ସୀମାକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ୨୦୧୪ ସଂଶୋଧନରେ ସର୍ବାଧିକ ପେନ୍‌ସନ ଯୋଗ୍ୟ ବେତନ (ମୂଳ ଦରମା ସହ ମହଙ୍ଗା ଭତ୍ତା) ମାସିକ ୧୫,୦୦୦ ଟଙ୍କା ରଖାଯାଇଛି। ସଂଶୋଧନ ପୂର୍ବରୁ ସର୍ବାଧିକ ପେନ୍‌ସନଯୋଗ୍ୟ ବେତନ ସୀମା ୬,୫୦୦ ଟଙ୍କା ଥିଲା। ପେନ୍‌ସନ ଯୋଜନାରେ ଥିବା କେତେକ ବ୍ୟବସ୍ଥାକୁ ପ୍ରଧାନ ବିଚାରପତି ୟୁ.ୟୁ.ଲଳିତ, ଜଷ୍ଟିସ ଅନିରୁଦ୍ଧ ବୋଷ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ପେନ୍‌ସନ ଯୋଜନାରେ ସାମିଲ ହେବା ଲାଗି ମତ ଦେଇ ନ ଥିବା କର୍ମଚାରୀ ୬ ମାସ ମଧ୍ୟରେ ତାହା କରିବାକୁ ହେବ। ସେହିପରି ଧାର୍ଯ୍ୟ ସମୟସୀମା ମଧ୍ୟରେ ପେନ୍‌ସନ ଯୋଜନାରେ ସାମିଲ ହୋଇପାରି ନ ଥିବା ଯୋଗ୍ୟ କର୍ମଚାରୀଙ୍କୁ ଆଉ ଥରେ ସୁଯୋଗ ଦିଆଯିବା ଆବଶ୍ୟକ ବୋଲି ଅଦାଲତ କହିଛନ୍ତି। ୨୦୧୪ ଯୋଜନାକୁ କେରଳ, ରାଜସ୍ଥାନ ଏବଂ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଥିବାବେଳେ କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫ୍‌ଓ) ଏବଂ କେନ୍ଦ୍ର ସରକାର ଉକ୍ତ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

# ସୁନ୍ଦରଗଡ଼ ବିସ୍ଥାପିତଙ୍କୁ କ୍ଷତିପୂରଣ ଦେବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



**ନୂଆଦିଲ୍ଲୀ,୪।୧୧**

ସୁନ୍ଦରଗଡ଼ ଜିଲାରେ କୋଇଲା ଖଣି ଖନନ ଲାଗି ଜମି ଅଧିଗ୍ରହଣ ବେଳେ ବିସ୍ଥାପିତ ହୋଇଥିବା ଆଦିବାସୀ ପରିବାରଙ୍କୁ ପୁନର୍ବାସନ ଓ ଥଇଥାନ ଆଇନ,୨୦୧୩ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ଓଡ଼ିଶା ସରକାର ଏବଂ ମହାନଦୀ କୋଲ୍‌ଫିଲ୍ଡସ୍ ଲିଃ (ଏମ୍‌ସିଏଲ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୪୨ରେ ପ୍ରଦତ୍ତ ସ୍ୱତନ୍ତ୍ର କ୍ଷମତା ବଳରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଜମି ମାଲିକମାନଙ୍କୁ ଆଉ ଅଧିକ ଦିନ ଅସୁବିଧା ମଧ୍ୟରେ ରଖାଯାଇପାରିବ ନାହିଁ। ପୁନର୍ବାସନ ଓ ଥଇଥାନ ଆଇନ ଅନୁଯାୟୀ ଜିଲାର ତୁମୁଲିଆ, ଝୁପୁରାଙ୍ଗ, ରତନସରା ଏବଂ କିର୍ପସରା ଗ୍ରାମର ବିସ୍ଥାପିତ ଆଦିବାସୀଙ୍କୁ ୬ ମାସ ମଧ୍ୟରେ କ୍ଷତିପୂରଣ ଅର୍ଥ ପୈଠ କରିବାକୁ ପ୍ରଧାନ ବିଚାରପତି ୟୁ.ୟୁ. ଲଳିତଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ୩ ଜଣ ନୋଡାଲ ଅଫିସର ନିଯୁକ୍ତ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଜମି ମାଲିକ ମଞ୍ଜୁରୀ ପ୍ଲଟ୍ ନେବା ପାଇଁ ଆଗ୍ରହୀ ନୁହନ୍ତି, ସେମାନଙ୍କୁ ଏକକାଳୀନ ୨୫ ଲକ୍ଷ ଟଙ୍କା ପୈଠ କରିବାକୁ ହେବ। ସେହିପରି ବଞ୍ଚିତ ପରିବାରକୁ ଏକକାଳୀନ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ୭% ହାରରେ ୨ ବର୍ଷର ସୁଧ ସହ ପୈଠ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବିସ୍ଥାପିତ ପରିବାରଗୁଡ଼ିକୁ ଏମ୍‌ସିଏଲ୍ ନିଯୁକ୍ତି ସୁବିଧା ଯୋଗାଇବା ଲାଗି ଅଦାଲତ କହିଛନ୍ତି।

ସୂଚନାଯୋଗ୍ୟ, ଏମ୍‌ସିଏଲ୍ ଦ୍ୱାରା ଖଣି ଖନନ ଉଦ୍ଦେଶ୍ୟରେ ଗୋପାଳପୁର ଓ ଅନ୍ୟ ୧୪ଟି ଗ୍ରାମରୁ ଜମି ଅଧିଗ୍ରହଣ କରିବା ଲାଗି କେନ୍ଦ୍ର ସରକାର ୧୯୮୮ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବିସ୍ଥାପିତ ପରିବାର କ୍ଷତିପୂରଣ ଲାଗି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜମି ହରାଇଥିବା ପରିବାରଙ୍କୁ କ୍ଷତିପୂରଣ ଯୋଗାଇ ଦେବା ଲାଗି ହାଇକୋର୍ଟ ଏମ୍‌ସିଏଲ୍‌କୁ ନିର୍ଦ୍ଦେଶ ଦେଇଥିଲେ। ୨୦୦୭ରେ ଏମ୍‌ସିଏଲ୍ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ୨୦୧୦ ଜୁଲାଇରେ ସର୍ବୋଚ୍ଚ ଅଦାଲତ ୬ ମାସ ମଧ୍ୟରେ କ୍ଷତିପୂରଣ ପ୍ରଦାନକୁ ସୁନିଶ୍ଚିତ କରିବା ଲାଗି କ୍ଲେମ୍ସ କମିଶନ ନିଯୁକ୍ତ କରିଥିଲେ। ଏହା ସତ୍ତ୍ୱେ ଅନେକ ପରିବାର କ୍ଷତିପୂରଣରୁ ବଞ୍ଚିତ ହୋଇଥିବା ନେଇ ୨୦୧୯ରେ ପୁନର୍ବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୨ ନାବାଳକ ଭାଇଙ୍କୁ ଦଳିମାରିଲା ହାତୀ

**ଝାରସୁଗୁଡ଼ା ଅଫିସ,୪।୧୧**

ଝାରସୁଗୁଡ଼ା ଜିଲା ବାଗଡିହି ରେଞ୍ଜ ଅଧୀନ ଭଉଁରା ଗ୍ରାମ ନିକଟରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ମା'ବାପାଙ୍କ ଆଗରେ ଏକ ଦନ୍ତାହାତୀ ଦୁଇ ନାବାଳକ ଭାଇଙ୍କୁ ଦଳି ମାରିଦେଇଛି। ମୃତକ ଦ୍ୱୟ ହେଲେ ଛତିଶଗଡ଼ ଶକ୍ତି ଅଞ୍ଚଳର ଅଭୟ ସତନାମୀ(୧୧) ଓ ଧନଞ୍ଜୟ ସତନାମୀ (୯)। ପିଲାଙ୍କୁ ଉଦ୍ଧାର କରିବାକୁ ଯାଇ ମା'ବାପା ଗୁରୁତର ହୋଇଛନ୍ତି। ମା' ଲାହରା ବାଈ ସତନାମୀ(୩୪)ଙ୍କ ଡାହାଣ ହାତ ଭାଙ୍ଗିଥିବାବେଳେ ଓ ବାପା ଉମେଶ ରାମ ସତନାମୀ(୩୬)ଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଉଭୟେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଲଇକେରା ପୋଲିସ ଦୁଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଡାକ୍ତରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ ନଂ.୨୧ ଓ ୨୨/୨୨ରେ ପୃଥକ୍ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଦମ୍ପତିଙ୍କ ୧୬ବର୍ଷର ଝିଅ ଅର୍ମିତା ସେଦିନ ରାତିରେ ନିକଟରେ ରହୁଥିବା ସମ୍ପର୍କୀୟଙ୍କଙ୍କ କୁଡିଆରେ ରହିଥିବାରୁ ବର୍ତ୍ତିଯାଇଛନ୍ତି।

ସୂଚନା ଅନୁସାରେ ଛତିଶଗଡ଼ ଶକ୍ତି ଅଞ୍ଚଳର ଏହି ଦମ୍ପତି ପରିବାର ପ୍ରତିପୋଷଣ ପାଇଁ ଝିଅ ଓ ୨ପୁଅଙ୍କୁ ସାଙ୍ଗରେ ଧରି ଇଟାଗଢ଼ିବା ପାଇଁ ଓଡ଼ିଶାକୁ ଆସିଥିଲେ। ଏହି ଶ୍ରମିକ ପରିବାର କିର୍ମିରା ବ୍ଲକ୍ ଭଉଁରା ଗ୍ରାମ ନିକଟରେ ଏକ ପଲିଥିନ କୁଡିଆକରି ରହୁଥିଲେ। ପ୍ରତିଦିନ ଭଳି ଦମ୍ପତି ଗୁରୁବାର ଇଟା ଗଢ଼ିବା ପରେ ରାତିରେ ଖାଇପିଇ ଶୋଇଥିଲେ। ରାତି ପ୍ରାୟ ୧୦ଟାରେ ଏକ ଦନ୍ତାହାତୀ ଆସି ପ୍ରଥମେ ପଲିଥିନ କୁଡିଆକୁ ଶୁଣ୍ଢରେ ଭାଙ୍ଗିଥିଲା। ଏଥିରେ ଦମ୍ପତି ଭୟଭୀତ ହୋଇ କୁଡିଆରୁ ବାହାରି ଆସିଥିଲେ। ହେଲେ ଦୁଇ ସନ୍ତାନ ଭିତରେ ରହିଯାଇଥିଲେ। ପରେ ହାତୀଟି ସେମାନଙ୍କୁ ଦଳିଦେଇଥିଲା। ଦମ୍ପତି ପାଟିକରି ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପାଟି ଶୁଣି ନିକଟରେ ରହୁଥିବା ଶ୍ରମିକମାନେ ଉଠି ହାତୀକୁ ଘଉଡାଇଥିଲେ। ଖବରପାଇ ବନ କର୍ମଚାରୀ ଏକ ଆମ୍ବୁଲାନ୍ସ ଯୋଗେ ଆହତ ଦମ୍ପତି ଓ ୨ସନ୍ତାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ଦୁଇଭାଇଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଡିଏଫ୍‌ଓ ଲଳିତ ପାତ୍ର କହିଛନ୍ତି, ଏହାର ତଦନ୍ତ କରାଯାଇ ମୃତକଙ୍କ ପରିବାରଙ୍କୁ ସରକାରଙ୍କ ତରଫରୁ କ୍ଷତିପୂରଣ ପ୍ରଦାନ କରାଯିବ। ସେ ଆହୁରି କହିଛନ୍ତି, ୨ସପ୍ତାହ ହେଲା ଏକ ହାତୀପଲ ସୁନ୍ଦରଗଡ ଓ ଝାରସୁଗୁଡା ଜିଲା ସୀମାନ୍ତରେ ଚଳପ୍ରଚଳ କରୁଛନ୍ତି। ଏହି ପଲରେ ୭ହାତୀ ରହିଛନ୍ତି। ହେଲେ ଏକ ଦନ୍ତା ବିଭିନ୍ନ ସମୟରେ ଘରଦ୍ୱାର ଭାଙ୍ଗି ଆତଙ୍କ ଖେଳାଉଛି। ୨ମାସ ତଳେ ଜଣେ ବୃଦ୍ଧା ଶୌଚକରି ଫେରୁଥିବାବେଳେ ତାଙ୍କୁ ଦନ୍ତା କଚାଡି ମାରିଥିଲା। ବନ ବିଭାଗ ହାତୀ ପଲଙ୍କ ଉପରେ ନଜର ରଖିବା ସହ ସ୍ଥାନୀୟ ଲୋକଙ୍କୁ ସଚେତନ କରାଉଛି। ଏହି ଅଞ୍ଚଳ ହାତୀ ଚଲାପଥ ହୋଇଥିବାରୁ ଏଠାରେ ରହିବା ପାଇଁ ବାରଣ କରାଯାଇଛି। ହେଲେ ଏହାକୁ ଲୋକେ ମାନୁନାହାନ୍ତି ବୋଲି ସେ କହିଛନ୍ତି।

### ଉଦ୍ଧାର କରିବାକୁ ଯାଇ ମା'ବାପା ଗୁରୁତର


ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଦମ୍ପତି।










**ଆଜିର ମନ୍ତବ୍ୟ**

ଦିଲ୍ଲୀ-ଏନ୍‌ସିଆର୍‌ରେ ବାୟୁ ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଏହାକୁ ନେଇ ରାଜନୈତିକ ଦଳଗୁଡ଼ିକ ପରସ୍ପରକୁ କାଦୁଅ ଫିଙ୍ଗିବା ଅନୁଚିତ।
**-ଅରବିନ୍ଦ କେଜ୍ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଜହ୍ନି ଫୁଲ ଫୁଟିଲା
ଗେହ୍ଲେଇ ନାନୀ ଗାଧୋଇ ଯାଇ
ବାପଘରେ ଉଠିଲା।

ବିବାହ ହୋଇସାରିଥିଲେ ମଧ୍ୟ କେତେଜଣ ଝିଅ ସେମାନଙ୍କ ବାପଘର ପ୍ରତି ଥିବା ସ୍ନେହ ମମତା ତଥା ଭଲପାଇବାକୁ ଭୁଲି ପାରି ନ ଥାନ୍ତି। ବାହାହୋଇ ସାରିବା ପରେ ବୋହୂ ହିସାବରେ ଶାଶୁଘର ପ୍ରତି କିଛି ଦାୟିତ୍ୱ, ତ୍ୟାଗ ଓ ବଳିଦାନ ରହିବା ଶୋଭନୀୟ ହୋଇଥିବାବେଳେ ବାପଘର ପ୍ରତି ଦୁର୍ବଳତା କାରଣରୁ ବୁଲି ଆସିବା ବାହାନା କରି ସେଠାକୁ ଧାଉଁଥିବା ଝିଅ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଜାନ୍ ଯାଉ ମହତ ଥାଉ
ମହତ ଗଲେ ନ ମିଳେ ଆଉ।

ମଣିଷର ମର୍ଯ୍ୟାଦା ପ୍ରାଣଠାରୁ ବି ବିଶାଳ। ମର୍ଯ୍ୟାଦା ଥରେ ଚାଲିଗଲେ ଆଉ ଫେରି ନ ଥାଏ। ତେଣୁ ଏଥିପ୍ରତି ସତର୍କ ରହିବା ଲାଗି ଏଠାରେ ଉପଦେଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବହୁଭାଷୀ ଶିକ୍ଷକଙ୍କ ଦରମା ବୃଦ୍ଧି

**ଭୁବନେଶ୍ୱର, ୪।୧୧ (ବ୍ୟୁରୋ)**

ରାଜ୍ୟ ସରକାର ବହୁଭାଷୀ ଶିକ୍ଷକଙ୍କୁ ଉତ୍ସାହିତ କରିବା ପାଇଁ ସେମାନଙ୍କ ମାସିକ ପାରିଶ୍ରମିକ ବୃଦ୍ଧି କରିଛନ୍ତି। ପୂର୍ବରୁ ବହୁଭାଷୀ ଶିକ୍ଷକଙ୍କ ଦରମା ୩,୨୦୦ ଟଙ୍କା ଥିବାବେଳେ ଏବେ ତାହାକୁ ୫,୩୭୯ ଟଙ୍କାକୁ ବୃଦ୍ଧି କରାଯାଇଛି। ଏ ନେଇ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେମାନେ ନିଜର ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ କରୁଥିବା ବହୁଭାଷୀ ଶିକ୍ଷକମାନେ ବର୍ତ୍ତମାନ ପରିସ୍ଥିତିରେ ମାସିକ ୩,୨୦୦ ଟଙ୍କାରେ ଅସୁବିଧାରେ ଚଳୁଥିବା ଜାଣିବା ପରେ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ୨୦୦୭-୦୮ ମସିହାରେ ଅନୁସୂଚିତ ଜନଜାତିର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଭିମୁଖୀ କରାଇ ବିଦ୍ୟାଳୟରେ ଯୋଗଦାନ କରିବା ନିମନ୍ତେ ଉତ୍ସାହ ସୃଷ୍ଟି ପାଇଁ ବହୁଭାଷୀ ଶିକ୍ଷକ(ଏମ୍‌ଏଲ୍‌ଇଇଭିଏସ୍) ନିଯୁକ୍ତି ଦିଆଯାଇଥିଲା। ଅନୁସୂଚିତ ଅଞ୍ଚଳର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁକୂଳ ଶିକ୍ଷାଦାନ ଏବଂ ଅନୁସୂଚିତ ଜନଜାତି ପିଲାଙ୍କୁ ନିଜ ମାତୃଭାଷାରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ସୃଷ୍ଟି ପାଇଁ ୨୨୧ ଜଣ ବହୁଭାଷୀ ଶିକ୍ଷକଙ୍କୁ ନିୟୋଜିତ କରାଯାଇଥିଲା। ସେମାନେ କନ୍ଧମାଳ, ମାଲକାନଗିରି, ମୟୂରଭଞ୍ଜ, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାର ବିଦ୍ୟାଳୟଗୁଡ଼ିକରେ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ୨୦୨୦ରୁ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସେମାନେ ମାସିକ ୩,୨୦୦ ଟଙ୍କା ପାରିଶ୍ରମିକ ପାଉଥିଲେ। ଏବେ ଦରମା ବୃଦ୍ଧି ସେମାନଙ୍କ କାର୍ଯ୍ୟ କରିବାର ଉତ୍ସାହକୁ ଆହୁରି ବଢ଼ାଇବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ପରଲୋକରେ ଗୀତିକାର ନିମାଇଁ ମହାନ୍ତି

**ବାରିପଦା ଅଫିସ,୪।୧୧**



ଗାୟକ, ଲେଖକ, ଓଡ଼ିଆ ଭାଷାର ପ୍ରଚାରକ ଏବଂ ଛଉ ଗବେଷକ ତଥା ଚଳଚ୍ଚିତ୍ର ଜଗତର ଅନନ୍ୟ ଗୀତିକାର ନିମାଇଁ ମହାନ୍ତି(୭୦)ଙ୍କ ଶୁକ୍ରବାର ଅପରାହ୍ନରେ ପରଲୋକ ହୋଇଛି। ବାରିପଦା ସହର ୬ ନଂ. ୱାର୍ଡ ପୁରୁଣା ହାଟସାହିସ୍ଥିତ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଭାଇ, ଭାଉଜ, ପୁତୁରାଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି। ୧୯୫୩ରେ ବାରିପଦାରେ ଜନ୍ମଲାଭ କରିଥିବା ନିମାଇଁଙ୍କର ପିଲାବେଳୁ ସଙ୍ଗୀତ ପ୍ରତି ରୁଚି ବଢ଼ିଥିଲା। ପରବର୍ତ୍ତୀ ସମୟରେ କଳା କ୍ଷେତ୍ର ସହ ଯୋଡ଼ିହୋଇ ନିଜର କଳାକୁ ଓଡ଼ିଶା ସମେତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶିତ କରିଥିଲେ। ଜୀବନ କାଳ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଗୀତ ଲେଖିବା ସହ ଗାଇ ଦର୍ଶକଙ୍କ ମନକୁ ଛୁଇଁପାରିଛନ୍ତି। ତାଙ୍କର ପ୍ରଥମ ଚଳଚ୍ଚିତ୍ର ପରଦେଶୀ ଚଢ଼େଇର 'ଅଜବ ସହରରେ ଗୁଜବ ଉଠିଛି', ମାନିନୀ ଚଳଚ୍ଚିତ୍ରରେ 'ଜହ୍ନ ଆମକୁ ଲୁଚି ଦେଖୁଛି', 'ସହରର ବତି ସବୁ ଲିଭିଗଲା ପରେ' ଆଦି ଗୀତ ସୁପରହିଟ୍ ହୋଇଥିଲା। ଅକ୍ଷୟ ମହାନ୍ତି, ରାଧାକୃଷ୍ଣ ଭଞ୍ଜ, ଶାନ୍ତନୁ ମହାପାତ୍ର, ରଘୁନାଥ ପାଣିଗ୍ରାହୀଙ୍କ ସମେତ ହିନ୍ଦୀ ଚଳଚ୍ଚିତ୍ର ଜଗତର ବାପି ଲାହିରିଙ୍କ ସହ କାମ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ରହିଥିଲେ। ୧୯୮୨ରେ କଟକସ୍ଥିତ ଦୂରଦର୍ଶନ ଓ ଅଲ୍ ଇଣ୍ଡିଆ ରେଡିଓରୁ ତାଙ୍କର ସଙ୍ଗୀତ କ୍ଷେତ୍ରରେ ଗୀତିକାର ଜୀବନ ଆରମ୍ଭ ହୋଇଥିଲା। ମନଛୁଆଁ ଗୀତ ରଚନା କରି ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ ଚଢ଼ି ଚାଲିଥିଲେ। ଓଡ଼ିଆ, ବଙ୍ଗଳା, ହିନ୍ଦୀ ଓ ଅହମିୟା ଭାଷାରେ ଆଞ୍ଚଳିକ ଗୀତଗୁଡ଼ିକ ଟେଲିକାଷ୍ଟ କରିଛନ୍ତି। ଅବିବାହିତ ନିମାଇଁଙ୍କ କାନ୍ଧରେ ଲାଗିଛି ପୁରସ୍କାରର ଲମ୍ବା ତାଲିକା। ୨୦୧୦ରେ ସଙ୍ଗୀତ ନାଟକ ଏକାଡେମୀ ଏବଂ କଟକ ଓଡ଼ିଆ ଗୀତିକବି ସମାଜ, ୨୦୦୧ରେ ରାଜ୍ୟ ସଂସ୍କୃତି ବିଭାଗ, ଓଡ଼ିଶା ସିନେ କ୍ରିଟିକ୍ସ ଆସୋସିଏଶନ, କଟକ ଚଳଚ୍ଚିତ୍ର ଜଗତ, ବାଲେଶ୍ୱର ଫକୀର ମୋହନ ସାହିତ୍ୟ ପରିଷଦ ଆଦି ପକ୍ଷରୁ ପୁରସ୍କୃତ ହୋଇଛନ୍ତି।

## ୨୩ରୁ ମାଟ୍ରିକ ...

ପରୀକ୍ଷା ହେବ। ମଧ୍ୟମାରେ ୨୯୧୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିପାଇଁ ୧୦୮ଟି ସେଣ୍ଟର କରାଯାଇଛି। ରାଜ୍ୟ ମୁକ୍ତ ବିଦ୍ୟାଳୟର ୭୧୮୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ୧୪୬ଟି ସେଣ୍ଟର କରାଯାଇଛି। କପି ରୋକିବା ପାଇଁ ୩୬ଟି ସେଣ୍ଟ୍ରାଲ ସ୍କ୍ୱାଡ୍ ସହିତ ୭୪ଟି ଡିଇଓସ୍ତରୀୟ ସ୍କ୍ୱାଡ୍ ଗଠନ ହେବ। ପ୍ରଶ୍ନପତ୍ର ନୋଡାଲ ସେଣ୍ଟରଗୁଡ଼ିକରେ ରହିବା ପାଇଁ ବ୍ୟବସ୍ଥା ହୋଇଛି। ପରୀକ୍ଷାର ୧୦ ଦିନ ପୂର୍ବରୁ ବୋର୍ଡ ପକ୍ଷରୁ ନୋଡାଲ ସେଣ୍ଟରଗୁଡ଼ିକୁ ପ୍ରଶ୍ନପତ୍ର ପଠାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ପ୍ରଶ୍ନପତ୍ର ରଖିବା ନିମନ୍ତେ ରାଜ୍ୟରେ ୩୧୬ଟି ନୋଡାଲ ସେଣ୍ଟର କରାଯାଇଛି। ପରୀକ୍ଷା ଦିନ ସକାଳୁ ପ୍ରଶ୍ନପତ୍ର ସେଣ୍ଟରଗୁଡ଼ିକୁ ପଠାଯିବ। ସେହିପରି ମାଓବାଦୀ ପ୍ରବଣ ଅଞ୍ଚଳରେ ପରୀକ୍ଷା ପରିଚାଳନା ପାଇଁ ୨୨ଟି ନୋଡାଲ ସେଣ୍ଟର ଥାନାରେ କରାଯାଇଛି। କନ୍ଧମାଳରେ ୭, କୋରାପୁଟରେ ୫ ଓ ମାଲକାନଗିରିରେ ୧୦ଟି କେନ୍ଦ୍ର କରାଯାଇଛି। ତେବେ ସ୍କୁଲର ୧୦ କିମି ଭିତରେ ସବୁ ସେଣ୍ଟର କରାଯାଇଛି ବୋଲି ଜଣାପଡ଼ିଛି।

ହାଇସ୍କୁଲ ପରୀକ୍ଷାର୍ଥୀମାନଙ୍କ ପାଇଁ ଶୁକ୍ରବାରଠାରୁ ବୋର୍ଡ ୱେବ୍‌ସାଇଟ୍‌ରେ ଆଡମିଟ୍ କାର୍ଡ ଉପଲବ୍ଧ ରହିଛି। ସେହିପରି ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଇଁ ୧୭ ତାରିଖରୁ ୱେବ୍‌ସାଇଟ୍‌ରେ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ। ଆସନ୍ତା ୧୧ ତାରିଖରୁ ଭୋକେଶନାଲ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହେବ। ୧୦୧୨ଟି ସ୍କୁଲରେ ୧୮ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ହେବ। ଏଥିପାଇଁ ବହୁ ପୂର୍ବରୁ ପିଲାଙ୍କୁ ଆଡମିଟ୍ କାର୍ଡ ଦିଆଯାଉଛି। ସେହିପରି ବିଷୟ ପରିବର୍ତ୍ତନକୁ ବୋର୍ଡ ଗ୍ରହଣ କରିବ ନାହିଁ। ଛାତ୍ରୀଛାତ୍ରମାନେ ବିଷୟ ପରିବର୍ତ୍ତନ କରିବା ଦ୍ୱାରା ବୋର୍ଡକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେଥିପାଇଁ ବୋର୍ଡ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏନେଇ ଯଦି କୌଣସି ସ୍କୁଲ ତ୍ରୁଟି କରିଛି ତେବେ ସଂଶୋଧନ ପାଇଁ ବୋର୍ଡ ପକ୍ଷରୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ବିଷୟ ପରିବର୍ତ୍ତନ ସହ ନାମ ଏବଂ ଜାତି ପରିବର୍ତ୍ତନ ପାଇଁ ୧୭ ତାରିଖ ଧାର୍ଯ୍ୟ କରାଯାଇଛି। ପ୍ରତିଦିନ ପରୀକ୍ଷା ସରିବା ପରେ କେନ୍ଦ୍ର ଦାୟିତ୍ୱରେ ଥିବା ପରୀକ୍ଷକ ଛାତ୍ରୀଛାତ୍ରଙ୍କ ମାର୍କ ଅପ୍‌ଲୋଡ କରିବେ। ତେବେ ଆଡ୍‌ମିଟ୍ କାର୍ଡ ବ୍ୟତିତ ରାଜ୍ୟର ସମସ୍ତ ସ୍କୁଲ ପାଇଁ ଆଉ ଏକ ଲିଙ୍କ୍ ବୋର୍ଡ ପକ୍ଷରୁ ଦିଆଯାଇଛି। ଉକ୍ତ ଲିଙ୍କ୍‌ରେ ସମୁଦାୟ କେତେ ପିଲା ଫର୍ମ ପୂରଣ କରିଛନ୍ତି, ରେଗୁଲାର ଓ ଏକ୍ସ-ରେଗୁଲାର ପିଲା କେତେ ରହିଛନ୍ତି ତାହା ଉକ୍ତ ଲିଙ୍କ୍‌ରେ ଉପଲବ୍ଧ ରହିବ ଏବଂ ସେ କେଉଁ ସେଣ୍ଟର ସ୍ଥିର କରିଛନ୍ତି ତାହା ମଧ୍ୟ ଜାଣି ହେବ।

ପ୍ରତିଦିନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବେ। ୨୩ ତାରିଖରେ ଇଂଲିଶ, ୨୫ରେ ଗଣିତ, ୨୬ରେ ପ୍ରଥମ ଭାଷା, ୨୮ରେ ସାଧାରଣ ବିଜ୍ଞାନ, ୨୯ରେ ସାମାଜିକ ବିଜ୍ଞାନ ଏବଂ ୩୦ ତାରିଖରେ ତୃତୀୟ ଭାଷା ବିଷୟରେ ପରୀକ୍ଷା ହେବ। ଏହି ସମ୍ମିଳନୀରେ ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ଏବଂ ସମ୍ପାଦକ ସୁମିତା ସରକାର ଉପସ୍ଥିତ ଥିଲେ।

## ଶିକ୍ଷାରେ ଉତ୍କର୍ଷ ...

୭୦ଟି ସୂଚକାଙ୍କ ପାଇଁ ୧,୦୦୦ ପଏଣ୍ଟ ରଖାଯାଇଛି।

ଅନୁରୂପ ଭାବେ ଏନ୍‌ଆଇଆର୍‌ଏଫ୍‌ରେ ସାମଗ୍ରିକ ଭାବେ ଶ୍ରେଷ୍ଠ ୧୦୦ ତାଲିକାରେ ରାଜ୍ୟ ସରକାରଙ୍କ କୌଣସି ବି ଶିକ୍ଷାନୁଷ୍ଠାନ ସ୍ଥାନ ପାଇ ନ ଥିଲା। ଯଦିଓ ବିଶ୍ୱବିଦ୍ୟାଳୟ ବର୍ଗରେ ଶ୍ରେଷ୍ଠ ୧୦୦ରେ ରାଜ୍ୟ ସରକାରଙ୍କ ଶିକ୍ଷାନୁଷ୍ଠାନ ସ୍ଥାନ ପାଇଥିଲା, କିନ୍ତୁ ସାମଗ୍ରିକ ଭାବେ କୌଣସି ଶିକ୍ଷାନୁଷ୍ଠାନ ସ୍ଥାନ ନ ପାଇବା କେଉଁଠି ନା କେଉଁଠି ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷାର ଅଭାବ ଥିବା ସ୍ପଷ୍ଟ କରିଦେଉଛି। ଶ୍ରେଷ୍ଠ ୧୦୦ରେ ଓଡ଼ିଶାର କେବଳ ଘରୋଇ ଏବଂ କେନ୍ଦ୍ର ସରକାରଙ୍କ ୪ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଥିଲା। ସେଥିମଧ୍ୟରେ ସୋଆ ବିଶ୍ୱବିଦ୍ୟାଳୟ(୩୦ ର୍‍ୟାଙ୍କ), କିଟ୍(୩୪), ରାଉରକେଲା ଏନ୍‌ଆଇଟି(୩୯), ଭୁବନେଶ୍ୱର ଆଇଆଇଟି(୬୫) ରହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଏହି ର୍‍ୟାଙ୍କିଙ୍ଗରେ ୧୦୧-୧୫୦ ମଧ୍ୟରେ ରହିଥିଲା। କେବଳ ସେତିକି ନୁହେଁ, ମହାବିଦ୍ୟାଳୟ ବର୍ଗରେ ମଧ୍ୟ ଓଡ଼ିଶାକୁ ନିରାଶ ହେବାକୁ ପଡ଼ିଥିଲା।

## ପ୍ରଥମ ପୃଷ୍ଠାରୁ...

କାରଣ ଓଡ଼ିଶାର କୌଣସି ଗୋଟିଏ ବି ସରକାରୀ କିମ୍ବା ଘରୋଇ ମହାବିଦ୍ୟାଳୟ ଏନ୍‌ଆଇଆର୍‌ଏଫ୍‌ର ମହାବିଦ୍ୟାଳୟ ବର୍ଗରେ ସ୍ଥାନ ପାଇପାରି ନ ଥିଲା। ତେବେ ବିଶ୍ୱବିଦ୍ୟାଳୟ ବର୍ଗରେ ଏକମାତ୍ର ସରକାରୀ ଶିକ୍ଷାନୁଷ୍ଠାନ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ୮୮ ତମ ସ୍ଥାନରେ ରହିବା ଓଡ଼ିଶାକୁ ସାମାନ୍ୟ ଆଶ୍ୱସ୍ତି ଦେଇଥିଲା। ସୂଚନାଯୋଗ୍ୟ, ଦେଶରେ ଉଚ୍ଚଶିକ୍ଷାର ମାନ ବୃଦ୍ଧି ତଥା ଏକ ସୁସ୍ଥ ପ୍ରତିଯୋଗିତାମୂଳକ ବାତାବରଣ ସୃଷ୍ଟି ପାଇଁ ପ୍ରତିବର୍ଷ ଏନ୍‌ଆଇଆର୍‌ଏଫ୍ ଏଭଳି ତାଲିକା ପ୍ରକାଶ ପାଇଥାଏ। ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନ, ବିଶ୍ୱବିଦ୍ୟାଳୟଗୁଡ଼ିକୁ ୧୧ଟି ବର୍ଗରେ ର୍‍ୟାଙ୍କିଙ୍ଗ୍ କରାଯାଏ। ଶିକ୍ଷାନୁଷ୍ଠାନରେ ପାଠପଢ଼ା, ଭିତ୍ତିଭୂମି, ଗବେଷଣା, ଶିକ୍ଷାର ମାନ, ଶିକ୍ଷାର ବାତାବରଣ, ଛାତ୍ରୀଛାତ୍ରଙ୍କ ସଫଳତା ଭଳି ବିଭିନ୍ନ ମାନଦଣ୍ଡକୁ ନେଇ ର୍‍ୟାଙ୍କିଙ୍ଗ ପ୍ରସ୍ତୁତ କରାଯାଏ।

ଏ ସମ୍ପର୍କରେ ନାଇଜର ପ୍ରାଧ୍ୟାପକ ଅମରେନ୍ଦ୍ର ଦାସ କୁହନ୍ତି, ପିଜିଆଇରେ ପୂର୍ବାପେକ୍ଷା ଓଡ଼ିଶା ଉତ୍ସାହଜନକ ପ୍ରଦର୍ଶନ କରିଥିଲେ ମଧ୍ୟ ଏହାର ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିବା ପାଇଁ ଆହୁରି ସୁଯୋଗ ରହିଛି। ସେଥିପାଇଁ ଗୁଣାତ୍ମକ ଶିକ୍ଷାଦାନକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ଏହା ଖାଲି ପଡ଼ିଥିବା ପଦବୀ ପୂରଣ ସହ ପ୍ରଶିକ୍ଷିତ ଶିକ୍ଷକଙ୍କୁ ଠିକ୍ ଭାବେ ନିୟୋଜିତ କରାଯାଇପାରିଲେ ଓଡ଼ିଶା ଶ୍ରେଷ୍ଠ ସ୍ତରରେ ପହଞ୍ଚିବାରେ ସଫଳତା ପାଇପାରିବ। ଏ ନେଇ ଜଣେ ଅଭିଭାବକ ଶାନ୍ତିଲତା ପାତ୍ର କହିଛନ୍ତି, ସରକାରୀ ସ୍କୁଲରେ କୋଠାବାଡ଼ିର ବିକାଶ କରାଯାଉଛି। କିନ୍ତୁ ଠିକ୍ ଭାବେ ଶିକ୍ଷକ ନିଯୁକ୍ତ ନ ହେବା ଏବଂ ସ୍କୁଲରେ ଅନ୍ୟାନ୍ୟ ଭିତ୍ତିଭୂମିର ଅଭାବ ରାଜ୍ୟକୁ ଜାତୀୟସ୍ତରରେ ସଫଳତା ଆଣିବାରେ ବାଧକ ସାଜୁଛି।

## ଶ୍ରେଷ୍ଠ ୧୦ରେ ...

ମୂଲ୍ୟାୟନରେ ୨୩୦ରୁ ୨୨୧ ଏବଂ ବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ୩୬୦ରୁ ୩୧୪ ପଏଣ୍ଟ ପାଇଛି। ପିଜିଆଇ ଫ୍ରେମ୍‌ୱାର୍କରେ ଲଗାତର ଭାବେ ଓଡ଼ିଶାର ର୍‍ୟାଙ୍କ୍ ଉପରକୁ ଉଠୁଥିବାବେଳେ ମାତ୍ର ୪ବର୍ଷ ମଧ୍ୟରେ ଏହା ଲେଭଲ ୬ରୁ ୩କୁ ଉନ୍ନୀତ ହୋଇଛି। ସୂଚନାଯୋଗ୍ୟ, ୨୦୧୭-୧୮ ଓ ୨୦୧୮-୧୯ ଶିକ୍ଷାବର୍ଷରେ ଓଡ଼ିଶା ଲେବଲ ୬ରେ ଥିବାବେଳେ ୨୦୧୯-୨୦ରେ ଲେଭଲ ୪ ଏବଂ ୨୦୨୦-୨୧ରେ ଲେଭଲ ୩ରେ ରହିଛି ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଗୁଣାତ୍ମକ ଶିକ୍ଷା, ସୁଦୃଢ଼ ଭିତ୍ତିଭୂମି, ବିଦ୍ୟାଳୟ ପ୍ରବେଶ ସୁବିଧା, ଛାତ୍ରୀଛାତ୍ରଙ୍କ ମୂଲ୍ୟାୟନ ଓ ବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ବେଶ୍ ଆଗକୁ ବଢ଼ିବା ସହ ସ୍କୁଲ୍ ଶିକ୍ଷାର ରୂପାନ୍ତରୀକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ରାଜ୍ୟର ଶିକ୍ଷା ଭିତ୍ତିଭୂମିରେ ବ୍ୟାପକ ପରିବର୍ତ୍ତନ ହୋଇଛି। ରାଜ୍ୟର ପ୍ରଗତିଶୀଳ ନୀତି ସହ 'ମୋ ସ୍କୁଲ୍ ଅଭିଯାନ', ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ, କୋଭିଡ୍ ମହାମାରୀ ସମୟରେ ଅନ୍‌ଲାଇନ୍ ଶିକ୍ଷଣ କାର୍ଯ୍ୟକ୍ରମର ପ୍ରଣୟନ, ୫-'ଟି' ହାଇସ୍କୁଲ୍ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଅଧୀନରେ ହୋଇଥିବା ସ୍କୁଲ୍ ଭିତ୍ତିଭୂମିର ରୂପାନ୍ତରଣ ଏବଂ ଯୋଜନାର ଠିକ୍ କାର୍ଯ୍ୟକାରିତା ଦ୍ୱାରା ଓଡ଼ିଶା ଶିକ୍ଷାକ୍ଷେତ୍ରରେ ଅଭୂତପୂର୍ବ ସଫଳତା ହାସଲ କରିଛି। ଉନ୍ନତ ଭିତ୍ତିଭୂମି ସହ ଗୁଣାତ୍ମକ ଶିକ୍ଷାଦାନ ଯୋଗୁ ପୂର୍ବବର୍ଷ ଅପେକ୍ଷା ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନରେ ମଧ୍ୟ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି।

## ଚାଇନା ପଠାଇଛି ...

ଏକ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯିବାକୁ ଥିବାବେଳେ ଏହା ଉପରେ ଗୁପ୍ତଚରଗିରି କରିବା ପାଇଁ ଚାଇନା ନୌସେନା ଆଉ ଏକ ଜାହାଜ ପଠାଇଛି। ୟୁଆନ୍ ୱାଙ୍ଗ୍ ୬ଷ୍ଠ ଭାରତ ମହାସାଗରକୁ ପ୍ରବେଶ କରିସାରିଛି। ଏହା ଏବେ ବାଲି ଉପକୂଳରେ ଯାତ୍ରା କରୁଛି ବୋଲି ଜାହାଜଗୁଡ଼ିକର ଗତିବିଧିକୁ ଅନ୍‌ଲାଇନ୍‌ରେ ଟ୍ରାକ୍ କରୁଥିବା ମାରିଟାଇମ୍ ଟ୍ରାଫିକ୍ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ, ଭାରତ ହ୍ୱିଲର ଦ୍ୱୀପରେ ସମନ୍ୱିତ କ୍ଷେପଣାସ୍ତ୍ରଗୁଡ଼ିକୁ ପରୀକ୍ଷା କରିଥାଏ। ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ଚାଇନା ହାତକୁ ଗଲେ ଭାରତର ଜାତୀୟ ସୁରକ୍ଷା ବିପନ୍ନ ହେବା ଆଶଙ୍କା କରାଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ କୌଣସି ବିଜାତୀୟ ବ୍ୟକ୍ତି ସମସ୍ୟା ସୃଷ୍ଟି କରିପାରନ୍ତି। ବିବାଦୀୟ ପରିସ୍ଥିତିରେ ଜଣେ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିବେ। କଳା, ସାହିତ୍ୟଚର୍ଚ୍ଚା, ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରନ୍ତି। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ।

**ବୃଷ** – ବିଭିନ୍ନ ସମସ୍ୟାଗ୍ରସ୍ତ କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ଲାଗିବ ନାହିଁ। ନିଜ ପରିସରରେ ଅଥବା ସାମାଜିକ ସ୍ତରରେ ସଭା ସମିତିରେ ପ୍ରଶଂସିତ ହେବେ। ବନ୍ଧୁଗହଣରେ ମନର ଦୁଃଖକୁ ଲୁଚାଇ ହସି ହସି କଥା କହିବାର ଅଭିନୟ କରିବାକୁ ପଡ଼ିପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ।

**ମିଥୁନ** – ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ସଫଳତା ପାଇବାରେ କୌଣସି ଅସୁବିଧା ରହିବନାହିଁ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଧାର୍ମିକ ସଂଗଠନ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। କୌଣସି ସାଧାରଣ ଘଟଣାକୁ କେନ୍ଦ୍ରକରି ମନ ଅଶାନ୍ତ ରହିବ।

**କର୍କଟ** – ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମ ଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ତଥାପି ଯେତେ ଭଲ କାମ କଲେ ମଧ୍ୟ ପାରିବାରିକ କ୍ଷେତ୍ରରୁ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ବିତର୍କଜନିତ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି।

**ସିଂହ** – ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପରିସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି ସେପରି କିଛି ହେବନି। ବନ୍ଧୁମାନଙ୍କ ପ୍ରେରଣାରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ପୂର୍ବାଫାଲଗୁନୀ ମାନସିକ ଅଶାନ୍ତି ଥିବା ହେତୁ କୌଣସି କାମକୁ ଠିକ୍ ଭାବେ କରିପାରିବେ ନାହିଁ।

**କନ୍ୟା** – ନିଜ ବାସସ୍ଥାନ ନିକଟବର୍ତ୍ତୀ ସ୍ଥାନରେ ଆକସ୍ମିକ ବନ୍ଧୁମିଳନ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ଫେରନ୍ତା ସମୟରେ ଠିକଣା ଜାଗାରେ ପ୍ରିୟ ଲୋକଟିକୁ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଆର୍ଥିକ ଅନଟନକୁ ସୁଧାରିବା ସକାଶେ ବିଭିନ୍ନ ଯୋଜନା କରିପାରନ୍ତି।

**ତୁଳା** – ବହୁ ପୂର୍ବରୁ ସ୍ଥିରୀକୃତ ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପରିସ୍ଥିତିକୁ ଲକ୍ଷ୍ୟକରି ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ପାରିବାରିକ ସମସ୍ୟାକୁ ମନ ଭିତରେ ରଖି କାମ କରିବାକୁ ବାଧ୍ୟ ହେବେ।

**ବିଛା** – ଆକସ୍ମିକ ବିବାଦୀୟ ପରିବେଶରେ ବନ୍ଧୁମାନଙ୍କ ସାହାଯ୍ୟରୁ ସହସା ମୁକ୍ତି ମିଳିବ। ନୀଚ ମନୋଭାବ ସମ୍ପନ୍ନ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ପ୍ରିୟଜନମାନଙ୍କ ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ପଡ଼ୋଶୀଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ** – ପାରିବାରିକ ଜଞ୍ଜାଳ ବୃଦ୍ଧି ଆପଣଙ୍କୁ ଅଣନିଃଶ୍ୱାସୀ କରାଇପାରେ। ଆଲୋଚନା କାଳରେ ନ୍ୟାୟୋଚିତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଆଜିର ଦୂରଯାତ୍ରା ସଫଳ ହେବ।

**ମକର** – ଦୀର୍ଘଦିନ ଉପରାନ୍ତେ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ଅଫିସ କାମରେ ଛୋଟ ଘଟଣା ପ୍ରତି ଗୁରୁତ୍ୱଦେଲେ ସମସ୍ୟା ବଢ଼ିଯାଇପାରେ। ଭୁଲ୍ ବୁଝାମଣାରୁ ଦାମ୍ପତ୍ୟ ଜୀବନରେ କଳହ ସୃଷ୍ଟି ହେବାର ସମ୍ଭାବନା ରହିଛି। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ନିର୍ମାଣ କାମରେ ପ୍ରତିବନ୍ଧକକୁ ଦୂରେଇବାରେ ସମର୍ଥ ହେବେ।

**କୁମ୍ଭ** – କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ବିବାଦୀୟ ସ୍ଥିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଦୀର୍ଘପଥ ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ** – ଦୈହିକ ଦୁର୍ବଳତା ଯୋଗୁ କୌଣସି କାମରେ ମନ ଲାଗିବନାହିଁ। କର୍ମକ୍ଷେତ୍ରରେ ଟେନସନ୍ କମିଯିବ ଓ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ବହୁତ ଦିନଧରି ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ପାଇପାରନ୍ତି। ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

ଆଜି କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ, ଶନିବାର, ନଭେମ୍ବର ୫ ତାରିଖ, ଶ୍ରୀମନ୍ଦିରରେ ବାଙ୍କଚୂଡ଼ା ବେଶ, ଗରୁଡ ଉତ୍ଥାପନୀ, ତୁଳସୀବିବାହ, ରାଶି ନକ୍ଷତ୍ର-ଉତ୍ତର ଭାଦ୍ରବ/ମୀନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଘ.୦୭।୨୩ ଗତେ ଘ.୦୮।୪୧ ମଧ୍ୟେ, ଘ.୧୧।୫୨ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ ୦୮।୪୧ ଗତେ ଘ.୧୦।୦୫ ମଧ୍ୟେ ରାହୁ କାଳ।


# classifieds

**Everyday**
0674-2580101, 2549302




**SALE**

Duplex sale at Bhubaneswar @45 lakhs only- 9777433701, 9439206202. D-74144

New 3Bedroom flat at Ghatikia AG Colony, Bhubaneswar for sale. 8480204021. D-1926

ଭୁବନେଶ୍ୱର ଗ୍ୟାରେଜ ଛକରେ 30 ରୋଡ୍ ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-1883

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General- 350/-. 9439660381. D-74146

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-1866

Luxurious 4BHK Duplex near Balianta Bazar. Land-1400, Construction- 2200- 85 Lakh. 9938219397, 9861022055. D-1885

2/3 BHK residential flats available for sale within gated community and facilities like children's play area, Community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685. D-1805

ଭୁବନେଶ୍ୱର ଜଟଣୀଗେଟ୍‌ଠାରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ (sqft.-370/699)ରେ ମିଳୁଛି। 6371486390, 8114994259. D-1916

6BHK Triplex 56,00,000/- finishing Hanspal, 3BHK Duplex core house Balianta. 8093465134. D-1925

BDA yellowzone plot for immediate sale, AMRI Hospital, Khandagiri. 9348767829. D-74147

Gharabari plot sale. Jhintisasan, Balakati, 8700 sqft., road side. 6372755567. D-1912

BDA approved Duplex project at Retang Medical, Station, Near CV Raman University, Tamando, Bhubaneswar @44,00,000/-,. 7008459987. D-74143

Ready to move studio flat for sale at Narendra Kona, Puri, Occupancy Certificate Obtained. Contact: 9861929740. D-73888

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200 mtr. ଦୂରତାରେ BDA yellow zone ପ୍ଲଟ୍ Boundary ସହ ମିଳୁଛି। 7848882166. D-74142




Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469. D-74140




A Clinical establishment with 5Bed, Minor and Major OT on rent near Care Hospital, Bhubaneswar. 9937000624, 9438080874. D-73987




Newly open health benefits SPA Diwali Offer @999/- Jaidevbihar, 9439676695. D-73656

Newly open Asribada Panchakarma herbal SPA Kesarimall, Bhubaneswar. Contact 8926173473. D-73994

Relax, Refresh your body, Mind at Saikrupa Spa with best therapies. 8984068077. D-1863




ଘରେ ବାସ୍ତୁଦୋଷ ଯୋଗୁ ଅଶାନ୍ତି, ଧନହାନି ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହୁଛି କି? 7978736177. D-74302

**AFFIDAVIT**

I Punyaprava Behera, W/o Rudra Narayan Rath change my surname Behera to Rath vide affidavit No.- 14 dt 03.11.2022 before Executive Magistrate, Jatni may be used in all purpose henceforth. D-73520

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ



**ପୁରୀ ଅଫିସ, ୪।୧୧**

ପଞ୍ଚକର ପ୍ରଥମ ଦିନ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ବା ଠିଆକିଆ ବେଶ ଅନୁଷ୍ଠିତ ହୋଇଛି। ଶ୍ରୀବିଗ୍ରହମାନେ ବେଶରେ ଥାଇ ଗୋପାଳବଲ୍ଲଭ, ସକାଳଧୂପ, ବାଲଧୂପ, ଭୋଗମଣ୍ଡପ ଇତ୍ୟାଦି ନୀତି ହୋଇଥିଲା। ସ୍ୱର୍ଣ୍ଣ ଅଳଙ୍କାର, ପୁଷ୍ପମାଲ୍ୟ, ପାଟବସ୍ତ୍ର ଇତ୍ୟାଦିରେ ପୁଷ୍ପାଳକ ସେବକମାନେ ତିନି ଠାକୁରଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ସଜ୍ଜିତ କରିଥିଲେ। ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୁଜ ଓ ଶଙ୍ଖ, ଚକ୍ର, ହଳ, ମୁଷଳ ଓ ଆଡ଼କାନି, ଶ୍ରୀପୟର, ସୂର୍ଯ୍ୟଚନ୍ଦ୍ର, ଚନ୍ଦ୍ରିକା, ତଡ଼କୀ, ଓଡ଼ିଆଣୀ ପରି ୩୦ରୁ ଅଧିକ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ଏହାବ୍ୟତୀତ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭାପାଇଥିଲା। କିରୀଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଖଞ୍ଜାଯାଇଥିଲା। ଏଥିଯୋଗୁ ଏହାକୁ ଠିଆକିଆ ବେଶ ବୋଲି ମଧ୍ୟ କୁହାଯାଏ। ଗତ ଦୁଇବର୍ଷ ଧରି କୋଭିଡ୍ କଟକଣା ଯୋଗୁ ଭକ୍ତମାନେ ମହାପ୍ରଭୁଙ୍କର ଏହି ଦୁର୍ଲଭ ବେଶ ଦର୍ଶନରୁ ବଞ୍ଚିତ ହୋଇଥିଲେ। ତେବେ ଚଳିତବର୍ଷ କଟକଣା ନ ଥିବାରୁ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ କରିବାକୁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ପଞ୍ଚକର ଦ୍ୱିତୀୟ ଦିନରେ ଶନିବାର ମହାପ୍ରଭୁଙ୍କର ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହେବ।

# ନୀତି ବିଳମ୍ବ, ଭକ୍ତ ହଇରାଣ



ପଞ୍ଚକର ପ୍ରଥମ ଦିନରେ ଶୁକ୍ରବାର ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ ପାଇଁ ପୁରୀ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ପୁରୀ ଅଫିସ, ୪।୧୧**

 କାର୍ତ୍ତିକ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଶୁକ୍ରବାରଠାରୁ ପବିତ୍ର ପଞ୍ଚକ ଆରମ୍ଭ ହୋଇଛି। ପଞ୍ଚକର ପ୍ରଥମ ଦିନରେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ପ୍ରବଳ ଗହଳି ଦେଖିବାକୁ ମିଳିଛି। ତେବେ ନୀତିକାନ୍ତିରେ ବିଳମ୍ବ ଘଟିବାରୁ ଦର୍ଶନ ନେଇ ଭକ୍ତଙ୍କୁ ହଇରାଣ ହେବାକୁ ପଡ଼ିଛି। ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ମରିଚିକୋଟ ଛକ ପର୍ଯ୍ୟନ୍ତ ବ୍ୟାରିକେଡ୍ ମଧ୍ୟରେ ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ଠିଆ ହୋଇଥିବାବେଳେ ପାନୀୟଜଳ ପାଇଁ ଅନେକେ ତହଳବିକଳ ହେବା ସହ ପ୍ରବଳ ଭିଡ଼ ଯୋଗୁ ଅଣନିଃଶ୍ୱାସୀ ଅନୁଭବ କରିଥିଲେ। ଏଥିଯୋଗୁ ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ନୀତି ନିର୍ଘଣ୍ଟ ଅନୁଯାୟୀ, ଗୁରୁବାର ରାତି ୩ଟାରୁ ଦ୍ୱାରଫିଟା ହେବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ତେବେ ଶୁକ୍ରବାର ଭୋର ୫ଟା ୨୫ରେ ଦ୍ୱାରଫିଟା ନୀତି ହୋଇଥିଲା। ମଙ୍ଗଳ ଆଳତି ୪ଟାରେ ହେବାର ଥିଲେ ମଧ୍ୟ ୬ଟା ୫ ମିନିଟ୍‌ରେ ହୋଇଥିଲା। ସେହିପରି ଲକ୍ଷ୍ମୀନାରାୟଣ ବେଶ ଭୋର ୫ଟା ୧୦ରୁ ଆରମ୍ଭ ହୋଇ ସକାଳ ୮ଟାରେ ସରିବାକୁ ଥିବାବେଳେ ତାହା ୧୦ଟା ୩୦ରେ ସମ୍ପନ୍ନ କରାଯାଇଥିଲା। ୧ଟା ୫୦ରେ ଭୋଗମଣ୍ଡପ ଉଠିଥିଲା। ଅପରାହ୍ନ ୨ଟା ୩୦ରେ ବାଲଧୂପ ହୋଇଥିଲା। ନୀତିକାନ୍ତିରେ ୨ଘଣ୍ଟା ବିଳମ୍ବ ଯୋଗୁ ଭୋଗ ବିଳମ୍ବରେ ଉଠିଥିଲା। ଫଳରେ ଭକ୍ତ ମହାପ୍ରସାଦ ପାଇବାରେ ବିଳମ୍ବ ଘଟିଥିଲା। ସେହିପରି

### ■ ପଞ୍ଚକର ପ୍ରଥମ ଦିନରେ ପ୍ରବଳ ଗହଳି
### ■ ଘଣ୍ଟା ଘଣ୍ଟା ଧରି ବ୍ୟାରିକେଡ୍‌ରେ ଠିଆହେଲେ

ଦାରୁଦିଅଙ୍କ ଦର୍ଶନ ଲାଗି ଭକ୍ତମାନଙ୍କୁ ବ୍ୟାରିକେଡ୍ ମଧ୍ୟରେ ଦୀର୍ଘ ସମୟ ଧରି ଠିଆ ହୋଇ ରହିବାକୁ ପଡ଼ିଥିଲା। ପ୍ରବଳ ଭିଡ଼ରେ ଅନେକେ ଅଣନିଃଶ୍ୱାସୀ ଅନୁଭବ କରିଥିଲେ। ଏପରିକି ଅନେକ ଭକ୍ତଙ୍କୁ ପିଇବା ପାଣି ପାଇଁ ହଇରାଣ ହେବାକୁ ପଡ଼ିଥିଲା। ପଞ୍ଚକ ୫ଦିନରେ ମହାପ୍ରଭୁ ପ୍ରତିଦିନ ବିଭିନ୍ନ ବେଶରେ ଦର୍ଶନ ଦେବେ। ଶୁକ୍ରବାର ପଞ୍ଚକର ପ୍ରଥମ ଦିନରେ ମହାପ୍ରଭୁଙ୍କର ଲକ୍ଷ୍ମୀନାରାୟଣ ବେଶ ହୋଇଥିଲା। ଏହି ଦୁର୍ଲଭ ବେଶ ଦର୍ଶନ ଲାଗି ବଡ଼ଦାଣ୍ଡରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୫୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏଥିଲାଗି ସେମାନେ ପ୍ରଶାସନର ଦୂରଦୃଷ୍ଟି ଅଭାବକୁ ଦାୟୀ କରିଥିଲେ। ସେହିପରି ଟ୍ରାଫିକ ସମସ୍ୟା ଉପୁଜିବାରୁ ଲୋକେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସିଂହଦ୍ୱାର ଥାନା କର୍ମଚାରୀ ଶ୍ରଦ୍ଧାଳୁଙ୍କୁ ପିଇବା ପାଣି ବଣ୍ଟନ କରିବା ସହ ଟ୍ରାଫିକ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ପଞ୍ଚକ ପୂର୍ବରୁ ଭକ୍ତମାନେ ସିଂହଦ୍ୱାର ଏବଂ ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରୁଥିଲେ। ମାତ୍ର ପ୍ରଶାସନ ପକ୍ଷରୁ ଗତ ୪ରୁ ୮ତାରିଖ ପର୍ଯ୍ୟନ୍ତ ଭକ୍ତଙ୍କୁ ପଶ୍ଚିମ ଦ୍ୱାରଦେଇ ପ୍ରବେଶ ଉପରେ କଟକଣା ଲାଗୁ କରାଯାଇଛି। ଭକ୍ତମାନେ ଗୋଟିଏ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରୁଛନ୍ତି। ତେଣୁ ଏଭଳି ଭିଡ଼ ପରିସ୍ଥିତି ଉପୁଜୁଛି ବୋଲି କେତେଜଣ ଭକ୍ତ କ୍ଷୋଭର ସହ କହିଛନ୍ତି। ଆଗକୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏଭଳି ଗହଳି ହେବ। ତେଣୁ ଏବେଠାରୁ ବ୍ୟବସ୍ଥା ଠିକ୍ ଭାବେ ନିୟନ୍ତ୍ରଣ କରିବା ଦରକାର। ଅନ୍ୟପକ୍ଷରେ ଏ ନେଇ ଏସ୍‌ପି କନଓ୍ୱର ବିଶାଳ ସିଂ କହିଛନ୍ତି, ଭକ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତଙ୍କୁ ପର୍ଯ୍ୟାୟ କ୍ରମେ ମନ୍ଦିରକୁ ଛଡ଼ାଯାଉଛି। ସେମାନଙ୍କ ସୁବିଧା ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି।

## ଶିଶୁକନ୍ୟାଙ୍କୁ ଅପହରଣ ଉଦ୍ୟମ, ମା'ଙ୍କୁ ଗୁଳିମାଡ଼



ଆହତ ମହିଳା

### ମୋବାଇଲ ନେଇଗଲେ ଦୁର୍ବୃତ୍ତ

**ବାସୁଦେବପୁର,୪।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର –ଇଚ୍ଛାପୁର ରାସ୍ତାର ଚଉରା ଛକଠାରେ ଶୁକ୍ରବାର ସନ୍ଧ୍ୟାରେ ଦୁର୍ବୃତ୍ତମାନେ ଜଣେ ଶିଶୁକନ୍ୟାଙ୍କୁ ଅପହରଣ ଉଦ୍ୟମ ସହ ତାଙ୍କ ମା'ଙ୍କୁ ଗୁଳିମାଡ଼ କରିଛନ୍ତି। ମହିଳାଙ୍କ ଡାହାଣ ହାତରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମହିଳା ଜଣଙ୍କ ହେଲେ ଅଲବଗା ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ।

ସୂଚନା ଅନୁଯାୟୀ, ଜ୍ୟୋତ୍ସ୍ନା ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ବେଳେ ସ୍ଥାନୀୟ ଗଗନବାବୁ ଛକକୁ କିଛି ସାମଗ୍ରୀ କିଣିବାକୁ ତାଙ୍କ ୪ ବର୍ଷର ଝିଅ ସହ ଯାଇଥିଲେ। ସେଠାରୁ ଫେରିବା ବାଟରେ ଚଉରା ଛକଠାରେ ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ ଝିଅଙ୍କୁ ଅପହରଣ ଓ ମୋବାଇଲ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ସେ ପ୍ରତିବାଦ କରିବାରୁ ସେମାନେ ତାଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ଜ୍ୟୋତ୍ସ୍ନାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ଆସିଯିବାରୁ ସେମାନେ ତାଙ୍କ ମୋବାଇଲ ଛଡ଼ାଇ ନେଇ ସେଠାରୁ ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ଆହତ ଜ୍ୟୋତ୍ସ୍ନାଙ୍କୁ ଡାକ୍ତରଖାନାକୁ ନେଇଥିଲେ। ଖବରପାଇ ବାସୁଦେବପୁର ଥାନାଧିକାରୀ ସାବିତ୍ରୀ ପଣ୍ଡା ଡାକ୍ତରଖାନାରେ ପହଞ୍ଚି ଜ୍ୟୋତ୍ସ୍ନାଙ୍କୁ ପଚରାଉଚରା କରି ତଦନ୍ତ ଜାରି ରଖିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଜ୍ୟୋତ୍ସ୍ନାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ।







**BERHAMPUR UNIVERSITY**
**DIRECTORATE OF SELF-FINANCING COURSES**

No.: 9311/DSFC/BU/2022 Date: 04.11.2022

**SPOT ADMISSION**
**NOTIFICATION FOR ADMISSION INTO VACANT SEATS OF M.A. IN WOMEN'S STUDIES: 2022-24**

Applications are invited from **CPET-2022 qualified candidates in Social Science Subjects** for admission into vacant seats of **M.A. in Women's** Studies (Regular Two year course on Self-Finance Mode) under P.G. Department of Women's Studies, Berhampur University for the Session **2022-2024**. For fee and other details, the candidates are requied to go through the Prospectus in Women's Studies available in the Berhampur University website **(www.buodisha.edu.in)**.

| | |
|---|---|
| Last date for submission of Application Form available in the Berhampur University Website **(www.buodisha.edu.in)** | 18.11.2022 |
| Sending Intimation Letters to selected candidates | 19.11.2022 |
| Date for taking Admission into the Course | 21.11.2022 and 22.11.2022 |

**Sd./- (Prof. P.K. Swain)**
**Director, Self-Financing Courses**


## ଅଜଣା ଜନ୍ତୁ ଆକ୍ରମଣରେ ୬୩ ଛେଳି ମୃତ, ୨୮ ଗୁରୁତର

**ପାରଳାଖେମୁଣ୍ଡି,୪।୧୧(ଡି.ଏନ୍.ଏ.)**

ଗଜପତି ଜିଲା କାଶୀନଗର ବ୍ଲକର କିଡିଙ୍ଗା ଗ୍ରାମରେ ଅଜଣା ଜନ୍ତୁ ଆକ୍ରମଣରେ ୬୩ ଛେଳିର ମୃତ୍ୟୁ ଘଟିଛି। ୨୮ ଛେଳି ଗୁରୁତର ହୋଇଛନ୍ତି। କିଡିଙ୍ଗାର ବି. ରାମୁ ଓ ବି. କ୍ରିଷ୍ଣା ଗୁରୁବାର ରାତିରେ ୧୦୦ରୁ ଊର୍ଦ୍ଧ୍ୱ ଛେଳି ଗୁହାଳରେ ବାନ୍ଧିଥିଲେ। ଶୁକ୍ରବାର ସକାଳୁ ୬୩ ଛେଳିର ମୃତ୍ୟୁ ଘଟିଥିବା ବେଳେ ୨୮ଗୁରୁତର ଥିବା ଦେଖିଥିଲେ। ଖବର ପାଇ ଗଜପତି ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଜିଲା ପ୍ରଶାସନକୁ ଏହି ସମ୍ପର୍କରେ ସୂଚନା ଦେଇଥିଲେ। ଏହିପରି ଘଟଣା ଆଉ ନ ଘଟିବା ପାଇଁ ଅଧ୍ୟକ୍ଷ କାଶୀନଗର ଥାନା ଅଧିକାରୀ ଓ ଜଙ୍ଗଲ ବିଭାଗର ଅଧିକାରୀକୁ ସଜାଗ ରହିବା ପାଇଁ ଜଣାଇଥିଲେ। ସ୍ଥାନୀୟ ଗ୍ରାମବାସୀ ଏବଂ ଛେଳି ମାଲିକ ରାମୁ ଓ କ୍ରିଷ୍ଣା ପ୍ରଶାସନ ତରଫରୁ କ୍ଷତି ପୂରଣ ଦେବାକୁ ଦାବି ଜଣାଇଛନ୍ତି। କାଶୀନଗର ପ୍ରାଣୀ ଚିକିତ୍ସକ ଡା. ବାଣୀ କାନ୍ତ ଖଟୁଆ ଓ ଅନ୍ୟ କର୍ମଚାରୀମାନେ ଗୁରୁତର ଛେଳିମାନଙ୍କ ଚିକିତ୍ସା କରିଥିଲେ। ଏପରି ଘଟଣା ଦେଖି ଗ୍ରାମବାସୀ ଭୟଭୀତ ଥିବା ଜଣାପଡ଼ିଛି।


**ପେନ୍‌ସନ ଅଦାଲତ-୨୦୨୨ (ଭର୍ଚୁଆଲ)**
**(ଦ.ପୂ. ରେଳପଥ ପେନ୍‌ସନଭୋଗୀ/ପାରିବାରିକ ପେନ୍‌ସନଭୋଗୀଙ୍କ ପାଇଁ)**

ଦକ୍ଷିଣ ପୂର୍ବ ରେଳପଥ ପେନ୍‌ସନଭୋଗୀ/ପାରିବାରିକ ପେନ୍‌ସନଭୋଗୀ, ଯେଉଁମାନଙ୍କର (୧) ପେନ୍‌ସନ/ପାରିବାରିକ ପେନ୍‌ସନ ପ୍ରାପ୍ତ ନ ହେବା, (୨) କମ୍ ପେନ୍‌ସନ/ପାରିବାରିକ ପେନ୍‌ସନ ପ୍ରାପ୍ତ ହେବା, (୩) ପେନ୍‌ସନ/ପାରିବାରିକ ପେନ୍‌ସନର ସଂଶୋଧନ, (୪) ଗ୍ରେଡେଡ୍ ରିଲିଫ୍ ଏବଂ ଅନ୍ୟାନ୍ୟ ପେନ୍‌ସନ ସମ୍ବନ୍ଧୀୟ ଲାଭ ପ୍ରାପ୍ତ ନ ହେବା ଏବଂ (୫) ବିତରକ ଏଜେନ୍ସି ଦ୍ୱାରା ପେନ୍‌ସନକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରା ନ ଯିବା ସଂକ୍ରାନ୍ତୀୟ ଅଭିଯୋଗ ଅଛି, ସେମାନେ ପେନ୍‌ସନ ଅଦାଲତରେ ନିଜର ଅଭିଯୋଗର ସମାଧାନ ପାଇଁ ୨୪।୧୧।୨୦୨୨ ସୁଦ୍ଧା ନିମ୍ନଲିଖିତ ଫର୍ମାଟ୍‌ରେ **କେବଳ ହ୍ୱାଟ୍‌ସଆପ୍/ଇମେଲ୍** ମାଧ୍ୟମରେ ତାହା ଦାଖଲ କରିପାରିବେ, ଯାହାର ଶୁଣାଣି **ଗୁରୁବାର, ୧୫ ଡିସେମ୍ବର ୨୦୨୨, ୧୨.୦୦ ଘଟିକାରେ** ଭର୍ଚୁଆଲ୍ ଭାବେ ଅନୁଷ୍ଠିତ ହେବାକୁ ଥିବା ପେନସନ୍ ଅଦାଲତରେ ମୁଖ୍ୟ କାର୍ଯ୍ୟାଳୟ/ଗାର୍ଡେନ୍ ରିଚ୍ ତଥା ସମସ୍ତ ଡିଭିଜନାଲ କାର୍ଯ୍ୟାଳୟ/ଷ୍ଟୋର୍‌ସ-ଖଡ଼ଗପୁର ତଥା ଖଡ଼ଗପୁର ୱାର୍କଶପଠାରେ ଆୟୋଜିତ ହେବ।

**ଦରଖାସ୍ତର ନମୁନା**

୧. ଆବେଦନକାରୀଙ୍କ ନାମ (ପେନ୍‌ସନଭୋଗୀ/ପାରିବାରିକ ପେନ୍‌ସନଭୋଗୀ): ............ ୨. ପୂର୍ବତନ କର୍ମଚାରୀଙ୍କ ନାମ: ........... ୩. ପଦବୀ/ବିଭାଗ/ଷ୍ଟେଶନ (ଅବସରଗ୍ରହଣ ସମୟରେ): ............ ୪. ପି.ପି.ଓ. ନଂ.: ........... ୫. ଅବସର ଗ୍ରହଣର ତାରିଖ: .................... ୬. ଶେଷ ମୌଳିକ ଦରମା ଏବଂ ଦରମା ସ୍କେଲ୍/ପେ' ବ୍ୟାଣ୍ଡ ଓ ଅବସର ଗ୍ରହଣ ସମୟରେ ଗ୍ରେଡ୍ ପେ': .......... ୭. ବର୍ତ୍ତମାନର ପେନ୍‌ସନ/ପାରିବାରିକ ପେନ୍‌ସନ: .............. ୮. ଟେଲିଫୋନ୍/ମୋବାଇଲ ନଂ. ............. ସହିତ ଯୋଗାଯୋଗର ପୂର୍ଣ୍ଣ ଠିକଣା.............. ଓ ଇମେଲ୍ ଆଇଡି (ଯଦି ଥାଏ) :.......... ୯. ଅଭିଯୋଗର ପ୍ରକୃତି (ପୂର୍ଣ୍ଣ ବିବରଣୀ ଦିଆଯିବ): ............... ୧୦. ଅଭିଯୋଗକୁ ପୂର୍ବବର୍ତ୍ତୀ କୌଣସି ପେନ୍‌ସନ ଅଦାଲତରେ ଉପସ୍ଥାପିତ କରାଯାଇଛି କି, ଯଦି ହଁ, ବିବରଣୀ ଦିଅନ୍ତୁ।

*ଆବେଦନକାରୀଙ୍କ ଦସ୍ତଖତ*

**ପୂର୍ବତନ କର୍ମଚାରୀ ଯେଉଁଠାରୁ ଅବସର ଗ୍ରହଣ କରିଛନ୍ତି କେବଳ ସେହି ସମ୍ପୃକ୍ତ ୟୁନିଟ୍‌କୁ ଇମେଲ୍/ହ୍ୱାଟ୍‌ସଆପ୍ ଜରିଆରେ ଦରଖାସ୍ତ ପଠାଯିବ:**

| କ୍ର. | ୟୁନିଟ୍/ ଡିଭିଜନ | ଇମେଲ୍ ଆଇଡି | ହ୍ୱାଟ୍‌ସଆପ୍ ନଂ. |
|---|---|---|---|
| ୧. | ଆଦ୍ରା | srdpoadra@gmail.com | 9002083601<br>9002083622 |
| ୨. | ଖଡ଼ଗପୁର | kgpsrdpo@gmail.com | 9002081601<br>8918713591 |
| ୩. | ମୁଖ୍ୟାଳୟ | Settlement.hq@gmail.com | 9002080631<br>9477129132 |
| ୪. | ଚକ୍ରଧରପୁର | Srdpockp.ser@gmail.com | 9771482601<br>9771482616 |
| ୫. | ଖଡ଼ଗପୁର/ ୱାର୍କଶପ୍ | wpokgp@gmail.com | 9002081622<br>9002081623 |
| ୬. | ରାଞ୍ଚି | srdporanchi@gmail.com | 8969774618<br>9471500012 |

ଅନୁକମ୍ପାମୂଳକ ଭିତ୍ତିରେ ନିଯୁକ୍ତି ଏବଂ କ୍ୱାର୍ଟରକୁ ଧାରଣ କରି ରଖିବା/ଜରିମାନାମୂଳକ/କ୍ଷତିମୂଳକ ଭଡ଼ାର ଅସୁଲି ଇତ୍ୟାଦି ଅଭିଯୋଗ/ସମସ୍ୟା ଏବଂ ପ୍ରଚଳିତ ନୀତି/ନିୟମାବଳୀରେ ପରିବର୍ତ୍ତନ ପେନ୍‌ସନ ଅଦାଲତର କ୍ଷେତ୍ରାଧିକାର ମଧ୍ୟରେ ଆସେନାହିଁ, ତେଣୁ ଏଗୁଡ଼ିକୁ ପ୍ରଶ୍ରୟ ଦିଆଯିବ ନାହିଁ।

ଦକ୍ଷିଣ ପୂର୍ବ ରେଳପଥ ପେନ୍‌ସନ ଅଦାଲତ ସଂକ୍ରାନ୍ତୀୟ ଅଧିସୂଚନା ଏବଂ ଦରଖାସ୍ତର ନମୁନା **www.ser.indianrailways.gov.in**ର କାର୍ମିକ ବିଭାଗ ପୃଷ୍ଠାରୁ ମଧ୍ୟ ଡାଉନ୍‌ଲୋଡ୍ କରାଯାଇପାରିବ।

**ପ୍ରଧାନ ମୁଖ୍ୟ କାର୍ମିକ ଅଧିକାରୀ**

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ
(PR-753)



**FORM A**
**PUBLIC ANNOUNCEMENT**

(Under Regulation 6 of the Insolvency and Bankruptcy Board of India (Insolvency Resolution Process for Corporate Persons) Regulations, 2016)

**FOR THE ATTENTION OF THE CREDITORS OF MAA MANASHA DEVI ALLOYS PRIVATE LTD**

| RELEVANT PARTICULARS | | |
|---|---|---|
| 1. | Name of the Corporate Debtor | MAA MANASHA DEVI ALLOYS PRIVATE LTD. |
| 2. | Date of incorporation of corporate debtor | 23/09/2005. |
| 3. | Authority under which corporate debtor is incorporated / registered | ROC, Cuttack |
| 4. | Corporate Identity No. / Limited Liability Identification No. of corporate debtor | U27101OR2005PTC8365. |
| 5. | Address of the registered office and principal office (if any) of corporate debtor | PLOT NO-783(D), Bhubaneswar-751015 (Odisha) |
| 6. | Insolvency commencement date in respect of corporate debtor | 31-10-2022. |
| 7. | Estimated date of closure of insolvency resolution process | 26.04.2023. |
| 8. | Name and registration number of the insolvency professional acting as interim resolution professional | CMA (Dr) Suresh Chandra Mohanty, IBBI/IPA-003/IP-N00335-CO1/2019-2020/12804 |
| 9. | Address and e-mail of the interim resolution professional, as registered with the Board | Plot No-370/1861/2157, Shakti Bhavan Vision Care Eye Hospital, At- PATIA, Po- KIIT, Bhubaneswar-751024 TEL (0674)- 2745605, CELL : 09437205605 **Email : mohantysc@gmail.com** |
| 10. | Address and e-mail to be used for correspondence with the interim resolution professional | Plot No-370/1861/2157, Shakti Bhavan Vision Care Eye Hospital, At- PATIA, Po- KIIT, Bhubaneswar-751024 TEL (0674)- 2745605, CELL : 09437205605 **Email : mohantysc@gmail.com** |
| 11. | Last date for submission of claims | 14-11-2022. |
| 12. | Classes of creditors, if any, under clause (b) of sub-section (6A) of section 21, ascertained by the interim resolution professional | Operational Creditors. |
| 13. | Names of Insolvency Professionals identified to act as Authorized Representative of creditors in a class (Three names for each class) | N .A |
| 14. | (a) Relevant Forms and (b) Details of authorized representatives are available at: | Web link:www.ibbi.gov.in/downloadform.html..... Physical Address: As stated at SL No 10. |

Notice is hereby given that the National Company Law Tribunal has ordered the commencement of a corporate insolvency resolution process of the **MAA MANASHA DEVI ALLOYS PRIVATE LTD** on 31-10-2022.

The creditors of **MAA MANASHA DEVI ALLOYS PRIVATE LTD** are hereby called upon to submit their claims with proof on or before 14-11-2022 to the interim resolution professional at the address mentioned against entry No. 10.

The financial creditors shall submit their claims with proof by electronic means only. All other creditors may submit the claims with proof in person, by post or by electronic means.

A financial creditor belonging to a class,as listed against the entry No. 12, shall indicate its choice of authorized representative from among the three insolvency professionals listed against entry No.13 to act as authorized representative of the class [specify class] in Form CA.

Submission of false or misleading proofs of claim shall attract penalties.

**(CMA (Dr) Suresh Chandra Mohanty )**
Name and Signature of Interim Resolution Professional :
Date : 04-11-2022
Place : Bhubaneswar : :





> ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡ଼ିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ– ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। –ଶ୍ରୀଅରବିନ୍ଦ

# ପ୍ରତିବାଦର ପ୍ରଭାବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଚଳିତବର୍ଷ ପ୍ରାରମ୍ଭରେ ଭାରତ ସରକାରଙ୍କ ସେଣ୍ଟ୍ରାଲ ସେକ୍ରେଟାରିଏଟ୍ ସର୍ଭିସ (ସିଏସ୍ଏସ୍) ଅନ୍ତର୍ଗତ କର୍ମଚାରୀମାନେ ପଦୋନ୍ନତିରେ ବିଳମ୍ୱ ଓ କ୍ୟାରିୟର ସମ୍ପର୍କିତ ସମସ୍ୟାଗୁଡ଼ିକୁ ନେଇ ପ୍ରତିବାଦ କରିଥିଲେ। ଏହି ପ୍ରତିବାଦର ପ୍ରଭାବ ଏବେ ଦେଖିବାକୁ ମିଳିଛି। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ସିଏସ୍ଏସ୍‌ର ଚତୁର୍ଥ କ୍ୟାଡର ପୁନର୍ଗଠନ କରିବା ପାଇଁ ଏକ କମିଟି ଗଠନ କରିଛି। ଏହି କମିଟି ସିଏସ୍ଏସ୍ ଅଧିକାରୀମାନଙ୍କ କ୍ୟାରିୟରର ବର୍ତ୍ତମାନ ତଥା ଭବିଷ୍ୟତ ପ୍ରଗତିକୁ ସମୀକ୍ଷା କରିବା ସହ ସେବାକୁ ସୁବ୍ୟବସ୍ଥିତ କରିବାକୁ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେବ। ସୂତ୍ରରୁ ଜଣାପଡ଼ିଛି ଯେ, ୪ ସଦସ୍ୟ ବିଶିଷ୍ଟ ଏହି କମିଟିର ନେତୃତ୍ୱ ନେବେ ଡିଓପିଟିର ଏଷ୍ଟାବ୍ଲିଶମେଣ୍ଟ ଅଧିକାରୀ ଏବଂ ଅତିରିକ୍ତ ସଚିବ। ଏହାବ୍ୟତୀତ ଏଥିରେ ଡିଓପିଟି ଓ ବ୍ୟୟ ବିଭାଗରୁ ଜଣେ ଲେଖାଏ ଯୁଗ୍ମ ସଚିବ ରହିବେ। ଡିଓପିଟିର ଜଣେ ଉପ–ସଚିବ ଏହି କମିଟିରେ 'ସଦସ୍ୟ ସଚିବ' ଭାବେ ରହିବେ। ଉକ୍ତ କମିଟି ସ୍ୱୟଂଶାସିତ ସଂସ୍ଥାର ଏବଂ ବୈଧାନିକ ସଂଗଠନର ପଦବୀଗୁଡ଼ିକର କ୍ୟାଡରୀକରଣ ଏବଂ ଏଯାବତ କାର୍ଯ୍ୟକାରୀ ହୋଇ ନ ଥିବା ତୃତୀୟ ପୁନର୍ଗଠନ କମିଟିର ସୁପାରିସଗୁଡ଼ିକର ପ୍ରାସଙ୍ଗିକତା ସମ୍ପର୍କରେ ଅନୁଧ୍ୟାନ କରିବ। ପୁନଶ୍ଚ ଏବକାର ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଏହା ସମୀକ୍ଷା କରିବ। ଏହା ବ୍ୟତୀତ ସିଏସ୍ଏସ୍ ଏବଂ ସେଣ୍ଟ୍ରାଲ୍ ସେକ୍ରେଟାରିଏଟ୍ କ୍ଲରିକାଲ ସର୍ଭିସ(ସିଏସ୍‌ସିଏସ୍)ର କ୍ୟାଡର କଣ୍ଟ୍ରୋଲିଂ ଅଥରିଟି ଦ୍ୱାରା କମିଟିକୁ ଅବଗତ କରାଯାଇଥିବା ଯେକୌଣସି ସମସ୍ୟାକୁ ନିରୀକ୍ଷଣ କରିବାକୁ ଉକ୍ତ କମିଟିକୁ ଅଧିକାର ପ୍ରଦାନ କରାଯାଇଛି।

### କେନ୍ଦ୍ର ନାରାଜ

କେରଳ ସରକାର, କେନ୍ଦ୍ର ଓ କେରଳ ରାଜ୍ୟପାଳ ଆରିଫ୍ ଅହମ୍ମଦ ଖାନ୍‌ଙ୍କ ମଧ୍ୟରେ ଲାଗିରହିଥିବା ବିବାଦରେ ବହୁବାର ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଆସିଛି। ଏପରିକି ଆରିଫ୍ ଏବଂ ପିନାରାୟୀ ବିଜୟନ ସରକାର ବିଭିନ୍ନ ବିଷୟ ଉପରେ ବିବାଦୀୟ ସ୍ଥିତି ସୃଷ୍ଟି କରୁଛନ୍ତି। । ଏଥିପାଇଁ ରାଜ୍ୟ ସରକାରଙ୍କ ପାଇଁ କେନ୍ଦ୍ର ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ଖୁବ୍ ନିକଟରେ ସାମ୍ନାକୁ ଆସିଥିବା ଅଧ୍ୟାୟକୁ ଦେଖିବା। ଏଥିରେ ଅଧିକ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ପଦବୀ ମଞ୍ଜୁରୀ ଲାଗି କେରଳର ଦାବିକୁ କେନ୍ଦ୍ର ଅଗ୍ରାହ୍ୟ କରିଦେଇଛି। ବର୍ତ୍ତମାନ କେରଳରେ ଡିଜିପି ର୍ୟାଙ୍କର ୪ ପଦବୀ ରହିଥିଲେ ମଧ୍ୟ ଆଉ ଦୁଇଟି ପାଇଁ କେନ୍ଦ୍ରର ସ୍ୱୀକୃତି ଚାହୁଁଛି। ସୂତ୍ରରୁ ପ୍ରକାଶ ଯେ, ରାଜ୍ୟ ପୋଲିସର ମୁଖ୍ୟ ଭାବେ ଜଣେ ନିଯୁକ୍ତ ହେଲା ପରେ ତାଙ୍କୁ ଦୁଇବର୍ଷ ମଧ୍ୟରେ ପଦବୀରୁ ବାହାର କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟଙ୍କ ରାୟକୁ ଲକ୍ଷ୍ୟକରି କେରଳ ସରକାର ଡିଜିପି ପଦବୀ ସଂଖ୍ୟା ବଢ଼ାଇବା ଲାଗି ଦାବି ଉଠାଇଛନ୍ତି। କେରଳ ରାଜ୍ୟ ପୋଲିସ ମୁଖ୍ୟ ଓ ଭିଜିଲାନ୍ସ ମୁଖ୍ୟ ହେଉଛନ୍ତି ଡିଜିପି ର୍ୟାଙ୍କର। ଜେଲ ଓ ଅଗ୍ନିସେବାର ମଧ୍ୟ ଡିଜିପିମାନେ ରହିଛନ୍ତି, ହେଲେ ସେମାନେ ଆଇପିଏସ୍‌ରୁ ଆସିନାହାନ୍ତି। ଏବେ କାର୍ଯ୍ୟରତ ପୋଲିସ ମୁଖ୍ୟ ଅନିଲ କାନ୍ତକୁ ଆସନ୍ତା ବର୍ଷ ଜୁନ ପର୍ଯ୍ୟନ୍ତ ପଦବୀରେ ରହିବା ଲାଗି ସ୍ଥିର ହେବା ପରେ ଏହା ବରିଷ୍ଠ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(ଏଡିଜିପି) ଆନନ୍ଦକୃଷ୍ଣଙ୍କ ପଦୋନ୍ନତିରେ ବିଳମ୍ବ କରିଥିଲା ; ଯିଏ କି ୧୦ ମାସ ପୂର୍ବରୁ ଡିଜିପି ର୍ୟାଙ୍କରେ ନିଯୁକ୍ତି ଲାଗି ଯୋଗ୍ୟ ହୋଇଥିଲେ। ତାଙ୍କ ପରେ ପୋଲିସ ମୁଖ୍ୟାଳୟରେ ନିଯୁକ୍ତ କେ. ପଦ୍ମକୁମାର ଡିଜିପି ପଦବୀକୁ ପଦୋନ୍ନତି ପାଇଁ ଯୋଗ୍ୟ ହୋଇଛନ୍ତି। ରାଜ୍ୟ ସରକାର ଯୁକ୍ତି ଦର୍ଶାଇଛନ୍ତି ଯେ, ଆଇଏଏସ୍ କ୍ୟାଡର୍‌ର ୮ଟି ପଦବୀ ଅଛି ଯାହା ଡିଜିପି ସମାନ, ଏଣୁ ଡିଜିପି ପଦବୀ ବଢ଼ାଇବା ଦରକାର। ହେଲେ କେନ୍ଦ୍ର ଏହି ଯୁକ୍ତିରେ ରାଜି ହୋଇ ନାହିଁ।

### ଯୋଗୀଙ୍କ ଟିମ୍

ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ( ଗୃହ) ଅୱନିଶ ଅୱସ୍ଥିଙ୍କର ସାମୟିକ କ୍ଷତି ହେଲେ ମଧ୍ୟ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କ ପାଖରେ ଏକାଧିକ ବିକଳ୍ପ ରହିଛି ବୋଲି ଦେଖାଇ ଦେଇଛନ୍ତି । ତାଙ୍କର ଅତ୍ୟନ୍ତ ପ୍ରିୟ ଅଧିକାରୀ ଅୱସ୍ଥିଙ୍କୁ ପରାମର୍ଶଦାତା ଭାବେ ଫେରାଇ ମୁଖ୍ୟମନ୍ତ୍ରୀ ନିଶ୍ଚିତ କରିଛନ୍ତି ଯେ 'ଟିମ୍ ଯୋଗୀ ଏବେ ବି ସକ୍ରିୟ ଦାୟିତ୍ୱରେ ରହିଛନ୍ତି। ଯୋଗୀ ତାଙ୍କ 'ଡବଲ୍ ଇଞ୍ଜିନ ସରକାର' ଚଳାଇବାକୁ ଅୱସ୍ଥିଙ୍କ ସହିତ ଅଧା ଡଜନ ପ୍ରଶାସନିକ ବିଜ୍ଞମଣ୍ଡଳୀଙ୍କ ଉପରେ ନିର୍ଭର କରୁଛନ୍ତି। ଏହି ଅଧିକାରୀମାନଙ୍କ ମଧ୍ୟରେ ସବୁଠୁ ପ୍ରଭାବଶାଳୀ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଶଶୀ ପ୍ରକାଶ ଗୋୟଲ। ସେ ମୁଖ୍ୟମନ୍ତ୍ରୀ ଦପ୍ତର(ସିଏମ୍ଓ)ରେ ପହଞ୍ଚୁଥିବା ପ୍ରତ୍ୟେକ ଫାଇଲକୁ ଅନୁଧ୍ୟାନ କରୁଛନ୍ତି। ସିଏମ୍ଓରେ ଆଉ ଜଣେ ପ୍ରଭାବଶାଳୀ ଅଧିକାରୀ ହେଉଛନ୍ତି ପ୍ରମୁଖ ଶାସନ ସଚିବ ସଞ୍ଜୟ ପ୍ରସାଦ। ଏହାବାଦ୍ କେନ୍ଦ୍ରରୁ ଫେରିବା ପରେ ଦୁର୍ଗାଶଙ୍କର ମିଶ୍ର ଅଧିକ ଲାଭ ପାଇଛନ୍ତି। ତାଙ୍କୁ ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତ କରାଯାଇଥିଲା ଏବଂ ଅବସରର ମାତ୍ର ଦୁଇଦିନ ପୂର୍ବରୁ ତାଙ୍କ କାର୍ଯ୍ୟକାଳ ସମ୍ପ୍ରସାରିତ କରାଯାଇଛି। ଏହି ସମୟରେ ଯୋଗୀଙ୍କ ନମ୍ବର ୱାନ୍ ପସନ୍ଦ କୁହାଯାଉଥିବା ଡି.ଏସ୍. ଚୌହାନ କାର୍ଯ୍ୟବାହକ ପୋଲିସ ମହାନିର୍ଦ୍ଦେଶକ ( ଡିଜିପି) ଅଛନ୍ତି। ଚୌହାନ ମଧ୍ୟ ଇଣ୍ଟେଲିଜେନ୍ସ ମହାନିର୍ଦ୍ଦେଶକ ଏବଂ ଭିଜିଲାନ୍ସର ନିର୍ଦ୍ଦେଶକ ଦାୟିତ୍ୱ ସମ୍ଭାଳୁଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱସ୍ତ ଭାବେ ଆଇନ ଶୃଙ୍ଖଳା ସମ୍ପର୍କିତ ବିଷୟଗୁଡ଼ିକରେ ଯୋଗୀଙ୍କ ସହ ଆଲୋଚନା କରି ପରାମର୍ଶ ଦେଇଥାନ୍ତି। ଯୋଗୀଙ୍କ ଏହି ଟିମ୍ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କଲ୍ୟାଣକାରୀ ଯୋଜନାର ଦେଖାରଖା କରିବା ସହ ଆଇନ ଶୃଙ୍ଖଳା ବଜାୟ ରଖି କ୍ଷମତାସମ୍ପନ୍ନ ପୋଲିସ ବି ସରକାରଙ୍କୁ ଚର୍ଚ୍ଚାରେ ରଖିଛି।

Email: dilipcherian@gmail.com

# ଅନ୍ଧାର ଘର



ଶୈଳେନ୍ଦ୍ର ଦ୍ୱିବେଦୀ

ଗଞ୍ଜାମ ଜିଲାରେ ଗୁଣି ଗାରେଡ଼ି ସନ୍ଦେହରେ ଗ୍ରାମବାସୀମାନେ ଜଣେ ମହିଳାଙ୍କ ସ୍ୱାମୀଙ୍କ ସମେତ ଆଉ କେତେ ଜଣକୁ ଅଟକ ରଖିଥିବାରୁ ମହିଳା ଜଣକ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଫଳରେ ଗ୍ରାମବାସୀମାନେ ସେହି ୫୦ ବର୍ଷ ବୟସ୍କା ମହିଳାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ, ଯାହା ତାଙ୍କର ମୃତ୍ୟୁର କାରଣ ହେଲା। ଏକ ରିପୋର୍ଟ ଅନୁସାରେ ୨୦୧୪ରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ପାଖାପାଖି ୪୦୦ ଲୋକଙ୍କୁ ଡାହାଣୀ/ଗୁଣିଗାରେଡ଼ି ସନ୍ଦେହରେ ନିର୍ମମ ହତ୍ୟା କରାଯାଇଛି। କେବଳ ଓଡ଼ିଶା ନୁହେଁ, ଭାରତର ନିର୍ଦ୍ଦିଷ୍ଟ କେତେକ ରାଜ୍ୟରେ କୁସଂସ୍କାର ଆପଣା ମୂଳଦୁଆ ମଜଭୁତ କରି ରଖିଛି। ଆମ ରାଜ୍ୟରେ ଏମିତି ନୃଶଂସ ଘଟଣାର ପୁନରାବୃତ୍ତି ବହୁବର୍ଷ ଧରି ହେଉଛି। ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଏବଂ ଆକ୍ସନ ଏଡ୍‌ର ମିଳିତ ଉଦ୍ୟମରେ ଡିସେମ୍ବର ୨୦୨୧ରେ ପ୍ରକାଶିତ ଏକ ରିପୋର୍ଟ (Witch Hunting in Odisha) ଦର୍ଶାଇଛି ନିରକ୍ଷରତା, ସଚେତନତାର ଅଭାବ ଏବଂ ଲିଙ୍ଗଗତ ବୈଷମ୍ୟ। ଓଡ଼ିଶା ସମେତ ଭାରତର କିଛି ରାଜ୍ୟରେ ଏମିତି ଅମାନୁଷିକ ବ୍ୟବହାର ଅବ୍ୟାହତ ରହିଛି। ଆମ ରାଜ୍ୟରେ Odisha Prevention of Witch Hunting Act ୨୦୧୩ ରୁ କାର୍ଯ୍ୟକାରୀ ହୋଇଥିବା ସ୍ଥଳେ ସ୍ଥିତିରେ ଲକ୍ଷଣୀୟ ସୁଧାର ନାହିଁ। ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ଗଞ୍ଜାମ, ସୁନ୍ଦରଗଡ଼, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ବାଲେଶ୍ୱର, କନ୍ଧମାଳ, ନୟାଗଡ଼ ଓ ଗଜପତି ଜିଲା ଉପରେ ପର୍ଯ୍ୟବସିତ ଏହି ରିପୋର୍ଟ ଉଲ୍ଲେଖ କରିଛି ଯେ ୨୦୦୦ରୁ ୨୦୧୬ ଭିତରେ ଭାରତରେ ୨୫୦୦ରୁ ସମାନ୍ୟ ଅଧିକ ସ୍ତ୍ରୀ ଓ ପୁରୁଷଙ୍କୁ ଗୁଣିଗାରେଡି, ତନ୍ତ୍ରପୂଜା/ ଡାହାଣୀ ସନ୍ଦେହରେ ହତ୍ୟା କରାଯାଇଛି। ହାରାହାରି ମୃତ୍ୟୁସଂଖ୍ୟା ବର୍ଷକୁ ୧୫୦।

ସମସ୍ୟା ଗମ୍ଭୀର କେବଳ ମୃତ୍ୟୁସଂଖ୍ୟାକୁ ନେଇ ନୁହେଁ ବରଂ କୁସଂସ୍କାରମାନଙ୍କର। ସମାନ ଅବସ୍ଥା ଆସାମ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଏବଂ ମେଘାଳୟ ପରି ରାଜ୍ୟର। ଘରେ ବିବାଦ ଲାଗିରହୁ, ହଠାତ୍ କାହାର ଦେହ ଖରାପ ହେଉ, ଗାଁ ଗହଳିରେ ପ୍ରଥମେ ସନ୍ଦେହ କରାଯାଏ ଯେ କେହି ଗୁଣିଗାରେଡ଼ି କରୁଛି/ ତନ୍ତ୍ରମନ୍ତ୍ର କରୁଛି। ଏମିତି ସନ୍ଦେହ ମୂଳରେ ତଥ୍ୟ ପ୍ରମାଣ ନ ଥାଏ। ସର୍ଭେରୁ ଜଣାପଡ଼ିଛି, ଆମ ରାଜ୍ୟରେ ଏମିତି ସର୍ବାଧିକ ଘଟଣା ଘଟୁଛି ମୟୂରଭଞ୍ଜ, ଗଞ୍ଜାମ, ସୁନ୍ଦରଗଡ଼, ରାୟଗଡ଼ା, ମାଲକାନଗିରି, କେନ୍ଦୁଝରର ଓ ଗଜପତିରେ (ମୋଟ ମାମଲାର ୮୩ଭାଗ)। ଅଧ୍ୟୟନରୁ ଜଣାପଡ଼ିଛି ଯେ ଡାହାଣୀ ସନ୍ଦେହରେ ହତ୍ୟାର ଅନ୍ୟାନ୍ୟ କାରଣ ମଧ୍ୟରେ ରହିଛି ପରିବାରରେ ଶିଶୁମାନଙ୍କ ଅସୁସ୍ଥତା, ମୃତ୍ୟୁ, ଜମିବାଡ଼ି ବିବାଦ, ମାନସିକ ସ୍ୱାସ୍ଥ୍ୟହାନି ଏବଂ ଫସଲ ନଷ୍ଟ ହେବା। ଏକଥା ମଧ୍ୟ ଜଣାପଡ଼ିଛି ଯେ ୩୦ ପ୍ରତିଶତ ମାମଲା ଥାନା ଦୁଆରକୁ ଯାଏ ନାହିଁ, ଅର୍ଥାତ୍ ଲଜ୍ଜା, ଲୋକନିନ୍ଦା ଏବଂ ଅପମାନ ଯୋଗୁ ପୀଡ଼ିତ ପରିବାର ଗାଁ ଛାଡ଼ି ଚାଲିଯିବାକୁ ବାଧ୍ୟ ହୁଅନ୍ତି। ପଞ୍ଚାୟତ, ବରିଷ୍ଠ ନାଗରିକ ଏବଂ ମୋଟ ଉପରେ ନାଗରିକ ସମାଜରୁ ଯେଉଁ ହସ୍ତକ୍ଷେପ ଆଶା କରିଥାନ୍ତି ତାହା ମିଳେନାହିଁ। ଭୟଙ୍କର ସାମାଜିକ–ଅର୍ଥନୈତିକ ବୈଷମ୍ୟ, ନିରକ୍ଷରତା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଅଭାବ ଏବଂ ଲିଙ୍ଗଗତ ବିଭେଦ ସମସ୍ୟାକୁ ଜଟିଳ କରିଛି। ଅଧିକାଂଶ ସମୟରେ ଏହାର ଶିକାର ହେଉଛନ୍ତି ସୀମାନ୍ତରିତ ଓ ଦଳିତ।



ଆମ ରାଜ୍ୟରେ ୨୦୧୩ରେ ୱିଚ୍ ହଣ୍ଟିଂ ଆଇନ ଆସିବା ପରେ ୨୦୧୫, ୨୦୧୬ ଏବଂ ୨୦୧୭ରେ ରୁଜୁ ହୋଇଥିବା ମାମଲା ସଂଖ୍ୟା ଯଥାକ୍ରମେ ୫୮,୮୩ ଏବଂ ୯୯। ଭାରତର କିଛି ଅଞ୍ଚଳରେ ସକ୍ରିୟ ରହିଥିବା ଏହି ଜଘନ୍ୟ କୁସଂସ୍କାରକୁ ତୁଳନା କରାଯାଇଛି ଦକ୍ଷିଣ ଆଫ୍ରିକାର ଅନଗ୍ରସର ଇଲାକାମାନଙ୍କ ସହିତ। ୨୦୧୬ରେ ଏନ୍‌ସିଆର୍‌ବି ତଥ୍ୟ ଅନୁସାରେ ଡାହାଣୀ ସନ୍ଦେହରେ ୧୩୪ ଜଣଙ୍କୁ ହତ୍ୟା କରାଯାଇଥିଲା। ଗବେଷକମାନଙ୍କ ମତ ହେଉଛି, ଅସଲ ମାମଲା ଓ ମୃତ୍ୟୁ ସଂଖ୍ୟା ୟା'ଠାରୁ ଯଥେଷ୍ଟ ଅଧିକ। ସେମାନେ ଏକଥା ମଧ୍ୟ କହନ୍ତି, ବିଭିନ୍ନ ରାଜ୍ୟରେ ୱିଚ୍ ହଣ୍ଟିଂକୁ ନେଇ ରହିଥିବା ଆଇନରେ ଖସିଯିବା ପାଇଁ ଗଳାବାଟ ରହିଛି। ମହିଳାମାନଙ୍କୁ ଡାହାଣୀ ଆଖ୍ୟା ଦିଆଯିବା, ଗାଁ ଦାଣ୍ଡରେ ଉଲଗ୍ନ କରିବା ଏବଂ ସେମାନଙ୍କୁ ଜିଅନ୍ତା ଜାଳିଦେବା ଭଳି ଘଟଣା ଏବେ ମଧ୍ୟ ଆମ ଦେଶରେ ଘଟୁଛି, ଯାହାକୁ ଜାତୀୟ ଲଜ୍ଜା ଛଡ଼ା ଆଉ କିଛି କହିହେବ ନାହିଁ। ଏକାଧିକ ସ୍ୱାଧୀନ ଅଧ୍ୟୟନ ସୂଚାଇଛନ୍ତି, ଆକ୍ରମଣରେ ଶିକାର ହୋଇଥିବା ଅନେକ ପୀଡ଼ିତାଙ୍କ ବୟସ ୪୦ରୁ ୬୦ ଭିତରେ ଏବଂ ଅଧିକାଂଶ ଅର୍ଥନୈତିକ ସ୍ଥିତିରେ ଖୁବ୍ ଦୁର୍ବଳ। ଜଣାପଡ଼ିଛି, ଅଧିକାଂଶ ସମୟରେ ଗ୍ରାମବାସୀ ଏକଜୁଟ ହୋଇ ଆକ୍ରମଣ କରିଥାନ୍ତି। ସେଥିପାଇଁ ଅଦାଲତରେ ଯେତେବେଳେ ମାମଲା ରୁଜୁ ହୁଏ ଅନେକ କ୍ଷେତ୍ରରେ ପ୍ରମାଣ ଅଭାବରୁ ଅପରାଧୀ ଖସିଯାଆନ୍ତି। ଦୁର୍ଭାଗ୍ୟ ସେତିକି ନୁହେଁ, ଝାଡ଼ଖଣ୍ଡ, ବିହାର,ଛତିଶଗଡ଼ ପରି ରାଜ୍ୟରେ ଉଚ୍ଚ ଅଦାଲତରେ ଅପିଲ ମଧ୍ୟ ଖୁବ୍ କମ୍ ରୁଜୁ ହୁଏ। ନିକଟରେ ଜାତୀୟ ମାନବାଧିକାର କମିଶନଙ୍କଠାରେ ଦାଏର ହୋଇଥିବା ଏକ ମାମଲାରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଏହାର ଅନୁପାଳନ ହେଉ। ସରକାର ନିୟମିତ ବ୍ୟବଧାନରେ ସମୀକ୍ଷା କରନ୍ତୁ।

ଏକ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ୨୦୨୧ରେ କରାଯାଇଥିବା ସ୍ୱାଧୀନ ଅଧ୍ୟୟନ ଇଙ୍ଗିତ କରିଛି ଯେ କେନ୍ଦୁଝର, ମୟୂରଭଞ୍ଜ ଓ ଗଞ୍ଜାମ ଜିଲାରେ ସ୍ୱାସ୍ଥ୍ୟ ସେବା ଦୁର୍ବଳ ହୋଇଥିବାରୁ ସୀମାନ୍ତରିତମାନେ ଗୁଣି ଗାରେଡ଼ି/ ତନ୍ତ୍ର ସାଧନାର ଆଶ୍ରୟ ନେଉଛନ୍ତି, ଯାହା ପ୍ରକାରାନ୍ତରେ କୁସଂସ୍କାରକୁ ପ୍ରୋତ୍ସାହନ ଦେଉଛି। ୨୦୧୭ରେ ଡାହାଣୀ ସନ୍ଦେହରେ ଓଡ଼ିଶାରେ ୯୯ ମାମଲା ରୁଜୁ ହୋଇଥିବା ବେଳେ ୧୮ ଜଣଙ୍କ ମୃତ୍ୟୁ ଘଟିଛି । ୨୦୧୮ରେ ୭୩ଟି ମାମଲାରେ ୧୯ଜଣ ମୃତ୍ୟୁମୁଖରେ ପଡ଼ିଛନ୍ତି। ସେତିକି ନୁହେଁ, ଡାହାଣୀ ସନ୍ଦେହରେ ମହିଳାଙ୍କ ମୁଣ୍ଡ କାଟି ଦିଆଯାଇଛି, ପଥରରେ ବାଡ଼େଇ ଦାନ୍ତ ଭାଙ୍ଗି ଦିଆଯାଇଛି ଏବଂ ଅତ୍ୟନ୍ତ ନୃଶଂସ ଭାବରେ ଜିଭ ବି କାଟି ଦିଆଯାଉଛି। ୨୦୨୧ରେ ଆମ ରାଜ୍ୟରେ ଡାହାଣୀ/ଗୁଣି ଗାରେଡ଼ି ସନ୍ଦେହରେ ମାସିକ ମୃତ୍ୟୁ ସଂଖ୍ୟା ହାରାହାରି ୪ ।

ତଥ୍ୟ ଅନୁସାରେ ୱିଚ୍ ହଣ୍ଟିଂ ଆଇନରେ ଏ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ୬୧ଟି ଏତଲା ରୁଜୁ ହୋଇଛି, ଯେଉଁଥିରୁ ୪୦ଟି ମାମଲା ଗମ୍ଭୀର। ମୟୂରଭଞ୍ଜରେ ସର୍ବାଧିକ ମାମଲା ୨୫, ତା' ତଳକୁ କେନ୍ଦୁଝର ୧୧। ଏହା ମଧ୍ୟ ସ୍ମରଣ କରେଇ ଦିଏ ଯେ ଦେଶର ସବୁଠୁ ସମୃଦ୍ଧ ଏବଂ ସଭ୍ୟ ରାଜ୍ୟ କେରଳରେ ମଧ୍ୟ ଡାହାଣୀ ସନ୍ଦେହରେ ବର୍ବରୋଚିତ ଘଟଣା ଘଟୁଛି। କେତେ ହଜାର ବର୍ଷ ତଳୁ ଯାହା ଆମ ଆଦିମ ସଭ୍ୟତାର ଅଂଶ ଥିଲା, ତାହା ଆଜି ବି ଅପରିବର୍ତ୍ତିତ ରହିଛି। ଆମେ ଏକ ପ୍ରକାର ଅନ୍ଧାର ଘରେ ରହିଛୁ। ଅର୍ଥାତ୍ ଚେତନାର ଖଣ୍ଡଗ୍ରାସ ଅବ୍ୟାହତ ରହିଛି।

ମୋ–୯୪୩୭୧୩୭୦୬୦

sailendradwivedi@gmail.com

# ସୁନକ ଓ ବ୍ରିଟେନର ଆର୍ଥିକ ସଙ୍କଟ



ସୌରଜିତ ପ୍ରଧାନୀ

ଋଷି ସୁନକ ବ୍ରିଟେନର ସର୍ବୋଚ୍ଚ କାର୍ଯ୍ୟନିର୍ବାହୀ ପଦବୀକୁ ଉନ୍ନୀତ ହୋଇଛନ୍ତି। ରାଜକୋଷର କୁଳାଧିପତି ଭାବେ ସେ କୋଭିଡ୍ ମହାମାରୀ ସମୟରେ ଆର୍ଥିକ ନୀତି ନିର୍ଦ୍ଧାରଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ମର୍ଯ୍ୟାଦାଜନକ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ଡିଗ୍ରୀ ହାସଲ କରିବା ପରେ ଅର୍ଥନୀତି ବିଷୟରେ ତାଙ୍କର ଜ୍ଞାନର ପ୍ରାରମ୍ଭିକ ମୂଳଦୁଆ ପ୍ରଭାବଶାଳୀ ଢଙ୍ଗରେ ପଡ଼ିଥିଲା। ଗୋଲ୍ଡମ୍ୟାନ୍ ସାକ୍ସରେ ତାଙ୍କର କାର୍ଯ୍ୟକାଳ ଆର୍ଥିକ ଓ ପୁଞ୍ଜି ବଜାରକୁ ନେଇ ବୁଝାମଣା ବହୁତ ଭଲ କରିଥାଏ। ୨୦୧୫ରେ ସୁନକ ସାଂସଦ ହୋଇଥିଲେ, ସାତ ବର୍ଷ ମଧ୍ୟରେ ଶୀର୍ଷରେ ପହଞ୍ଚିବା ତାଙ୍କ ପାଇଁ ଏକ ଅସାଧାରଣ ଯାତ୍ରା। ଆଜି ବ୍ରିଟେନ୍ 'ତୃତୀୟ ବିଶ୍ୱ ସମସ୍ୟା' ଦେଇ ଗତି କରୁଛି। ମୁଦ୍ରାସ୍ଫୀତି ହାର ୧୦.୧% ; ପାଉଣ୍ଡ ମୁକ୍ତ ପତନରେ ଅଛି ଏବଂ ପିଏମ୍‌ଆଇ ୪୨%। ମୁଡିଜ୍ ବ୍ରିଟେନର ଅଭିବୃଦ୍ଧି ଦୃଷ୍ଟିକୋଣକୁ 'ସ୍ଥିର'ରୁ 'ନକାରାତ୍ମକ' ସ୍ତରକୁ ଖସାଇ ଦେଇଛି। ଦୀର୍ଘମିଆଦୀ ସରକାରୀ ବଣ୍ଡର ଲାଭ ବଢ଼ିବାରେ ଲାଗିଛି। ମୋଟାମୋଟି ଭାବେ କହିବାକୁ ଗଲେ ବ୍ରିଟେନ୍ ଏହି ସମୟରେ ଏକ 'ବର୍ଣ୍ଣିଂ ଡେକ୍'। ସୁନକଙ୍କୁ ପ୍ରଥମେ ବଜାରକୁ ଆଶ୍ୱାସନା ଦେବାକୁ ହେବ ଯେ, ପପୁଲିଜମର ଆଭିମୁଖ୍ୟ ନେଇ ବିତ୍ତୀୟ ନିଅଣ୍ଟ ବଢ଼ିବ ନାହିଁ।

ବ୍ରିଟିଶ୍ ସରକାରର ବଣ୍ଡ୍ ଓ ବ୍ରିଟିଶ୍ ପାଉଣ୍ଡ ନିରଙ୍କୁଶ ଭାବେ ଚାଲିଯିବା ପରେ ସୁନକ୍ କ୍ଷମତାକୁ ଆସିଥିଲେ। ଲିଜ୍ ଟ୍ରସଙ୍କ ବିପର୍ଯ୍ୟସ୍ତ 'ମିନିବଜେଟ' ବ୍ରିଟିଶ୍ ବଜାରକୁ ଦୋହଲାଇ ଦେଇଥିଲା। ଏହା ଅବାସ୍ତବ ଥିଲା, ଯାହା ବ୍ରିଟେନକୁ ଆର୍ଥିକ ବିଶ୍ୱସନୀୟତାର ସଙ୍କଟର ସମ୍ମୁଖୀନ କରାଇଥିଲା। ଦୀର୍ଘମିଆଦୀ ଆର୍ଥିକ ସମସ୍ୟା ଉଚ୍ଚ ମୁଦ୍ରାସ୍ଫୀତି ଦ୍ୱାରା ବ୍ୟାହତ ହେଉଛି। କୋଭିଡ୍ ପରବର୍ତ୍ତୀ ସମୟରେ ଚାହିଦାରେ ବୃଦ୍ଧି, ୟୁକ୍ରେନ–ରୁଷ ଯୁଦ୍ଧ ଯୋଗୁ ଶକ୍ତି ସଙ୍କଟ ଏବଂ ପ୍ରତିରକ୍ଷା କ୍ଷେତ୍ରର ବିପୁଳ ଖର୍ଚ୍ଚ ଅର୍ଥନୀତିକୁ ଦୋହଲାଇ ଦେଇଛି। କୋଭିଡ୍ ମହାମାରୀ ସମୟରେ ଅର୍ଥ ବ୍ୟବସ୍ଥାରେ ପ୍ରଚୁର ପରିମାଣରେ ନଗଦ ଅର୍ଥ ବ୍ୟୟ ହେବା ଫଳରେ ବିଗତ ୪୦ ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତି ସର୍ବାଧିକ ସ୍ତରକୁ ବୃଦ୍ଧି ପାଇଛି। ବିତ୍ତୀୟ ସଂଯମ ଉପରେ ଧ୍ୟାନ ଦେଉଥିବା ପ୍ରଶାସନ ସରକାରଙ୍କୁ କମ୍ ଖର୍ଚ୍ଚରେ ଋଣ ନେବାକୁ ବାଧ୍ୟ କରିପାରେ। ସୁନକଙ୍କୁ ଏକ କଠୋର ସରକାରର ଚାମ୍ପିୟନ ଭାବେ ଦେଖାଯାଏ। ତାଙ୍କ ଦୃଷ୍ଟିରେ ସାର୍ବଜନୀନ ଖର୍ଚ୍ଚ ଜିଡିପିର ୪୦%ରୁ କମ୍ ହେବା ଉଚିତ। ପରିବର୍ତ୍ତନ ହେବା ପରଠାରୁ ପାଉଣ୍ଡ ସୁସ୍ଥ ହେଉଛି ଏବଂ ୱେଷ୍ଟମିନିଷ୍ଟର କଞ୍ଜରଭେଟିଭ୍ ରାଜନେତାମାନେ ୨୦୨୫ ପାଇଁ ଦଳକୁ ପ୍ରସ୍ତୁତ କରିବା ପାଇଁ ସୁନକଙ୍କ ଉପରେ ଭରସା କରିଛନ୍ତି।

ୟୁରୋପୀୟ ସଂଘରୁ ବ୍ରିଟେନ୍ ବାହାରିବା ପାଇଁ ଦୃଢ଼ସ୍ୱର ଉତ୍ତୋଳନ କରିଥିବା ବୋରିସ୍ ଜନ୍‌ସନ୍‌ଙ୍କ ଭଳି ସୁନକ୍ ମଧ୍ୟ ବ୍ରେକ୍ସିଟ ସପକ୍ଷବାଦୀ ଥିଲେ। ସେ ଦେଖିଥିଲେ ଯେ 'ରିମେନର' ଡେଭିଡ୍ କାମେରୁନଙ୍କଠାରୁ 'ଲିଭର୍' ଜନସନଙ୍କ ପାଖକୁ କ୍ଷମତା ସ୍ଥାନାନ୍ତରିତ ହୋଇଛି। ଟ୍ରସଙ୍କ 'ମିନି ବଜେଟ' ସେହି ନିଷ୍ପତ୍ତିକୁ ବୈଧତା ଦେବା ଦିଗରେ କିଛି ମାତ୍ରାରେ ଏକ ପଦକ୍ଷେପ ଥିଲା। ଏହି ନିଷ୍ପତ୍ତିକୁ ବିଶ୍ୱ ବଜାର ଓ ଅର୍ଥନୀତି ସକାରାତ୍ମକ ଭାବେ ସ୍ୱାଗତ କରିଛନ୍ତି। ସୁନକ ନୂଆ ପ୍ରଧାନମନ୍ତ୍ରୀ ହେବା ଖବରକୁ ନେଇ ଶେୟାର ବଜାର ଓ ପାଉଣ୍ଡରେ କିଛିଟା ସୁଧାର ଆସିଛି। ୧୦ ଡାଉନିଂ ଷ୍ଟ୍ରିଟ୍ ତାଙ୍କର ପଦୋନ୍ନତି ଆର୍ଥିକ ଓ ଅର୍ଥନୈତିକ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପକାଇଛି। ବ୍ରେକ୍ସିଟ ପରେ ବିଭିନ୍ନ ଦେଶ ସହ ନୂଆ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିବା ସୁନକଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଥିଲା। ୟୁରୋପୀୟ ସଂଘ ସହ ଚୁକ୍ତି କରିବା ପାଇଁ ଅନେକ ଆଲୋଚନାକୁ ଅପେକ୍ଷା କରାଯାଇଛି। ଆମେରିକା, ଚାଇନା, ଭାରତ ଆଦି ଦେଶ ସହିତ ମଧ୍ୟ ଅନେକ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହେବାର ଅଛି।



ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ତୃତୀୟ ବୃହତ୍ ଅର୍ଥନୀତି ହୋଇଥିବାରୁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ସାମଗ୍ରିକ ସଫଳତା ପାଇଁ ବ୍ରିଟେନର ଆର୍ଥିକ ସଫଳତା ଅପରିହାର୍ଯ୍ୟ ହୋଇପଡ଼ିବ। ତାହା ହାସଲ କରିବା ପାଇଁ ସୁନକଙ୍କୁ ଏକା ସମୟରେ ଉଭୟ ସାହସୀ ହେବା ସହ ବାସ୍ତବବାଦୀ ହେବା ଆବଶ୍ୟକ। ଲିଜ୍ ଟ୍ରସ୍ ଏକ 'ଆଇଡୋଲୋଜିକାଲ ଫ୍ରଣ୍ଟ' ନେଇ କ୍ଷମତାକୁ ଆସିଥିଲେ। ନିଜ ଦଳ ଦ୍ୱାରା ଗ୍ରହଣ କରାଯାଇଥିବା ଏକ ପୂର୍ବବର୍ତ୍ତୀ ଆଭିମୁଖ୍ୟକୁ ଯଥାର୍ଥ ପ୍ରମାଣିତ କରିବା ପାଇଁ ସେ ଆଇନ ପ୍ରଣୟନ କରିଥିଲେ। ସୁନକ ନିଶ୍ଚୟ ଏପରି ଭୁଲ୍ କରିବେ ନାହିଁ। ୧୯୯୧ରେ ନରସିଂହ ରାଓଙ୍କ ସଂଖ୍ୟାଲଘୁ ସରକାର ସହିତ ମଧ୍ୟ ସମାନ ଉପମା ଦିଆଯାଇପାରେ। କଂଗ୍ରେସରେ ସବୁବେଳେ ସମାଜବାଦୀମାନଙ୍କର ପ୍ରାଧାନ୍ୟ ଥିଲା। ସେମାନଙ୍କର 'କେନ୍ଦ୍ରର ବାମ' ବିଚାରଧାରା ଥିଲା। କିନ୍ତୁ ନରସିଂହ ରାଓଙ୍କ ଦୁଃସାହସ ଓ ରାଜନୈତିକ ବିଚକ୍ଷଣତା ହିଁ ଦେଶର ଭବିଷ୍ୟତକୁ ବଦଳାଇ ଦେଇଥିଲା। ରାଓ ନିଜ ଦଳର ସଦସ୍ୟଙ୍କ ବିରୋଧରେ ଯାଇ 'ବାଲାନ୍ସ ଅଫ୍ ପେମେଣ୍ଟ୍' ସଙ୍କଟ ସମୟରେ ଅର୍ଥନୀତିକୁ ଖୋଲିବା ପାଇଁ ଯଥେଷ୍ଟ ସାହସୀ ଥିଲେ।

ବ୍ରିଟେନ ହେଉଛି ପାଶ୍ଚାତ୍ୟର ଆଧାର। ବ୍ରିଟେନରେ ଏକ ସ୍ଥିର ସରକାର ସମଗ୍ର ବିଶ୍ୱ ପାଇଁ ଠସ୍ୱାଗତଯୋଗ୍ୟ ଖବର। ଭାରତ ବ୍ରିଟେନର ମିତ୍ର। ଉଭୟ ଦେଶ ଗଣତାନ୍ତ୍ରିକ ଆଦର୍ଶର ଆଧାରରେ ଗଢ଼ି ଉଠିଛନ୍ତି। ଉଭୟ ଦେଶ 'ସଫ୍ଟ ପାୱାର' ପାଇଁ ବେଶ୍ ପରିଚିତ। ଦୀପାବଳି ସୁଦ୍ଧା ଭାରତ ଓ ବ୍ରିଟେନ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ହେବାର ଥିଲା। ତେଣୁ ସୁନକ ଓ ମୋଦିଙ୍କ ମଧ୍ୟରେ ପ୍ରଥମ ଲକ୍ଷ୍ୟ ହେଉଛି ଚୁକ୍ତି ସ୍ୱାକ୍ଷର କରିବା ଓ ବନ୍ଦ କରିବା। ଦୁଇ ଦେଶ ମଧ୍ୟରେ ଅନ୍ୟ ଏକ ପ୍ରମୁଖ ପ୍ରସଙ୍ଗ ହେଉଛି ବ୍ରିଟେନର ଇମିଗ୍ରେଶନ ନୀତି। ଟ୍ରସଙ୍କ ଗୃହ ସଚିବ ଦେଇଥିବା ଏକ ଇମିଗ୍ରେଶନ ବିରୋଧୀ ବୟାନ ସମ୍ପୂର୍ଣ୍ଣ ମୁକ୍ତ ବାଣିଜ୍ୟ ଚୁକ୍ତି ପ୍ରକ୍ରିୟାକୁ ବାଟବଣା କରିଦେଇଛି। ଭାରତୀୟ ବଂଶୋଦ୍ଭବ ବ୍ରିଟେନର ଜଣେ ପ୍ରଧାନମନ୍ତ୍ରୀ ପୂର୍ବରୁ ବ୍ରିଟେନରେ ରହୁଥିବା ପ୍ରବାସୀ ଭାରତୀୟଙ୍କୁ କଡ଼ା ସଙ୍କେତ ଦେଇସାରିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତା ପାଇଁ ଭାରତ ବ୍ରିଟେନର ସମର୍ଥନ ଖୋଜୁଛି।

ସୁନକଦୃଢ଼ଆର୍ଥିକପରିଚାଳକଭାବେସୁନାମଅର୍ଜନ କରିପାରନ୍ତି। ମହାମାରୀ ସମୟରେ ସେ ସରକାରଙ୍କ ଆର୍ଥିକ ପ୍ରତିକ୍ରିୟାର ନେତୃତ୍ୱ ନେଇଥିଲେ। ଆର୍ଥିକ ପରିଚାଳନା ତାଙ୍କର କଷ୍ଟସାଧ୍ୟ କାମ ନୁହେଁ। ତାଙ୍କଠାରୁ ଆଶା କରାଯାଉଥିବା ନୀତିକୁ ନେଇ ନିଶ୍ଚିତତା ରହିଛି।

**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

**ମୋ: ୯୯୬୭୧୦୨୨୬୪**

## ଏଇ ଭାରତରେ

ଭବିଷ୍ୟତରେ ଜଳ ସଙ୍କଟ ଦେଖାଦେବ। ଏଥିପାଇଁ ଏବେଠାରୁ ଏହାର ବିକଳ୍ପ ଖୋଜିବାରେ ଲାଗିଛନ୍ତି ଅନେକ ବ୍ୟକ୍ତି, ଯେଉଁମାନଙ୍କ ମଧ୍ୟରେ ସାମିଲ ହୋଇଛନ୍ତି ବେଙ୍ଗାଲୁରୁର ବିକାଶ ବ୍ରହ୍ମବର। ବିକାଶ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ଘର, ମଲ୍ ଆଦିର ଦୂଷିତ ପାଣିକୁ ପାନୀୟ ଉପଯୋଗୀ କରୁଛନ୍ତି। ସେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଓ ଇଣ୍ଟରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଉନ୍ନତ ଜ୍ଞାନକୌଶଳ ଉପଯୋଗ କରି ଦୂଷିତ ପାଣିକୁ ପାନୀୟଯୋଗ୍ୟ କରୁଛନ୍ତି। ସେ ପ୍ରଥମେ ଲଣ୍ଡନରେ କାମ କରୁଥିଲେ ଓ ୨୦୦୮ରେ ଭାରତକୁ ଫେରି ପ୍ରଥମେ ଏକ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରିଥିଲେ। ପରେ ୨୦୧୪ରେ ଦୂଷିତ ପାଣିକୁ ପାନୀୟଯୋଗ୍ୟ କରିବା କାର୍ଯ୍ୟ ଆରମ୍ଭ କରିଥିଲେ। ବିକାଶ ବୋନସନ୍ ହ୍ୱାଇଟ୍‌ୱାଟର (ବିଡବ୍ଲ୍ୟୁଡବ୍ଲ୍ୟୁ) ପଦ୍ଧତିରେ ୧୧ଟି ସ୍ତରରେ ପାଣିକୁ ଫିଲ୍ଟର କରି ସେଥିରୁ ବିଭିନ୍ନ ପ୍ରକାର ଜୀବାଣୁ, ରାସାୟନିକ ଏବଂ ପ୍ରଦୂଷଣକାରୀ କଣିକା ଦୂର କରୁଛନ୍ତି। ଏବେ ବେଙ୍ଗାଲୁରୁ ଓ ହାଇଦ୍ରାବାଦର ଶିଳ୍ପ, ଆଇଟି ପାର୍କ, ମଲ୍ ଏବଂ ଆପାର୍ଟମେଣ୍ଟଗୁଡ଼ିକରେ ୱେଷ୍ଟ ୱାଟରକୁ ରିସାଇକେଲ କରୁଛନ୍ତି। ଏହି ପାନୀୟ ଜଳକୁ ନ୍ୟାଶନାଲ ଆକ୍ରିଡେଶନ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ କାଲିବରେଶନ ଲାବୋରେଟୋରି(ଏନ୍‌ଏବିଏଲ୍) ପାନୀୟଯୋଗ୍ୟ ବୋଲି କହିଛି। ବିଡବ୍ଲ୍ୟୁଡବ୍ଲ୍ୟୁ ପଦ୍ଧତିରେ ଦିନକୁ ୩୦,୦୦୦ରୁ ୪୦,୦୦୦ ଲିଟର ଓ ବଡ଼ ମଲଗୁଡ଼ିକରେ ଦିନକୁ ୧,୫୦,୦୦୦ ଲିଟର ପାଣି ରିସାଇକେଲ ହୋଇପାରୁଛି ବୋଲି କହିଛନ୍ତି ବିକାଶ।

## ୨୫ ବର୍ଷ ତଳର ଧରିତ୍ରୀ

**୫ ନଭେମ୍ବର ୧୯୯୭**

- ଇସ୍ରାଏଲ ସହ ଶାନ୍ତି ଚୁକ୍ତି ସ୍ୱାକ୍ଷର କରିବା ପରେ ପ୍ରଥମ ଥର ନିମନ୍ତେ ଜୋର୍ଡାନରେ ନୂତନ ପାର୍ଲାମେଣ୍ଟ ପାଇଁ ନିର୍ବାଚନ ଅନୁଷ୍ଠିତ।
- କଂଗ୍ରେସ ସଭାପତି ସୀତରାମ କେସରୀ ଅପ୍ରତ୍ୟାଶିତ ଭାବେ ୧୫ ଜଣ ଯୁଗ୍ମ ସମ୍ପାଦକଙ୍କୁ ସେମାନଙ୍କ ପଦରୁ ବହିଷ୍କାର କରିଛନ୍ତି।
- ଦଳବିରୋଧୀ କର୍ଯ୍ୟକଳାପ ପାଇଁ ହିମାଚଳ ପ୍ରଦେଶର ଦୁଇ କଂଗ୍ରେସ ବିଧାୟକ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 5 | | | | | | 2 |
| | | | | | | 7 | | 8 |
| 2 | | 9 | | | 8 | | 5 | |
| | | 4 | 6 | | | | | |
| 9 | | | 2 | | | 5 | | 7 |
| | 5 | | | | | 6 | | |
| | | | | | 1 | 8 | 6 | 3 |
| | | | 5 | 8 | 3 | | | |
| | | 7 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 1 | 4 | 5 | 7 | 9 | 6 | 2 |
| 2 | 5 | 6 | 9 | 3 | 8 | 4 | 1 | 7 |
| 9 | 7 | 4 | 6 | 2 | 1 | 8 | 3 | 5 |
| 3 | 2 | 9 | 8 | 7 | 4 | 1 | 5 | 6 |
| 5 | 6 | 7 | 3 | 1 | 9 | 2 | 4 | 8 |
| 1 | 4 | 8 | 2 | 6 | 5 | 7 | 9 | 3 |
| 6 | 9 | 2 | 1 | 8 | 3 | 5 | 7 | 4 |
| 4 | 8 | 5 | 7 | 9 | 6 | 3 | 2 | 1 |
| 7 | 1 | 3 | 5 | 4 | 2 | 6 | 8 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସନର ଦାୟିତ୍ୱହୀନତା

ମହାଶୟ,

ସାଧାରଣ ଲୋକଙ୍କ ପାଇଁ ଝୁଲାପୋଲ ବା କେବୁଲ ବ୍ରିଜ ଭାରତର ଦୁର୍ଗମ ପାହାଡ଼ି ଇଲାକାର ନଦୀଗୁଡ଼ିକରେ ନିର୍ମାଣ କରାଯାଇଥାଏ। କିନ୍ତୁ ଝୁଲାପୋଲ ନିର୍ମାଣ କରିବା ପରେ ସ୍ଥାନୀୟ ମନ୍ତ୍ରୀ ଓ ନେତାମାନେ ନିଜ ନାମ ସହ ଫଳକ ଲଗାଇ ଉଦ୍‌ଘାଟନ କରିବା ପରେ ଭୁଲିଯାଆନ୍ତି ଓ ସେଗୁଡ଼ିକର ସ୍ଥାୟିତ୍ୱ ସମ୍ପର୍କରେ ଚିନ୍ତା କରିନଥାନ୍ତି। ଏପରିକି ରକ୍ଷଣାବେକ୍ଷଣ ଯାଞ୍ଚ କରିବାରେ ନିର୍ମାଣକାରୀ ସଂସ୍ଥା ଅବହେଳା କରିଥାଏ। ସମୟ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଝୁଲା ପୋଲକୁ କ୍ଷତି ପହଞ୍ଚାଇଥାଏ। ଫଳରେ ଦୁର୍ଭାଗ୍ୟବଶତଃ ଦୁର୍ଘଟଣା ଘଟି ବହୁ ଜନସାଧାରଣ ମୃତାହତ ହେଉଛନ୍ତି। ଗୁଜରାଟ ଝୁଲାପୋଲ ଦୁର୍ଘଟଣା ପାଇଁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନର ଦାୟିତ୍ୱହୀନତାକୁ ଦାୟୀ କରାଯାଇପାରେ। ମୃତକଙ୍କ ପରିବାରକୁ ସାନ୍ତ୍ୱନା ଓ କ୍ଷତି ପୂରଣ ରାଶି ପ୍ରଦାନ କରି ପ୍ରଶାସନ ନିଜର କର୍ତ୍ତବ୍ୟବୋଧ ସମ୍ପାଦନ କରିବା ସମସ୍ୟାର ସମାଧାନ ନୁହେଁ, ବରଂ ଭାରତରେ ଯେତେସବୁ ଝୁଲାପୋଲ ନିର୍ମାଣ କରାଯାଇଅଛି, ସେଗୁଡିକର ରକ୍ଷଣାବେକ୍ଷଣ ଓ ସମ୍ପୂର୍ଣ୍ଣ ମରାମତି କାର୍ଯ୍ୟ ଯୁଦ୍ଧକାଳୀନଭିତ୍ତିରେ କରିବା ପାଇଁ ପଦକ୍ଷେପ ନେବା ଉଚିତ। ଝୁଲାପୋଲର ନିର୍ମାଣକାରୀ ସଂସ୍ଥା ପୋଲର ଉପଯୁକ୍ତ ବ୍ୟବହାରିକ ସ୍ଥିତିକୁ ଅନୁଧ୍ୟାନ କରି ସରକାରଙ୍କୁ ଅବଗତ କରିବା ଆବଶ୍ୟକ। ଯେଉଁସ୍ଥାନରେ କେବୁଲ ବ୍ରିଜ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ, ସେଠାରେ ସ୍ଥାୟୀ କଂକ୍ରିଟ ବ୍ରିଜ ନିର୍ମାଣ କରିବା ପାଇଁ ବଜେଟରେ ଆର୍ଥିକ ଆବଣ୍ଟନର ବ୍ୟବସ୍ଥା ଗ୍ରହଣ କରିବା ଠିକ୍ ହେବ। ଗୁଜରାଟର ମୋର୍ବିସ୍ଥିତ ମାଚ୍ଛୁ ନଦୀରେ ଝୁଲାପୋଲ ଦୁର୍ଘଟଣା ଯେପରି ଅନ୍ୟ ସ୍ଥାନରେ ଥିବା ଝୁଲାପୋଲରେ ନ ଘଟୁ, ସେଥିପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ସଚେତନ ହେବା ଜରୁରୀ ।

**–ଅଶୋକ କୁମାର ଆଢ଼୍ୟ ମରୀଚିକୋଟ ଗଳି, ପୁରୀ**

## ଚିରନ୍ତନୀ

ମରମେ ମୋହର ଅମୃତ ଗଲା ବରଷି
ଶତ ଧାରେ
କିବା ଉତ୍ସବେ ଉଠିଲା ଏ ଦେହ ହରଷି
ବାରେ ବାରେ।

–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଇସୁଦାନ ଗଢ଼ବୀ ଏଏପି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

## ଗୁଜରାଟ ବିଧାନସଭା ନିର୍ବାଚନ



ଇସୁଦାନ ଗଢ଼ବୀ

**ନୂଆଦିଲ୍ଲୀ,୪।୧୧**

ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଇସୁଦାନ ଗଢ଼ବୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ଶୁକ୍ରବାର ଗଢ଼ବୀଙ୍କ ନାମ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରାର୍ଥିତ୍ୱକୁ ନେଇ ଦଳ ପକ୍ଷରୁ ଜନସାଧାରଣଙ୍କ ମତାମତ ସଂଗ୍ରହ କରାଯାଇଥିଲା। ୪୦ ବର୍ଷୀୟ ଗଢ଼ବୀଙ୍କ ସପକ୍ଷରେ ୭୩ ପ୍ରତିଶତ ଭୋଟ ମିଳିଥିବା କେଜ୍‌ରିୱାଲ କହିଛନ୍ତି। ଗଢ଼ବୀ ଏବେ ଏଏପିର ସାଧାରଣ ସମ୍ପାଦକ ଏବଂ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅଛନ୍ତି। ୧୯୮୨ ଜାନୁୟାରୀ ୧୦ରେ ଗୁଜରାଟର ଦ୍ୱାରକାରେ ଜନ୍ମିତ ଗଢ଼ବୀ ପେସାରେ ଜଣେ ସାମ୍ବାଦିକ। ସେ ଭିଟିଭି ଗୁଜରାଟୀର ଲୋକପ୍ରିୟ ନ୍ୟୁଜ୍ ଶୋ' 'ମହାମନ୍ଥନ'ର ଆଙ୍କରିଂ କରୁଥିଲେ। ସେ ଲୋକପ୍ରିୟ ଦୂରଦର୍ଶନ ଶୋ' 'ଯୋଜନା'ରୁ ତାଙ୍କର ସାମ୍ବାଦିକତା କ୍ୟାରିୟର ଆରମ୍ଭ କରିଥିଲେ। ସେ ଇଟିଭି ଗୁଜରାଟୀରେ ୨୦୦୭ରୁ ୨୦୧୧ ପର୍ଯ୍ୟନ୍ତ ସାମ୍ବାଦିକ ଭାବେ କାର୍ଯ୍ୟ କରିଥିଲେ। ବେଆଇନ ଜଙ୍ଗଲକଟାରେ୧୫୦ କୋଟି ଟଙ୍କାର ଦୁର୍ନୀତିକୁ ପଦାରେ ପକାଇ ସେ ଖ୍ୟାତି ଅର୍ଜନ କରିଥିଲେ। ୨୦୨୧ ଜୁନ୍‌ରେ ସେ ଏଏପିରେ ଯୋଗଦେଇଥିଲେ।

ଗୁଜରାଟରେ ଏଏପି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚୟନ ଲାଗି କେଜ୍‌ରିୱାଲ ଜନମତ ଲୋଡ଼ିଥିଲେ। ଏସ୍‌ଏମ୍‌ଏସ୍, ହ୍ୱାଟ୍ସଆପ୍, ଭଏସ୍ ମେଲ୍, ଇ-ମେଲ୍‌ରେ ମତାମତ ଜଣାଇବାକୁ ଗତମାସ ୨୯ରେ ରାଜ୍ୟର ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା। ୧୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚୟନ ଲାଗି ଭୋଟ ଦେଇଥିଲେ।

ଗୁଜରାଟ ବିଧାନସଭା ନିର୍ବାଚନ ଡିସେମ୍ବର ୧ ଓ ୫ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇ ୮ ତାରିଖରେ ଫଳାଫଳ ପ୍ରକାଶ ପାଇବ। ଗୁରୁବାର ମୁଖ୍ୟ ନିର୍ବାଚନ କମିଶନର ନିର୍ବାଚନ ତାରିଖ ଘୋଷଣା କରିବା ପରେ ଏଏପି ନିଶ୍ଚୟ ବିଜୟୀ ହେବ ବୋଲି କେଜ୍‌ରିୱାଲ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଗୁଜରାଟ ଜନସାଧାରଣ ବଡ଼ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ବୋଲି ସେ କହିଥିଲେ।

# ୧ ଲକ୍ଷ ନିଯୁକ୍ତି ଦେବ କଂଗ୍ରେସ

## ହିମାଚଳପ୍ରଦେଶ ନିର୍ବାଚନ



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

**କାଙ୍ଗ୍ରା,୪।୧୧(ପି.ଟି.)**

ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହୋଇ କ୍ଷମତାକୁ ଫେରିଲେ ରାଜ୍ୟରେ ଲକ୍ଷେ ନିଯୁକ୍ତି ପ୍ରଦାନ କରିବା ସହ ପୁରୁଣା ପେନ୍‌ସନ ଯୋଜନା କାର୍ଯ୍ୟକାରୀ କରିବ ବୋଲି ଶୁକ୍ରବାର ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ୧,୫୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରିୟଙ୍କା କହିଛନ୍ତି। କାଙ୍ଗ୍ରାଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ପ୍ରିୟଙ୍କା କହିଥିଲେ, ରାଜ୍ୟରେ ଅତ୍ୟଧିକ ନିଶା କାରବାର ଯୋଗୁ ଯୁବତୀଯୁବକଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲିହୋଇ ଯାଉଛି। କଂଗ୍ରେସ ଏହା ବିରୋଧରେ ଲଢ଼େଇ କରିବା ସହ ପ୍ରତି ନିର୍ବାଚନ ମଣ୍ଡଳୀରେ ଇଂଲିଶ ମିଡିୟମ ସ୍କୁଲ୍ ଖୋଲାଯିବ ବୋଲି ପ୍ରିୟଙ୍କା କହିଛନ୍ତି। ଭାଜପା ସରକାରରେ ରାଜ୍ୟ ଋଣଭାରରେ ବୁଡ଼ିଗଲାଣି। ୬୩,୦୦୦ ସରକାରୀ ପଦବୀ ଖାଲି ପଡ଼ିଛି। ଛତିଶଗଡ଼ ଓ ରାଜସ୍ଥାନ ଭଳି ହିମାଚଳପ୍ରଦେଶରେ କଂଗ୍ରେସ ତା'ର ସମସ୍ତ ପ୍ରତିଶ୍ରୁତି ପୂରଣ କରିବ। ଛତିଶଗଡ଼ରେ ଭୂପେଶ ବଘେଲ ସରକାର ୩ ବର୍ଷରେ ୫ ଲକ୍ଷ ନିଯୁକ୍ତି ପ୍ରଦାନ କରିଥିବାବେଳେ ରାଜସ୍ଥାନରେ କଂଗ୍ରେସ ସରକାର ୧.୩୦ ଲକ୍ଷଙ୍କୁ ନିଯୁକ୍ତି ଯୋଗାଇ ଦେଇଥିବା ପ୍ରିୟଙ୍କା କହିଥିଲେ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com


# ଭାରତ ଯୋଡ଼ୋ ଯାତ୍ରାରେ ଗଣ୍ଡଗୋଳ



ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ ନେତା ଓ କର୍ମୀ।

**ଚଣ୍ଡିଖୋଲ,୪।୧୧(ଡି.ଏନ୍.ଏ.)**

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ସାରାଦେଶରେ ଭାରତ ଯୋଡ଼ୋ ଯାତ୍ରା ଚାଲିଛି। ଓଡ଼ିଶାରେ ଏହିଯାତ୍ରାର ୫ମଦିନରେ ଶୁକ୍ରବାର ଯାଜପୁର ଜିଲାର ପ୍ରବେଶଦ୍ୱାର ଛତିଆଠାରେ ପଦଯାତ୍ରା ପହଞ୍ଚିଛି। ଏଠାରେ ବଡ଼ଚଣା କଂଗ୍ରେସ ତରଫରୁ ପଦଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଛତିଆ-ନେଳିଆଠାରେ ବଡ଼ଚଣା କଂଗ୍ରେସ ନେତା ରାଜନାରାୟଣ ମହାପାତ୍ର ଓ ଅଜୟ ସାମଲଙ୍କ ଗୋଷ୍ଠୀ ପକ୍ଷରୁ ଏହି ଯାତ୍ରାକୁ ସ୍ୱାଗତ କରାଯାଇଥିଲା। ତେବେ ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଅଜୟ ସାମଲ ସ୍ୱାଗତ କରିବାକୁ ଯାଇଥିବା ବେଳେ ତାଙ୍କୁ ଗୋଟିଏ ଗୋଷ୍ଠୀ ତରଫରୁ ମାଡ଼ ମରାଯାଇଛି। ଫଳରେ ସେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ତେବେ ଭାରତଯୋଡ଼ୋ ଯାତ୍ରା କରି ଲୋକଙ୍କୁ ସାଙ୍ଗରେ ନେବାକୁ କଂଗ୍ରେସ ଚେଷ୍ଟା କରୁଛି। ହେଲେ ଯାଜପୁର ଜିଲାରେ ଏଭଳି ଅପ୍ରୀତିକର ପରିସ୍ଥିତିରୁ ଦଳ ଯୋଡ଼ିହେବ ନା ଆହୁରି ଭାଙ୍ଗିବ ସେନେଇ ଆଲୋଚନା ଚାଲିଛି।

ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଭୁବନେଶ୍ୱରରୁ ବାହାରି ଥିବା ଏହି ପଦଯାତ୍ରାରେ ରାଜ୍ୟର ବହୁ ବରିଷ୍ଠ କଂଗ୍ରେସ ନେତା ଯୋଗଦେଇଛନ୍ତି। କଂଗ୍ରେସକୁ ଆଗାମୀ ଦିନରେ ଅଧିକ ଶକ୍ତିଶାଳୀ କରିବା ଲାଗି ତଥା ସାଧାରଣ ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ ପାଇଁ ଏହି ଯାତ୍ରା ହେଉଥିବା ପକ୍ଷରୁ ପକ୍ଷରୁ କୁହାଯାଇଛି। ଏଥିରେ ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ଜିଲା କଂଗ୍ରେସ ପର୍ଯ୍ୟବେକ୍ଷକ ଅମୀୟ ପଟ୍ଟନାୟକ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, ଜିଲା ଛାତ୍ର କଂଗ୍ରେସ ସଭାପତି ଅନନ୍ତ କୁମାର ଦାସ, ରାଜ୍ୟ କଂଗ୍ରେସ ମୁଖପାତ୍ର ମାନସ କୁମାର କର, ପୂର୍ବତନ ବିଧାୟକ ଭୂଜବଳ ମାଝିଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତା ଯୋଗ ଦେଇଛନ୍ତି।

### ଆକ୍ରମଣରେ ବିଧାୟକ ପ୍ରାର୍ଥୀ ଗୁରୁତର

ଆହତ ବଡ଼ଚଣା କଂଗ୍ରେସ ନେତା ସାମଲଙ୍କୁ ପଚାରିବାରୁ ସେ କୁହନ୍ତି, ସ୍ୱାଗତ କରିବା ସମୟରେ କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ହୋଇ ସେ ଚିକିତ୍ସିତ ହେଉଛନ୍ତି। ମେଡିକାଲରୁ ଫେରିବା ପରେ ଥାନାରେ ଅଭିଯୋଗ କରିବେ ବୋଲି ସେ କହିଛନ୍ତି।

# ଫଳାଫଳକୁ ନେଇ ଚାଲିଛି ଅଙ୍କକଷା

## ଧାମନଗର ଉପନିର୍ବାଚନ

**ଭଦ୍ରକ ଅଫିସ, ୪।୧୧**

ଧାମନଗର ଉପନିର୍ବାଚନ ଗୁରୁବାର ଶେଷ ହୋଇଥିବା ବେଳେ ଫଳାଫଳକୁ ନେଇ ୩ ପ୍ରମୁଖ ଦଳ ପକ୍ଷରୁ ଚାଲିଛି ଅଙ୍କକଷା। ୫ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଥିବା ବେଳେ ହାର୍‌ଜିତ୍‌କୁ ନେଇ ସବୁ ଦଳର ନେତା ଅଡୁଆରେ ପଡ଼ିଯାଇଛନ୍ତି।

୨୦୨୪ ସାଧାରଣ ନିର୍ବାଚନରେ ଏହି ଫଳାଫଳର ପ୍ରଭାବ ପଡ଼ିବ ବୋଲି ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି। ରାଜ୍ୟରେ ପୂର୍ବରୁ ହୋଇଥିବା ସମସ୍ତ ଉପନିର୍ବାଚନରେ ବିଜେଡି ବିଜୟ ହାସଲ କରିଥିବା ବେଳେ ଧାମନଗରରେ କିନ୍ତୁ ଭାଜପା ସହ ଜୋର୍‌ଦାର ଟକ୍କର ହୋଇଛି। ସେହିପରି ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ ଟିକେଟ୍ ନ ପାଇ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବା ବିଜେଡି ପାଇଁ ଚ୍ୟାଲେଞ୍ଜ ହୋଇଛି। ଯେଉଁଥିପାଇଁ ଫଳାଫଳକୁ ନେଇ ଚିନ୍ତାରେ ଅଛନ୍ତି ବିଜେଡି ନେତା। ଭାଜପା ଅନୁକମ୍ପା ଭୋଟ୍ ନେଇ ବିଜୟୀ ହେବ ନା ମହିଳା କାର୍ଡ ଖେଳିଥିବା ବିଜେଡି ବାଜି ମାରି ନେବ ତାହା ଆସନ୍ତା ୬ ତାରିଖରେ ଜଣାପଡ଼ିବ। ଭାଜପା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୩ ଥର ଗସ୍ତ କରି ପ୍ରଚାର କରିଥିବା ବେଳେ ବିଜେଡି ଲାଗି ଭର୍ଚୁଆଲରେ ପ୍ରଚାର କରିଥିଲେ ମୁଖ୍ୟମନ୍ତ୍ରୀ। ସେହିପରି କଂଗ୍ରେସ ମଧ୍ୟ ବିଗତ ଉପନିର୍ବାଚନଠାରୁ ଧାମନଗର ଉପନିର୍ବାଚନକୁ ଗୁରୁତ୍ୱ ଦେଇ ଜୋର୍‌ଦାର ପ୍ରଚାର କରିଥିଲା। କଂଗ୍ରେସର ହେଭିୱେଟ ନେତାମାନେ ପ୍ରଚାରରେ ସାମିଲ ହୋଇ କଂଗ୍ରେସର ସମ୍ମାନ ରଖିବାକୁ ଜୋର୍‌ଦାର ଉଦ୍ୟମ କରିଛନ୍ତି। ଅନ୍ୟପକ୍ଷେ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କ ପାଇଁ ଏହା ସମ୍ମାନର ପ୍ରଶ୍ନ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି।

## ମତଦାନ ହାର ୬୮.୯୮%

- ପୁରୁଷଙ୍କ ତୁଳନାରେ ମହିଳାଙ୍କ ମତଦାନ ହାର ଅଧିକ
- ୧୧୬ ନଂ. ବୁଥ୍‌ରେ ସର୍ବାଧିକ, ୬୯ ନଂ. ବୁଥ୍‌ରେ ସର୍ବନିମ୍ନ ଭୋଟ

**ଭୁବନେଶ୍ୱର,(ବ୍ୟୁରୋ)/ ଭଦ୍ରକ ଅଫିସ,୪।୧୧**

ଧାମନଗର ଉପନିର୍ବାଚନରେ ଚୂଡ଼ାନ୍ତ ମତଦାନ ହାର ୬୮.୯୮ ପ୍ରତିଶତ ହୋଇଛି। ଏ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ଧାମନଗର ଉପନିର୍ବାଚନ ପାଇଁ ମତଦାନ ଶେଷ ହୋଇଥିବାବେଳେ ଆସନ୍ତା ୬ ତାରିଖରେ ଭୋଟ ଗଣତି ହେବ। କଡ଼ା ସୁରକ୍ଷା ମଧ୍ୟରେ ଇଭିଏମ୍ ଓ ଭିଭିପାଟ୍ ମେଶିନକୁ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଛି। ମିଳିଥିବା ତଥ୍ୟ ଅନୁସାରେ, ଧାମନଗର ନିର୍ବାଚନମଣ୍ଡଳୀରେ ମୋଟ ୨ଲକ୍ଷ ୩୮ହଜାର ୪୧୭ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୬୪ ହଜାର ୪୬୫ଜଣ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। ଏଠାରେ ମହିଳା ଭୋଟରଙ୍କ ତୁଳନାରେ ପୁରୁଷ ଭୋଟରଙ୍କ ସଂଖ୍ୟା ପ୍ରାୟ ୮ହଜାର ଅଧିକ ଥିଲେ ମଧ୍ୟ ଚଳିତ ଉପନିର୍ବାଚନରେ ଅଧିକ ସଂଖ୍ୟକ ମହିଳା ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଥିବା ଜଣାପଡ଼ିଛି। ସୁଦଶା ବ୍ରତ ସତ୍ତ୍ୱେ ପୁରୁଷ ଭୋଟରଙ୍କ ତୁଳନାରେ ପ୍ରାୟ ୬ହଜାର ଅଧିକ ମହିଳା ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି।

ଅପରପକ୍ଷେ ଧାମନଗର ଏନ୍‌ଏସିର ୧୧୬ ନଂ. ବୁଥ୍ ଜୟନଗର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସର୍ବାଧିକ ୮୩.୩୨% ମତଦାନ ହୋଇଛି। ସେହିପରି ତିହିଡ଼ିର ୬୯ ନମ୍ବର ବୁଥ୍ ବାରୋ ନୋଡାଲ ହାଇସ୍କୁଲରେ ସର୍ବନିମ୍ନ ମତଦାନ (୫୪.୮୭%) ହୋଇଥିବା ନେଇ ନିର୍ବାଚନ ଅଧିକାରୀ ତଥା ଭଦ୍ରକ ଅତିରିକ୍ତ ଉପଜିଲାପାଳ ଲକ୍ଷ୍ମୀପ୍ରସାଦ ସାହୁ ସୂଚନା ଦେଇଛନ୍ତି।


BRINDAVAN HOSPITAL & RESEARCH CENTRE P. LTD.
Ranchi Road, Dist-Ramgarh, Jharkhand
NEED LADY DOCTORS MD OBS. GYNECOLOGY WITH KNOWLEDGE IN IVF & USG.
Please mail us on:
brindavan_hospital@rediffmail.com
Mobile No.:
9199342254
7209671916

ମାଳୀ ଆବଶ୍ୟକ
ଫାର୍ମ ପାଇଁ ମାଳୀ ଆବଶ୍ୟକ।
ଯୋଗାଯୋଗ :
ଟଙ୍କପାଣି ରୋଡ୍, ଭୁବନେଶ୍ୱର
Ph.: 8260765256
8480925433

ST. XAVIER'S HIGH SCHOOL
NEAR CHECK GATE, SAMANTARAPUR, BHUBANESWAR
URGENTLY REQUIRED ACCOUNT OFFICER
Qualification : Minimum B.Com/M.Com, BBA/MBA Finance.
Experience : Relevant 2 - 3 years experience.
Age : 25 - 35 Yrs.
Computer Skill : Must have strong knowledge of MS Office, Excel & Tally, ERP. Should handle Account process independently.
Candidate fulfilling the above criteria should send their updated resume within 7 days by E-mail: stxavierbbsr@gmail.com
NUMBER OF POSTS VACANT - 24
SELECTED CANDIDATES WILL BE POSTED IN DIFFERENT DISTRICTS IN ODISHA.
Only shortlisted Candidate will be Contacted



ପୂର୍ବ ତଟ ରେଳପଥ

ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ପାର୍କିଙ୍ଗ୍ ଷ୍ଟାଣ୍ଡ (Parking Stand)ର ଇ-ନିଲାମ

| କ୍ରମ ସଂ. | ଷ୍ଟେସନ ଏବଂ ସ୍ଥାନ | ନିଲାମ ଶେଷ ତାରିଖ ଓ ସମୟ |
|---|---|---|
| 1 | କାଇପଦର ରୋଡ୍-2 ଚକିଆ (ପରିଭ୍ରମଣ କ୍ଷେତ୍ର ନିକଟରେ) | 18.11.2022, 1030 ଘଟିକା |
| 2 | କୁହୁଡ଼ି-2 ଚକିଆ (ପରିଭ୍ରମଣ କ୍ଷେତ୍ର ବିପରୀତ ଦିଗରେ) | 18.11.2022, 1040 ଘଟିକା |
| 3 | ବନବିହାରୀ ଗ୍ୱାଲିପୁର ପି.ଏଚ୍.-2 ଚକିଆ (ପ୍ଲାଟଫର୍ମ-2 ପାର୍ଶ୍ୱରେ) | 18.11.2022, 1050 ଘଟିକା |
| 4 | ବଡ଼ବନ୍ଧ-2 ଚକିଆ (ପ୍ଲାଟଫର୍ମ 1 ନିକଟରେ) | 18.11.2022, 1100 ଘଟିକା |
| 5 | ବାରଙ୍ଗ-2 ଚକିଆ (ପ୍ଲାଟଫର୍ମ 1 ପାର୍ଶ୍ୱ ଠାରେ OFC ପ୍ରକୋଷ୍ଠ ନିକଟରେ) | 18.11.2022, 1110 ଘଟିକା |
| 6 | ଟାଙ୍ଗିଆପାଳ-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ନିକଟରେ) | 18.11.2022, 1120 ଘଟିକା |
| 7 | ଭୁବନେଶ୍ୱର-2 ଚକିଆ (ପ୍ଲାଟଫର୍ମ ନଂ.1A ପାର୍ଶ୍ୱ ଠାରେ ପମ୍ପ ହାଉସ୍ ନିକଟରେ) | 18.11.2022, 1130 ଘଟିକା |
| 8 | ବୋଲଗଡ଼ ଟାଉନ ପି.ଏଚ୍.-2 ଚକିଆ (ପ୍ଲାଟଫର୍ମ ନଂ.1 ପାର୍ଶ୍ୱରେ) | 18.11.2022, 1140 ଘଟିକା |
| 9 | ସୋଲରୀ-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ) | 18.11.2022, 1150 ଘଟିକା |
| 10 | ବ୍ରାହ୍ମଣୀ ପି.ଏଚ୍.-2 ଚକିଆ (ଅପ୍ ଲାଇନ୍ ପାର୍ଶ୍ୱରେ) | 18.11.2022, 1200 ଘଟିକା |
| 11 | ବାଣ୍ଡିମାଳ ପି.ଏଚ୍.-2 ଚକିଆ (ନୂଆ ରେଳ ଲାଇନ୍ ନିକଟରେ) | 18.11.2022, 1210 ଘଟିକା |

ଆସେଟ୍ ବିବରଣୀ : ପାର୍କିଙ୍ଗ୍ ଷ୍ଟାଣ୍ଡ (କ୍ରମ ସଂ.1 ଠାରୁ 11ପାଇଁ), ନିଲାମ ଆରମ୍ଭ ତାରିଖ ଓ ସମୟ : 18.11.2022, 1000 ଘଟିକା (କ୍ରମ ସଂ.1 ଠାରୁ 11 ପାଇଁ)।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଗ୍ରହୀ ବିଡରମାନଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

PR-669/N/22-23 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ଖୋର୍ଦ୍ଧା ରୋଡ୍



No. W-61

ACCESS TO JUSTICE FOR ALL

ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୨

ତା ୧୨.୧୧.୨୦୨୨ ରିଖ (ଦ୍ୱିତୀୟ ଶନିବାର)

ବିଶେଷ ସୂଚନା

୧ ଆଜ୍ଞା, କୌଣସି କଚେରୀରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧିନ ରହିଛି କି, ବା ଆପଣଙ୍କ ର କାହା ସହିତ କୌଣସି ବିବାଦ ରହିଛି କି?

୨ ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋଷ ସହମତରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ।

୩ ତା ୧୨.୧୧.୨୦୨୨ ରିଖ (ଦ୍ୱିତୀୟ ଶନିବାର) ରେ ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲା ସ୍ତରୀୟ ଏବଂ ରାଷ୍ଟ୍ର ସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ର ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।

୪ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହିନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତିତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧିୟ (ଦରମା, ଭତା ଓ ଅବସରକାଳୀନ ପ୍ରାପ୍ୟ), ରାଜସ୍ୱ ମକଦ୍ଦମା, ଅନ୍ୟାନ୍ୟ ଦେଓାନୀ ମକଦ୍ଦମା ଇତ୍ୟାଦି ଓ ଅନ୍ୟାନ୍ୟ ଫୌଜଦାରୀ ମକଦ୍ଦମା ର ଆପୋଷ ସହମତିରେ ସମାଧାନ କରାଯାଇପାରିବ।

୫ କେବଳ ବିଚାରାଧିନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହିନ ବିବାଦକୁ ବାଦ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେଓାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକଅଦାଲତ ରେ ହୋଇପାରିବ।

୬ ଲୋକ ଅଦାଲତରେ ମକଦ୍ଦମା /ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଲଯୋଗ୍ୟ।

୭ ଯଦି କୌଣସି ବିଚାରାଧିନ ମକଦ୍ଦମା ର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।

୮ ଦୀର୍ଘ ଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।

୯ ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତ ରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ,
ଆଇନ୍ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ :
ମୋ-୯୪୩୮୫୭୮୫୮୬/୯୪୩୭୯୫୯୭୩୧
ଇ-ମେଲ୍- oslsa2020@gmail.com

OIPR-18008/11/0014/2223



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
No.B-780: JEYPORE (R&B) CIRCLE, JEYPORE
e-mail ID-supenger_rbjyp@yahoo.co.in, Phone No-06854-231528
INVITATIONS FOR BIDS (IFB)
Bid Identification No. C.C.E.J.C (R&B) -10/2022-23
No.4284 Date. 29.10.2022

1. Nature of the work : BUILDING & ROAD WORKS
2. Total No. of Works : 03 (Three) Nos.
3. Estimated cost : Rs. 245.03 Lakhs to 246.02 Lakhs As per works.
4. Period of completion : 06 (Six) Months to 09 (Nine) Months.
5. Cost of Bid Document : Rs.10,000/- each.
6. Bid Security (EMD) : Bid Security Declaration (Schedule-K)
7. Class of Contractor : "B" & "A" Class as per cl. No.05 of TCN & according to works.
8. Date & time of availability of bid Document in the portal : From 10.00 hours of 07.11.2022 to 17.00 hours of 28.11.2022
9. Last date / Time for receipt of bids in the Portal : 17.00 hours of 28.11.2022
10. Opening date of Bid : 10.00 hours of 29.11.2022
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

Further details can be seen from the e-Procurement portal https://tendersodisha.gov.in. Any addendum/corrigendum/ cancellation of tender can also be seen in the said website only.

Sd./- Chief Construction Engineer
Jeypore (R&B) Circle, Jeypore
OIPR-34108/11/0011/2223



GOVERNMENT OF ODISHA
Office of the Chief Construction Engineer
Southern N.H. Circle, Berhampur
Email-senhsouthbam@gmail.com
INVITATION FOR BIDS
BID IDENTIFICATION NO. 09 /CCE NH, South of 2022-23
[e-Procurement]
Bid Identification No. 09/CCE NH, South of 2022-23
No.2640, Dated: 03.11.2022

No.b-27:1)The Chief Construction Engineer, Southern N.H. Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road works as detailed in the table below.

2) Nature of work : Road
3) No. of work : 1 No.
4) Tender Cost : Rs.10,000/-
5) Class of Contractor : "A" Class & "B" Class
6) Availability of Bid document in the Website : From 12.11.2022, 11.00 AM to 26.11.2022, 5.00 PM
7) Date of Opening of Bid : 28.11.2022 at 12.30 P.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any Corrigendum/Addendum/Cancellation of will be displayed in the e-tender website only.

Sd./- Chief Construction Engineer
Southern NH Circle, Berhampur
OIPR-34148/11/0005/2223



GOVERNMENT OF ODISHA
OFFICE OF THE EXECUTIVE ENGINEER, P.H. DIVISION, BALASORE
Phone: 9437086137, e-mail-eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)
Bid-Identification No.EEPHBLS-36 of 2022-23 dt.03.11.2022

No.C-1513:The Executive Engineer, P.H. Division, Balasore on behalf of Governor of Odisha, invites Item Rate bids in Double cover system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. in Lakh) | Period of Completion | Availability of bid document for online bidding: From | Availability of bid document for online bidding: To | Last date and time of seeking clarification | Date & Time of opening of technical bid |
|---|---|---|---|---|---|---|---|---|
| 1 | Supply of ISI Marked DI(K-7) Pipes for the work Source Improvement & Augmentation of Water Supply to Ward no.01 to 19 of Soro Municipality | EEPHBLS-36 dt.03.11.2022 | 142.41 | 60 (Sixty) Days | 11.00 Hrs. of Dt.10.11.2022 | 17.00 Hrs. of Dt.25.11.2022 | 17.00 Hrs. of 21.11.2022 | 11.00 Hrs. of 28.11.2022 |

The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Name and Address of the officer inviting bid :- The Executive Engineer, P.H. Division, Balasore-756056, Odisha, Phone : 9437086137

OIPR-13053/11/0014/2223 Sd./- Executive Engineer, P.H.Division, Balasore



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KENDRAPARA - JAJPUR
At/P.O.- Nayabazar, Cuttack - 753004, Tel. No. 0671-2444488, Email: serw_kpd@yahoo.com
No. Tender Online RCK-30/22 Letter No. 2733 Date: 02.11.2022

E-Procurement NOTICE

No. O-1212: **The Chief Construction Engineer, R.W. Circle, Kendrapara-Jajpur on behalf of Odisha State Rural Road Agency invites the percentage rate** bids in electronic tendering system for construction of roads under Pradhan Mantri Gram Sadak Yojana in the districts of **Jajpur for 2 (Two)** numbers of packages with estimated cost totaling to **Rs.10.54 Cr.** (Approximately) including their maintenance for five years from the eligible contractors registered with **State PWD/CPWD/MES/Railway**. The registered bidder of outside Odisha, can also participate in this process, but shall have to subsequently undergo registration with the approporiate authority of the State Govt. preferably within a month of the deadline for bid submission, but prior to signing of the contract.

**Date of release of Invitation for Bids through e-Procurement: Dtd.09.11.2022.**

**Availability of Bid documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the Authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original bid security declaration and (c) Original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with **Chief Construction Engineer, R.W. Circle, Kendrapara-Jajpur** on a date not later than three working days after the opening of technical qualification part of the Bid, either by Registered Post or By Hand, failing which the bids shall be declared non-responsive.

**Summary for key dates is provided below:**

| Procurement Officer | Bid Identification No. | Availability of Tender Online for bidding: From | Availability of Tender Online for bidding: To | Last date & time of seeking tender clarification | Date & time of opening of tender: Technical Bid | Date & time of opening of tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender RCK-30/22 | 09.11.2022 at 11.00 A.M. | 23.11.2022 to 5.00 P.M. | 22.11.2022 upto 5.00 P.M. | 24.11.2022 at 11.30 A.M. | Will be intimated later |

Date of submission of original documents such as Bid Security Declaration, Cost of bid document and affidavit Dt.25.11.2022 at 11.30 A.M. to 29.11.2022 at 3.00 P.M.

Further details can be seen from the website **www.pmgsytenders.gov.in**.

OIPR-25129/11/0035/2223 Sd./- Chief Construction Engineer, Rural Works Circle, Kendrapara-Jajpur



# ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରୁଛି ଶାବର ଶ୍ରୀକ୍ଷେତ୍ର

ପ୍ରାକୃତିକ ସୌନ୍ଦର୍ଯ୍ୟର ଅମରାବତୀ ହେଉଛି କୋରାପୁଟ। କୋରାପୁଟ ଜିଲାର ସ୍ୱତନ୍ତ୍ରତା ପ୍ରତିପାଦନ କରୁଛି ଏହି ଶ୍ରକ୍ଷେତ୍ର। ଜିଲାର ସୀମାନ୍ତ କୋଟିଆ ସମେତ ଜିଲା ଓ ଜିଲା ବାହାରେ ବହୁ ଜଗନ୍ନାଥ ମନ୍ଦିର ନିର୍ମାଣରେ ମୁଖ୍ୟ ପୁରଧା ସାଜିଛି ଏହି କ୍ଷେତ୍ର। ପୁରୀର ଶ୍ରୀକ୍ଷେତ୍ର ଭଳି ଏଠାରେ ଜଗନ୍ନାଥଙ୍କ ସମସ୍ତ ପୂଜାବିଧି ଚାଲେ। ପୁରୀ ରାଜା ରଥରେ ଛେରାପହଁରା କଲା ଭଳି ଶାବର ଶ୍ରୀକ୍ଷେତ୍ରରେ କୁମ୍ଭା ଗ୍ରାମର ଦାସୀ ନାୟକ ଛେରାପହଁରା କରିଥାନ୍ତି। ତାଙ୍କୁ ରାଜାଙ୍କ ଭଳି ସମ୍ମାନ ମିଳିଥାଏ। ଶାବର ଶ୍ରୀକ୍ଷେତ୍ର ରଥଯାତ୍ରାରେ ଯୋଗଦେବାକୁ ଜିଲାର ସମସ୍ତ ଆଦିବାସୀ ଗ୍ରାମଗୁଡିକୁ ମନ୍ଦିର ପରିଚାଳନା କମିଟି ଗୁଆ ନିମନ୍ତ୍ରଣ ପଠାଇଥାଏ। ଆଦିବାସୀଙ୍କ ସମାଗମରେ ହେଉଥିବା ଶାବର ଶ୍ରୀକ୍ଷେତ୍ରର ରଥଯାତ୍ରାରେ ଆଦିବାସୀମାନେ ନିଜ ବାଡିରେ ହୋଇଥିବା ବିଭିନ୍ନ ଫଳ ଓ ଭୋଗ ଭାର ଧରି ଆସିଥାନ୍ତି। ତାହା ପ୍ରଥମେ ଶ୍ରୀ ଜୀଉଙ୍କୁ ସମର୍ପଣ ପରେ ଅନ୍ୟ ଭୋଗ ପୂଜା କରାଯାଇଥାଏ।

## ମନ୍ଦିର ନିର୍ମାଣ ଇତିହାସ

୧୯୬୯ରେଏକ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପରିକଳ୍ପନା ହୋଇଥିବା ମନ୍ଦିର ପ୍ରତିଷ୍ଠାତା ସଦସ୍ୟ ତଥା ବର୍ତ୍ତମାନର ପରିଚାଳନା କମିଟିର ସମ୍ପାଦକ ଡ. ଜଗବନ୍ଧୁ ସାମଲ କହନ୍ତି। ସମୁଦ୍ରପତନଠାରୁ ୩ ହଜାର ଫୁଟ ଉଚ୍ଚରେ ଅବସ୍ଥିତ କୋରାପୁଟ ସହରରେ ସହର ମଧ୍ୟସ୍ଥଳରେ ଥିବା କୁର୍ମ ଶୈଳ ଶିଖରରେ ଏକ ପିଚୁଟିଣରେ ନିର୍ମିତ ଗମ୍ବୁଜାକୃତି ମନ୍ଦିର ଗୃହରେ ଶ୍ରୀଜୀଉ ପ୍ରତିଷ୍ଠା ପରଠାରୁ ଏଠାରେ ଶାବର ଶ୍ରକ୍ଷେତ୍ରର ଭିତ୍ତିଭୂମି ପଡିଥିଲା। ୧୯୬୯ ପୁରୀରେ ହୋଇଥିବା ନବକଳେବରର ବଳକା ଦାରୁରେ ନିର୍ମିତ ହୋଇଥିଲେ ଦାରୁ ବିଗ୍ରହ। ପ୍ରଭୁଙ୍କୁ ପଦ୍ମଶ୍ରୀ ପଣ୍ଡିତ ସଦାଶିବ ରଥଶର୍ମା ଏଠାରେ ୧୯୭୨ରେ ପ୍ରତିଷ୍ଠା କରାଇ ଶାବର ଶ୍ରୀକ୍ଷେତ୍ର ଭାବେ କୋରାପୁଟର ନାମକରଣ କରିଥିଲେ। ସେବେଠାରୁ ଏହି କ୍ଷେତ୍ର ଜିଲାର ପର୍ଯ୍ୟଟନ ଓ ଧାର୍ମିକ କ୍ଷେତ୍ରରେ ରାଜ୍ୟ ତଥା ଦେଶରେ ପରିଚିତ ହୋଇପାରିଛି। ପୁରୀ ଶ୍ରୀକ୍ଷେତ୍ରରେ ପ୍ରଚଳିତ ପରମ୍ପରା ଯାନି ଯାତ୍ରାକୁ ମଧ୍ୟ ମନ୍ଦିର ପ୍ରତିଷ୍ଠାଠାରୁ ମନ୍ଦିର ପରିଚାଳନା କମିଟି ଗୁରତ୍ୱ ଦେଇ ବିଭିନ୍ନ ପର୍ବପର୍ବାଣୀ ଓ ରଥଯାତ୍ରା ଆଦି କରିଆସିଛି। ଶାବର ଶ୍ରକ୍ଷେତ୍ର ପ୍ରକଳ୍ପର ମୁଖ୍ୟ ମନ୍ଦିର ନିର୍ମାଣ ଲାଗି ୧୯୭୩ ଜୁଲାଇ ୧୧ରେ ତତକାଳୀନ ଜିଲାପାଳ ଭାସ୍କର ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ଭୂମିପୂଜନ ହେବା ପରେ ସ୍ଥପତି ସତ୍ୟବାଦୀ ମହାରଣାଙ୍କ ଦ୍ୱାରା ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୯୭୮ ଜୁନରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ପରେ ପୁରୀ ଗଜପତି ଦିବ୍ୟସିଂହ ଦେବଙ୍କ ଉପସ୍ଥିତରେ ୩ଦିନ ଧରି ପ୍ରତିଷ୍ଠା ଉତ୍ସବ ପରେ ଚତୁର୍ଦ୍ଧାମୂର୍ତ୍ତି ନବନିର୍ମିତ ମନ୍ଦିରକୁ ବିଜେ କରିଥିଲେ। ପରେ ୧୯୮୨, ଏପ୍ରିଲରେ ସୁଦୂର ବାରଣାସୀର କାଶୀରେ ଦୁଇଶହ ବର୍ଷ ଧରି ପୂଜିତ ବାଣ ଲିଙ୍ଗ ମହାପ୍ରଭୁଙ୍କୁ ଶାବର ଶ୍ରୀକ୍ଷେତ୍ରରେ ଶ୍ରୀ ଶବରେଶ୍ୱର ମନ୍ଦିରରେ ପ୍ରତିଷ୍ଠା କରାଯାଏ। ୧୯୮୮ରେ ମୁଖ୍ୟ ମନ୍ଦିର ଚତୁଃପାର୍ଶ୍ୱରେ ପାର୍ଶ୍ୱ ମନ୍ଦିର ରୂପେ ମହାବୀର ହନୁମାନ, ଶ୍ରୀ ଗଣେଶ, ସୂର୍ଯ୍ୟ, ଶ୍ରୀ ଲକ୍ଷ୍ମୀନୃସିହ, ମା' ବିମଳା, ମା ସରସ୍ୱତୀ, ମାତା ଲଳିତାମ୍ବିକେ, ପର୍ଣ୍ଣ ଶବରୀ, ମହାଲକ୍ଷ୍ମୀ ଓ ନବଗ୍ରହ ମନ୍ଦିର ପ୍ରତିଷ୍ଠା ହୁଏ। ପ୍ରଥମେ ଶବରେଶ୍ୱର ମହାଦେବଙ୍କୁ ଦର୍ଶନ ବିଧି ରହିଛି। ସମୟକ୍ରମେ ଅମରନାଥ, କେଦାରନାଥ, ବୈଷ୍ଣୋଦେବୀ, ବଦ୍ରିନାଥ, ଦ୍ୱାରିକାନାଥ, ଗାୟତ୍ରୀ ମହାକାଳେଶ୍ୱର, ସୋମନାଥ, ପଶୁପତିନାଥ, ରାମେଶ୍ୱର ମନ୍ଦିରରେ ସମସ୍ତ ଦେବଦେବୀଙ୍କୁ ସ୍ଥାପନ କରାଯାଇଛି। ତୃତୀୟ ବେଢାରେ ରହିଛି ଯୁଗେ ଯୁଗେ ଜଗନ୍ନାଥ ଶିରୋନାମାରେ ଅନ୍ୟ ଏକ ବେଢା। ଏଠାରେ ଓଡିଶାର ପ୍ରଚଳିତ କାହାଣୀ ଓ କିମ୍ବଦନ୍ତୀରେ ଶ୍ରୀଜଗନ୍ନାଥଙ୍କ ପ୍ରସଙ୍ଗକୁ ନେଇ ଘଟଣାବଳୀକୁ ଜୀବନ୍ତ ଭାବେ ପ୍ରଦର୍ଶିତ କରାଯାଇଛି। ସେହିପରି ତୃତୀୟ ବେଢାରେ ରହିଛନ୍ତି ଉତ୍କଳଖଣ୍ଡର ବହୁ ପ୍ରସିଦ୍ଧ ଦେବ ଦେବୀ। ସେହିପରି ଚମ୍ପାବଣ ବା ଚମ୍ପକାଶ୍ରମ, ସର୍ବଧର୍ମର ପ୍ରତୀକ ହାତମୁଠା ଚିହ୍ନ, ଭାଗବତଘର, ସଦଗ୍ରନ୍ଥ ଭଣ୍ଡାର, ଶାବର ସଂସ୍କୃତି ଗବେଷଣା କେନ୍ଦ୍ର, ସଉରାଙ୍କ ଇଷ୍ଟଦେବତା ମାତାରବ୍ବମଙ୍କର ମନ୍ଦିର ଓ ଅକ୍ଷର ବ୍ରହ୍ମଙ୍କ ମନ୍ଦିର ଆଦି ଶାବର ଶ୍ରକ୍ଷେତ୍ରର ଶୋଭା ବର୍ଦ୍ଧନ କରିଛି। ଦୁର ଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଏଠାରେ ଅତିଥିଭବନ, ଅତିଥି ନିବାସ, ଯାତ୍ରୀ ନିବାସ, ଯାତ୍ରୀ କୁଟିର ଆଦି ରହିଛି। ମନ୍ଦିରର ଆନନ୍ଦ ବଜାରରେ ବର୍ଷ ତମାମ ମିଳିଥାଏ ମହାପ୍ରସାଦ।



**-ଅମିତାଭ ବେହେରା, କୋରାପୁଟ**

# କୋଟାପାଡୁରୁ କୋଟପାଡ଼




କୋରାପୁଟ ଜିଲା ଓ ଛତିଶଗଡ଼କୁ ସଂଯୋଗ କରୁଥିବା ସୀମାବର୍ତ୍ତୀ ସହର ହେଉଛି କୋଟପାଡ଼। ରାଜାରାଜୁଡା ଶାସନ ସମୟରୁ ଗଠନ ହେଇଥିବା ଏହି ସହରର ପୁରାତନ ନାମ ଥିଲା ଦମୟନ୍ତୀ ନଗର ବୋଲି ଇତିହାସରୁ ଜଣାପଡେ। ବର୍ତ୍ତମାନ ସୁଦ୍ଧା ତହସିଲ ରେକର୍ଡ଼ ଦସ୍ତାବିଜ ଓ ପଟ୍ଟାମାନଙ୍କରେ ଦମୟନ୍ତୀ ନଗର ବୋଲି ଉଲ୍ଲଖ ରହିଛି।

ଓଡିଶା ପ୍ରଦେଶ ଗଠନ ହେବା ପୂର୍ବରୁ ଏହା ଆନ୍ଧ୍ରର ମାଡ୍ରାସ ପ୍ରେସିଡେନ୍ସି ଅନ୍ତର୍ଭୁକ୍ତ ଥିଲା। ଏହି ଅଞ୍ଚଳ ରାଜାରାଜୁଡା ସମୟରେ ଆନ୍ଧ୍ରର ତତ୍କାଳୀନ ତେଲୁଗୁ ରାଜା ମାନଙ୍କ ଅଧୀନରେ ରହିଥିବା ଅଞ୍ଚଳର ବୟୋଜ୍ୟେଷ୍ଠ ବୁଦ୍ଧିଜୀବୀ କୁହନ୍ତି। ସେ ସମୟରେ ବିଜୟନଗର ରାଜା ଓ୍ ଜୟପୁର ରାଜାଙ୍କ ଶାସନ ଥିବାରୁ କୋଟପାଡ଼ ଅଞ୍ଚଳରେ ରାଜାଙ୍କ ଦୁର୍ଗ ରହିଛି। ବର୍ତ୍ତମାନ ସୁଦ୍ଧା ସହର ଚତୁଃପାର୍ଶ୍ୱରେ ଥିବା ଦୁର୍ଗ ଏହାର ପ୍ରମାଣ। ଏହି ଅଞ୍ଚଳରେ ଉକ୍ତ ରାଜା ଶାସନ କରୁଥିବାରୁ ସେ ସମୟରେ ପାନୀୟ ଜଳ ଓ କୃଷି କାର୍ଯ୍ୟ ସକାଶେ ଦୁର୍ଗ ପାର୍ଶ୍ୱରେ ଏକ ଜଳାଶୟ ଖନନ କରାଯାଇଛି। ଦମୟନ୍ତୀ ସାଗର ରୂପେ ପରିଚିତ ଉକ୍ତ ଜଳାଶୟ ବର୍ତ୍ତମାନ କୋଟପାଡ଼ର ଗଙ୍ଗା ରୂପେ ପରିଚିତ। ରାଜାରାଜୁଡାଙ୍କ ଦୁର୍ଗଗୁଡିକ ପରବର୍ତ୍ତୀ ସମୟରେ ନଷ୍ଟ ହେବାରୁ ଆନ୍ଧ୍ର ରାଜାଙ୍କ ଶାସନ ସମୟରେ ତେଲୁଗୁ ଭାଷାରେ ଦୁର୍ଗକୁ (କୋଟା) ବୋଲି କହୁଥିବା ବେଳେ ନଷ୍ଟକୁ (ପାଡୁ) ବୋଲି କହୁଥିଲେ। ତେଣୁ ତେଲୁଗୁର କୋଟା ପାଡୁ ଶବ୍ଦକୁ ନେଇ କୋଟପାଡ଼ ହେଇଥିବା ନେଇ ଇତିହାସ ଗବେଷକମାନେ ମତ ଦିଅନ୍ତି। ସେ ସମୟରେ ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ଥିବାରୁ ଏହି ସମୟରେ ଏହି ଅଞ୍ଚଳର ନାମ କୋଟପାଡ଼ ହେଇଥିବା ଜଣାପଡିଛି।

ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ପରଠାରୁ ଏହି ସହରରେ ଜନସଂଖ୍ୟା ବୃଦ୍ଧି ସହ ଏହାର ରୂପ ପରିବର୍ତ୍ତନ ହେଇଛି। ତେବେ ରହିଥିବା ସେହି ପୁରୁଣା ଦୁର୍ଗଗୁଡିକ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ତାହା ଭାଙ୍ଗି ପଡିଛି। ଏଥିମଧ୍ୟରୁ ନାକଟି ତୋରେଇ, ଦେଉତରାଇ, ମଲାତରାଇ, ସାଗତରାଇ ଆଦି ରାଜାଙ୍କ ଗଡ଼ଖାଇ ରୂପେ ପରିଚିତ। ସେହିଭଳି ଦେବାନମୁଣ୍ଡା, ବିଜାବଡନା, ଉଦଗଡ଼, ଗୁଡଭୋଳି ଆଦି ବିଭିନ୍ନ ଐତିହାସିକ ଜଳାଶୟ ରହିଛି। ସୁବୁଠୁ ପୁରୁଣା କୋଟପାଡ଼ ସହରର ଉଚ୍ଚ ବାଳକ ବିଦ୍ୟାଳୟ ପରିସରରେ ଥିବା ଏକ ଶହବର୍ଷରୁ ଉର୍ଦ୍ଧ୍ୱ ବର୍ଷର ତେନ୍ତୁଳି ଗଛ ବର୍ତ୍ତମାନ ସୁଦ୍ଧା ରହିଛି। ଉକ୍ତ ଗଛରେ ଜୟପୁର ରାଜା ଓ୍ ଦେବନାମାନଙ୍କ ହାତୀ ବନ୍ଧାଯାଉଥିବା ଏବଂ ଶସ୍ୟ ଗୋଦାମ ଗୃହର କିଛି କିଛି ଐତିହାସକ ପ୍ରମାଣ ଏଠାରେ ଦେଖିବାକୁ ମିଳେ। ଏଠାରେ ବର୍ତ୍ତମାନ ସୁଦ୍ଧା ଛତିଶଗଡ଼, ଆନ୍ଧ୍ର,ଓଡ଼ିଶା ପରମ୍ପରା ଅନୁଯାୟୀ ବିଭିନ୍ନ ଦେବଦେବୀଙ୍କ ପୀଠରେ ପୂଜା ଓ ଯାତ୍ରା ଅନୁଷ୍ଠିତ ହେଇଆସୁଛି। ଏଠାରେ କେଉଁ ଅନାଦି କାଳରୁ ସହର ଛତୁଃପାର୍ଶ୍ୱର ଦେବଦେବୀ ମନ୍ଦିରଗୁଡିକରେ ନିକଟସ୍ଥ ଛତିଶଗଡ଼ ବସ୍ତର ଜିଲା ରାଜାଙ୍କ ଇଷ୍ଟଦେବୀ ଦୋନ୍ତେଶରୀ ଠାକୁରାଣୀଙ୍କ ନୀତି ନିୟମ ଅନୁଯାୟୀ ଏଠାରେ ବିଭିନ୍ନ ଦେବୀ ମନ୍ଦିରରେ ପୂଜାପାଠ ହେଉଥିବା ଦେଖିବାକୁ ମିଳେ। ମୁଖ୍ୟତଃ ୩ ବର୍ଷକୁ ଥରେ ଆରାଧ ଦେବୀ ଶୀତଳା ଠାକୁରାଣୀଙ୍କ ଘଟପର୍ବ ସହ ମା'ମାଉଳିଙ୍କ ଦଶହରା ପର୍ବ ଏଠାରେ ହୋଇଥାଏ। ଏହି ସହରରେ ବିଭିନ୍ନ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ଆଦିବାସୀ, ଜନଜାତିର ଲୋକଙ୍କୁ ମଧ ଦେଖିବାକୁ ମିଳେ। କୌଣସି ଶିଳ୍ପାନୁଷ୍ଠାନ କୋଟପାଡରେ ନ ଥିବାରୁ ଚାଷ ଲୋକଙ୍କ ମୁଖ୍ୟ ଜୀବିକା। କେତେ ଜଣ ଐତିହାସକଙ୍କ ମତରେ ଏହି ଅଞ୍ଚଳରୁ ହିଁ ପ୍ରଥମେ ଧାନ ଚାଷ ଆମ୍ଭେ ହୋଇଥିଲା। ଏହି ଅଞ୍ଚଳରେ ବିଭିନ୍ନ ପ୍ରଜାତିର ଦେଶୀ ଧାନ ବର୍ତ୍ତମାନ ସୁଦ୍ଧା ଚାଷ ହେଉଛି। ଏହି ଦେଶୀ ଧାନ ବିହନ ସଂଗ୍ରହ କରି ଆନ୍ଧ୍ର, ଛତିଶଗଡ଼ର ଚାଷୀ ଉପକୃତ ହେଉଥିବା ବେଳେ ଏଠାରେ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଧାନ ସଂରକ୍ଷଣ ନେଇ ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। କୋରାପୁଟ ଜିଲାର ଚିଲିକା ରୂପେ ପରିଚିତ କୋଟପାଡର ଦମୟନ୍ତୀ ସାଗର ଏଯାଏ ପୁନରୁଦ୍ଧାର ହୋଇପାରିନାହିଁ। କୋଟପାଡ଼ର ଅନ୍ୟ ଏକ ପରିଚୟ ହେଉଛି ମିର୍ଗାନ ଶାଢି। ସାରା ଭାରତ ସହ ଅନ୍ୟ ଦେଶରେ ମିର୍ଗାନ ଶାଢୀ ବେଶ୍ ପରିଚିତ। ଏଠାକାର ଲୁଗା ଓ ଶାଢି ପ୍ରସ୍ତୁତ କରୁଥିବା କାରିଗର ରାଷ୍ଟ୍ରପତି ପୁରସ୍କାର ପାଇଛନ୍ତି। ଏଠାକାର ଆଦିବାସୀ ଜନଜାତିର ମହିଳା ପୁରୁଷଙ୍କ ବେଶଭୂଷା ଆକର୍ଷଣୀୟ ହୋଇଥିବା ବେଳେ ସମସ୍ତ ପର୍ବପର୍ବାଣିରେ ସମସ୍ତେ ଭାଇଚାରାର ମନୋଭାବ ପୋଷଣ କୋଟପାଡ଼କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

**-କେ. ରାଜଶେଖର ରାଓ, କୋଟପାଡ**

## ରାଜ୍ୟ ଖବର

# ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

**ଜଳେଶ୍ୱର,୪।୧୧(ଡି.ଏନ୍.ଏ):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ କୁବାଡ଼ିଆ ଗାଁରେ ସ୍ତ୍ରୀଙ୍କୁ ପିଟିପିଟି ହତ୍ୟା କରିବା ଅଭିଯୋଗରେ ପୋଲିସ ସ୍ୱାମୀଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ମହମ୍ମଦନଗରପାଟଣା କୁବାଡିଆ ଗାଁର ଲାଖାଇ କିସ୍କୁ ସେହି ଗାଁର ଦୁର୍ଗୀ କିସ୍କୁକୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବା ବେଳେ ଦୀର୍ଘଦିନ ଧରି ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ଦୁର୍ଗୀ ଗତ ଦୁର୍ଗପୂଜାଠାରୁ ବାପ ଘରେ ରହୁଥିଲେ। ଗୁରୁବାର ଲାଖାଇ ସ୍ତ୍ରୀ ଦୁର୍ଗୀଙ୍କୁ ଘରକୁ ଡକାଇ ଆଣିଥିଲେ। ତେବେ କୌଣସୀ କାରଣରୁ ଉଭୟଙ୍କ ମଧ୍ୟରେ କଳହ ଲାଗିବାରୁ ଲାଖାଇ ଏକ ବାଉଁଶ ବାଡ଼ିରେ ଦୁର୍ଗୀଙ୍କୁ ପିଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ସକାଳେ ଗାଁ ଲୋକେ ଜାଣି ଜଳେଶ୍ୱର ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଲାଖାଇଙ୍କୁ ଗିରଫ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।




# ଦୋଷୀଙ୍କୁ ୩ ବର୍ଷ ଜେଲ

### ନାବାଳିକା ଅସଦାଚରଣ ମାମଲା

**ବାଲେଶ୍ୱର ଅଫିସ,୪।୧୧:** ବାଲେଶ୍ୱର ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ପୋକ୍ସୋ) ରଞ୍ଜନ କୁମାର ସୂତାର ଶୁକ୍ରବାର ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ୍ ଦଣ୍ଡ ସହ ୩ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ବାଲେଶ୍ୱର ଜିଲା ସଦର ଥାନା ଜଣେ ୮ ବର୍ଷୀୟ ନାବାଳିକାଙ୍କୁ ପଡ଼ୋଶୀ ଶାରଦା ଶଙ୍କର ନାୟକ (୩୨) ଅସଦାଚରଣ କରିଥିଲେ। ନାବାଳିକାଙ୍କ ପରିବାର ଲୋକେ ସଦର ଥାନାରେ ଗତ ୨୦୧୪ ଡିସେମ୍ବର ୨୨ରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୩୫୦/୧୪) ରୁଜୁ କରିଥିଲା।

# ଆଇନଜୀବୀଙ୍କଠାରୁ ୭୪ ଲକ୍ଷ ସାଇବର ଠକେଇ

### କୋଲକାତାରୁ ଅଭିଯୁକ୍ତ ଗିରଫ

**କଟକ ଅଫିସ,୪।୧୧**

ଆଇନଜୀବୀଙ୍କଠାରୁ ୭୪ ଲକ୍ଷ ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ଜଣେ ଅଭିଯୁକ୍ତଙ୍କୁ କୋଲକାତାରୁ ଗିରଫ କରିଛି। ସେ ହେଲେ କୋଲକାତା ଆଲିପୁରର ପ୍ରଶାନ୍ତ ଦ୍ୱିବେଦୀ। ତାଙ୍କଠାରୁ ଏଟିଏମ୍ କାର୍ଡ ସମେତ ଅନେକ ପ୍ରମାଣପତ୍ର ଜବତ କରାଯାଇଛି। ସେ ଓ ଅନ୍ୟମାନେ ଜାଲ୍ ଇମେଲ ଆଇଡି ବ୍ୟବହାର କରି ଭୁବନେଶ୍ୱର ଫରେଷ୍ଟ ପାର୍କ ଅଞ୍ଚଳର ବାସିନ୍ଦା ରମାବଲ୍ଲଭ ରଥଙ୍କଠାରୁ ଉକ୍ତ ଟଙ୍କା ହଡପ କରିଛନ୍ତି। କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ କରିବା ପରେ ସ୍ଥାନୀୟ ଅଦାଲତରେ ହାଜର କରାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ଶୁକ୍ରବାର କଟକରେ ପହଞ୍ଚିଛି।

ମିଳିଥିବା ସୂଚନା ଅନୁଯାୟୀ, ରମାବଲ୍ଲଭ ରଥ (୬୩) ଜଣେ ଆଇନଜୀବୀ। ୨୦୧୮ରୁ ତାଙ୍କ ମୋବାଇଲକୁ ବିଭିନ୍ନ ମୋବାଇଲରୁ ଫୋନ୍ କଲ୍ ଆସୁଥିଲା। ଅପରପକ୍ଷରୁ କଥା ହେଉଥିବା ବ୍ୟକ୍ତିମାନେ ନିଜକୁ ବିଭିନ୍ନ ବୀମା କମ୍ପାନୀର ଅଧିକାରୀ ଭାବେ ପରିଚୟ ଦେଇ ପଲିସି ଓ ଲାଭ ବାବଦରେ ବୁଝାଉଥିଲେ। ଜାଲ୍ ଇ-ମେଲ, ମିଥ୍ୟା ଅଫିସିଆଲ ଚିଠି ପଠାଇ ତାଙ୍କ ମନରେ ବିଶ୍ୱାସ ଜନ୍ମାଇ ସେମାନେ ତାଙ୍କ ଆକାଉଣ୍ଟରୁ ୭୪ ଲକ୍ଷ ଟଙ୍କା ଠକି ନେଇଥିଲେ। ରଥ ଅନେକ କିସ୍ତିରେ ଏତେସବୁ ଟଙ୍କା ଦେଇଛନ୍ତି। ପରବର୍ତ୍ତୀ ସମୟରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ କଟକ ସିଆଇଡି କ୍ରାଇମବ୍ରାଞ୍ଚର ସାଇବର ଥାନାରେ ୨୦୨୧ ଫେବୃୟାରୀ ୩ ତାରିଖରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪/୨୦୨୧) ରୁଜୁ କରିଥିଲା। ବିଭିନ୍ନ ଦିଗକୁ ପରୀକ୍ଷାନିରୀକ୍ଷା କରାଯିବା ପରେ ତଦନ୍ତରେ ଅଗ୍ରଗତି କରିଥିଲା। ସିଆଇଡି କ୍ରାଇମବ୍ରାଞ୍ଚ ଟିମ୍ ଉତ୍ତରପ୍ରଦେଶର ଲକ୍ଷ୍ନୌରୁ ଧର୍ମେନ୍ଦ୍ର କୁମାର (୩୬)ଙ୍କୁ ଗତମାସ ଗିରଫ କରିଥିଲା। ଧର୍ମେନ୍ଦ୍ର ଇନସ୍ୟୁରାନ୍ସ ରେଗୁଲେଟୋରି ଆଣ୍ଡ୍ ଡେଭଲପମେଣ୍ଟ ଅଥରିଟି ଅଫ୍ ଇଣ୍ଡିଆ (ଆଇଆର୍‌ଡିଏଆଇ) ନାମରେ ମିଥ୍ୟା ୱେବସାଇଟ୍ ଓ ଏକ ଇ-ମେଲ୍ ଆଇଡି ତିଆରି କରିଥିବା ଜଣାପଡ଼ିଥିଲା। ଉକ୍ତ ଇମେଲ୍ ଆଇଡି ଓ ପାସ୍‌ୱାର୍ଡକୁ ସେ ଲକ୍ଷ୍ନୌର ପ୍ରଶାନ୍ତ ଦ୍ୱିବେଦୀଙ୍କୁ ବିକ୍ରି କରିଥିଲେ। ପ୍ରଶାନ୍ତ ଏବେ କୋଲକାତାରେ ରହିବା ସହ ଠକାମି କାରବାରରେ ସମ୍ପୃକ୍ତ ଥିବା ପ୍ରମାଣ ମିଳିଛି। ତେବେ ଆଉ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ସେନେଇ ତଦନ୍ତ ଜାରି ରହିଥିବା କ୍ରାଇମବ୍ରାଞ୍ଚ ଡିଏସ୍‌ପି ଶିଶିର ମିଶ୍ର କହିଛନ୍ତି।










# ଏନ୍‌ଆଇଓଏସ୍ ପ୍ରମାଣପତ୍ର ସରକାରୀ ଚାକିରିରେ ବୈଧ: ହାଇକୋର୍ଟ

### ଓପିଏସ୍‌ସି ଦ୍ୱାରା ପ୍ରମାଣପତ୍ର ଅଗ୍ରାହ୍ୟ ବିରୋଧରେ ମାମଲା

**କଟକ ଅଫିସ,୪।୧୧**

ଓଡ଼ିଶା ସରକାରୀ ଚାକିରିରେ ବୈଧ ଭାବେ ଗ୍ରହଣୀୟ ହେବ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ (ଏନ୍‌ଆଇଓଏସ୍) ସପ୍ତମ/ଦଶମ ଶ୍ରେଣୀସ୍ତରରେ ଓଡ଼ିଆ ଭାଷା ପରୀକ୍ଷା ପ୍ରମାଣପତ୍ର। ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ଏନ୍‌ଆଇଓଏସ୍ ପ୍ରମାଣପତ୍ର ଅଗ୍ରାହ୍ୟ ହୋଇଥିବା ଜଣେ ପ୍ରାର୍ଥୀଙ୍କ ଆବେଦନର ବିଚାର କରି ହାଇକୋର୍ଟ ମଙ୍ଗଳବାର ଏହି ରାୟ ଦେଇଛନ୍ତି। ହାଇକୋର୍ଟର ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କ ଖଣ୍ଡପୀଠ ତାଙ୍କ ରାୟରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡର ଓଡ଼ିଆ ଭାଷା ପ୍ରମାଣପତ୍ର ସହ ଏନ୍‌ଆଇଓଏସ୍‌ର ଓଡ଼ିଆ ଭାଷା ପ୍ରମାଣପତ୍ର ସମକକ୍ଷ ବୋଲି ଉଲ୍ଲେଖ କରିଛନ୍ତି।

ପ୍ରକାଶ ଯେ, ଜଟଣୀ ମଧୁସୂଦନ ନଗରର ସଞ୍ଜୀବ କୁମାର ସାହୁ ୨୦୨୧ ଜୁଲାଇ ମାସରେ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ପକ୍ଷରୁ ବିଜ୍ଞପିତ ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର (ଗ୍ରୁପ-ବି) ପଦବୀ ନିମନ୍ତେ ଆବେଦନ କରିଥିଲେ। ସେ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ଇଣ୍ଟରଭ୍ୟୁ ନିମନ୍ତେ ସାର୍ଟିଫିକେଟ ଯାଞ୍ଚ କରିବାକୁ ଡକାଯାଇଥିଲା। ହେଲେ ସାର୍ଟିଫିକେଟ ଯାଞ୍ଚ ସମୟରେ ଉପସ୍ଥିତ ଅଧିକାରୀମାନେ ସଞ୍ଜୀବଙ୍କ ଓଡ଼ିଆ ଭାଷା ପରୀକ୍ଷାର ଏନ୍‌ଆଇଓଏସ୍ ସାର୍ଟିଫିକେଟକୁ ଅଗ୍ରାହ୍ୟ କରିଦେଇଥିଲେ। ଏହା ବିରୋଧରେ ସଞ୍ଜୀବ ହାଇକୋର୍ଟରେ ଏକ ରିଟ୍ ପିଟିସନ ଦାଖଲ କରିଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଗ୍ରହଣ କରି ଏକ ଅନ୍ତରୀଣ ରହିତାଦେଶ ବଳରେ ମାମଲାର ବିଚାର ଶେଷ ହେବା ପର୍ଯ୍ୟନ୍ତ ଆବେଦନକାରୀଙ୍କ ନିମନ୍ତେ ଏକ ପଦବୀ ସଂରକ୍ଷିତ ରଖିବାକୁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ହାଇକୋର୍ଟ ତାଙ୍କ ରାୟରେ ଆଗାମୀ ୨ ମାସ ମଧ୍ୟରେ ଇଣ୍ଟରଭ୍ୟୁ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ଆଶୁତୋଷ ମିଶ୍ର କହିଛନ୍ତି ଯେ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଭାରତ ସରକାରଙ୍କ ଅଧୀନସ୍ଥ ଏକ ଜାତୀୟସ୍ତରୀୟ ସ୍ୱୟଂଶାସିତ ସଂସ୍ଥା। ହାଇକୋର୍ଟଙ୍କ ଏହି ରାୟ ବଳରେ ଓଡ଼ିଶା ବାହାରେ ରହି ଓଡ଼ିଆ ବିଷୟ ପଢ଼ି ନ ଥିବା ଛାତ୍ରୀଛାତ୍ରମାନେ ଉପକୃତ ହୋଇପାରିବେ। ସେମାନେ ଓଡ଼ିଶାକୁ ଆସି ଏଠାକାର ରାଜ୍ୟ ବୋର୍ଡ ଦ୍ୱାରା ପରିଚାଳିତ ପରୀକ୍ଷା ଦେବା ନିମନ୍ତେ ସାମ୍ନା କରୁଥିବା ଅସୁବିଧା ଦୂର ହୋଇପାରିବ। ସଞ୍ଜୀବଙ୍କ ଭଳି ସେମାନେ ମଧ୍ୟ ରାଜ୍ୟ ବାହାରେ ରହି ବର୍ଷକୁ ୨ ଥର ହେଉଥିବା ଏହି ପରୀକ୍ଷା ଦେଇ ଓଡ଼ିଶାରେ ସରକାରୀ ଚାକିରି ନିମନ୍ତେ ଓଡ଼ିଆ ପ୍ରମାଣପତ୍ର ହାସଲ କରିପାରିବେ।



# ଡୋକ୍ରା ହସ୍ତଶିଳ୍ପରେ ଜନଜାତି ସଂସ୍କୃତିର କଥା

ଭାଗ୍ୟଶ୍ରୀ ମିଶ୍ର
ରାୟଗଡ଼ା





ରାୟଗଡ଼ା ଜିଲା ନିୟମଗିରି ପାଦଦେଶରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆଙ୍କ କଳା, ସଂସ୍କୃତି, ପରମ୍ପରା ଏବଂ ଜୀବନଶୈଳୀ ନିଆରା। ସ୍ୱତନ୍ତ୍ର ବେଶଭୂଷା ଏବଂ ଅଳଙ୍କାର ପାଇଁ ଡଙ୍ଗରିଆମାନେ ରାଜ୍ୟ, ଦେଶ ଏବଂ ବିଦେଶରେ ପରିଚିତ। ଉକ୍ତ ଅଳଙ୍କାର ଏବଂ ଘରୋଇ ଉପକରଣ(ଡୋକ୍ରା ହସ୍ତଶିଳ୍ପ)ରେ ଜନଜାତିଙ୍କ ସଂସ୍କୃତି ଓ ଜୀବନଶୈଳୀର ଛବି ଦେଖିବାକୁ ମିଳିଥାଏ। ବିଷମକଟକ ବ୍ଲକ ଝିଗିଡ଼ି ଗ୍ରାମରେ ରହିଛି ଡଙ୍ଗରିଆଙ୍କ ସ୍ୱତନ୍ତ୍ର 'ଅଳଙ୍କାର ହାଟ'। ଏଠାରେ ମହିଳାଙ୍କ ଅଳଙ୍କାର ସହ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି ହୋଇଥାଏ। ଓଡ଼ିଶାରେ ଆଦିବାସୀଙ୍କ ଅଳଙ୍କାର ଏବଂ ସାମଗ୍ରୀ ବିକ୍ରି ନିମନ୍ତେ ଟିଡିସିସି ପକ୍ଷରୁ ଭୁବନେଶ୍ୱର, ନବରଙ୍ଗପୁର, କୋରାପୁଟ, ମୟୂରଭଞ୍ଜ ସମେତ ୧୩ଟି ଷ୍ଟଲ୍ ତଥା ଆଉଟଲେଟ ମଧ୍ୟ ରହିଛି। ଝିଗିଡ଼ି ଗ୍ରାମରୁ ଅଳଙ୍କାର ଓ ଘରୋଇ ବ୍ୟବହାର୍ଯ୍ୟ ସାମଗ୍ରୀ ନେଇ ଉକ୍ତ ଷ୍ଟଲ୍‌ଗୁଡ଼ିକରେ ବିକ୍ରି କରାଯାଉଛି। ବିଶେଷକରି ବିଦେଶୀ ପର୍ଯ୍ୟଟକ ଏସବୁ ଅଳଙ୍କାର ଏବଂ ସାମଗ୍ରୀ କିଣିବା ପାଇଁ ଅଧିକ ଆକୃଷ୍ଟ ହୋଇଥାନ୍ତି ବୋଲି ଟିଡିସିସିର ପରିଚାଳକ ଅଶୋକ ପାତ୍ର କହିଛନ୍ତି।

ଝିଗିଡ଼ି ଗ୍ରାମରେ ୩୫ରୁ ଉର୍ଦ୍ଧ୍ୱ ଅଳଙ୍କାର କାରିଗର ପରିବାର ବସବାସ କରୁଛନ୍ତି। ଡୋକ୍ରା ହସ୍ତକଳା ତଥା ଅଳଙ୍କାର ଗୁରୁ କବିରାଜ ଉଲାକା(୫୮) ନିଜେ ଅଳଙ୍କାର ପ୍ରସ୍ତୁତ କରିବା ସହ ଅନ୍ୟମାନଙ୍କୁ ଏହାର ତାଲିମ ଦେଉଛନ୍ତି। ୩୫ରୁ ଉର୍ଦ୍ଧ୍ୱ ବର୍ଷ ଧରି ସେ ଅଳଙ୍କାର ତିଆରି କରୁଥିବାବେଳେ ତାଙ୍କଠାରୁ ଅନୁପ୍ରାଣୀତ ହୋଇ ଅନେକ ଯୁବତୀଯୁବକ ମଧ୍ୟ ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଋଣର ସୁବିଧା ନେଇ ଏହି କାରିଗରମାନେ ଅଳଙ୍କାର ଏବଂ ଅନ୍ୟ ସାମଗ୍ରୀ ପ୍ରସ୍ତୁତ ଏବଂ ବ୍ୟବସାୟ କରୁଥିବା କବିରାଜ କୁହନ୍ତି। ଏହି ଅଳଙ୍କାରକୁ ଦେଶିଆ, ଡଙ୍ଗରିଆ, ମାଲୁଆ, କୁଟିଆମାନେ ବ୍ୟବହାର କରନ୍ତି। ୧୦ ଟଙ୍କାର ଲକେଟଠାରୁ ଆରମ୍ଭ କରି ୮ ଲକ୍ଷ ଟଙ୍କାର ଡଙ୍ଗରିଆ ମୂର୍ତ୍ତି ଏଠାରେ ତିଆରି କରାଯାଏ।

ଚିଡ଼ିଆ ମାଳି, ଡବଲ ଲକେଟ ମାଳି, ୩୦ ଇଞ୍ଚିଆ ଲକେଟ ମାଳି, ଚମ୍ପା କଢ଼ିଆ ଲକେଟ ମାଳି, ବାଘ ନଟି ଲକେଟ, ପେନ୍ ଷ୍ଟାଣ୍ଡ, ଚାବି ଷ୍ଟାଣ୍ଡ, ମାଛ, କଇଁଛ, ଡଙ୍ଗରିଆ ଦମ୍ପତି, ଡଙ୍ଗରିଆଙ୍କ କଟୁରି, ଶଗଡ଼ ଗାଡ଼ି, ବିହନ ରଖିବା ପାତ୍ର, ଡଙ୍ଗରିଆଙ୍କ ମନ୍ଦିର, କାନ୍ଥଚିତ୍ର ଶୈଳୀ, ସୂର୍ଯ୍ୟ, ହେଡ୍‌କ୍ଲିପ, ଡଙ୍ଗରିଆଙ୍କ ମୁହଁ, ଗିନା, ଖାଦ୍ୟ ଖାଇବା ପାତ୍ର, ଘୁଙ୍ଗୁର, ଅଣ୍ଟା ମାଳ, ଘଣ୍ଟି, କତରିଆ ଶଙ୍ଖା, ବନ୍ଦରିଆ ଶଙ୍ଖା, କେଶକଣ୍ଟା, ଜଙ୍ଗଲରେ ହାଣୁଥିବା ଟାଙ୍ଗିଆ ଇତ୍ୟାଦି ରହିଛି। ପ୍ରଥମେ ମାଟି ଛାଞ୍ଚ ଦେଇ ଏହି ଅଳଙ୍କାର ଏବଂ ସାମଗ୍ରୀ ତିଆରି କରାଯାଏ। ଖରାରେ ଶୁଖିବା ପରେ ବାଘ ଅଠା ମହମରେ ଲେପ ଦିଆଯାଏ। ହୁଙ୍କା ମାଟି ସରୁ ବାଲିରେ ଲେପ ଦିଆଯାଏ। ଏହାପରେ ବିଭିନ୍ନ କାରୁକାର୍ଯ୍ୟ କରି ପିତ୍ତଳକୁ ତରଳାଇ ନିଆଁରେ ପୋଡ଼ାଯାଏ। ଝିଗିଡ଼ିଠାରେ ପ୍ରତ୍ୟେକ ବୁଧବାର ଡଙ୍ଗରିଆଙ୍କ ଅଳଙ୍କାର ହାଟ ବସେ। ଏଠାରେ କାରିଗରମାନେ ଏହି ଅଳଙ୍କାର ନେଇ ବିକ୍ରି କରିଥାନ୍ତି। ରାଜ୍ୟ ଏବଂ ବିଦେଶରୁ ଅସୁଥିବା ପର୍ଯ୍ୟଟକ ଏଠାରୁ ଅଳଙ୍କାର କିଣି ନେଇଥାନ୍ତି। ହେଲେ କରୋନା ପରେ ଏଠାକୁ ପର୍ଯ୍ୟଟକଙ୍କ ଆସିବା ବନ୍ଦ ହୋଇଯାଇଛି। ତେଣୁ କାମ ହିସାବରେ ଲାଭ ମିଳୁ ନ ଥିବା ଅଳଙ୍କାର ଗୁରୁ କବିରାଜ କହିଛନ୍ତି। ଏ ନେଇ କବିରାଜ କୁହନ୍ତି, କୌଳିକ ତଥା ପାରମ୍ପରିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ପ୍ରୟାସ ଜାରି ରହିଛି। ସରକାରଙ୍କ ପକ୍ଷରୁ ଉଚିତ ମୂଲ୍ୟରେ କଞ୍ଚାମାଲ ଯୋଗାଇବା ସହ ପ୍ରଚାର, ପ୍ରସାର ଦିଗରେ ଅଧିକ ପଦକ୍ଷେପ ନେଲେ ଅଞ୍ଚଳର କାରିଗର ଉପକୃତ ହେବା ସହ ଜନଜାତି ସଂସ୍କୃତିର ପ୍ରଚାର ପ୍ରସାର ହୋଇପାରିବ।

# ପ୍ରାକୃତିକ ସୌନ୍ଦର୍ଯ୍ୟ, ଆଧ୍ୟାତ୍ମିକତାର ମିଳନସ୍ଥଳୀ

ପ୍ରଦୀପ ପାଢ଼ୀ
ଗୁଣପୁର

## ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଭୀମଶଙ୍କର ଶୈବପୀଠ

ରାୟଗଡ଼ା ଜିଲା ଗୁଣପୁର ବ୍ଲକର ଭୀମପୁର ପଞ୍ଚାୟତ ସଦର ଗାଁରେ ରହିଛି ଭୀମଶଙ୍କର ମନ୍ଦିର। ପ୍ରାକୃତିକ ପରିବେଶ ଘେରା ମହେନ୍ଦ୍ରଗିରି ପାଦଦେଶରେ ଶୋଭା ପାଉଛନ୍ତି ଭୀମଶଙ୍କର ମହାଦେବ। ଏହାର ନୈସର୍ଗିକ ଦୃଶ୍ୟ ଓ ଆଧାତ୍ମିକ ବାତାବରଣ ପ୍ରକୃତିପ୍ରେମୀ ଏବଂ ଭକ୍ତଙ୍କୁ ଆକର୍ଷିତ କରିଥାଏ। ଜଙ୍ଗଲ ପାହାଡ଼ ଓ ଝରଣା ଚାରିପଟେ ଥିବାଏହି ପୀଠକୁ ଥରୁଟିଏ ଯିଏ ବି ଆସିଛି ବାରମ୍ବାର ଏଠାକୁ ଆସିବାକୁ ଆଗ୍ରହ ଦେଖାଇଛି। ଆଜକୁ ପ୍ରାୟ ୩୫ ବର୍ଷ ତଳେ ପୁଟାସିଂ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ସେ ଭୀମପୁର ଗ୍ରାମକୁ ଆସି ଅନୁସନ୍ଧାନ କରି ୩ ଫୁଟ ମାଟି ଖୋଳି ଶିବଲିଙ୍ଗଙ୍କୁ ବାହାର କରିଥିଲେ। ଉକ୍ତ ଶିବ ଲିଙ୍ଗଙ୍କୁ ସେହିଦିନରୁ ଭୀମଶଙ୍କରଙ୍କ ନାମରେ





ପୂଜା କରାଯାଉଛି ବୋଲି ଲୋକମୁଖରୁ ଶୁଣିବାକୁ ମିଳେ। ଭୀମ ଶଙ୍କର ଲିଙ୍ଗ ଉପରେ ଏକ ଯଜ୍ଞ ପଇତାର ଚିହ୍ନ ରହିଛି। ଖୋଳାଯାଉଥବାବେଳେ ମାଟିତଳୁ କାରୁକାର୍ଯ୍ୟପୂର୍ଣ୍ଣ ଏକ ପଥର ଖଣ୍ଡ ଓ ଇଟା ମିଳିଥିବା କୁହାଯାଏ। ତେଣୁ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଏହାର ଚାରିପଟେ ଖୋଳାଗଲେ ଏଠାରୁ ଅନେକ କିଛି ଐତିହାସିକ ଜିନିଷ ମିଳିପାରେ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଏହି ମନ୍ଦିର ବନାଞ୍ଚଳରେ ଥିବାରୁ ତାହା ଲୋକଲୋଚନକୁ ଆସିପାରୁ ନ ଥିଲା। ସ୍ଥାନୀୟ ଲୋକେ ଓ ଗୁଣପୁରର ଦଣ୍ଡପାଣି ସାହୁଙ୍କ ନେତୃତ୍ୱରେ ମନ୍ଦିରର ନବକଳେବର କରାଯିବା ପରେ ଏବେ ପର୍ଯ୍ୟଟକଙ୍କ ଆଗମନ ହେଉଛି। ଗୁଣପୁର ସହରରୁ ୩୦ କି.ମି. ଦୂରରେ ପଡ଼େ ଏହି ଭୀମ ଶଙ୍କର ପୀଠ। ଏଠାକୁ କୌଣସି ସରକାରୀ ଗାଡ଼ି ଚଳାଚଳ କରୁନାହିଁ। ତେଣୁ ନିଜ ସୁବିଧାରେ ଏଠାକୁ ଯିବାକୁ ପଡ଼େ। ଭୀମପୁରର ଭୀମଶଙ୍କର ପୀଠ ଶ୍ରଦ୍ଧାଳୁଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଆଧାତ୍ମିକତାର ମିଳନସ୍ଥଳୀ ଭୀମପୁରକୁ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇ ବିକାଶ ଦିଗରେ କାର୍ଯ୍ୟ କଲେ ଅଞ୍ଚଳ ଓ ଅଞ୍ଚଳବାସୀଙ୍କ ବିକାଶ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଭୀମଶଙ୍କର ପୀଠାରୁ ଅଳ୍ପ ଦୂରରେ ରହିଛି ମାଛଡିଆଁ ଜଳପ୍ରପାତ। ହେଲେ ତାହା ବିପଦପୂର୍ଣ୍ଣ। ଏହାର ବିକାଶ ଦିଗରେ ରାଜ୍ୟ ସରକାର କାମ କଲେ ପର୍ଯ୍ୟଟକଙ୍କ ଅଧିକ ଆଗମନ ହେବ ବୋଲି ଅଞ୍ଚଳବାସୀ କହିଛନ୍ତି।

A Literate Society With Quality Education Is The Feature Of India
We are Committed @ Gandhi Group Of Institutions, Rayagada
GIST
GST B.TECH & DIPLOMA
B.TECH in MECH, CIVIL, EE, EEE,CSE, Eligibility : +2 Science (MPC) 45%
DIPLOMA in MECH, EE, CIVIL Eligibility : 35% in HSC
EDUCATION LOAN FACILITY
SCHOLARSHIP TO MERITORIOUS / OBC/ ST/ SC
PLACEMENT ASSISTANCE TO ALL STUDENTS
IN CAMPUS HOSTEL FACILITY FOR GIRLS AND BOYS
Our commitment
To make students Institute to Industry Ready
Site : Kholliguda, Rayagada
Approved by : AICTE, Affiliated to BPUT & SCTE&VT, Odisha
REQUIREMENT
Applications are invited for the Posts Of
Professor
Asst. Prof
Lecturer
Technical Supporting Staff
Qualification : PhD, M.Tech, MBA, MSc, Bed., MA Odiya, MA English
Eligibility Criteria: As per AICTE & UGC
GIACR
Established From 1999
Diploma, B.Tech & MBA
In Association With
JUPITER INTERNATIONAL SCHOOL
e-mail : jpsrayagada@gmail.com
Shapping Your Dreams
Nursery to +2 Science (CBSE & CHSE)
GIACR, Prajukti Vihar, RAYAGADA (Odisha) www.giacr.ac.in / mail@giacr.ac.in
For Admission Contact : 7008275603, 9437102408, 9439319433, 9439399425, 8908857449, 7008419152, 8895904144, 9437234715, 9439825435, 8093837921, 9439393937

GIET UNIVERSITY
GUNUPUR-765022, ODISHA, www.giet.edu
nirf 2022
CELEBRATING 25 YEARS
of Excellence in higher Technical & Professional education
WE HAVE ALREADY OFFERED
CAMPUS PLACEMENT
TO 96% OF ELIGIBLE 2022 STUDENTS
8118053001-009 deanadmission@giet.edu

# ବଣ୍ଡା ଜନଜାତିର ଚଳଣି

ମାଲକାନଗିରି



ଓଡ଼ିଶାର ବିଭିନ୍ନ ପାର୍ବତ୍ୟାଞ୍ଚଳରେ ବହୁ ସଂଖ୍ୟାରେ ଅନୁସୂଚିତ ଜନଜାତି ଆଦିବାସୀ ସମ୍ପ୍ରଦାୟ ଦୀର୍ଘ ବର୍ଷ ଧରି ବାସ କରି ଆସୁଛନ୍ତି। ଭାରତରେ ୮୨ ଆଦିବାସୀ ସମ୍ପ୍ରଦାୟ ଥିବାବେଳେ ଓଡ଼ିଶାରେ ୬୦ ପ୍ରକାର ଆଦିବାସୀ ଜନଜାତି ଦେଖିବାକୁ ମିଳିଥାଏ । ସେମାନଙ୍କ ମଧ୍ୟରୁ ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡ଼ା ବଣ୍ଡାଘାଟିରେ ୫ଟି ପଞ୍ଚାୟତରେ ରାଜସ୍ୱ ଏବଂ ପଡ଼ାଗ୍ରାମକୁ ନେଇ ୩୪ଟି ବଣ୍ଡା ବସ୍ତି ରହିଛି। ମୁଦୁଲିପଡ଼ା, ଅଣ୍ଡ୍ରାହାଲ, ବଡ଼ଡୁରାଲ, କଦମଗୁଡା ଓ ରାସବେଡା ପଞ୍ଚାୟତରେ ଥିବା ବଣ୍ଡା ଅଞ୍ଚଳକୁ ୨ ଭାଗରେ ବିଭକ୍ତ କରାଯାଇଛି। ଏହା ଉପର ବଣ୍ଡା ଓ ତଳ ବଣ୍ଡା ରୂପେ ପରିଚିତ। ଜିଲାରେ ୧୯୯୨ରେ ବଣ୍ଡାଘାଟିରେ ୫୫୦୦ ବଣ୍ଡା ଜନଜାତି ବାସ କରୁଥିବା ବେଳେ ବର୍ତ୍ତମାନ ସେମାନଙ୍କ ସଂଖ୍ୟା ୭ ହଜାରରୁ ଉର୍ଦ୍ଧ୍ୱ ହୋଇଛି। ବଣ୍ଡାମାନଙ୍କ ଭାଷାରେ ଏହି ଘାଟିକୁ ବାର୍ ଜଙ୍ଗଲ ବୋଲି କୁହାଯାଏ। ଘାଟି ଉପରେ ରହୁଥିବା ଗ୍ରାମଗୁଡ଼ିକ ହେଲା ମୁଦୁଲିପଡ଼ା, ଉଙ୍ଗେଲପଦର, ବେଲଗୁଡ଼ା, ବିର୍ସାପାଡ଼ା, ନୂଆଗୁଡ଼ା, ତୁସେଇପାଡ଼ା, ଗଇଲକେନ୍ଦା, ପାତ୍ରପୁଟ, ବାଲିଆପଦର, କାଦଗୁଡ଼ା, କିରାମ, ବଣ୍ଡାପାଡ଼ା, ଗୋପୁରପାଡ଼ା, କିନ୍ଦ୍ରାଗୁଡ଼ା, କାତଙ୍ଗଗୁଡ଼ା, ପଢ଼େଇଗୁଡ଼ା, କନ୍ଧଗୁଡ଼ା, ସେଲେଇଗୁଡା, ବାଉଁଲିଗୁଡା, ଦୁଲାଗୁରୁମ, ଉଡାଙ୍ଗଗୁଡା, ଗୋଇଗୁଡା, କାନ୍ତିପାଡା, ଦାଗାବାଡ଼ା, କିଚପାଡ଼ା, ଚାଲାନପାଡ଼ା, ବଡ଼ବେଲ, ଡୁଙ୍ଗୁରୁପାଡ଼ା, ଅଣ୍ଡ୍ରାହାଲ, ଗୋରଗୁଡ଼ା, ବଡ଼ପାଡ଼ା, ବାଉଁଶପଡ଼ା ଇତ୍ୟାଦି। କିମ୍ବଦନ୍ତୀ ଏବଂ ପୁରାତନ କାହାଣୀ ଅନୁଯାୟୀ ଅଗନାଅଗନି ବନସ୍ତ ମଧ୍ୟରେ ଏକ ମଣିଷ ତା'ର ୫ପୁଅ ଓ ଗୋଟିଏ ଝିଅ ସହିତ ପତ୍ରକୁଡିଆ କରି ଜଙ୍ଗଲରୁ ଜନ୍ତୁ ଶିକାର କରି ସେହି ମାଂସ ଖାଇ ଜୀବନ ବିତାଉଥିଲେ। ବଣର ଶିକାର ଓ ଫଳମୂଳ ଏମାନଙ୍କ ମୁଖ୍ୟ ଖାଦ୍ୟ ଥିଲା। ଗଛର ଛାଲି ଓ ପତ୍ରକୁ ପୋଷାକ ରୂପେ ବ୍ୟବହାର କରୁଥିଲେ। ସମୟକ୍ରମେ ଏହି ସମ୍ପ୍ରଦାୟର ବଂଶବୃଦ୍ଧି ହୋଇଥିଲା। ବଣ୍ଡା ଜନଜାତି ପ୍ରାୟତଃ ବର୍ଷାଦିନେ ଶିଆଳିପତ୍ରରେ ଟୋପି ବ୍ୟବହାର କରି ବର୍ଷାରୁ ରକ୍ଷା ପାଇଥାନ୍ତି। ଅଗ୍ନିର ବ୍ୟବହାର ଅକସ୍ମାତ ଶିଖି ବିଭିନ୍ନ ସ୍ଥାନରେ ନିଆଁ ଲଗାଇ କଞ୍ଚାମାଂସକୁ ନିଆଁରେ ସେକି ଖାଦ୍ୟ ରୂପେ ଖାଉଥିଲେ। ଏବେ ବି ବୟସ୍କ ବଣ୍ଡାମାନେ ଏକଥାକୁ ସ୍ୱୀକାର କରନ୍ତି। ବଣ୍ଡାଘାଟିର ପୂର୍ବ ଦିଗରେ ବାଲି ପର୍ବତ ଥିବାବେଳେ ପଶ୍ଚିମ କୋଣରେ ରହିଛି ବାଲି ଡଙ୍ଗର। ବଣ୍ଡା ରମଣୀମାନଙ୍କ ବେଶଭୂଷା ବେଶ୍ ଆକର୍ଷଣୀୟ। ସେମାନେ ସର୍ବଦା ମୁଣ୍ଡକୁ ଲଣ୍ଡା ରଖିବା ସହ ମୁଣ୍ଡରେ ଗୋଲେଇ ତାଳପତ୍ର ବାନ୍ଧି ସେଥିରେ ନାନା ପ୍ରକାର ପକ୍ଷୀଙ୍କ ପର, ଧାରୁଆ ଛୁରି ଲଗାଇଥାନ୍ତି। ବେକରେ



ମାଳି, ଲୁହାର ବଳା ପିନ୍ଧିଥାନ୍ତି। ପ୍ରତ୍ୟେକ ବଣ୍ଡା ଗ୍ରାମରେ ସଲପ, ମହୁଲ ଗଛ ପ୍ରଚୁର ପରିମାଣରେ ଦେଖିବାକୁ ମିଳିଥାଏ । ପୋଡୁଚାଷ ଏମାନଙ୍କର ମୁଖ୍ୟ ଜୀବିକା । ଜଙ୍ଗଲ ସଫାକରି ମାଣ୍ଡିଆ, ଶୁଆଁ, ବାଜରା, କାଙ୍ଗୁ, ଚାଷ କରି ଚଳିଥାନ୍ତି। ଅଳ୍ପ ସମତଳ ଅଞ୍ଚଳରେ ଧାନଚାଷ କରି ସେହି ଧାନରୁ ଚାଉଳକୁ ତରଳ ଜାଉ (ପେଯ) କରି କିମ୍ବା ମାଣ୍ଡିଆ ଜାଉରେ ମିଶାଇ ଖାଇଥାନ୍ତି। ଠାକୁର ପାଟଖଣ୍ଡା ହେଉଛି ସେମାନଙ୍କ ବଡ଼ପର୍ବ। ପାଟଖଣ୍ଡା ହେଉଛନ୍ତି ସେମାନଙ୍କ ମୁଖ୍ୟ ଦେବତା। ପାହାଡ଼ ଶିଖରରେ ଏକ ବଡ଼ ବଟ ବୃକ୍ଷରେ ରହି ପୂଜା ପାଉଛନ୍ତି ପାଟଖଣ୍ଡା ଠାକୁର । ପ୍ରତି ନୂଆ ଖାଦ୍ୟଶସ୍ୟ ଅମଳ ପରେ ସେମାନେ ସେହି ଶସ୍ୟକୁ ପୂଜାକରି ନୂଆଖାଇ ପାଳନ କରନ୍ତି। ଶ୍ରାବଣ ମାସରେ ଟାଙ୍କୁଗରବ, ଆଶ୍ୱିନ ମାସରେ ମୁଣ୍ଡଧ୍ୱନି ପରବ, ପୌଷ ମାସରେ ପୁଷ୍ ପରବ୍, ମାଘ ମାସରେ ପାଟଖଣ୍ଡା ଯାତ୍ରା, ଚୈତ୍ର ମାସରେ ଉଲ୍ଲି ପର୍ବ ବଣ୍ଡାମାନଙ୍କ ବିଶେଷ ପର୍ବ ଭାବେ ପରିଚିତ।

–ଦୁର୍ଯ୍ୟୋଧନ ପାତ୍ର

imfa 60 YEARS
90th Birth Anniversary
Dr Bansidhar Panda 26th Nov 1931 22nd May 2018
Mrs Ila Panda 26th Oct 1932 11th Jan 2005
60 YEARS OF TRUST AND TRANSFORMATION
A transformative journey of six decades from a single furnace in a remote corner of Odisha to becoming India's leading, fully integrated producer of ferro alloys has been rewarding because of our values, focus on operational excellence and sustainable growth. The special anniversary logo references infinity signifying many more milestones to come.
INDIAN METALS & FERRO ALLOYS LIMITED
www.imfa.in in.linkedin.com/company/imfa @IMFALtd bit.ly/IMFALtd

JK PAPER
towards transforming the Community .....
JKPM CSR REDEFINES TRIBAL DEVELOPMENT
"We believe people are basically good; we believe everyone has something to contribute; we believe that an honest, open environment can bring out the best in people; we recognize and respect everyone as a unique individual; we encourage you to treat others the way you want to be treated."-thereby, a successful society can'b built. J K Paper is so abide by the commitment that " We, at J K Organization believe that if we want to have a sucessful business, then we must have a successful society around us".
TOUCHING THE YOUNG MINDS

## ୟଙ୍ଗ୍ ଗେମଚେଞ୍ଜର ଇନିସିଏଟିଭ୍ ପ୍ରକଳ୍ପରେ ଜଟଣୀ ପୌରାଞ୍ଚଳ

ଜଟଣୀ,(ଡି.ଏନ୍.ଏ.): ଯୁବବର୍ଗଙ୍କ ସ୍ୱାସ୍ଥ୍ୟ ଓ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ବିଶ୍ୱର ବିଭିନ୍ନ ସହରାଞ୍ଚଳକୁ ନେଇ ୟୁଏନ ହାବିଟାଟ 'ୟଙ୍ଗ ଗେମ ଚେଞ୍ଜର ଇନିସିଏଟିଭ' ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି। ଏଥିପାଇଁ ବିଭିନ୍ନ ଦେଶରୁ ମନୋନୀତ ୩ ଶ୍ରେଷ୍ଠ ସହର ମଧ୍ୟରେ ଓଡ଼ିଶାର ଜଟଣୀ ପୌରାଞ୍ଚଳ ସ୍ଥାନ ପାଇଛି। ୟୁଏନ ହାବିଟାଟର ଏହି କାର୍ଯ୍ୟକ୍ରମରେ ଜଟଣୀ ପୌରାଞ୍ଚଳ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରିଥିଲା। ଏହି ପରିପ୍ରେକ୍ଷୀରେ ୟୁଏନ-ହାବିଟାଟର ଭାରତରେ ଥିବା ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଗତ ଜୁଲାଇରେ ଜଟଣୀ ସହରରେ ସର୍ଭେ କରାଯାଇଥିଲା। ଅନ୍ୟ ଦୁଇଟି ସହର ହେଲା କଲମ୍ବିଆର ଆର୍ମେନିଆ ଏବଂ ସେନେଗାଲର ବର୍ଗନୀ।

## ସଂକ୍ଷେପରେ

### ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି ବୈଠକ

**୬ ଜଣ ପାଇବେ ଏକାମ୍ର ସଂସ୍କୃତି ସମ୍ମାନ**

ପୁରୁଣା ଭୁବନେଶ୍ୱର,୪।୧୧(ଡି.ଏନ୍.ଏ.) ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ବିନ୍ଦୁସାଗର ଉତ୍ତରେଶ୍ୱର ଘାଟରେ ଅନୁଷ୍ଠିତ ହେବ ଷୋଡ଼ଶତମ ବୋଇତ ବନ୍ଦାଣ ଉତ୍ସବ। ଅନୁଷ୍ଠାନ ପକ୍ଷରୁ ଚଳିତବର୍ଷ ୧୪ ଫୁଟର ବୋଇତ ବିନ୍ଦୁସାଗରରେ ଛଡ଼ାଯିବ। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୬ଜଣ ବ୍ୟକ୍ତିଙ୍କୁ ଏକାମ୍ର ସଂସ୍କୃତି ସମ୍ମାନରେ ସମ୍ମାନିତ କରାଯିବ ବୋଲି ଶୁକ୍ରବାର ପଳାସପଲ୍ଲୀସ୍ଥିତ ବାସଭବନରେ ଆୟୋଜିତ ପ୍ରସ୍ତୁତି ବୈଠକରେ ପରିଷଦ ଅଧ୍ୟକ୍ଷ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ଉତ୍ସବରେ ବିଧାୟକ, ମେୟର, ଡେପୁଟି ମେୟର ପ୍ରମୁଖ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସମରେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ମନୋଜ ବେହେରା, କର୍ପୋରେଟର ଶିବ ନାରାୟଣ ରାୟ ଓ ଚନ୍ଦ୍ର ଶେଖର ମଲ୍ଲିଆ, ଶିବ ବେହେରା, ଦାଶରଥି ଗରାବଡ୍ଡୁ, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ଶିବପ୍ରସାଦ ମହାପାତ୍ର, ନଳିନୀ ପଣ୍ଡା, ବାବୁନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ୪ ମାସ ପରେ ଶୟନରୁ ଉଠିଲେ ଶ୍ରୀହରି

**ଶ୍ରୀମନ୍ଦିରରେ ହରି ଉତ୍ଥାପନା ନୀତି ସମ୍ପନ୍ନ**

ପୁରୀ ଅଫିସ, ୪।୧୧: ଦୀର୍ଘ ୪ ମାସ ଶୟନ କରିବା ପରେ ଶ୍ରୀହରି (ମହାପ୍ରଭୁ) ଶୁକ୍ରବାର କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ନିଦ୍ରା ପରିହାର କରିଛନ୍ତି। ଏ ନେଇ ଶ୍ରୀମନ୍ଦିରରେ ବିଶେଷ ନୀତି ସମ୍ପନ୍ନ ହୋଇଛି। ଏହି ନୀତିକୁ ହରି ଉତ୍ଥାପନା ନୀତି ବୋଲି କୁହାଯାଏ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ପରେ ରୋଷ ହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ବାଲଧୂପ ଓ ଭୋଗମଣ୍ଡପ ବଢ଼ି ମଇଲମ ହୋଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ସର୍ବାଙ୍ଗ ଚନ୍ଦନ ଲାଗି ନୀତି କରିବା ପରେ ମଧ୍ୟାହ୍ନ ଧୂପ ପୂଜା ବସିଥିଲା। ଭୋଗ ସରିଲା ପରେ ଶାଢ଼ି, ଖଣ୍ଡୁଆ ଲାଗି ପରେ ଝଡ଼ା ଆଳତି ହୋଇଥିଲା। ଏହାପରେ ଚନ୍ଦନ ଲାଗିହୋଇ ବେଶ ବଢ଼ିଥିଲା। ପାଣି ପଡ଼ି ସନ୍ଧ୍ୟାଧୂପ ପୂଜା ବଢ଼ି ମହାଦୀପ ଆଳତି ହୋଇ ନୀଳଚକ୍ରକୁ ମହାଦୀପ ବିଜେ ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ଉତ୍ଥାପନ ନୀତି ଆରମ୍ଭ ହୋଇଥିଲା। ଖଟଶେଯ ଘର ଉପରଭାଗରେ ଥିବା ଘରକୁ ଚଢ଼ଉକରଣଙ୍କ ଉପସ୍ଥିତିରେ ଖୋଲାଯାଇଥିଲା। ମୁଦିରସ୍ତ ତିନିବାକ୍ସକୁ ଖୋଲିଥିଲେ। ତିନି ଶୟନ ଠାକୁରଙ୍କ ମହାସ୍ନାନ, ସର୍ବାଙ୍ଗ ଚନ୍ଦନ, ବେଶ, କର୍ପୂର ଲାଗି ପରେ ବନ୍ଦାପନା ନୀତି ବଢ଼ିଥିଲା। ପୁଷ୍ପାଞ୍ଜଳି, ବନ୍ଦାପନା ପରେ ବାକ୍ସଗୁଡ଼ିକୁ ଯଥା ସ୍ଥାନରେ ରଖାଯାଇ ଘରଦ୍ୱାରକୁ ମୁଦ ଦିଆଯାଇଥିଲା। ପରମ୍ପରା ଅନୁଯାୟୀ, ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ରଥ ଉପରେ ହରିଶୟନ ନୀତି ସମ୍ପନ୍ନ ପରେ ଶ୍ରୀହରି (ମହାପ୍ରଭୁ) ନିଦ୍ରା ଯାଇଥିଲେ। କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ବା ପଞ୍ଚକର ପ୍ରଥମ ଦିନରେ ଠାକୁର ନିଦ୍ରାଭଙ୍ଗ କରିଥାନ୍ତି। ଏହାକୁ ହରି ଉତ୍ଥାପନା ନୀତି ବୋଲି କୁହାଯାଏ।

# ରାସ୍ତାପାର୍ଶ୍ୱ ବିଲକୁ ଓଲଟିଲା ବସ୍

## ୧୦ ଆହତ, ୨ ଗୁରୁତର



ଖୋର୍ଦ୍ଧା ଅଫିସ/ ବେଗୁନିଆ,୪।୧୧ (ଡି.ଏନ୍.ଏ.)

ଖୋର୍ଦ୍ଧାବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ ବାଘମାରୀ ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାସ୍ତାପାର୍ଶ୍ୱ ଧାନବିଲକୁ ଗାଡ଼ିଟି ଓଲଟି ପଡ଼ିବାରୁ ୧୨ଜଣ ଯାତ୍ରୀ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ଆହତଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ବାଘମାରୀ ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ବସ୍ ଚାଳକ କଟକ ଜିଲା ସାଲେପୁର ଅଞ୍ଚଳର ବିଜୟ ଖଟେଇଙ୍କୁ ଅଟକ ରଖିଥିଲା। ପରେ ସିଆରପିସି ୪୧ ଦଫାରେ ତାଙ୍କୁ ନୋଟିସ କରାଯାଇ ଛାଡ଼ିଦିଆଯାଇଛି ବୋଲି ଥାନା ଅଧିକାରୀ ପ୍ରଜ୍ଞା କର କହିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ. ୧୫୬/୨୨) ରୁଜୁ ହୋଇଛି।

ସୂଚନା ମୁତାବକ, ବ୍ଲୁ ବେଲୁନ ନାମକ ନାଇଟ୍ ଏକ୍ସପ୍ରେସ ବସ୍ (ଓଡି ୩୩ ଆର-୭୦୫୧) ପ୍ରାୟ ୪୦ଜଣ ଯାତ୍ରୀଙ୍କୁ ନେଇ ବଲାଙ୍ଗୀରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ଶୁକ୍ରବାର ଭୋର ପ୍ରାୟ ୩ଟା ୪୫ରେ ବାଘମାରୀ ପେଟ୍ରୋଲ ପମ୍ପ ନିକଟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଗାଡ଼ିଟି ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡିଥିଲା। ଖବରପାଇ ସ୍ଥାନୀୟ ଲୋକେ ଓ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ବସ୍ କାଚ ଓ କବାଟ ଭାଙ୍ଗି ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ବସ୍‌ରେ ଥିବା ୪୦ ଯାତ୍ରୀଙ୍କ ମଧ୍ୟରୁ ୧୨ଜଣ ଆହତ ହୋଇଥିଲେ। ଆହତଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଯାଇଥିବା ବେଳେ ଅନ୍ୟମାନେ ନିଜସ୍ୱ ବ୍ୟବସ୍ଥାରେ ଫେରିଯାଇଥିଲେ। ଆହତମାନେ ହେଲେ ଭୋଳାନାଥ ପାରିକ୍, ଅଶୋକ ପାରିକ, ପ୍ରଣବ କୁମାର ମେହେର(୩୩), ନୀଳମାଧବ ଶାହା(୨୯), ବୈଷ୍ଣବୀ ପାତ୍ର (୨୦), ଲକ୍ଷ୍ମୀ କୁମାରୀ ଗଡ଼ଟିଆ (୨୪), ସାଇପ୍ରସାଦ ପ୍ରଧାନ (୧୦) ଓ ତାଙ୍କ ମା' ମୋନାଲିସା ଓ ଝିଅ ଶୁଭଲକ୍ଷ୍ମୀଙ୍କ ସମେତ ଅନ୍ୟମାନେ ରହିଛନ୍ତି। ତେବେ ଭୋଳାନାଥ ଓ ଅଶୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବାଘମାରୀ ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା। କୁହୁଡ଼ି ଯୋଗୁ ବସ୍ ଚାଳକ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି।

# ୧୦ରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ରାଷ୍ଟ୍ରପତି

**ଦେଢ଼ଘଣ୍ଟା ପୂର୍ବରୁ ସାଧାରଣ ଦର୍ଶନ ବନ୍ଦ**

ପୁରୀ ଅଫିସ, ୪।୧୧



ଦ୍ରୌପଦୀ ମୁର୍ମୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ। ସେ ୧୦ ତାରିଖରେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଶୁକ୍ରବାର ସନ୍ଧ୍ୟାରେ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଅଧ୍ୟକ୍ଷତା କରିଥିବାବେଳେ ଶ୍ରୀମନ୍ଦିର ଉପପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଳ ସିଂଙ୍କ ସମେତ ଛତିଶା ନିଯୋଗ, ନୀତି ସବ୍‌କମିଟି ଓ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ମୁଖ୍ୟ ପ୍ରଶାସକ ଯାଦବଙ୍କ ସୂଚନା ଅନୁଯାୟୀ, ରାଷ୍ଟ୍ରପତି ୧୦ ତାରିଖ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧ଟା ମଧ୍ୟରେ ଶ୍ରୀମନ୍ଦିର ଯାଇ ଗର୍ଭଗୃହରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ସୁରକ୍ଷା ଦୃଷ୍ଟିରୁ ତାଙ୍କ ଦର୍ଶନର ଦେଢ଼ ଘଣ୍ଟା ପୂର୍ବରୁ ଅର୍ଥାତ୍ ପ୍ରାୟ ୧୦ଟା ୩୦ରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏହି ସମୟ ମଧ୍ୟରେ ଶ୍ରୀମନ୍ଦିରକୁ ଶୋଧ କରାଯିବ। କେବଳ ପାଳିଆ ସେବାୟତମାନେ ଶ୍ରୀମନ୍ଦିର ପରିସରରେ ଉପସ୍ଥିତ ରହିବେ। ସେହିପରି ରାଷ୍ଟ୍ରପତି ମହାପ୍ରସାଦ ସେବନ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ବର୍ତ୍ତମାନ ସୁଦ୍ଧା ରାଷ୍ଟ୍ରପତିଙ୍କ ଉକ୍ତ ଦିନର ମିନିଟ-ଟୁ-ମିନିଟ୍ କାର୍ଯ୍ୟସୂଚୀ ଆସିନାହିଁ। ତେଣୁ ସେ କେଉଁ ସ୍ଥାନରେ ମହାପ୍ରସାଦ ସେବନ କରିବେ ସେ ନେଇ ସୂଚନା ମିଳିନାହିଁ। ରାଷ୍ଟ୍ରପତି ଦର୍ଶନ ସାରି ଫେରିବା ପରେ ପୁଣିଥରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ ବୋଲି ଯାଦବ କହିଛନ୍ତି। ସିଂହଦ୍ୱାର ନିକଟସ୍ଥ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ରାଷ୍ଟ୍ରପତି ମାଲ୍ୟାର୍ପଣ କରିବେ ବୋଲି ଜଣାପଡ଼ିଛି।



ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ମାମଲାରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଗିରଫ ଓ ବହିଷ୍କାର ଦାବିରେ ଗୋପ ନିମାପଡ଼ା ସ୍ୱାଭିମାନ ମଞ୍ଚ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଶୋଭାଯାତ୍ରା ସହ ତଳେ ଶୋଇ ଅଭିନବ ବିକ୍ଷୋଭ।

### ଡ. ସଜଲେନ୍ଦୁ ମାଲକାରଙ୍କୁ ଗୀତାଞ୍ଜଳି ସାଂସ୍କୃତିକ ସମ୍ମାନ

ଭୁବନେଶ୍ୱର,୪।୧୧(ବ୍ୟୁରୋ)

ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ 'ଗୀତାଞ୍ଜଳି'ର ପଞ୍ଚଦଶତମ ସାଂସ୍କୃତିକ ବାର୍ଷିକ ଉତ୍ସବ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ ମହିଳା ସମିତିର ସଭାପତି ସସ୍ମିତା ପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ, ସଭାପତି ଡ. ସୁବାସ ଚନ୍ଦ୍ର ମୁଖାର୍ଜୀ, ସାଧାରଣ ସମ୍ପାଦକ ତପନ କୁମାର ରାହା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୀତାଞ୍ଜଳି ସାଂସ୍କୃତିକ ସମ୍ମାନ ୨୦୨୨ର ଡ. ସଜଲେନ୍ଦୁ ମାଲକାର ଓ ଗୀତାଞ୍ଜଳି ପକ୍ଷରୁ ସସ୍ମିତା ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ସମାଜକୁ ଭାଇଚାରାର ଏକ ବାର୍ତ୍ତା ପ୍ରଦାନ କରାଯାଇଥିଲା। ବିଶେଷ କରି ବେଙ୍ଗଲୀ ସଙ୍ଗୀତ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା।

## ଯୁକ୍ତ ୩ ଛାତ୍ରୀଙ୍କୁ ର୍‍ୟାଗିଂ ଅଭିଯୋଗ

ନିମାପଡ଼ା,୪।୧୧(ଡି.ଏନ୍.ଏ.)

ନିମାପଡ଼ା କଲେଜରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ବିଜ୍ଞାନ ବିଭାଗରେ ଅଧ୍ୟୟନରତ ଜଣେ ଛାତ୍ରୀଙ୍କୁ ର୍‍ୟାଗିଂ କରାଯାଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗକାରିଣୀ ଛାତ୍ରୀ ରୋଜାଲିନ ହଷ୍ଟେଲରେ ରହି ପଢ଼ନ୍ତି। ଗତ କିଛିଦିନ ହେବ ହଷ୍ଟେଲର କେତେଜଣ ଅନ୍ତେବାସୀ ତାଙ୍କୁ ର୍‍ୟାଗିଂ କରୁଛନ୍ତି। ଏପରି କି କେହି ଅଜଣା ଯୁବକ ତାଙ୍କୁ ଫୋନ କରି ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର ମଧ୍ୟ କରିଛନ୍ତି। ଘଟଣା ସମ୍ପର୍କରେ ସେ ହଷ୍ଟେଲ ୱାର୍ଡେନଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ଫର୍ଦ୍ଦରେ ଛାତ୍ରୀ ଦର୍ଶାଇଛନ୍ତି। ଅନ୍ୟପଟେ ଘଟଣାକୁ ନେଇ ଛାତ୍ରୀନିବାସର ୱାର୍ଡେନଙ୍କୁ ପଚାରିବାରେ ଉକ୍ତ ଛାତ୍ରୀ କୌଣସି ଘଟଣା ବିଷୟରେ କିଛି ଜଣାଇ ନାହାନ୍ତି। ମହିଳା ହଷ୍ଟେଲରେ କେବେ ବି କୌଣସି ଛାତ୍ରୀଙ୍କୁ ର୍‍ୟାଗିଂ କି ହଇରାଣ କରାଯାଇନାହିଁ। ଛାତ୍ରୀ ଜଣକ ଯାହା ଅଭିଯୋଗ କରିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ। ଏପରି କି ଉକ୍ତ ଛାତ୍ରୀ ଓ ତାଙ୍କ ବଡ଼ ଭଉଣୀ, ଭାଇ ମହିଳା ହଷ୍ଟେଲକୁ ଉଦ୍ଦେଶ୍ୟମୂଳକ ଭାବେ ବଦନାମ କରିବାକୁ ଚେଷ୍ଟା ଚଳାଇଛନ୍ତି ବୋଲି ୱାର୍ଡେନ କହିଛନ୍ତି। ଏ ନେଇ ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇ କହିଛନ୍ତି, ଅଭିଯୋଗ ଅନୁଯାୟୀ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ଯାହା ପଦକ୍ଷେପ ନିଆଯିବ। ଅନ୍ୟପଟେ ଏହି ଘଟଣାକୁ ନେଇ ଗତ ୩୦ତାରିଖରେ ଛାତ୍ରୀ ରୋଜାଲିନଙ୍କ ବଡ଼ ଭଉଣୀ ମହିଳା ହଷ୍ଟେଲ ୱାର୍ଡେନ ଓ ସିକ୍ୟୁରିଟି ଗାର୍ଡଙ୍କ ସମେତ ୩ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ସେହିଭଳି ସେଦିନ ସନ୍ଧ୍ୟାରେ ମହିଳା ହଷ୍ଟେଲରେ ପଶି ମାଡ଼ ମାରି ଗଣ୍ଡଗୋଳ କରିବା ସମ୍ପର୍କରେ ଛାତ୍ରୀ ରୋଜାଲିନ, ତାଙ୍କ ବଡ଼ ଭଉଣୀ ଓ ଭାଇଙ୍କ ବିରୋଧରେ ଥାନାରେ ହଷ୍ଟେଲ ୱାର୍ଡେନ ପାଲଟା ଅଭିଯୋଗ କରିଥିଲେ। ପୋଲିସ ଉଭୟଙ୍କ ଅଭିଯୋଗକ୍ରମେ ୨ଟି ମାମଲା(ନଂ.୩୬୧, ୩୬୩/୨୨) ରୁଜୁ କରିଛି।



ମୟୂରଭଞ୍ଜ ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ୍‌କୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବିରେ ରାସଗୋବିନ୍ଦପୁରରୁ ଚାଲିଚାଲି ଭୁବନେଶ୍ୱରରେ ପହଞ୍ଚିବା ପରେ ଶୁକ୍ରବାର ରାଜଭବନରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇଥିବା ପ୍ରତିନିଧି ଦଳ।

## କ୍ୟାପିଟାଲ ହସ୍ପିଟାଲର ପିଜି ଇନଷ୍ଟିଚ୍ୟୁଟରେ ପାଠପଢ଼ା ଆରମ୍ଭ

ଭୁବନେଶ୍ୱର,୪।୧୧(ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲରେ ନୂତନ ଭାବେ ଆରମ୍ଭ ହୋଇଥିବା ପିଜି ଇନଷ୍ଟିଚ୍ୟୁଟରେ ପାଠପଢା ଆରମ୍ଭ ହୋଇଛି। ଏଥିସହ ପୋଷ୍ଟ ଗ୍ରାଜୁଏଟ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ ଆଣ୍ଡ କ୍ୟାପିଟାଲ ହସ୍ପିଟାଲର ନିଜସ୍ୱ ଲୋଗୋକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଉଭୟ ଇଂଲିଶ୍ ଓ ଓଡ଼ିଆ ଭାଷାରେ ପ୍ରସ୍ତୁତ ହୋଇଥିବା ଏହି ଲୋଗୋରେ କୋଣାର୍କର ଅଶ୍ୱ ସହିତ ଡାକ୍ତରୀ ଚିହ୍ନ ରହିଛି। ଏଣିକି ପିଜି ଶିକ୍ଷାନୁଷ୍ଠାନ ଏହାକୁ ବ୍ୟବହାର କରିପାରିବ। ଏହି ଲୋଗୋ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେନ୍ଦ୍ର ସରକାରଙ୍କ ସମେତ ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଓ ବିଭାଗଗୁଡ଼ିକୁ ଅବଗତ କରାଯାଇଛି।

ପିଜି ଇନଷ୍ଟିଚ୍ୟୁଟରେ ଶିକ୍ଷାଦାନ ସଂକ୍ରାନ୍ତରେ ଏହାର ନିର୍ଦ୍ଦେଶିକା ପ୍ରଫେସର ଡା. ନିବେଦିତା ପାଣି କହିଛନ୍ତି, ଏଠାରେ ମଞ୍ଜୁରୀପ୍ରାପ୍ତ ୨୪ ଆସନ ମଧ୍ୟରେ ଉଭୟ ରାଜ୍ୟ ଓ ସର୍ବଭାରତୀୟ କୋଟାରେ ୧୨ଟି ଆସନ ରହିଛି। ଏଠାରେ ଥିବା ବିଭିନ୍ନ ବିଭାଗ ମଧ୍ୟରେ ମେଡିସିନ, ସର୍ଜରୀ, ସ୍ତ୍ରୀ ଓ ପ୍ରସୂତିରେ ୫ଟି ଆସନ ଥିବାବେଳେ ପଲ୍ମୋନାରୀ ମେଡିସିନରେ ୩, ଶିଶୁ ବିଭାଗରେ ୪, ଅସ୍ଥିଶଲ୍ୟରେ ୨ଟି ଆସନ ରହିଛି। ରାଜ୍ୟ କୋଟାରେ ଥିବା ୧୨ଟି ଆସନରେ ନାମଲେଖା ସରିଥିବାବେଳେ ସର୍ବଭାରତୀୟ କୋଟାରେ ୧୦ଜଣ ନାମ ଲେଖାଇଛନ୍ତି। ଖୁବ୍‌ଶୀଘ୍ର ଅବଶିଷ୍ଟ ଆସନ ପୂରଣ ହେବ। ନାମ ଲେଖାଇଥିବା ଛାତ୍ରୀଛାତ୍ର ଏଠାରେ ପାଠପଢା ଆରମ୍ଭ କରିବା ସହିତ ରୋଗୀ ଚିକିତ୍ସାରେ ମଧ୍ୟ ଯୋଗଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ହଷ୍ଟେଲ ପାଇଁ ରାଜ୍ୟ ସରକାର କ୍ୟାପିଟାଲ ହସ୍ପିଟାଲର ଅତି ନିକଟରେ ଥିବା ଆପାର୍ଟମେଣ୍ଟରେ ବାସଗୃହ ଯୋଗାଇଛନ୍ତି। ଏଥିପାଇଁ ସାଧାରଣ ପ୍ରଶାସନ ବିଭାଗ ସହିତ ରାଜିନାମା ହୋଇଛି। ହଷ୍ଟେଲ ସୁବିଧା ସହିତ ଛାତ୍ରୀଛାତ୍ରଙ୍କ ଖାଦ୍ୟପେୟ ଲାଗି ମେସ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ପିଜି ଛାତ୍ରୀଛାତ୍ରଙ୍କ ପାଠପଢ଼ା ସହିତ ରୋଗୀ ସେବା ଆରମ୍ଭ ହେବାପରେ ଏବେ କ୍ୟାପିଟାଲ ହସ୍ପିଟାଲର ବିଭିନ୍ନ ବିଭାଗରେ ଚିକିତ୍ସା ସେବାରେ ଉନ୍ନତି ପରିଲକ୍ଷିତ ହୋଇଛି। ବିଶେଷକରି ଏଥିଯୋଗୁ କ୍ୟାପିଟାଲ ହସ୍ପିଟାଲରେ ଏବେ ଦୈନିକ ଅପରେଶନ ସଂଖ୍ୟାରେ ବୃଦ୍ଧି ଘଟିଛି। ଆଗାମୀ ଦିନରେ କ୍ୟାପିଟାଲ ହସ୍ପିଟାଲରେ ଏସ୍ଥଠାରୁ ଅଧିକ ମାନର ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

## କଠିନ ବର୍ଜ୍ୟ ପରିଚାଳନା ସମ୍ପର୍କିତ ଆଲୋଚନା




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୪।୧୧(ବ୍ୟୁରୋ)

ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ(ବିଏସ୍‌ସିଏଲ୍) ପକ୍ଷରୁ ଜନପଥର ବ୍ୟବସାୟୀଙ୍କ ସହ ଏକ ସହଯୋଗପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରୂପାଲି ଛକରୁ ରାଜମହଲ ଛକ ମଧ୍ୟରେ ଥିବା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସହ ବିଏସ୍‌ସିଏଲ୍ କର୍ତ୍ତୃପକ୍ଷ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଛନ୍ତି। ତେବେ ପରିମଳ ରକ୍ଷା ନିମନ୍ତେ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। କଠିନ ବର୍ଜ୍ୟ ସଂଗ୍ରହ ଓ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରତି ବ୍ୟବସାୟିକ ପ୍ରତିଷ୍ଠାନରୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ କଠିନ ବର୍ଜ୍ୟ ସଂଗ୍ରହରେ କେଉଁ ସବୁ ସମସ୍ୟା ଉପୁଜୁଛି ସେନେଇ ବ୍ୟବସାୟୀଙ୍କୁ ଅବଗତ କରାଯାଇଥିଲା। ସ୍ମାର୍ଟ ଜନପଥର ସ୍ୱଚ୍ଛତା ବଜାୟ ରଖିବାରେ ବ୍ୟବସାୟୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିଏସ୍‌ସିଏଲ୍‌ର ଜେନେରାଲ ମ୍ୟାନେଜର କମଲଜିତ୍ ଦାସ କହିଥିଲେ। ବୈଠକରେ ୫୦ ଊର୍ଦ୍ଧ୍ୱ ବ୍ୟବସାୟିକ ପ୍ରତିଷ୍ଠାନର ପ୍ରତିନିଧି ଯୋଗଦେଇଥିଲେ।

## ୬ ଟଙ୍କାର କ୍ୟାରିବ୍ୟାଗ୍ ପାଇଁ ୨୫ ହଜାର ଦଣ୍ଡ

**ଜିଲା ଖାଉଟି ଅଦାଲତରେ ଶପିଂ ମଲ୍ ଦଣ୍ଡିତ**



କଟକ ଅଫିସ,୪।୧୧

୬ ଟଙ୍କାର କ୍ୟାରିବ୍ୟାଗ୍ ପାଇଁ କଟକ ବକ୍ସିବଜାରସ୍ଥିତ ବଜାର କୋଲକାତା ଶପିଂ ମଲ ଦଣ୍ଡ ଗଣିବ। ଉକ୍ତ ଶପିଂ ମଲ୍‌କୁ ଜିଲା ଖାଉଟି ଅଦାଲତ ଏଭଳି ଦଣ୍ଡିତ କରିଛନ୍ତି। ଜଣେ ଗ୍ରାହକଙ୍କୁ ନ ଜଣାଇ କ୍ୟାରି ବ୍ୟାଗ ପାଇଁ ୬ ଟଙ୍କା ନେବା ଅଭିଯୋଗର ଶୁଣାଣି କରି ଅଦାଲତ ୨୫ ହଜାର ଟଙ୍କା ଅର୍ଥଦଣ୍ଡ ୩୦ ଦିନ ମଧ୍ୟରେ ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ବିଚାରପତି ଦେବାଶିଷ ନାୟକ ଓ ଶିବାନନ୍ଦ ମହାନ୍ତିଙ୍କ ଖଣ୍ଡପୀଠ ଗତ ୧୯ ତାରିଖରେ ଏହି ରାୟ ଶୁଣାଇଛନ୍ତି।

ପୁରୀଘାଟ ଥାନା ଅନ୍ତର୍ଗତ ହରିପୁର ମୁଳିଆସାହିର ପଦ୍ମଲୋଚନ ରାଉତ ବକ୍ସିବଜାରସ୍ଥିତ ବଜାର କୋଲକାତାରୁ ୨୦୨୦ ଡିସେମ୍ବର ୨୮ରେ ଏକ ଟି-ଶାର୍ଟ କିଣିଥିଲେ। ଏ ବାବଦରେ ୨୪୯ ଟଙ୍କା ଦେବାକୁ ସେ କାଉଣ୍ଟରରେ ଉପସ୍ଥିତ ଥିବାବେଳେ ତାଙ୍କୁ କ୍ୟାରିବ୍ୟାଗ୍ ଦରକାର କି ବୋଲି ପଚରାଯାଇଥିଲା। ସେ ହଁ କହିବାରୁ ତାଙ୍କୁ ଗୋଟାଏ କ୍ୟାରି ବ୍ୟାଗ ଦିଆଯାଇଥିଲା। ମାତ୍ର ସେ କାର୍ଡ ମାଧ୍ୟମରେ ଟଙ୍କା ଦେବା ପରେ ଜାଣିଲେ ଯେ ତାଙ୍କଠାରୁ ୬ ଟଙ୍କା ଅଧିକ ନିଆଯାଇଛି। କ୍ୟାରି ବ୍ୟାଗ ନେବାକୁ ପଚାରିବାବେଳେ ଏଥିପାଇଁ ୬ ଟଙ୍କା ଦେବାକୁ ପଡ଼ିବ ବୋଲି ତାଙ୍କୁ କେହି କହି ନ ଥିଲେ କି ମଲ୍ ମଧ୍ୟରେ ଏ ସମ୍ପର୍କିତ କୌଣସି ଲେଖା ମଧ୍ୟ ନ ଥିଲା। ସେ ଏ କଥା ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ସେ ମାନସିକ ଭାବେ ଆଘାତ ପାଇ ଫେରିଆସିଥିଲେ। ପରେ ଉକ୍ତ ଶପିଂ ମଲ୍ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଲିଗାଲ ନୋଟିସ ପଠାଇଥିଲେ। ନିର୍ଦ୍ଧାରିତ ଦିନ ସପିଂ ମଲ୍ ତରଫରୁ କେହି କାଉନସେଲିଂ ସେଣ୍ଟରକୁ ଆସି ନ ଥିଲେ। ଫଳରେ ପଦ୍ମଲୋଚନ ରାଉତ ଏନେଇ ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ କ୍ଷତିପୂରଣ ୬୦ ହଜାର ଟଙ୍କା, ମାନସିକ ନିର୍ଯାତନା ନିମନ୍ତେ ୧୫ ହଜାର ଟଙ୍କା ଓ ମାମଲାଜନିତ ଖର୍ଚ୍ଚ ବାବଦରେ ୧୫ ହଜାର ଟଙ୍କା ପ୍ରଦାନ ପାଇଁ ଦାବି କରିଥିଲେ। ତେବେ ବିଚାରପତିଙ୍କ ଖଣ୍ଡପୀଠ ତାଙ୍କ ରାୟରେ ମାନସିକ ନିର୍ଯାତନାଜନିତ କ୍ଷତିପୂରଣ ବାବଦରେ ୧୦ ହଜାର ଟଙ୍କା ଓ ମାମଲା ଖର୍ଚ୍ଚଜନିତ ୧୫ ହଜାର ଟଙ୍କା ଶପିଂ ମଲ୍ ପକ୍ଷରୁ ଆବେଦନକାରୀଙ୍କୁ ପ୍ରଦାନ କରିବା ପାଇଁ ଆଦେଶ ଦେଇଛନ୍ତି।

## ଦିବ୍ୟାଙ୍ଗ ପିଲାଙ୍କୁ ସଶକ୍ତ କରିବ 'ନବଦର୍ଶନ' ପ୍ରକଳ୍ପ

ଭୁବନେଶ୍ୱର, ୪।୧୧ (ବ୍ୟୁରୋ)

ଓଡ଼ିଶା ରାଇଜିଂ ଫାଉଣ୍ଡେଶନ (ଓଆର୍‌ଏଫ) ପକ୍ଷରୁ ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ସହଯୋଗରେ ଓଡ଼ିଶାର ସ୍ୱତନ୍ତ୍ର ଶ୍ରେଣୀ ପିଲାଙ୍କ ସଶକ୍ତୀକରଣ ପାଇଁ ଏକ ରାଜ୍ୟସ୍ତରୀୟ ପ୍ରକଳ୍ପ 'ନବଦର୍ଶନ' ଆରମ୍ଭ ହୋଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏଥିସହ ମାନସିକ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ନିଃସ୍ୱାର୍ଥପର ସେବାରେ ନିୟୋଜିତ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଏବଂ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଭି-ଗାର୍ଡର ଡେପୁଟି ଜେନେରାଲ ମ୍ୟାନେଜର ପ୍ରଦୀପ ପି ଯୋଗଦେଇ ନବଦର୍ଶନ ପ୍ରକଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ। ଦିବ୍ୟାଙ୍ଗ ପିଲାଙ୍କ ବୌଦ୍ଧିକ ସଶକ୍ତୀକରଣ ପାଇଁ ଓଡ଼ିଶାରେ ଏପରି ଅଭିଯାନ ଆରମ୍ଭ କରାଯାଇଥିବା ସେ କହିଥିଲେ। ବ୍ରାଞ୍ଚ ମୁଖ୍ୟ ସୁମନ ପ୍ରଧାନ ଓଡ଼ିଶାରେ ଭି-ଗାର୍ଡର ସିଏସ୍‌ଆର୍ କାର୍ଯ୍ୟ ସମ୍ପର୍କରେ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ୩ବର୍ଷ ମଧ୍ୟରେ ୧ହଜାର ପିଲାଙ୍କୁ ସଶକ୍ତ କରାଯିବ। ଏଥିପାଇଁ ଓଡ଼ିଶାର ୭ଟି ଜିଲାରୁ ୧୨ଟି ସରକାରୀ ସହାୟକ ଏବଂ ଅଣ ସହାୟକ ସ୍ୱତନ୍ତ୍ର ବିଦ୍ୟାଳୟ ଚିହ୍ନଟ କରି ସେମାନଙ୍କ ପୂର୍ଣ୍ଣାଙ୍ଗ ବିକାଶର ଦାୟିତ୍ୱ ନିଆଯିବ ବୋଲି ସିଏସ୍‌ଆର୍ ମ୍ୟାନେଜର ସାନିଶ କେ. ସୂଚନା ଦେଇଥିଲେ। ଏହି ପ୍ରକଳ୍ପ ସ୍ୱତନ୍ତ୍ର ଶିକ୍ଷକ ଯୋଗାଇବା, ଅଧିକ ଥେରାପିଷ୍ଟ ନିୟୋଜନ କରିବା ଏବଂ ମାନସିକସ୍ତରରେ ଅସୁବିଧା ଭୋଗୁଥିବା ପିଲାଙ୍କୁ ଧନ୍ଦାମୂଳକ ତାଲିମ ପ୍ରଦାନ କରିବ। ଏହାଦ୍ୱାରା ସେମାନେ ଏକ ସମ୍ମାନଜନକ ଜୀବନଯାପନ କରିବେ ବୋଲି ଓଆରଏଫ୍‌ର ଚେୟାରମ୍ୟାନ ଅକ୍ଷୟ ସାଗର ମତ ଦେଇଥିଲେ। ଏସ୍‌ଏସ୍‌ଇପିଡି ନିର୍ଦ୍ଦେଶକ ବ୍ରତତୀ ହରିଚନ୍ଦନ, ଓଏଲ୍‌ଏସ୍ ଖୋର୍ଦ୍ଧା ଚେୟାରମ୍ୟାନ କସ୍ତୁରୀ ମହାପାତ୍ର ଓ କୋରାପୁଟ ଜିଲାର ଡିଏସ୍‌ଏସ୍‌ଓ, ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍‌ର ଅଧିକାରୀ, ଓଆର୍‌ଏଫ୍ ପ୍ରୋଗ୍ରାମ ମ୍ୟାନେଜର ଶର୍ମିଷ୍ଠା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍ସରୁ ପଶ୍ଚିମବଙ୍ଗ ଦଲାଲଙ୍କ ସହ ୯ ଗିରଫ



ଖଣ୍ଡଗିରି ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ୯ ଅଭିଯୁକ୍ତ।

## ରୋଗୀଙ୍କୁ ଶୋଷଣ କରୁଥିଲେ

- ରାତିରୁ ଟିକେଟ ଧାଡ଼ିକୁ କବ୍‌ଜା କରି ରଖୁଥିଲେ
- ମାଗଣା ଟିକେଟକୁ ବିକ୍ରି କରୁଥିଲେ
- କର୍ମଚାରୀଙ୍କ ସମ୍ପୃକ୍ତି ଥିଲେ କାର୍ଯ୍ୟାନୁଷ୍ଠାନ : ଏମ୍ସ ନିର୍ଦ୍ଦେଶକ

**ଭୁବନେଶ୍ୱର,୪।୧୧ (ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ଦଲାଲଙ୍କ ରାଜୁତି ଚାଲିଛି। ମାଗଣା ଟିକେଟକୁ ହାତେଇବା ସହ ବିକ୍ରି କରୁଛନ୍ତି। ଏପରିକି ବିଭିନ୍ନ ବାହାନାରେ ରୋଗୀଙ୍କଠାରୁ ମୋଟା ଅଙ୍କର ଟଙ୍କା ଠକି ନେଉଛନ୍ତି। ଫଳରେ ରୋଗୀମାନେ ଶୋଷଣର ଶିକାର ହେବା ସହ ପ୍ରତିଦିନ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଟିକେଟ ନ ପାଇ ହଟହଟା ହେଉଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିବାବେଳେ ଶେଷରେ ଶୁକ୍ରବାର ଖଣ୍ଡଗିରି ଥାନା ପୋଲିସ ୯ଜଣ ଦଲାଲଙ୍କୁ ଗିରଫ କରିଛି। ଏଥିରେ ଏକ ବଡ଼ ର୍‍ୟାକେଟ କାମ କରୁଛି। ପଶ୍ଚିମବଙ୍ଗ ଦଲାଲଙ୍କ ସହ ଓଡ଼ିଶାର କେତେଜଣ ସାମିଲ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏପରିକି ମେଡିକାଲ କର୍ମଚାରୀ, ସ୍ଥାନୀୟ ଘରୋଇ ମେଡିସିନ ଷ୍ଟୋର୍, ଡାଇଗ୍ନୋଷ୍ଟିକ୍ ଓ ଲଜ୍ କର୍ମଚାରୀଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ଉଠୁଥିବାରୁ ପୋଲିସ ଉକ୍ତ ଦିଗକୁ ନେଇ ମଧ୍ୟ ତଦନ୍ତ କରୁଛି। ତେବେ ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗର ଜୟନ୍ତ ଗିରି, କ୍ରିଷ୍ଣା ପ୍ରସାଦ ସାମନ୍ତ ଓରଫ ଚୁଣ୍ଟୁ, କମଳ ପଖିରିଆ, ଅମିତ ପ୍ରତିହର ଓରଫ ବାବୁନ। ସେହିପରି ଭରତପୁର ଥାନା ଅଞ୍ଚଳରେ ରହୁଥିବା ନୟାଗଡର ଦୀପକ କୁମାର ସାହୁ ଓରଫ ସିଲୁ, ଖଣ୍ଡଗିରି ଥାନା ଅଞ୍ଚଳର ମୃତ୍ୟୁଞ୍ଜୟ ମିଶ୍ର, ରଶ୍ମି ରଞ୍ଜନ ଦାସ, ସରୋଜ କୁମାର ଭୁଜବଳ ଓରଫ ସୋନୁ ଏବଂ ଏକ ଘରୋଇ ମେଡିସିନ ଷ୍ଟୋର୍ କର୍ମଚାରୀ କେନ୍ଦ୍ରାପଡାର ଅବିନାଶ ବେହେରା ଓରଫ ଲିଟୁ। ଏମାନଙ୍କଠାରୁ ୫ଟି ମୋବାଇଲ ଫୋନ୍, ଟଙ୍କା, ଆଧାର କାର୍ଡ, ଓପିଡି ରିକ୍ୟୁଜିଶନ ସ୍ଲିପ୍, ପେସେଣ୍ଟ କାର୍ଡ ଆଦି ଜବତ କରାଯାଇଛି। ଏନେଇ ପୋଲିସ ମାମଲା (ନଂ. ୫୪୬/୨୦୨୨) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ପୋଲିସର ଗିରଫଦାରୀ ପରେ ର୍‍ୟାକେଟରେ ସମ୍ପୃକ୍ତ ଅନ୍ୟ ଦଲାଲମାନେ ଚମ୍ପଟ ମାରିଛନ୍ତି। ଏମାନେ ସାଧାରଣତଃ ନିରୀହ ତଥା ବାହାର ରାଜ୍ୟରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କୁ ଟାର୍ଗେଟ କରୁଥିବା ପୋଲିସ କହିଛି। ଏ ସମ୍ପର୍କରେ ଏମ୍ସର ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ କହିଛନ୍ତି, ଏମ୍ସରେ ଦଲାଲଙ୍କ ପ୍ରାଦୁର୍ଭାବ ରହିଛି। ଦଲାଲମାନେ ବାହାରେ ଟିକେଟ ବିକ୍ରି କରୁଛନ୍ତି, ଲୋକଙ୍କୁ ହଇରାଣ କରୁଛନ୍ତି। ଏଥିରେ ଏମ୍ସ କର୍ମଚାରୀଙ୍କ ସଂପୃକ୍ତି ଥିବା ନେଇ କୌଣସି ସୂଚନା ନାହିଁ। କାହାର ପ୍ରମାଣ ମିଳିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଯଦି କୌଣସି ଦଲାଲ ଟଙ୍କା ନେଉଥିବା ଖବର ଆସୁଛି ତୁରନ୍ତି ପୋଲିସକୁ ଖବର ଦିଆଯାଉଥିବା ସେ କହିଛନ୍ତି।

## ସୁଯୋଗ ଦେଇଥିଲା ଅବ୍ୟବସ୍ଥା

ମାଗଣା ଓ ଉତ୍ତମ ଚିକିତ୍ସା ପାଇବା ଆଶାରେ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ରୋଗୀ ଆସୁଛନ୍ତି। ହେଲେ ଟିକେଟ ଓ ଆଡ୍‌ମିଶନ ପାଇଁ ବହୁ ହଟହଟା ହେଉଛନ୍ତି। ଟିକେଟ ପାଇଁ ରାତିରୁ ଧାଡ଼ିରେ ରହିଲେ ମଧ ପାଳି ପଡିବା ବେଳକୁ ନିର୍ଦ୍ଧାରିତ ନମ୍ବର ସରିଯାଉଛି। ତେଣୁ ଟିକେଟ ଖଣ୍ଡେ ପାଇବା ପାଇଁ ୨ରୁ ୩ ଦିନ ଅପେକ୍ଷା କରିବାକୁ ପଡୁଛି। ଯଦି ଟିକେଟ ମିଳିଗଲା ତେବେ ବିଭିନ୍ନ ବିଭାଗରେ ଡାକ୍ତରଙ୍କୁ ଦେଖାଇବା ବେଳକୁ ସମୟ ନିଅଣ୍ଟ ପଡୁଛି। ପୁଣି ଛୋଟମୋଟ ଚିକିତ୍ସା ଓ ପରୀକ୍ଷା ପାଇଁ ବାରମ୍ବାର ଦୌଡ଼ିବାକୁ ପଡୁଛି। ଏଥିପାଇଁ ରାତି ଅନିଦ୍ରା ହେବା ସହ ହୋଟେଲ, ଲଜ୍‌ରେ ରହି ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ବିଶେଷକରି ଓଡ଼ିଶାର ଦୂରଦୂରାନ୍ତ ଓ ପଡୋଶୀ ରାଜ୍ୟର ସୀମାନ୍ତ ଅଞ୍ଚଳରୁ ଆସୁଥିବା ରୋଗୀ ବେଶି ହଇରାଣ ହେଉଛନ୍ତି। ଏହି ଅବ୍ୟବସ୍ଥାର ସୁଯୋଗ ନେଇ ଏମ୍ସରେ ଏକାଧିକ ଦଲାଲ ର୍‍ୟାକେଟ ସକ୍ରିୟ ହୋଇଉଠିଛି। ବର୍ଷ ବର୍ଷ ଧରି ଏଭଳି ସ୍ଥିତି ଲାଗି ରହିଥିଲେ ମଧ କର୍ତ୍ତୃପକ୍ଷ ଏହାର ସମାଧାନ କରୁ ନ ଥିବାରୁ ବହୁ ରୋଗୀ ଥରେ ଗଲେ ଆଉଥରେ ଯିବାକୁ ଇଚ୍ଛା କରୁନାହାନ୍ତି।

## ଟିକେଟ ଧାଡ଼ିର ପ୍ରଥମ ୫୦ଜଣଙ୍କ ମଧ୍ୟରେ ୨୦ ଦଲାଲ

ଦଲାଲମାନେ ବିଭିନ୍ନ ଦଳରେ ଭାଗ ହୋଇ କାର୍ଯ୍ୟ କରନ୍ତି। କେତେଜଣ ଟିକେଟ ସଂଗ୍ରହ ଦାୟିତ୍ୱ ନେଇଥାନ୍ତି। ସେମାନେ ପୂର୍ବ ସନ୍ଧ୍ୟାରୁ ଟିକେଟ ପାଇଁ ବାହାରେ ହେଉଥିବା ଧାଡ଼ିର ସବୁଠାରୁ ଆଗରେ ଥିବା ସ୍ଥାନକୁ କବ୍‌ଜା କରି ରହି ସକାଳେ କାଉଣ୍ଟର ଖୋଲିବା ପରେ ଟିକେଟ ସଂଗ୍ରହ କରିଥାନ୍ତି। ଆଉକେତେଜଣ ହଇରାଣ ହେଉଥିବା ବା ଟିକେଟ ପାଇଁ ବ୍ୟସ୍ତ ହୋଇପଡୁଥିବା ରୋଗୀ କିମ୍ବା ସମ୍ପର୍କୀୟଙ୍କୁ ସହାୟତା ବାହାନାରେ ଠକେଇ ପାଇଁ ଫସାଇଥାନ୍ତି। ସେମାନେ ଏମ୍ସ କର୍ମଚାରୀ ପରିଚୟ ଦେଇ ମୂଲଚାଲ କରି ଟଙ୍କା ନେଇଥାନ୍ତି। ଏପରିକି ମେଡିସିନ ଷ୍ଟୋର୍, ଲଜ୍ ଓ ଡାଇଗ୍ନୋଷ୍ଟିକ୍ କର୍ମଚାରୀମାନେ ମଧ୍ୟ ରୋଗୀ ସଂଗ୍ରହ କରି କମିଶନ ନେଇଥାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅଭିଯୁକ୍ତ ଦଲାଲମାନେ ଧାଡିରେ ସ୍ଥାନୀୟ କିଛି ଯୁବକଙ୍କୁ ଟଙ୍କା ଦେଇ ଛିଡା କରୁଥିଲେ। ପ୍ରଥମ ୫୦ ଜଣଙ୍କ ମଧ୍ୟରୁ ଆଗ ୨୦ଜଣ ସେମାନଙ୍କ ଲୋକ ରହୁଥିବା ଗିରଫ ଅଭିଯୁକ୍ତମାନେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

## କେମିତି ଧରିଲା ପୋଲିସ

ଏମ୍ସ ଟିକେଟ ବ୍ଲାକ୍ ହେଉଥିବା ଅନେକ ସମୟରେ ଅଭିଯୋଗ ଆସୁଥିଲା। ତେଣୁ ସମ୍ପୃକ୍ତ ଦଲାଲଙ୍କୁ ଧରିବା ଲାଗି ପୋଲିସ ମଧ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲା। କେତେଜଣ ପୋଲିସ କର୍ମଚାରୀ ଭୋର୍‌ରୁ ସାଦା ପୋଷାକରେ ଟିକେଟ କାଉଣ୍ଟରରେ ସାଧାରଣ ଲୋକଙ୍କ ପରି ଛିଡା ହୋଇଥିଲେ। ଏହି ସମୟରେ ସେମାନେ ସନ୍ଦିଗ୍ଧ ଦଲାଲଙ୍କୁ ଟିକେଟ କଥା ପଚାରି ହତାଶା ଭାବ ପ୍ରକାଶ କରିଥିଲେ। ଦଲାଲ ଜଣକ ତାଙ୍କୁ ବ୍ୟସ୍ତ ହେବାର କିଛି ନାହିଁ, ଆପଣ ଖାଲି ଆଧାର କାର୍ଡ ଦିଅନ୍ତୁ ଆମ ଲୋକ ଆଗରେ ଛିଡା ହୋଇଛନ୍ତି ଟିକେଟ ମିଳିଯିବ ବୋଲି କହିଥିଲେ। ପୋଲିସ କର୍ମଚାରୀ ଜଣକ ଚାଲାକରେ ତାଙ୍କୁ ଟଙ୍କା ନେଉଛ ବୋଲି ପଚାରିଥିଲେ। ଆଉ ଦଲାଲ ଜଣକ ଏଥିପାଇଁ ୨ ହଜାର ଟଙ୍କା ଦେବାକୁ କହିଥିଲେ। ହେଲେ ପୋଲିସ ମାଗଣା ଟିକେଟକୁ ଏତେ ଟଙ୍କା ନେଉଛ କହିବାରୁ ଦଲାଲ ଜଣକ ୧୫୦୦ ଟଙ୍କା ଦେବାକୁ କହିଥିଲେ। ଏହାପରେ ସେ ଆଧାର କାର୍ଡ ନେଇ ଆଗରେ ଛିଡ଼ା ହୋଇଥିବା ୨ଜଣ ବ୍ୟକ୍ତିଙ୍କ ସହ କଥା ହୋଇଥିଲେ। ଏହାକୁ ନଜର କରୁଥିବା ପୋଲିସ କର୍ମଚାରୀମାନେ ମିଳିତ ଭାବେ ସମ୍ପୃକ୍ତ ୩ ଦଲାଲଙ୍କୁ କାବୁ କରିନେଇଥିଲେ। ଏହାପରେ ଧାଡ଼ିରେ ଥିବା ଅନ୍ୟ ଦଲାଲମାନେ ଦୌଡ଼ିଥିଲେ। ସେମାନଙ୍କୁ ପୋଲିସ ଓ ମେଡିକାଲ ସୁରକ୍ଷା କର୍ମୀମାନେ ଗୋଡ଼ାଇ ଧରିଥିଲେ। ତେବେ ଭିଡ଼ ଭିତରେ ଆଉକେତେଜଣ ଫେରାର ହୋଇଯାଇଥିବା କୁହାଯାଉଛି। ମୋଟ ୧୩ଜଣ ଧରାପଡିଥିଲେ ମଧ ୯ଜଣଙ୍କ ସମ୍ପୃକ୍ତି ନେଇ ପ୍ରମାଣ ମିଳିବା ପରେ ସେମାନଙ୍କୁ ଗିରଫ କରାଯିବା ସହ ଅନ୍ୟ ୪ଜଣଙ୍କୁ ଛାଡ଼ି ଦିଆଯାଇଥିଲା।



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଫଟୋଗ୍ରାଫର୍ସ ମହାସଂଘ ଅଫ୍ ଓଡ଼ିଶା ପକ୍ଷରୁ ଫଟୋ ଓ ଭିଡିଓ ମେଳା, ଦି ଭୁବନେଶ୍ୱର ଗ୍ରାଣ୍ଡ, ଟଙ୍କପାଣି ରୋଡ୍, ସାଇ ମନ୍ଦିର ଛକ, ପୂର୍ବାହ୍ନ ୧୦ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ପାଠଘର କ୍ଲବ ପକ୍ଷରୁ ୧୨ତମ କାର୍ତ୍ତିକେଶ୍ୱର ପୂଜା, କ୍ଲବ ପରିସର, ୟୁନିଟ-୯, ଅପରାହ୍ନ ୧ଟା ୫୩।
- ଓଡ଼ିଶା ସାହିତ୍ୟିକ ଉତ୍ସବ, ୱେଲକମ୍ ହୋଟେଲ, ଅପରାହ୍ନ ୪ଟା ୩୦।
- ଦାନ ଲକ୍ଷ୍ମୀ ପାଳନ, ଭୁବନେଶ୍ୱର କ୍ଲବ, ରାଜପଥ, ୟୁନିଟ-୬, ଅପରାହ୍ନ ୫ଟା।
- କଳିଙ୍ଗ ପୁସ୍ତକ ମେଳା ସାରସ୍ୱତ ସମାରୋହ, ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା।
- ସାଇଶ୍ରଦ୍ଧା ପ୍ରଡକ୍ସନ ଟ୍ରଷ୍ଟ ପକ୍ଷରୁ ନବକଳେବର ନାଟକ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ମୁକ୍ତ ବାଲିଯାତ୍ରା ନିମନ୍ତେ ରାଲି, ବିଜୁ ଭବନ, ଚୌଧୁରୀ ବଜାର, ସକାଳ ୯ଟା।
- ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- କଳା ବିକାଶ କେନ୍ଦ୍ର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, କେନ୍ଦ୍ରର ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା ୩୦।

# ଓଡ଼ିଶା ଫଟୋ ଫେୟାର ଆରମ୍ଭ



'ଓଡ଼ିଶା ଫଟୋ ଫେୟାର ୨୦୨୨'କୁ ବିଶିଷ୍ଟ ଫଟୋଗ୍ରାଫର ରାଜୁ ସୁଲତାନିଆ ଓ କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର,୪।୧୧(ବ୍ୟୁରୋ)**

ଫଟୋଗ୍ରାଫର୍ସ ମହାସଂଘ ଅଫ୍ ଓଡ଼ିଶା ପକ୍ଷରୁ ଶୁକ୍ରବାର ଟଙ୍କପାଣି ରୋଡ଼ସ୍ଥିତ ସ୍ଥାନୀୟ ଏକ ହୋଟେଲରେ 'ଓଡ଼ିଶା ଫଟୋ ଫେୟାର ୨୦୨୨' ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପଶ୍ଚିମବଙ୍ଗର ବିଶିଷ୍ଟ ଫଟୋଗ୍ରାଫର ରାଜୁ ସୁଲତାନିଆ ଓ କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ଏବଂ ଅନ୍ୟ ରାଜ୍ୟର ଫଟୋଗ୍ରାଫରମାନେ ବିଭିନ୍ନ କ୍ୟାମେରା ମଡେଲ ପ୍ରଦର୍ଶିତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଶିଶିର କୁମାର ନାୟକ କହିଛନ୍ତି, ଏହାଦ୍ୱାରା ଆମ ରାଜ୍ୟର ଫଟୋଗ୍ରାଫରମାନେ କ୍ୟାମେରାର ବୈଶିଷ୍ଟ୍ୟ, ଗୁଣବତ୍ତା, ଫଟୋ କୌଶଳ ସମ୍ପର୍କରେ ଜାଣିପାରିବେ। ବଜାରକୁ ଆସୁଥିବା ନୂଆ ନୂଆ କ୍ୟାମେରା ମଡେଲ ସହ ପରିଚିତ ହେବେ। ଏହା ୩ ଦିନ ଧରି ପୂର୍ବାହ୍ନ ୧୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ।

## ବ୍ୟାଙ୍କ ସୁନାରୀଙ୍କ ସନ୍ଦେହଜନକ ମୃତ୍ୟୁ

**କୋଣାର୍କ,୪।୧୧(ଡି.ଏନ୍.ଏ.)**

କୋଣାର୍କ ଥାନା ଅଧୀନ କୋଣାର୍କ-କାକଟପୁର ମୁଖ୍ୟ ରାସ୍ତାର ଗୟଳ ଛକ ରାସ୍ତାକଡ଼ରେ ସନ୍ଦେହଜନକ ଅବସ୍ଥାରେ ପଡ଼ିଥିବା ଏକ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ କୋଣାର୍କସ୍ଥିତ ୟୁକୋ ବ୍ୟାଙ୍କରେ ସୁନାରୀ ଭାବେ କାର୍ଯ୍ୟ କରୁଥିବା ଅବଦାନ ପଞ୍ଚାୟତ ନୂଆଗାଁ ଗ୍ରାମର ବାବୁ ସାହୁ। ଏ ନେଇ ପୋଲିସ ଏକ ମାମଲା(ନଂ.୨୪୦/୨୨) ରୁଜୁ କରିବା ସହ ଘଟଣାସ୍ଥଳରୁ ଏକ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ଯାଞ୍ଚ କରିଛି। ଗୁରୁବାର ରାତିରେ ବାବୁ ବାଇକ୍ ଯୋଗେ କୁଣ୍ଡେଇ ହାଟକୁ ଯାଇ ଫେରି ନ ଥିଲେ। ସକାଳେ ଗୟଳ ଛକ ନିକଟ ରାସ୍ତାକଡ଼ରେ ଏକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବାବେଳେ ପରିବାର ଲୋକ ପହଞ୍ଚି ଚିହ୍ନଟ କରିଥିଲେ। ତେବେ ବାବୁଙ୍କ ମୃତ୍ୟୁ କିଭଳି ହେଲା, ତାହା ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟ ପ୍ରକାଶ ହେବ ବୋଲି କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅଜିତ୍



@ ଶୁଭ୍ରାଂଶୁ



@ ପ୍ରହ୍ଲାଦ



@ ରବୀନ୍ଦ୍ର



@ ଲକ୍ଷ୍ମଣ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ଆଗାମୀ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀରେ ହେବାକୁ ଥିବା ଜାତୀୟ ପରେଡ଼ରେ ବକ୍ସି ଜଗବନ୍ଧୁଙ୍କ ପାଇକ ସଂଗ୍ରାମ ସମ୍ବଳିତ ପ୍ରଜ୍ଞାପନ ମେଢ଼କୁ ସ୍ଥାନ ଦେବା ପାଇଁ ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ଏକାଡେମୀ ଓ ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ରାଜଭବନ ଛକସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ଦାବି କରାଯାଉଛି।




ସ୍ଥାୟୀ ନିଯୁକ୍ତି ଦାବିରେ ଓଡ଼ିଶା ଆୟୁଷ ଡାକ୍ତର ସଂଘ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା।

## ସଂକ୍ଷେପରେ

### ନାକିଠଣା ରାସ୍ତାରେ ବାଘ ନେଇ ଚର୍ଚ୍ଚା



ଟାଙ୍ଗୀ(ଖୋର୍ଦ୍ଧା),୪।୧୧(ଡି.ଏନ୍.ଏ.): ଖୋର୍ଦ୍ଧା ବନଖଣ୍ଡ ରଣପୁର ବନାଞ୍ଚଳ ନାକିଠଣା ରାସ୍ତାରେ ବାଘ ବୁଲୁଥିବା ନେଇ ଚର୍ଚ୍ଚା ହେଉଛି। ବାଘର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଅପରପକ୍ଷରେ ନାକିଠଣା ରାସ୍ତାରେ ବାଘ ଥିବା ବନ ବିଭାଗ ପକ୍ଷରୁ ଅସ୍ୱୀକାର କରାଯାଇଛି।

### ‘ମୋହରୁ ଊର୍ଦ୍ଧ୍ୱରେ ରହିଲେ ସମାଜ ଶୃଙ୍ଖଳିତ ହେବ’

ବାଲିପାଟଣା,୪।୧୧(ଡି.ଏନ୍.ଏ.): ଦାରୁଦିଅଁ ଆଧାତ୍ମିକ ପତ୍ରିକା ଓ ନିତ୍ୟ ଭକ୍ତି ପରିବାର ପକ୍ଷରୁ ପଞ୍ଚକ ପର୍ବ ଅନ୍ତର୍ବେଦୀ ପୀଠରେ ଶୁକ୍ରବାର ପାଳିତ ହୋଇଯାଇଛି। ଦାରୁଦିଅଁ ସମ୍ପାଦକ ଦେବେନ୍ଦ୍ର ନାଥ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଧାତ୍ମିକ ସଭାରେ ସଂଳାପ ଲେଖକ ଡ.ରଜନୀ ରଞ୍ଜନ ଦାଶ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ହଂସନାଥ ସାହୁ ଯୋଗଦେଇଥିଲେ। ମୋହରୁ ଊର୍ଦ୍ଧ୍ୱରେ ରହିଲେ ସମାଜ ଶୃଙ୍ଖଳିତ ହେବ। ଜଗନ୍ନାଥଙ୍କ ପାଦପଦ୍ମେ ଜୀବଜଗତ ସମର୍ପିତ ହେଲେ ଜଗତ ସମୃଦ୍ଧ ହେବ ବୋଲି ମତପ୍ରକାଶ ପାଇଥିଲା। ଅତିଥିଭାବେ ପ୍ରାଚୀଧାରା ସମ୍ପାଦକ ଭଗବାନ ସାହୁ, ପ୍ରାଧାପକ ରାଧାକାନ୍ତ ମହାନ୍ତି, ସାହିତ୍ୟିକ କ୍ଷେତ୍ରବାସିନୀ ତ୍ରିପାଠୀ ଯୋଗଦେଇ ଆଧାତ୍ମିକ ଭାବଧାରା ଉପରେ ଅଲୋକପାତ କରିଥିଲେ। ଏହି ଅବସରରେ ନିଷ୍ପାପର ସାମ୍ବାଦିକତା ପାଇଁ ଅଭିନୟ ଆଦିତ୍ୟ ନାୟକଙ୍କୁ ଦାରୁଦିଅଁ ଯୁବ ସାମ୍ବାଦିକ ସମ୍ମାନ, ଚାଷ ପାଇଁ ସୁଦର୍ଶନ ବେହେରା, ଜୀବନବ୍ୟାପୀ ସଙ୍ଗୀତ ସାଧନା ପାଇଁ ସୁବାସ ଚନ୍ଦ୍ର ସାମନ୍ତରାୟ, ଆଧାତ୍ମିକ ସାଧନା ପାଇଁ ଦିବ୍ୟକୃଷ୍ଣ ଦାସ ଓ ସୌରଭ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ହବିଷିଆଳିଙ୍କୁ ବସ୍ତ୍ରଦାନ କରାଯାଇଥିଲା। ସୁଜାତା ଦାଶ ସ୍ୱାଗତ ଭାଷଣ ଦେଇଥିଲେ।

### ଧବଳେଶ୍ୱରଙ୍କୁ ପ୍ରତ୍ୟକ୍ଷ ଦର୍ଶନରୁ ବଞ୍ଚିତ ହେଲେ ଭକ୍ତ

ଖୁଣ୍ଟୁଣୀ,୪।୧୧(ଡି.ଏନ୍.ଏ): କଟକ ଜିଲା ବାବା ଧବଳେଶ୍ୱର ପୀଠରେ ଶୁକ୍ରବାରଠାରୁ ପଞ୍ଚକ ଓ ବଡ଼ଓଷା ଯାତ୍ରା ଆରମ୍ଭ ହୋଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଭୋର ୫ଟାରେ ପୂଜକ ସମାଜ ପକ୍ଷରୁ ନୀତି ପାଳିଆ ପ୍ରକାଶ ପତ୍ରି ବାବାଙ୍କ ମଙ୍ଗଳ ଆଳତି କରି ପହଡ଼ ଖୋଲିଥିଲେ। ଏହାପରେ ସ୍ନାନ ନୀତି ଓ କର୍ପୂର, ଚନ୍ଦନ, ଅଗୁରୁ ଇତ୍ୟାଦିରେ ମାଜଣା ଏବଂ ବାବାଙ୍କ ଚନ୍ଦ୍ରଚୂଡ଼ ବେଶ ଅନୁଷ୍ଠିତ ହୋଇଥିଲା। ପରେ ଧୂପ ଦେଇ ଖେଚୁଡ଼ି ଭୋଗ କରାଯାଇଥିଲା। ଏହି ଦେବଦୁର୍ଲ୍ଲଭ ବେଶ ଦର୍ଶନ କରିବାରୁ ବଞ୍ଚିତ ହୋଇଥିଲେ ଭକ୍ତ। ପ୍ରଶାସନ ପକ୍ଷରୁ ୪ଟି ଏଲ୍ଇଡି ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଥିଲେ ମଧ ଭକ୍ତଙ୍କ ମନରେ ସେପରି ଉତ୍ସାହ ପରିଲକ୍ଷିତ ହୋଇ ନ ଥିଲା। ଏଲ୍ଇଡିରେ ବାବାଙ୍କୁ ଦର୍ଶନ କରିବାକୁ ନାପସନ୍ଦ କରିଥିଲେ ଶ୍ରଦ୍ଧାଳୁ। ଜିଲାପାଳ ଭବାନୀ ଶଙ୍କର ଚୟନୀ ମଞ୍ଚେଶ୍ୱର ପାଖରେ ପହଞ୍ଚି ଏଲ୍ଇଡି ସ୍କ୍ରିନ୍‌ରେ ବାବାଙ୍କୁ ଦର୍ଶନ କରି ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ।

### ମୁଖ୍ୟ ଆକର୍ଷଣ କୈଳାସ ଖେର, ଜାଭେଦ ଅଲ୍ଲି

**କଟକ ବାଲିଯାତ୍ରା**




କଟକ ଅଫିସ, ୪।୧୧- ବାଲିଯାତ୍ରା ମହୋତ୍ସବରେ ଚଳିତଥର ମୁଖ୍ୟ ଆକର୍ଷଣ ସାଜିବେ ଷ୍ଟାର କଳାକାର। ଏଥିପାଇଁ ତାଲିକା ପ୍ରସ୍ତୁତ କରିଛି ପ୍ରଶାସନ। ଅପରାହ୍ନ ୪ରୁ ରାତି ୧୦ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ତେବେ ନିଜ ଜାଦୁରେ ଲୋକଙ୍କୁ ମତୁଆଲା କରିବେ ଲୋକପ୍ରିୟ କଣ୍ଠଶିଳ୍ପୀ କୈଳାସ ଖେର ଓ ଜାଭେଦ ଅଲ୍ଲୀ। ୧୧ ତାରିଖ ସନ୍ଧ୍ୟାରେ କୈଳାସ ଖେର ଦର୍ଶକଙ୍କ ପାଇଁ ଷ୍ଟେଜ ପରଫରମାନ୍ସ କରିବେ। ସେହିପରି ୧୩ ତାରିଖରେ ଜାଭେଦ ଅଲ୍ଲୀ, ୧୫ ତାରିଖରେ କ୍ରିଷ୍ଣା ବେଉରାଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ। ୮ ତାରିଖରେ ଶୀତଲ ପାତ୍ର, ୧୧ରେ କଣ୍ଠଶିଳ୍ପୀ ଦିପ୍ତୀରେଖା ପାଢ଼ୀ, ୧୨ରେ ଅସୀମା ପଣ୍ଡା, ୧୪ରେ ହ୍ୟୁମାନ ସାଗର, ୧୬ରେ ମଣ୍ଟୁ ଛୁରିଆ, ବିଷ୍ଣୁ ମୋହନ କବି ମନ ମୋହିବେ।

# ଆବର୍ଜନାରେ ଉଚ୍ଛୁଳିଲାଣି ଟିଟିଏସ୍

## ଅଳିଆ ପକାଇବାକୁ ଧାଡ଼ିରେ ଲାଗୁଛି ଗାଡ଼ି



ସୈନିକ ସ୍କୁଲ ପାଖରେ ଥିବା ଟେମ୍ପୋରାରି ଟ୍ରାଞ୍ଜିଟ୍ ଷ୍ଟେଶନରେ ଅଳିଆ ଗଦା କରାଯାଉଛି ।

ଭୁବନେଶ୍ୱର, ୪।୧୧ (ବ୍ୟୁରୋ)

ସ୍ମାର୍ଟସିଟି ଭୁବନେଶ୍ୱରକୁ ସ୍ୱଚ୍ଛ ସହରରେ ପରିଣତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଯୋଜନା ପରେ ଯୋଜନା ପ୍ରସ୍ତୁତ କରାଯାଉଛି। କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଘନ ଘନ ବୈଠକ ବସୁଛି। ଏହାସତ୍ତ୍ୱେ ପରିମଳ କ୍ଷେତ୍ରରେ ରାଜଧାନୀର ଚିତ୍ର ବଦଳି ପାରୁନାହିଁ। ତେବେ ଗତ ୬ଦିନ ହେବ ସହରର ଚିତ୍ର ଅଧିକ ବିଗିଡ଼ିବାରେ ଲାଗିଛି। ଅଳିଆ ପାହାଡ଼ ଭିତରେ ରାଜଧାନୀବାସୀ ଅଣନିଃଶ୍ୱାସୀ ହେବାକୁ ବସିଲେଣି। ଅକ୍ଟୋବର ୩୦ରେ ବିଏମ୍‌ସି ଅଳିଆ ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ହେବା ପରେ ଗ୍ରାମବାସୀ ଭୁଆସୁଣୀରେ ଅଳିଆ ପକାଇବାକୁ ଦେଉନାହାନ୍ତି। ତେଣୁ ସହରରୁ ବାହାରୁଥିବା ଦୈନିକ ଏକାଧିକ ଟନ୍ ଅଳିଆ ଆବର୍ଜନାକୁ ଏମ୍‌ସିସି ଏବଂ ସୈନିକ ସ୍କୁଲ ପାଖରେ ଥିବା ଟେମ୍ପୋରାରି ଟ୍ରାଞ୍ଜିଟ୍ ଷ୍ଟେଶନ (ଟିଟିଏସ୍)ରେ ପକାଯାଉଛି। ପୂର୍ବରୁ ଏଠାରେ ଅଳିଆ ଗଦା ହୋଇ ରହିଥିବାବେଳେ ୬ଦିନ ହେବ ସହରର ସମସ୍ତ ଅଳିଆ ଏଠାକୁ ଅଣାଯାଉଛି। ଫଳରେ ଏବେ ଟିଟିଏସ୍ ଭର୍ତ୍ତି ହୋଇ ଉଚ୍ଛୁଳିବାକୁ ବସିଲାଣି। ଜାଗା ନ ଥିବାରୁ ଟିଟିଏସ୍‌କୁ ଯାଉଥିବା ଅଳିଆ ଗାଡ଼ି ଫାଟକ ବାହାରେ ସେମିତି ଧାଡ଼ିରେ ରହୁଛି। ଟିଟିଏସ୍‌ରେ ଆବର୍ଜନା ସୀମା ପାର୍ କରିଥିଲେ ବି ତା’ ଉପରେ ଗଦା କରାଯାଉଛି। ଫଳରେ ସୈନିକ ସ୍କୁଲ ଆଖପାଖ ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଛି। ସ୍ଥାନୀୟ ଲୋକମାନେ ଦୁର୍ଗନ୍ଧ ଓ ଅସ୍ୱାସ୍ଥ୍ୟକର ପରିବେଶ ପାଇଁ ହନ୍ତସନ୍ତ ହେବାରେ ଲାଗିଛନ୍ତି। ଅପରପକ୍ଷେ ଆଉ ଅଳିଆ ପକାଇବାକୁ ଜାଗା ନ ଥିବାରୁ ସହରର ବିଭିନ୍ନ ଗଳି କନ୍ଦିରେ କୁଢ କୁଢ ଅଳିଆ ଗଦା ହୋଇରହିଛି। ଅପରପକ୍ଷେ ସହରର ଆବର୍ଜନା ପରିଚାଳନା ପାଇଁ ଆବଶ୍ୟକ ସଂଖ୍ୟକ ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର) ନିର୍ମାଣ ହୋଇପାରି ନାହିଁ। ଏଥିସହ ଯେତିକି ନିର୍ମାଣ ହୋଇଛି ସେଗୁଡିକ ଶତପ୍ରତିଶତ କାର୍ଯ୍ୟକ୍ଷମ ହୋଇନାହିଁ। ତେଣୁ ଅଳିଆ ପକାଇବା ପାଇଁ ଟିଟିଏସ୍ ଏବଂ ଭୁଆସୁଣୀ ଡମ୍ପିଂୟାର୍ଡ ଉପରେ ନିର୍ଭର କରିବାକୁ ପଡୁଛି। କେବଳ ସେତିକି ନୁହେଁ, ସହରକୁ ଜିରୋ ଜିପିଏସ୍ (ଗ୍ରାସ୍-ପ୍ଲାଷ୍ଟିକ୍-ସଏଲ)ରେ ପରିଣତ କରିବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ସହରରୁ ଅନାବନା ଘାସ ମୁକ୍ତ ହୋଇପାରୁନାହିଁ। ରାସ୍ତାର ବିଭିନ୍ନ ସ୍ଥାନରେ ନିର୍ମାଣଜନିତ ଗଦା ହୋଇ ରହିଥିବା ବର୍ଜ୍ୟ ସ୍ୱଚ୍ଛ ଭୁବନେଶ୍ୱର ଗଠନରେ ବାଧକ ସାଜୁଛି। ସେହିପରି ଅଳିଆ ଗାଡ଼ିରେ ଜିପିଏସ୍ ଟ୍ରାକର ଲଗାଯାଇ ଏହାର ଗତିବିଧି ଉପରେ ନଜର ରଖାଯିବ ବୋଲି ବିଏମସି ପକ୍ଷରୁ ହୋଇଥିବା ଯୋଜନା କାଗଜକଲମରେ ସୀମିତ ରହିଛି। ଆଗକୁ ହକିବିଶ୍ୱ କପ୍ ଆସୁଥିବାରୁ ବିଏମ୍‌ସି ସହରର ସ୍ୱଚ୍ଛତା, ପରିମଳ ଏବଂ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱାରୋପ କରୁଛି। ଘରୋଇ ଲୋକଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଦୁଇଟି ଲେଖାଏଁ ଡଷ୍ଟବିନ୍ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଅଳିଆ ଗାଡ଼ିକୁ ନିୟମିତ ଆବର୍ଜନା ଦେବାକୁ ପରାମର୍ଶ ଦେଉଛି। ମାତ୍ର ଏହି ଅଳିଆକୁ କିପରି ସୁବ୍ୟବସ୍ଥିତ କରାଯିବ ସେ ନେଇ ସ୍ଥାୟୀ ପଦକ୍ଷେପ ନେଇପାରୁ ନାହିଁ। ଫଳରେ ଅନେକ ସମୟରେ ବିଏମ୍‌ସିକୁ ନିନ୍ଦିତ ହେବାକୁ ପଡୁଛି।



# ‘ନବ କଳେବର’ରେ ଶ୍ରୀଜଗନ୍ନାଥଙ୍କ ଅପୂର୍ବ ଲୀଳା

ଭୁବନେଶ୍ୱର,୪।୧୧(ବ୍ୟୁରୋ)

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ନାଥ। ଓଡ଼ିଆ ଜାତିର ସ୍ୱାଭିମାନ, ଆଉ ପରିଚୟ। ପ୍ରତ୍ୟେକ ଓଡ଼ିଆଙ୍କ ମନରେ ଜଗନ୍ନାଥଙ୍କ ପାଇଁ ରହିଛି ଅହେତୁକ ଭକ୍ତି, ବିଶ୍ୱାସ ଓ ଦୁର୍ବଳତା। ହେଲେ ମହାପ୍ରଭୁଙ୍କ ସହ ଘଟିଥିବା କେତେକ ଘଟଣାବଳୀ ଓ ଅପୂର୍ବ ଲୀଳାକୁ ବାରମ୍ବାର ଜାଣିବାକୁ ପ୍ରତି ମୁହୂର୍ତ୍ତରେ ଭକ୍ତ ବ୍ୟାକୁଳ ହେଉଛି। ଜଗନ୍ନାଥ ମନ୍ଦିର ମୋଗଲଙ୍କ ଦ୍ୱାରା ୧୫ଥର ଆକ୍ରମଣର ଶିକାର ହୋଇଛି। କଳାପାହାଡ଼ ଜଗନ୍ନାଥଙ୍କୁ ପୋଡ଼ି ଦେବା ପରେ ସେହି ଅର୍ଦ୍ଧଦଗ୍ଧ ପିଣ୍ଡକୁ ନେଇ ଗଜପତି ରାମଚନ୍ଦ୍ର ଦେବଙ୍କ ସମୟରେ ପ୍ରଥମ ନବକଳେବର ହୋଇଛି। ଏହାକୁ ନେଇ ଶୁକ୍ରବାରଠାରୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ସାଇଶ୍ରଦ୍ଧା ପ୍ରଡକ୍ସନ ଟ୍ରଷ୍ଟ ପକ୍ଷରୁ ନାଟକ ‘ନବ କଳେବର’ ଆରମ୍ଭ ହୋଇଛି। କେଉଁ ପରିସ୍ଥିତିରେ ରାଜା ଗଜପତି ଓ ସେବାୟତମାନେ ତ୍ରିମୂର୍ତ୍ତିଙ୍କୁ ସ୍ଥାନାନ୍ତର କରି ଓଡ଼ିଆ ଜାତିର ସମ୍ମାନ ରକ୍ଷା କରିଥିଲେ ତାହାକୁ ଅତି ସୁନ୍ଦର ଭାବରେ ଚିତ୍ରଣ କରାଯାଇଛି। ଜଗନ୍ନାଥଙ୍କୁ ଆଉ ଟିକେ ପାଖରୁ ଜାଣିବାକୁ ଦର୍ଶକମାନେ ଯେ କେତେ ବ୍ୟାକୁଳ ତାହା ନାଟକ ପରିବେଷଣ ସମୟରେ ଦେଖିବାକୁ ମିଳିଥିଲା। କରତାଳି ସହ ଜଗନ୍ନାଥଙ୍କ ସେହି ଅପୂର୍ବ ଲୀଳାକୁ କଳାକାରମାନେ ଅଭିନୟ ମାଧ୍ୟମରେ ଉପସ୍ଥାପିତ କରିଥିଲେ। ୩ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ନାଟକର ପ୍ରଥମ ସନ୍ଧ୍ୟାରେ ସଂସ୍କୃତି ବିଭାଗର ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ସିନେ ସମୀକ୍ଷକ ଦିଲୀପ ହାଲି, ଟ୍ରଷ୍ଟର ମୁଖ୍ୟ ବିନି ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ନାଟ୍ୟକାର ଶଙ୍କର ତ୍ରିପାଠୀ କାହାଣୀ ଲେଖିଥିବାବେଳେ ଧୀର ମଲ୍ଲିକ ନିର୍ଦ୍ଦେଶନା ଦେଇଛନ୍ତି। ସଙ୍ଗୀତରେ ମଳୟ ମିଶ୍ର ଓ ଗୀତିକାର ନିର୍ମଳ ନାୟକ ରହିଛନ୍ତି। ନାଟକରେ କିଶୋର ଖଣ୍ଡୁଆଳ, ଉଷସୀ ମିଶ୍ର, ଅଖିଳ ପଟ୍ଟନାୟକ, ଉମା ଭଟ୍ଟାଚାର୍ଯ୍ୟ, ସୁବାଶିଷ



ଦାସ, ଅମିତ କୁମାର ନାୟକ, ତୃପ୍ତି ମିରାମ୍ବିକା ସାହୁ, ରଷି ପଟ୍ଟନାୟକ, ବାପୁ ଆଚାର୍ଯ୍ୟ, ଶ୍ରୀକାନ୍ତ ମିଶ୍ର, ଅପୂର୍ବ ସାହୁ,ସୌମ୍ୟ ମିଶ୍ର ପ୍ରମୁଖ ଚମତ୍କାର ଅଭିନୟ କରିଛନ୍ତି। ଡ. ଦିଲୀପ ଶ୍ରୀଚନ୍ଦନ ମଞ୍ଚ ସଞ୍ଚାଳନ କରିଥିଲେ। ଏହା ସନ୍ଧ୍ୟା ୬ଟା ୩୦ରୁ ଆରମ୍ଭ ହୋଇ ରାତି ୯ଟା ପର୍ଯ୍ୟନ୍ତ ଚାଲିବ।



ରବୀନ୍ଦ୍ର ମଣ୍ଡପରେ ସାଇଶ୍ରଦ୍ଧା ପ୍ରଡକ୍ସନ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ନାଟକ ‘ନବ କଳେବର’ର ଏକ ଦୃଶ୍ୟ ।

### ଅଲେଖ ମହିମା ଆଶ୍ରମର ବାର୍ଷିକ ମହୋତ୍ସବ

ବାରଙ୍ଗ,୪।୧୧(ଡି.ଏନ୍.ଏ.)

ଇଞ୍ଜଣା ଗ୍ରାମରେ ଥିବା ଅଲେଖ ମହିମା ଆଶ୍ରମ ପରିସରରେ ଆଶ୍ରମର ବାର୍ଷିକ ମହୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ବ୍ରହ୍ମଅବଧୂତ ପୁଷମ୍ବର ବାବା, ବ୍ରହ୍ମଅବଧୂତ ବାନାମ୍ବର ବାବା, ସାଧୁ ଗଙ୍ଗାଧର ଦାସ, ରଞ୍ଜନ ଦାସ, ସୁବାସ ଦାସ, ବୈକୁଣ୍ଠ ଦାସ, ବସନ୍ତ ଦାସ ଓ ଅକ୍ଷୟ ବୈରାଗୀ ପ୍ରମୁଖ ଯୋଗଦେଇ ଜଗତକଲ୍ୟାଣ ନିମନ୍ତେ ଅଖଣ୍ଡବତୀ ପ୍ରଜ୍ୱଳନ, ବ୍ରହ୍ମଧ୍ୱନି ସ୍ଥାପନ ଓ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଶହ ଶହ ଭକ୍ତ ଏଥିରେ ଯୋଗଦେଇ ଘିଅ, ନଡିଆ, ଧୂପକାଠି, କର୍ପୂର ଆଦି ପୂଜା ସାମଗ୍ରୀ ଅର୍ପଣ କରିଥିଲେ। ଆଖପାଖ ଗ୍ରାମର ମହିମାଧର୍ମୀ ଭକ୍ତମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଶେଷରେ ନଗର ପରିକ୍ରମା କରାଯାଇଥିଲା। ଇଞ୍ଜଣା ଗ୍ରାମ୍ୟ କମିଟି ସଭାପତି ପ୍ରଦୀପ ଦାସଙ୍କ ନେତୃତ୍ୱରେ ଗ୍ରାମ୍ୟ କମିଟି ଓ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

### ଡାକ୍ତରଖାନାରେ ଚାଲିଗଲା ମୟୂରର ଜୀବନ

ବାରଙ୍ଗ,୪।୧୧(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶୁକ୍ରବାର ଏକ ଅଣ୍ଡିରା ମୟୂର ମୃତ୍ୟୁବରଣ କରିଛି। ମୟୂରଟିକୁ ଗୁରୁବାର ତୃଣଭୋଜି ସଫାରିରୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ଅଣାଯାଇଥିଲା। ମୟୂରଟିର ବେକରେ ସାମାନ୍ୟ କ୍ଷତ ହୋଇଥିବାବେଳେ ସେ ସଫାରିର ଯାଇ ନ ପାରି ରହିଯାଇଥିଲା। ଏହାକୁ ଦେଖି ସଫାରି ଦାୟିତ୍ୱରେ ଥିବା କର୍ମଚାରୀ ଆହତ ମୟୂରକୁ ଉଦ୍ଧାର କରି ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣି ଦେଇଥିଲେ। ଡାକ୍ତରଖାନାରେ ଡାକ୍ତର କ୍ଷତକୁ ଡ୍ରେସିଂ କରି ମୟୂରକୁ ଇଞ୍ଜେକ୍ସନ ଦେଇଥିଲେ। ଶୁକ୍ରବାର ସକାଳେ ଡାକ୍ତରଖାନା ଖୋଲିବା ପରେ ମୟୂରଟି ମରିପଡିଥିବାର ଦେଖିବାକୁ ମିଳିଥିଲା।

# ନୀଳାଦ୍ରି ବିହାର ବ୍ରିଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ ରାଉତ ଓ ଅନ୍ୟମାନେ।

ଭୁବନେଶ୍ୱର,୪।୧୧(ବ୍ୟୁରୋ)

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୮ ନମ୍ବର ଓାର୍ଡର ନୀଳାଦ୍ରି ବିହାର ବ୍ରିଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ୫ କୋଟି ୭୨ ଲକ୍ଷ ଟଙ୍କା ବ୍ୟୟଅଟକଳରେ ନିର୍ମିତ ହେବାକୁ ଥିବା ଏହି ମିନି ବ୍ରିଜର କାର୍ଯ୍ୟ ୬ମାସ ମଧ୍ୟରେ ଶେଷ ହେବାକୁ ସମୟ ସୀମା ଧାର୍ଯ୍ୟ ହୋଇଥିଲା। ତେବେ ଏହାକୁ ୩ମାସ ମଧ୍ୟରେ ଶେଷ କରିବାକୁ ବିଧାୟକ ରାଉତ କାର୍ଯ୍ୟ ଦାୟିତ୍ୱ ନେଇଥିବା ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ନୀଳାଦ୍ରି ବିହାରଠାରୁ ପେଟ୍ରୋଲ ପମ୍ପ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ନୀଳାଦ୍ରି ବିହାର ଓ ଶୈଳଶ୍ରୀ ବିହାରର କେତେକ ଅଞ୍ଚଳର ଲୋକଙ୍କର ଯାତାୟାତ ପାଇଁ ଏହି ବ୍ରିଜ୍‌ଟି ମୁଖ୍ୟ ମାଧ୍ୟମ ଥିଲା। ଦୀର୍ଘଦିନରୁ ନିର୍ମାଣ ହୋଇଥିବାରୁ ବ୍ରିଜ୍‌ଟି ପୁରୁଣା ହୋଇ ଭାଙ୍ଗିରୁଜି ଯାଇଥିଲା। ଏହାକୁ ପୁନଃ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଥିଲା। ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟ ଆରମ୍ଭ ପାଇଁ ବ୍ରିଜ୍‌ଟି ଭଙ୍ଗା ହୋଇ ସାରିବା ପରେ ବ୍ୟକ୍ତିଗତ

**୩ ମାସରେ ସରିବ ନିର୍ମାଣ କାର୍ଯ୍ୟ**

ଜାଗାକୁ ନେଇ ଆଇନ ଜାଲରେ ଛନ୍ଦି ହୋଇ ସ୍ଥିତାବସ୍ଥା ଜାରି ହୋଇଥିଲା। ଫଳରେ ଲୋକମାନେ ଯିବା ଆସିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ଶୁକ୍ରବାର ପୁନଃ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସମରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅନ୍ୟ ଅତିଥିଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ୧୪ ନମ୍ବର ଓାର୍ଡ କର୍ପୋରେଟର ମୋନାଲିସା ସାହୁ, ୮ ନମ୍ବର କର୍ପୋରେଟର ଲାଲମୋହନ ଗୁଡ୍ଡୁ, ଯୁବନେତା ମନୋଜ ସାହୁ, ସୂର୍ଯ୍ୟକାନ୍ତି ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଲଡ୍ଡୁକିଶୋର ପଣ୍ଡା, ରାଜକିଶୋର ଜେନା, ଓାର୍ଡ ସଭାପତି ଧନେଶ୍ୱର ବାରିକ, ଲକ୍ଷ୍ମୀଧର ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସଂଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ଯୁବ, ଛାତ୍ର ଓ ମହିଳାମାନେ ଉପସ୍ଥିତ ଥିଲେ।

## ବିଭୂତି ଭୂଷଣ ପଟ୍ଟନାୟକ ରାଜ୍ୟ ରେଡ୍‌କ୍ରସ୍‌ର ଅବୈତନିକ ସଚିବ

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ନୂତନ ଅବୈତନିକ ସଚିବ ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ବିଭୂତି ଭୂଷଣ ପଟ୍ଟନାୟକ ନିଯୁକ୍ତି ପାଇଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରେଡକ୍ରସ ସୋସାଇଟିର ଆଜୀବନ ସଦସ୍ୟାସଦସ୍ୟଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରେଡ୍‌କ୍ରସର ପୋଲିସ କମିଶନରେଟ ଶାଖା କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଦିଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଜୀବନ ସଦସ୍ୟ ଡ. ଦ୍ୱାରିକାନାଥ ମହାନ୍ତି ଓ ଡ. ସେବା ମହାପାତ୍ରଙ୍କ ସମେତ ଡ. ଯଶୋବନ୍ତ ଜେନା, ଗୋପୀ ପଟ୍ଟନାୟକ, ଇଂ. ପୀତବାସ ସାହୁ, ମମତା ପାଢୀ, ଆଶାଲତା ଦାଶ, ମନତୋଶ ବେହେରା, ସୁଶାନ୍ତ ସାହୁ, ଦିଲୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟରେ ଯୋଗ ଦେବା ଅବସରରେ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# କାର୍ଯ୍ୟାନୁଷ୍ଠାନ ପାଇଁ ୩ଦିନ ସମୟ ନେଲେ ଡିସିପି

ଭୁବନେଶ୍ୱର, ୪।୧୧ (ବ୍ୟୁରୋ)

କର୍ତ୍ତବ୍ୟରତ ଫଟୋ ସାମ୍ବାଦିକ ରାକେଶ ରାଉଳଙ୍କୁ ରାସ୍ତା ଉପରେ ପୋଲିସ ମାଡ଼ ମାରିଲା। କ୍ୟାମେରା ଛଡ଼ାଇ ନେଇ କଚାଡ଼ି ଭାଙ୍ଗି ଦେଲା। ଥାନା ଅଧିକାରୀ ଓ ଅନ୍ୟ ପୋଲିସର ଉପସ୍ଥିତିରେ ରାଜଧାନୀରେ ଏଭଳି ଘଟଣା ଘଟିଲା। ଆକ୍ରମଣ ବେଳର ସମସ୍ତ ପ୍ରମାଣ ଥିବା ସତ୍ତ୍ୱେ ଘଟଣାର ୨୪ ଘଣ୍ଟା ବିତିଥିଲେ ମଧ କମିଶନରେଟ ପୋଲିସ ଏଯାବତ ଅଭିଯୁକ୍ତ ପୋଲିସ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହିଁ। ଏହାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ କମିଶନରେଟ ପୋଲିସକୁ ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ଏହା ପ୍ରତିବାଦରେ ବିଭିନ୍ନ ସାମ୍ବାଦିକ ସଂଘର ପ୍ରତିନିଧିଙ୍କ ସମେତ ଆକ୍ରମଣର ଶିକାର ହୋଇଥିବା ଫଟୋ ସାମ୍ବାଦିକ ରାକେଶ ରାଉଳ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହଙ୍କୁ ଶୁକ୍ରବାର ଭେଟିଛନ୍ତି। ଘଟଣା ସମ୍ପର୍କରେ ବହୁ ସମୟ ଧରି ଆଲୋଚନା ହୋଇଥିଲା। ସମସ୍ତ ପ୍ରମାଣ ଦେଖିବା ପରେ ୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଡିସିପି ସମୟ ନେଇଛନ୍ତି। ଏହାସହ ଭାଙ୍ଗି ଯାଇଥିବା କ୍ୟାମେରାର ମରାମତି କରାଯିବା ନେଇ ଡିସିପି କହିଥିବା ରାକେଶ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ପ୍ରେସ୍ କାଉନସିଲ ସଦସ୍ୟ ପ୍ରସନ୍ନ ମହାନ୍ତି ଦୃଢ ନିନ୍ଦା କରିଛନ୍ତି। ସେ କହିଛନ୍ତି, ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ

**ଫଟୋ ସାମ୍ବାଦିକଙ୍କୁ ପୋଲିସ ମାଡ଼ ଘଟଣାର ନିନ୍ଦା**



ପୋଲିସ ସର୍ବସମ୍ମୁଖରେ ମାଡ଼ ମାରିବା ଓ ପ୍ରମାଣ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ତେଣୁ ଏହି ବିଷୟରେ ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କୁ ଜଣାଇବା ପରେ ପରବର୍ତ୍ତୀ ପନ୍ଥା ନିଆଯିବ ବୋଲି ସେ କହିଛନ୍ତି।

ସୂଚନାନୁସାରେ, ଗୁରୁବାର ସାଣ୍ଡି ଟାୱାର ହୋଟେଲରୁ ନ୍ୟୁଜିଲାଣ୍ଡ ହକି ଟିମ୍ ବସ୍‌ରେ କଳିଙ୍ଗ ଷ୍ଟାଡିୟମ ଅଭିମୁଖେ ଯାଉଥିଲେ। ଏହି ସମୟରେ ରାକେଶ ଖବର ସଂଗ୍ରହ ଉଦ୍ଦେଶ୍ୟରେ ଖେଳାଳିଙ୍କ ଫଟୋ ଉଠାଉଥିଲେ। ଖେଳାଳିଙ୍କ ବସ୍ ଆଗରେ ଯାଉଥିବା ଏସ୍କର୍ଟ ଗାଡ଼ିରେ ଥିବା ଜଣେ ପୋଲିସ କର୍ମଚାରୀ ତାଙ୍କୁ ବିରୋଧ କରିବା ସହ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ରାକେଶ ଉକ୍ତ କର୍ମଚାରୀଙ୍କୁ ପଚାରିବାରୁ କଳିଙ୍ଗ ଷ୍ଟାଡିୟମ ଗେଟ୍ ପାଖକୁ ଆସ ବୋଲି ରାକେଶଙ୍କୁ କହିଥିଲେ। ରାକେଶ ଉକ୍ତ ସ୍ଥାନରେ ପହଞ୍ଚିବା ପରେ ନୀଳ ପୋଷାକରେ ଥିବା ଜଣେ ପୋଲିସ କର୍ମଚାରୀ ଗାଡ଼ିରୁ ଓହ୍ଲାଇ ଆସି ରାକେଶଙ୍କୁ ମାଡ଼ ମାରି ତଳେ ପକାଇ ଦେଇଥିଲେ। ପରେ ତାଙ୍କ ପାଖରୁ କ୍ୟାମେରା ଛଡ଼ାଇ ନେଇ ରାସ୍ତାରେ କଚାଡ଼ି ଭାଙ୍ଗି ଦେଇଥିଲେ। ଖବରପାଇ ନୟାପଲ୍ଲୀ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ସେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ।

# ୨ ରାଜ୍ୟ ମଧ୍ୟରେ ମିଳିତ ଟାସ୍କଫୋର୍ସ ଗଠନ

■ ହିଂସା ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ପାଇଁ ଆହ୍ୱାନ
■ ନୂଆପଡ଼ା ଗସ୍ତରେ ପୋଲିସ ମହାନିର୍ଦ୍ଦେଶକ

ନୂଆପଡ଼ା ଅଫିସ,୪।୧୧

ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ଶୁକ୍ରବାର ନୂଆପଡା ଜିଲା ଗସ୍ତ କରିଛନ୍ତି। ଜିଲା ମୁଖ୍ୟାଳୟରେ ଜିଲାସ୍ତରୀୟ ଅଧିକାରୀଙ୍କ ସହିତ ଆଇନଶୃଙ୍ଖଳା ବ୍ୟବସ୍ଥା ଓ ମାଓବାଦୀମାନଙ୍କ ସ୍ଥିତି ଉପରେ ସମୀକ୍ଷା କରିଥିଲେ। ପରେ ମାଓବାଦୀ ପ୍ରବଣ ଅଞ୍ଚଳ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ନୂଆପଡା ଜିଲା ଛତିଶଗଡ଼ ସୀମାନ୍ତରେ ରହିଥିବାରୁ ଆଗକୁ ୨ ରାଜ୍ୟ ମଧ୍ୟରେ ମିଳିତ ଟାସ୍କଫୋର୍ସ ଗଠନ କରାଯିବ। ସିଆରପିଏଫ, ଡିଭିଏଫ୍ ଓ ଛତିଶଗଡ ସୀମାନ୍ତରେ ଥିବା ପୋଲିସ ଅଧିକାରୀମାନେ ଏହି ଦଳରେ ରହିବେ ବୋଲି ଏକ ଖବରଦାତା ସମ୍ମିଳନୀରେ ପୋଲିସ ନିର୍ଦ୍ଦେଶକ ବଂଶଲ କହିଛନ୍ତି। ମାଓବାଦୀମାନେ ହିଂସା ଛାଡି ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଗତ କିଛିଦିନ ହେବ ନୂଆପଡା ଜିଲାରେ ମାଓବାଦୀମାନଙ୍କ ଗତିବିଧି ବଢ଼ିଛି। ସମୟେ ସମୟେ ମାଓବାଦୀ ଓ ପୋଲିସ ଫୋର୍ସ ମଧ୍ୟରେ ଗୁଳି ବିନିମୟ ହେବା ନଜରରେ ରଖି କୋମ୍ବିଂ ଅପରେଶନକୁ ଆହୁରି ବଢାଇ ଦିଆଯିବ। ଅକ୍ଟୋବରରେ ଛତିଶଗଡ଼ ସୀମାନ୍ତରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସେଠାରୁ ଏକ ବଡ଼ଧରଣର ମାଓବାଦୀ କ୍ୟାମ୍ପ ନୂଆପଡା ପୋଲିସ ଠାବ କରି ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଥିଲା। କିଛି ମାସ ବ୍ୟବଧାନରେ ସିଆରପିଏଫ ଯବାନଙ୍କୁ ହତ୍ୟା ଓ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଢେକୁନପାଣିର ଜଣେ ଯୁବକଙ୍କୁ ପୋଲିସ ଇନଫର୍ମର ସନ୍ଦେହରେ ହତ୍ୟା କରିଥିଲେ। ଏହାର ଉଚିତ ଜବାବ ମିଳିତ ଟାସ୍କଫୋର୍ସ ମାଧ୍ୟମରେ ଦିଆଯିବ ବୋଲି ମହାନିର୍ଦ୍ଦେଶକ ବଂଶଲ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ପୂର୍ବାହ୍ନ ୧୧ଟାରେ ହେଲିକପ୍ଟର ଯୋଗେ ସ୍ଥାନୀୟ ଗୋତମା ଏୟରଷ୍ଟ୍ରିପରେ ପହଞ୍ଚିଥିଲେ। ସେଠାରୁ ଯାଇ ଜିଲା ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟଠାରେ ୧ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଜିଲା ଗୋଇନ୍ଦା ଏବଂ ଅପରେଶନ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ପୋଲିସ ମହାନିର୍ଦ୍ଦେଶକ ବଂଶଲଙ୍କ ସହ ଗୋଇନ୍ଦା ବିଭାଗ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଆଇଜି ଅପରେଶନ ଅମିତାଭ ଠାକୁର, ଆଇନ ଶୃଙ୍ଖଳାର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅରବିନ୍ଦ କୁମାର ସିଂ, ଦକ୍ଷିଣା ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ, ନୂଆପଡା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ପ୍ରମୁଖ ଉପସ୍ଥିତ ଥିଲେ।



ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

# ୫୦ ଯାତ୍ରୀଙ୍କୁ ବଞ୍ଚାଇ ଆଖିବୁଜିଲେ ଡ୍ରାଇଭର

ଭଣ୍ଡାରିପୋଖରୀ, ୪।୧୧ (ସ୍ୱ.ପ୍ର.)

ମୃତ୍ୟୁ କେତେବେଳେ କେଉଁଠି ଆସିବ ତାହା କହିହେବ ନାହିଁ। ଗାଡ଼ି ଚାଳନା ବେଳେ ହୃଦ୍‌ଘାତରେ ଜଣେ ବସ୍ ଡ୍ରାଇଭରଙ୍କ ଜୀବନ ଯାଇଛି। ହୃଦ୍‌ଘାତ ବୋଲି ଡ୍ରାଇଭର ଅନୁଭବ କରିବା ପରେ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବସ୍‌ଟିକୁ ରାସ୍ତାରେ ଠିଆ କରିଥିଲେ। ଫଳରେ ୫୦ ଯାତ୍ରୀ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବଜାର ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥରେ ଗୁରୁବାର ଏଭଳି ଘଟଣା ଘଟିଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟା ବେଳେ ବସ୍‌ଟି ବାରିପଦାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଭଣ୍ଡାରିପୋଖରୀଠାରେ ଡ୍ରାଇଭର ଛାତିରେ ଯନ୍ତ୍ରଣା ଅନୁଭବ କରି ବସ୍ ଅଟକାଇ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲେ। ପରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡ୍ରାଇଭରଙ୍କ ପରିଚୟ ଜଣାପଡ଼ି ନାହିଁ।


**GOVERNMENT OF ODISHA** No. B-787
**"e" PROCUREMENT NOTICE**
**WORKS DEPARTMENT**
**E-mail: ceroads.bbsr@gmail.com**
**Bid Identification No. CE-DPI&R-26/2022-23**

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road work as mentioned below:
2. Nature of Work : Road works
3. No. of Work : 2 Nos.
4. Tender Paper Cost : Rs.10,000.00
5. Class of Contractor : 'A' Class/Special Class/Super Class
6. Available of bid document in the website : From 10.00 A.M. of 11.11.2022 to 5.30 P.M. of 01.12.2022
7. Date of opening of Bid : Dt.02.12.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Chief Engineer (DPI & Roads), Odisha**
**OIPR-34111/11/0055/2223**



**GOVERNMENT OF ODISHA** No. B-790
**"e" - PROCUREMENT NOTICE**
**WORKS DEPARTMENT**
**E-mail: ceworldbankprojects@gmail.com**
**Bid Identification No. CE-W.B.P.(O) - 22/2022-23**

1. The Chief Engineer (World Bank Project), Odisha on behalf of Governor of Odisha inviting percentage rate bid in Double Cover System in ONLINE MODE from eligible contractors for construction of Road & Bridge works as detailed in the table below:
2. Nature of work : Bridge/Road Work
3. No. of Work : 04 Nos.
4. Tender Cost : Rs.10,000.00
5. Class of Contractor : Special/ Super Class Contractor
6. Available of Bid document in the website : From 10.00 A.M. of 07.11.2022 to 5.00 P.M. of 23.11.2022
7. Pre-Bid Meeting : Dt.11.11.2022 at 11.30 A.M.
8. Date of Opening of Bid : Dt.24.11.2022 at 11.30 A.M.
9. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

OIPR-34003/11/0049/2223 **Sd./- Chief Engineer**
**World Bank Project, Odisha**


# ଅଙ୍ଗନୱାଡି କର୍ମୀ ବହିଷ୍କୃତ

**ଜାଲ୍ ସାର୍ଟିଫିକେଟରେ ଚାକିରି**

ଫୁଲବାଣୀ ଅଫିସ, ୪।୧୧

ଜାଲ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଦେଇ ଚାକିରି କରିବା ଜଣେ ଅଙ୍ଗନୱାଡି କର୍ମୀଙ୍କୁ ମହଙ୍ଗା ପଡିଛି। ପ୍ରଶାସନିକ ତଦନ୍ତ ପରେ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କୁ ବହିଷ୍କାର କରାଯାଇଛି। ସେ ହେଲେ ମାଧୁରୀ ପ୍ରଧାନ। ମାଧୁରୀ ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ଟେଲାପାଲି ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟ କରୁଥିଲେ। ୧୯୮୭ରେ ସେ ଅଙ୍ଗନୱାଡି କର୍ମୀ ନିଯୁକ୍ତ ହୋଇଥିବା ବେଳେ ଚାକିରି କାଳ ଆଉ ୨ ବର୍ଷ ଥିଲା। କିଛିଦିନ ତଳେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଫିରିଙ୍ଗିଆରେ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ। ବାଟରେ ସେ ହଠାତ୍ ଟେଲାପାଲି ଅଙ୍ଗନୱାଡି କେନ୍ଦ୍ରକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ଉପସ୍ଥିତ ପିଲା ଏବଂ ଉପସ୍ଥାନ ଖାତାରେ ତାଳମେଳ ନ ଥିବା ଜାଣିବାକୁ ପାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଫିରିଙ୍ଗିଆ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅଙ୍ଗନୱାଡି କର୍ମୀ ମାଧୁରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ହେଲେ ସେ ଏହାର ସନ୍ତୋଷ ଜନକ ଉତ୍ତର ଦେଇ ନ ଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଫୁଲବାଣୀ ଉପଜିଲାପାଳ ଶେଷଦେବ ମିଶ୍ର ଚାକିରି ସମୟରେ ମାଧୁରୀ ଦେଇଥିବା ପ୍ରମାଣପତ୍ର ଯାଞ୍ଚ କରିବାରୁ ତାହା ଜାଲ୍ ବୋଲି ଜଣାପଡିଥିଲା। ଏହାପରେ ତାଙ୍କ ନାମରେ ଥାନାରେ ଏତଲା ଦିଆଯିବା ସହ ଚାକିରିରୁ ବହିଷ୍କାର କରାଯାଇଛି।

# ଶିଳ୍ପରେ ରୋବୋଟିକ୍ସ ବ୍ୟବହାର

**ବିଶ୍ୱ ଦକ୍ଷତା କେନ୍ଦ୍ର, ଏବିବି ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ଏମ୍‌ଓୟୁ**

ଭୁବନେଶ୍ୱର,୪।୧୧(ବ୍ୟୁରୋ)

ଅଟୋମେଶନ୍ କ୍ଷେତ୍ରରେ ଶିଳ୍ପରେ ରୋବୋଟିକ୍ସର ବ୍ୟବହାର ଉଦ୍ଦେଶ୍ୟରେ ଶୁକ୍ରବାର ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର (ୱାର୍ଲଡ ସ୍କିଲ୍ ସେଣ୍ଟର) ଏବଂ ଏବିବି ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଥିବା ୱାର୍ଲଡ ସ୍କିଲ୍ ସେଣ୍ଟରର କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନଙ୍କ ପାଇଁ ରୋବୋଟିକ୍ସ ଟେକ୍ନୋଲୋଜି ଦକ୍ଷତା ବୃଦ୍ଧି କାର୍ଯ୍ୟରେ ଏହା ସହାୟକ ହେବ। ଯେଉଁ ପ୍ରଶିକ୍ଷାର୍ଥୀଙ୍କୁ ଏ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ସେମାନେ ଭବିଷ୍ୟତରେ ଅନ୍ୟ କର୍ମଚାରୀମାନଙ୍କୁ ଏହି କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ପ୍ରଦାନ କରିବେ।

ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଫଳରେ ଏବିବି ୱାର୍ଲଡ ସ୍କିଲ୍ ସେଣ୍ଟର ପାଇଁ ୫୦ଟି ରୋବୋଟ୍ ଷ୍ଟୁଡିଓ ନେଟ୍‌ୱର୍କ ମାଗଣାରେ ପ୍ରଦାନ କରିବ। ପ୍ରତିବର୍ଷ ଏହା ନବୀକରଣ କରାଯିବ। ଏହାଛଡ଼ା ବିଶ୍ୱ ଦକ୍ଷତା କେନ୍ଦ୍ର କର୍ମଚାରୀମାନଙ୍କ ପାଇଁ ବର୍ଷକୁ ୨ଥର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

ଏହି ଦ୍ୱିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଏବିବି ରୋବୋଟିକ୍ସର ଜନ୍ ଲିଓ ଇଗ୍ନାଟିଅସ୍, ୱାର୍ଲଡ ସ୍କିଲ୍ ସେଣ୍ଟରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଳକା ଆରୋରା ମିଶ୍ର, ଅଧ୍ୟକ୍ଷ ସଙ୍ଗାରନ୍ ଗୋପାଲ, ନିର୍ଦ୍ଦେଶକ ଟିଓ ଇଙ୍ଗ୍ କପପଚୁନ୍, ସୁପିଆ ନାଗାମଲ୍, କେର୍ୱିନ୍ ହିଙ୍ଗ୍ ଏବଂ ଉପନିର୍ଦ୍ଦେଶକ ଶୁଭାଶିଷ ଦାସ, ସୁଶ୍ରୀ ଏସ୍. ସାହୁ, ଆଶୁତୋଷ ଏନ୍. ଦେ, ଉପାଧ୍ୟକ୍ଷ ଶୁଭାଙ୍ଗ କେ. ଦାସଙ୍କ ସମେତ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ପିନାକୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


**ODISHA STATE SEEDS CORPORATION LTD.**
(A Government Undertaking)
Santarapur, Bhubaneswar - 751002
Tel. MD-0674-2340573, Fax: 2340096, Website: http://www.ossclted.in

**TENDER CALL NOTICE - OSSC ESTD No. 04/2022-23 FOR HIRING OF VEHICLE FOR HEAD OFFICE OF ODISHA STATE SEEDS CORPORATION LIMITED**

No. CAD-2437: Sealed tenders are invited from registered travel agencies for hiring of 01 (One) **INNOVA Vehicle (Diesel) Ciaz/Honda City (Petrol)** on monthly basis. Details regarding eligibility criteria, terms and conditions and the formats of submission of tender (Technical & Financial Bid) are mentioned in the tender document which may be downloaded from website of **www.ossctld.in**. Interested agencies may submit their tenders in a sealed envelope super-scribing on the top of the sealed envelopes as "Tender for Hiring of Vehicles for **for head office of Odisha State Seeds Corporation Limited**". The tender should reach at the office of the undersigned by 17.11.2022 (till 3.00 P.M.). The tenders will be opened on 17.11.2022 at 4.00 P.M. in the head office for finalization of technical bid and financial bid. The undersigned reserves the right to reject any or all the tenders without assigning any reason thereof.

**Sd./- Managing Director**
**OSSC Ltd., BBSR**
**OIPR-01106/11/0008/2223**



**OFFICE OF THE DEAN & PRINCIPAL**
**M.K.C.G. MEDICAL COLLEGE,**
**BRAHMAPUR - 760 004, ODISHA**
Tel.: 0680 2292746/Fax: 0680 2292809
email: mkcgmc.bam@gmail.com/Website: www.mkcgmch.org
No. 11182/MCB-2022/Welfare Brahmapur/ Dated 04th November 2022

**TENDER CALL NOTICE**
**(VEHICLE PARKING)**

No. E-599: The tender is invited in two bid system from the intending agencies/firm to organize/manage 24 hours × 7 vehicle parking inside the MKCG Medical College Hospital, Berhampur round the clock 24 hours. The selected party/agency has to pay the monthly fixed charge to the SBS, MKCG Medical College Hospital, Berhampur. The applicant should have local office for day to day coordination. The applicants should submit their proposal in the prescribed format along with all the supporting documents in a sealed envelope (Technical Bid & Price Bid separately) to the Office of the DEAN & PRINCIPAL, MKCG MEDICAL COLLEGE, BERHAMPUR (SUPERSCRIBED "TENDER FOR VEHICLE PARKING") by 04.11.2022 till 05.00 P.M. through Registered Post/Speed Post. The technical bid will be opened on 04.11.2022 at 5 P.M. in Telemedicine Conference Hall of MKCG in the presence of the bidders. Details may be obtained from the website i.e. **www.mkcgmch.org**.

Authority reserve the right to reject & cancel/vitiate at any time the entire process without assigning any reason thereof.

All disputes are purely subject to jurisdiction of Berhampur only.

For any printing error the authorities shall not be responsible.

**Sd./- Dean & Principal**
**MKCG Medical College, Berhampur**
**OIPR-10013/11/0007/2223**



**OFFICE OF THE**
**MUNICIPAL COUNCIL, RAYAGADA**
**QUOTATION CALL NOTICE**
**Letter No. 5520** **Date: 03.11.2022**

No. C-1517: Sealed quotations are invited from the interested suppliers/dealers for supply of 15 KV DG Set & 20 KV DG set and 3 KV size generator for Rayagada Municipality upto 11.11.2022, 12.00 Noon and the same will be opened on the same day at 3.00 P.M. in the Chamber of the undersigned in presence of quotationer or their authorized agents. The quotationer shall quote his rates both in wards and figure including all taxes and transportation charges. The quotationer shall submit the copy of dealership certificate along with the quotation. The supplier should agree to deliver the DG at Municipal office with his own cost.

The quotationer should deposit Rs.5000/- (Rupees five thousand) only towards security deposit in shape of DD of any Nationalized Bank.

The quotations received after the due date and time will not be entertained. The undersigned reserves the right to reject any or all quotations received without assigning any reason thereof.

**Sd./- Executive Officer**
**Rayagada Municipality**
OIPR-13150/11/0032/2223



**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswsar - 751001, Visit us at: http://www.bdabbsr.in
No. CAD-2430
**INVITATIONS FOR BIDS (IFB)**
**Bid Identification No. 1329** **Dated: 02.11.2022**

1. Executive Engineer, Division No.- IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover System conforming to the Detailed Tender Call Notice (DTCN) from OEM and having valid M.V./H.T. Licence registered under Government of Odisha or JV with valid MV/HT licence holder, having PAN and valid EPF & ESI registration Certificate with payment receipt minimum upto August 2022, GST Certificate for the item of works as indicated in the table below.

| Sl. No. | Name of Work | Estimated Cost (In Rs.) | EMD | Cost of Tender Paper | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | SITC of 02 Nos. of 250 KVA silent type D.G. Set with AMF panel to be installed in B.D.A. Office building, Akash Sova, Bhubaneswar | 36,17,303.00 | Bid Security Declaration | 6000.00 + 18% GST | 60 (Sixty) Days |

2. The Bid documents will be available in the website: **https://tendersodisha.gov.in** from **09.11.2022 at 10.30 hours**. Any addendum/Corrigendum/Cancellation of tender can also be seen in the said website.
3. Bids shall be received only "Online" on or before **22.11.2022 upto 17.00 hours.** The bidder must possess compatible Digital Signature Certificate (DSC) of Class-II or Class-III.
4. Other details can be seen in the bidding documents.
5. The authority reserves the right to cancel any or all bids without assigning any reason.
6. Any addendum/corrigendum/cancellation shall only be uploaded in the website: **https://tendersodisha.gov.in**.

**Sd./- Executive Engineer**
OIPR-13033/11/0329/2223 **Division No.- IV, B.D.A**



**OFFICE OF THE** No. C-1514
**MUNICIPAL COUNCIL, BARGARH**
**No. 4611** **Dt.03.11.2022**
**To,**
**The Deputy Director, I&PR Deptt.**
**Odisha, Bhubaneswar**

**Invitation for Bids**
**BID IDENTIFICATION No. 8/BGH-MUN/2022-23**

| | | | |
|---|---|---|---|
| 1 | Nature of Work | : | Civil Work |
| 2 | No. of Work | : | 34 Nos. |
| 3 | Amount put to tender (in lakh) | : | As per DTCN |
| 4 | Bid Cost | : | As per DTCN |
| 5 | Class of Contractor | : | "D" & "C" |
| 6 | Availability of Bid documents in website | : | From 17.00 hrs. Dt.04.11.2022 to 17.30 hrs. Dt.14.11.2022 |
| 7 | Date of Opening of Bid | : | Dt.15.11.2022 |

The bidder have to participate in ONLINE bidding only. Further details can be seen from the website i.e. **http://tenderodisha.gov.in** and Bargarh Municipality website i.e. **http://www.bargarhmunicipality.in**. Any Addendum/Corrigendum/Cancellation of tender can also be seen only in the said website.

**Sd./- Executive Officer**
**OIPR-13103/11/0020/2223** **Bargarh Municipality**



**ODISHA** INDIA'S BEST KEPT SECRET.
**Department of Tourism**
**Government of Odisha**
**Paryatan Bhawan, Lewis Road, Bhubaneswar, 751014**
**Phone: (0674) 2432177 | Fax: (0674)-243887**
**https://dot.odishatourism.gov.in**

**No.8435/TSM, Bhubaneswar** **Date:04.11.2022**
**TCT-TSP-EM-0019-2022**

**Request for Proposal for Selection of an Agency to Conceptualise, Shoot, Edit and Produce a Promotional Short-Films for Odisha Tourism**

**No.R-11:**Department of Tourism (DoT) invites proposals from prospective applicant (s) for Request for Proposal (RFP) for Selection of an Agency to Conceptualise, Shoot, Edit and Produce a Promotional Short-Films for Odisha Tourism in accordance with the conditions and manner prescribed in the RFP document.

The proposals should be submitted by the interested parties to The Director Tourism, Paryatan Bhawan, Lewis Road, Bhubaneswar- 751014 **on or before 25.11.2022** up to 15:00 Hrs. The detailed RFP may be downloaded from DoT's website: https://odishatourism.gov.in/content/tourism/en/dot/quickLinks/tender.html.

**OIPR-37001/11/0026/2223** **Sd./- Additional Secretary to Govt.**



**ROURKELA DEVELOPMENT AUTHORITY**
**UDITNAGAR, ROURKELA- 769012**
RDA
**INVITATION FOR BIDS (IFB)**
**No.1768 Dt.02.11.2022**

| Sl. No. | Name of work | Estimated cost | Tender paper cost | Available of tender online for bidding | | Last date and time for seeking tender clarification | Date & time of opening of tender |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Repair & renovation of RGH Market, Rourkela | 15.18 lakhs (Approx.) | 7,080.00 | 04.11.22 | 14.11.22 | 14.00 hrs. of 09.11.22 | 11.00 hrs. of 15.11.22 |
| 2 | Repair & renovation of SSGR Market Complex at Bus Terminal, Gandhi Road, Rourkela | 13.69 lakhs (Approx.) | 7,080.00 | 04.11.22 | 14.11.22 | 14.00 hrs. of 12.11.22 | 11.00 hrs. of 15.11.22 |
| 3 | Repair & renovation of Tarangini Market near Mayfair, Rourkela | 18.61 lakhs (Approx.) | 7,080.00 | 04.11.22 | 14.11.22 | 14.00 hrs. of 12.11.22 | 11.00 hrs. of 15.11.22 |
| 4 | Repair & renovation of Tarangini Market near Twin Tower, Rourkela | 7.81 lakhs (Approx.) | 4,720.00 | 04.11.22 | 14.11.22 | 14.00 hrs. of 12.11.22 | 11.00 hrs. of 15.11.22 |
| 5 | Repair & renovation of Tapaswini Market at Uditnagar, Rourkela (A) | 8.74 lakhs (Approx.) | 4,720.00 | 04.11.22 | 14.11.22 | 14.00 hrs. of 12.11.22 | 11.00 hrs. of 15.11.22 |
| 6 | Repair & renovation of Tapaswini Market at Uditnagar, Rourkela (B) | 12.05 lakhs (Approx.) | 7,080.00 | 04.11.22 | 14.11.22 | 14.00 hrs. of 12.11.22 | 11.00 hrs. of 15.11.22 |
| 7 | Repair & renovation of Trust Market Complex, Basanti Colony, Rourkela | 6.12 lakhs (Approx.) | 4,720.00 | 04.11.22 | 14.11.22 | 14.00 hrs. of 12.11.22 | 11.00 hrs. of 15.11.22 |

**Sd./- Secretary**
**Rourkela Development Authority**
**Rourkela**



**GOVERNMENT OF ODISHA** No. B-783
**OFFICE OF THE SUPERINTENDING ENGINEER, PHULBANI (R&B) DIVISION, PHULBANI**
**e-mail- eeplbrb@gmail.com**
**INVITATIONS FOR BIDS (IFB)**
**'e' Procurement Notice**
**Bid Identification No. SE-R&B-PLB-27-2022-23**

1. (a) Name of the work : Building Work - 1 (One) No.
   (b) Estimated Cost : Rs.94.93 lakhs
2. Period of Completion : As notified in Tender Call Notice
3. Date & Time of availability of Bid documents in the portal : From 10.11.2022, 10.00 A.M. to 21.11.2022, 5.00 P.M.
4. Last date/time for receipt of bids in the portal : Upto 5.00 P.M. of dated 21.11.2022
5. Name and address of the O.I.T. : Superintending Engineer, Phulbani (R&B) Division

Further details can be seen from the website **www.tendersodisha.gov.in**.
Corrigendum if any shall be published only in the above website.

**Sd./- Superintending Engineer**
OIPR-34066/11/0008/2223 **Phulbani (R & B) Division**



**GOVERNMENT OF ODISHA** No.O-1203:-
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BARIPADA**
**e_mail : rw_mayurbhanj@yahoo.co.in**
**e_Procurement Tender Call Notice No. Online 17/RWD/BPD/2022-23**

1. Name of the work: Road Works. 2. Total No. of works: 17 Nos. 3. Estimated cost : Approx. Estimated cost Rs.9.72 lakhs to Rs.44.55 lakhs. 4. Class of contractor: D & C, C & B, B. 5. Period of completion: 2 (Two) calendar months. 6. Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Baripada |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Baripada | 17 (Online) / RWD- BPD of 2022-23 | Dt.10.11.22 at 11.00 A.M. | Dt.19.11.22 upto 03.00 P.M. | Dt.18.11.22 upto 5.00 P.M. | Dt.19.11.22 at 05.00 P.M. |

Further details can be seen from the website www.tendersorissa.gov.in
**Superintending Engineer, R.W. Division, Baripada**
OIPR-25057/11/0021/2223



**WORKS DEPARTMENT**
**OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE**
**No. B-778** **e-mail: seec_bls@rediffmail.com**
**Government of Odisha "e" Procurement Notice**
**Bid Identification No. CCEEC-15/2022-23**
**No. 5303** **Dt.28.10.2022**

Nature of Work : Building & Road Works
Number of Works : 05 (Five) Nos. Building Works & 1 (One) No. Road Work
Amount put to tender : Rs.105.60 lakh to Rs.808.08 lakh
Class of Contractor : "B" Class / "A" Class/ "Special" Class
Date & time of availability of bid document in the portal : Dt.09.11.2022 at 10.00 A.M.
Last date/time of receipt of bid in the portal : Dt.23.11.2022 upto 05.00 P.M.
Date of Opening of Bid : Dt.24.11.2022 at 11.00 A.M.
Name & address of the Office Inviting Bid : Chief Construction Engineer, Eastern Circle (R&B), Balasore

The bidders have to participate in ONLINE bidding only. Further details can be seen from the e-procurement portal **"http//tendersodisha.gov.in"**. All future corrigendum will be available on ONLINE mode only.

**Sd./- R. Rout, Chief Construction Engineer**
**OIPR-34026/11/0018/2223** **Eastern Circle (R&B), Balasore**


See Career Appointment on every Wednesday & Saturday

## ବୃଦ୍ଧି ପାଉଛି ବେକାରି ହାର

ନୂଆଦିଲ୍ଲୀ: ସାରା ବିଶ୍ୱ ସମେତ ଭାରତରେ ମଧ ମାନ୍ଦାବସ୍ଥା ଜାରି ରହିଛି। ଏପରିକି ଚଳିତ ବର୍ଷ ଅକ୍ଟୋବରରେ ଦେଶର ବେକାରି ହାର ୭.୭୭%କୁ ବୃଦ୍ଧି ପାଇଛି ବୋଲି ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନମି (ସିଏମ୍ଆଇଇ) ପକ୍ଷରୁ ପ୍ରକାଶ କରାଯାଇଛି। ସେହିଭଳି ସିଏମ୍ଆଇଇର କହିବା ଅନୁସାରେ ଚଳିତ ବର୍ଷ ସେପ୍ଟେମ୍ବରରେ ମଧ ଏହି ହାର ୬.୪୩% ରହିଥିଲା। ବିଶେଷ କରି ଗ୍ରାମାଞ୍ଚଳରେ ବେକାରି ସମସ୍ୟା ଅଧିକ ରହିଛି। ସେହିପରି ୨୦୨୨ ଅକ୍ଟୋବରରେ ଗ୍ରାମୀଣ ବେକାରି ହାର ୮.୦୪% ରହିଛି ବୋଲି ସିଏମ୍ଆଇଇ ପକ୍ଷରୁ କୁହାଯାଇଛି। ଗତ ସେପ୍ଟେମ୍ବରରେ ଏହା ୫.୮୪% ରହିଥିଲା। ସହରାଞ୍ଚଳରେ କିନ୍ତୁ ବେକାରି ହାର ୭.୨୧%କୁ ହ୍ରାସ ପାଇଛି ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଟଙ୍କା ମୂଲ୍ୟରେ ସୁଧାର

### ୪୭ ପଇସା ବଢ଼ିଲା ଭାରତୀୟ ମୁଦ୍ରାର ମୂଲ୍ୟ

ନୂଆଦିଲ୍ଲୀ,୪।୧୧

ସାରା ବିଶ୍ୱରେ ମାନ୍ଦାବସ୍ଥା ଜାରି ରହିଛି। ହେଲେ ଏହାର ପ୍ରଭାବ ସମସ୍ତ ଦେଶର ଅର୍ଥନୀତିକୁ ବିଗାଡ଼ିଦେଇଥିବା କୁହାଯାଉଛି। ଏପରିକି ମାନ୍ଦାବସ୍ଥା ଯୋଗୁ ଭାରତୀୟ ଅର୍ଥବ୍ୟବସ୍ଥା ସାଙ୍ଗକୁ ଭାରତୀୟ ମୁଦ୍ରାର ମୂଲ୍ୟ ମଧ ଲଗାତର ହ୍ରାସ ପାଇ ଚାଲିଛି। ଭାରତୀୟ ମୁଦ୍ରାର ଅଭିବୃଦ୍ଧି ପାଇଁ ଭାରତୀୟ ରିର୍ଜଭ ବ୍ୟାଙ୍କ(ଆର୍‌ବିଆଇ) ଅନେକ ପ୍ରକାର ପଦକ୍ଷେପ ଗ୍ରହଣ କରିଛି। ଆର୍‌ବିଆଇର ହସ୍ତକ୍ଷେପ ଯୋଗୁ ଭାରତୀୟ ମୁଦ୍ରା ମୂଲ୍ୟରେ ସୁଧାର ପରିଲକ୍ଷିତ ହୋଇଛି। ଗତ କିଛିଦିନ ହେବ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ମଧ ବୃଦ୍ଧି ଘଟୁଛି। ଫଳରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ବୃଦ୍ଧି ଘଟିବା ସହ ସୁଧାର ମଧ ପରିଲକ୍ଷିତ ହେଉଛି। ଏହାର ପ୍ରଭାବ ଭାରତୀୟ ଅର୍ଥ ବ୍ୟବସ୍ଥା ଓ ବଜାର କାରବାର ଉପରେ ପଡୁଥିବା ଲକ୍ଷ୍ୟ କରାଯାଇଛି। ଏପରିକି କ୍ରମାଗତ ଭାବେ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଜାରି ରହିଥିଲା। ଶୁକ୍ରବାର ଟଙ୍କା (ରୁପେୟା)ର ମୂଲ୍ୟ ଡଲାର ତୁଳନାରେ ୪୭ ପଇସା ବଢ଼ି ଶେଷ ଖବର ସୁଦ୍ଧା ୮୨.୪୧ ଟଙ୍କାରେ ବଜାର କାରବାର ବନ୍ଦ ହୋଇଛି। ଅପରପକ୍ଷରେ ଇଣ୍ଟର ବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଭାରତୀୟ ବଜାର ୮୨.୮୮ ରେ ଖୋଲିଥିବା ବେଳେ ବଜାର ବନ୍ଦ (କାରବାର) ବେଳକୁ ଏହାର




ମୂଲ୍ୟ ୮୨.୪୧ ରେ ବନ୍ଦ ହୋଇଥିଲା। ସେହିଭଳି ଆମେରିକୀୟ ମୁଦ୍ରା ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ଦୀର୍ଘଦିନ ପରେ ୪୭ପଇସା ବଢ଼ିଥିବା ଜଣାପଡ଼ିଛି। କାରଣ ଚଳିତ ବର୍ଷ ସେପ୍ଟେମ୍ବର ୩୦ ପରେ ଟଙ୍କାର ଏହା ବୃହତ୍ ମୂଲ୍ୟ ବୃଦ୍ଧି ବୋଲି କୁହାଯାଉଛି। ଘରୋଇ ଇକ୍ୱିଟିର ସକାରାତ୍ମକ ଉନ୍ନତି ପରିଲକ୍ଷିତ ପରେ ଟଙ୍କା(ମୁଦ୍ରା)ର ମୂଲ୍ୟ ବୃଦ୍ଧି ପାଇଛି। ସେହିପରି ଚଳିତ ସପ୍ତାହର ଗୁରୁବାର କାରବାରର ଫଳାଫଳ ଅନୁଯାୟୀ ଭାରତୀୟ ମୁଦ୍ରା ଡଲାର ତୁଳନାରେ ୮ ପଇସା ହ୍ରାସ ପାଇଥିଲା। ଫଳରେ ଆମେରିକୀୟ ମୁଦ୍ରା ମୂଲ୍ୟ ଗୁରୁବାର ୮୨.୮୮ ଟଙ୍କାରେ ପହଞ୍ଚିଥିଲା। ଅପରପକ୍ଷରେ ଶୁକ୍ରବାର ଆମେରିକୀୟ ଡଲାର ମୂଲ୍ୟ ଭାରତୀୟ ମୁଦ୍ରା (ଟଙ୍କା)ର ମୂଲ୍ୟଠାରୁ ୦.୩୪% ହ୍ରାସ ପାଇ ୧୧୨.୫୪ରେ ରହିଛି। ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ତୈଳ ବଜାରରେ ଅଶୋଧିତ ତୈଳ ଦର ୨.୦୫% ବୃଦ୍ଧି ପାଇଁ ୯୬.୬୧ ଆମେରିକୀୟ ଡଲାରରେ ପହଞ୍ଚିଛି। କେବଳ ଭାରତୀୟ ମୁଦ୍ରା ନୁହେଁ ବରଂ ଡଲାର ମୂଲ୍ୟ ହ୍ରାସ ହେବା ପରେ ୟୁରୋ ଓ ପାଉଣ୍ଡ ମୂଲ୍ୟରେ ମଧ ବୃଦ୍ଧି ଘଟିଛି ବୋଲି ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ୍‌ର ଦିଲୀପ ପରମାର ମତ ପ୍ରକାଶ କରିଛନ୍ତି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୪।୧୧

କ୍ରମାଗତ ୨ଦିନ ପରେ ପୁଣି ଥରେ ଷ୍ଟକ୍ ବଜାରର କାରବାର ବୃଦ୍ଧି ପାଇଛି। ଫଳରେ ଶେୟାର ବଜାରର ନିବେଶକମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୧୧୪ (୧୧୩.୯୫) ପଏଣ୍ଟ ବୃଦ୍ଧି ଘଟି ୬୦,୯୫୦ (୬୦,୯୫୦.୩୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ ୬୪ (୬୪.୪୫) ପଏଣ୍ଟ ବଢ଼ି ୧୮,୧୧୭ (୧୮,୧୧୭.୧୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ବିଶେଷ କରି ଶୁକ୍ରବାର ଦଲାଲ ଷ୍ଟ୍ରିଟ୍‌ରେ ରିଲାଏନ୍ସର ଉଚ୍ଚ ଫଳାଫଳା ସାଙ୍ଗକୁ ବ୍ୟାଙ୍କିଙ୍ଗ୍ ନିବେଶକ ଓ ଏଫ୍‌ଏମ୍‌ସିଜି ଏବଂ ଷ୍ଟିଲ୍ ଆଦି ନିବେଶରେ ମଧ ଅଭିବୃଦ୍ଧି ଘଟିଥିବା ଦେଖାଯାଇଛି।

## ଉତ୍କୃଷ୍ଟ ଯୋଗଦାନ ପାଇଁ ଏମ୍‌ସିଏଲ୍ ପୁରସ୍କୃତ




ଏମ୍‌ସିଏଲ୍ ଅଧକ୍ଷଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ତାଳଚେର,୪।୧୧(ନି.ପ୍ର.)

କୋଲ ଇଣ୍ଡିଆର ୪୮ତମ ପ୍ରତିଷ୍ଠା ଦିବସରେ ମହାନଦୀ କୋଲ୍ ଫିଲ୍ଡ୍ସ ଲିମିଟେଡ୍ (ଏମ୍‌ସିଏଲ୍)କୁ ପୁରସ୍କୃତ କରାଯାଇଛି। ସୁରକ୍ଷା, ସିଏସ୍‌ଆର୍, ବିକାଶ ଏବଂ ସ୍ୱଚ୍ଛତା ଆଦିରେ ଉତ୍କୃଷ୍ଟ ଯୋଗଦାନ ପାଇଁ ଏମ୍‌ସିଏଲ୍‌କୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। କୋଲକାତାଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ କେନ୍ଦ୍ର କୋଇଲା, ଖଣି ଏବଂ ସଂସଦୀୟ କାର୍ଯ୍ୟ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ଠାରୁ ଏମ୍‌ସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂହ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି କୋଇଲା ଉତ୍ପାଦନରେ ବିଶେଷ ଯୋଗଦାନ ନିମନ୍ତେ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ ଏ.କେ. ଧଳଙ୍କୁ ମଧ ଶ୍ରେଷ୍ଠ କ୍ଷେତ୍ର ମହାପ୍ରବନ୍ଧକ ପୁରସ୍କାର ଏବଂ ଏମ୍‌ସିଏଲ୍ ମୁଖ୍ୟାଳୟର ମହାପ୍ରବନ୍ଧକ (ସାମଗ୍ରୀ ପ୍ରବନ୍ଧନ) ମିହିର ଚନ୍ଦ୍ରାଙ୍କୁ ଶ୍ରେଷ୍ଠ ବିଭାଗାଧକ୍ଷ ପୁରସ୍କାର ପ୍ରଦାନ କରାଯାଇଛି।

## ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କଲା ପୂର୍ବତଟ ରେଳପଥ




ଭୁବନେଶ୍ୱର,୪।୧୧

ପୂର୍ବତଟ ରେଳପଥ ପକ୍ଷରୁ ନିକଟରେ ସତର୍କତା ସଚେତନତା ସପ୍ତାହ-୨୦୨୨ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ବତଟ ରେଳପଥ ମୁଖ୍ୟାଳୟ, ଭୁବନେଶ୍ୱରଠାରେ ଏକ ପୁରସ୍କାର ବିତରଣ ସମାରୋହର ଆୟୋଜନ କରାଯାଇଥିଲା। ସତର୍କତା ସଚେତନତା ସପ୍ତାହ-୨୨ ଉପଲକ୍ଷେ ଅନ୍-ଦି-ସ୍ପଟ୍ ପ୍ରବନ୍ଧ, ବିତର୍କ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ଅବସରରେ ପୂର୍ବତଟ ରେଳପଥ ଚିଫ୍ ମେକାନିକାଲ ଇଞ୍ଜିନିୟର ତଥା କାର୍ଯ୍ୟକାରୀ ଅତିରିକ୍ତ ମହାପ୍ରବନ୍ଧକ ଆର୍. ରାଜା ଗୋପାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ସହ ରେଳ କର୍ମଚାରୀଙ୍କ ପିଲାଙ୍କୁ ମିଶାଇ ମୋଟ ୬୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ସମାରୋହରେ ପୂର୍ବତଟ ରେଳପଥର ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ, ବରିଷ୍ଠ ଅଧିକାରୀ, ରେଳ କର୍ମଚାରୀ, ସ୍କୁଲ ଛାତ୍ରୀଛାତ୍ର ଏବଂ ସେମାନଙ୍କ ପିତାମାତା ଓ ଶିକ୍ଷକମାନେ ଯୋଗଦେଇଥିଲେ। ପୂର୍ବତଟ ରେଳପଥର ମୁଖ୍ୟ ସତର୍କତା ଅଧିକାରୀ ତଥା ବରିଷ୍ଠ ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## 'ଆହ୍ୱାନକୁ ଗ୍ରହଣକରି ଆଗକୁ ବଢ଼ିବା ଦରକାର'

### ଟ୍ରିମ୍‌ସରେ ଅଭିମୁଖୀକରଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

କଟକ,୪।୧୧

ଟ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ପକ୍ଷରୁ ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ୩ସପ୍ତାହ ବ୍ୟାପୀ ଆୟୋଜିତ ଅଭିମୁଖୀକରଣ କାର୍ଯ୍ୟକ୍ରମ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଟ୍ରିମ୍‌ସର ଜୟଶ୍ରୀ ଅଡିଟୋରିୟମଠାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଏମ୍ସର ଅଧୀକ୍ଷକ ପ୍ରଫେସର ଡା. ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ ଆତ୍ମବିଶ୍ୱାସର ସହ ଜୀବନରେ ଯେକୌଣସି ଆହ୍ୱାନକୁ ଗ୍ରହଣ କରି ଆଗକୁ ବଢ଼ିବା ଦରକାର। ସମ୍ମାନିତ ବକ୍ତା ଭାବେ ଅମଲଗମ୍ ଇସ୍ପାତର ଏମ୍‌ଡି ଇଂ. ଏନ୍.ଡି.ରାଓ କହିଥିଲେ, ଜୀବନରେ ସୁଯୋଗ ଓ ସମ୍ଭାବନା ଭରପୂର ରହିଛି। ତେବେ ଏହାର ଠିକ୍ ଉପଯୋଗ ଦ୍ୱାରା ନିଶ୍ଚିତ ଫଳ ମିଳିଥାଏ ବୋଲି ସେ ମତପ୍ରକାଶ କରିଥିଲେ। ସେହିଭଳି ପ୍ରତିଷ୍ଠାନର ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ କରିବା ଅବସରରେ କହିଥିଲେ, ପିତାମାତାଙ୍କ




ଆଶା ଓ ଅଭିଳାଷ ପୂରଣ କରିବା ଲାଗି ସନ୍ତାନ ସବୁବେଳେ ଚେଷ୍ଟା କରିବା ଆବଶ୍ୟକ। ଶିକ୍ଷାନୁଷ୍ଠାନର ଅଧକ୍ଷ ଡ. ନୟନ ରଞ୍ଜନ ସାମଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସେହିପରି ଅନୁଷ୍ଠାନର ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ ଏବଂ ପ୍ରାଧ୍ୟାପିକା ଡ. ଲୀନା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅପରପକ୍ଷରେ ପ୍ରାଧ୍ୟାପିକା ରୋଜାଲିନ୍ ଦାଶ ଧନ୍ୟବାଦ ଅଭିଭାଷଣ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଟ୍ରିମ୍‌ସ ଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ 'ଆପ୍' କୁ ଶିକ୍ଷାନୁଷ୍ଠାନର ଅଧକ୍ଷ ଡ. ରଥ ଉନ୍ମୋଚନ କରିବା ସହ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ରେଜିଷ୍ଟ୍ରାର ଡ. କଲ୍ୟାଣ କୁମାର ସାହୁ, ଡ. ସୁଶାନ୍ତ କୁମାର ଦାସ, ଡ. ସ୍ନିଗ୍ଧାମଧୁସୂଦନ ଦାସ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ସଚିବ ପ୍ରାଣବନ୍ଧୁ ନାୟକ, ଚନ୍ଦ୍ରକାନ୍ତ ପଣ୍ଡାଙ୍କ ସମେତ ବିଭିନ୍ନ ଉଇଙ୍ଗ୍‌ର ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ।

## ବିଓଆଇର ୨ୟ ତ୍ରୈମାସିକ ଫଳାଫଳ

बैंक ऑफ़ इंडिया
Bank of India BOI

ଭୁବନେଶ୍ୱର,୪।୧୧

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ର ୨ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ୭୧% ଅଭିବୃଦ୍ଧି ସହ କ୍ରମାଗତ ଲାଭରେ ବ୍ୟାଙ୍କର ଆୟ ୯୬୦ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ବ୍ୟାଙ୍କର ଅପରେଟିଂ ମାର୍ଜିନ୍‌ରେ ମଧ ବୃଦ୍ଧି ଘଟିଛି। ବ୍ୟାଙ୍କ ୨ୟ ତ୍ରୈମାସରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗରେ ମଧ ଉଲ୍ଲେଖନୀୟ ଉନ୍ନତି ପ୍ରଦର୍ଶନ କରିଛି। ବ୍ୟାଙ୍କର କାର୍ଯ୍ୟକାରୀ ଲାଭ କ୍ରମାଗତ ଭାବେ ୨୬% ଓ ୫୫% କୁ ବୃଦ୍ଧି ପାଇ ୩,୩୭୪ କୋଟିଟଙ୍କାରେ ପହଞ୍ଚିଛି। ଭବିଶେଷକରି କ୍ୟୁଓକ୍ୟୁ ଆଧାରରେ ଉଭୟ ରିଟର୍ନ ଅନ୍ ଆସେଟ୍ସ ଏବଂ ରିଟର୍ନ ଅନ୍ ଇକ୍ୱିଟି ଯଥାକ୍ରମେ ୧୮ ବିପିଏସ୍ ଏବଂ ୩୨୧ ବିପିଏସ୍‌କୁ ବୃଦ୍ଧି ପାଇଛି। ନେଟ୍ ଇଣ୍ଟରେଷ୍ଟ ମାର୍ଜିନ୍‌ରେ ମଧ ୩.୦୪% ଅଭିବୃଦ୍ଧି ଘଟି ୪୯ ବିପିଏସ୍ ବୃଦ୍ଧି ପାଇଛି। ବ୍ୟାଙ୍କର ମୋଟ୍ ସୁଧ ଆୟ ୪୪% ଅଭିବୃଦ୍ଧି ହାରରେ ୫,୦୮୩ କୋଟି ଟଙ୍କାରେ ପହଞ୍ଚିଛି, ଯାହା କ୍ରମାଗତ ଭାବେ ୨୫% ବୃଦ୍ଧି ପାଇଛି। ବ୍ୟାଙ୍କ ଅଗ୍ରିମରେ ମଧ ୭.୨୧% ବଢ଼ି ୬୩ ଓ ୨୦ ବିପିଏସ୍‌କୁ ବୃଦ୍ଧି ଘଟିଛି। ବ୍ୟାଙ୍କର କାସା ଡିପୋଜିଟ୍‌ରେ ମଧ ୪.୦୫% ଅଭିବୃଦ୍ଧି ଘଟିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୮.୫୧% ଓ ନେଟ୍ ଏନ୍‌ପିଏ ୧.୯୨% କୁ ହ୍ରାସ ପାଇଛି। ବ୍ୟାଙ୍କର ସ୍ଲିପେଜ୍ ଅନୁପାତ ୦.୬୯%ରୁ ୦.୩୦%କୁ ବୃଦ୍ଧି ପାଇଛି। ଆୟ ଅନୁପାତ ୪୮.୧୦%କୁ ବୃଦ୍ଧି ଘଟିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ବିଏସ୍‌ଏନ୍‌ଏଲ୍ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



ଭୁବନେଶ୍ୱର,୪।୧୧

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍)ର ଓଡ଼ିଶା ଶାଖା ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ବିଏସ୍‌ଏନ୍‌ଏଲ୍ ଓଡ଼ିଶା ଶାଖା ପକ୍ଷରୁ ଏକ ସଚେତନତା ପଦଯାତ୍ରାର ଆୟୋଜନ କରାଯାଇଥିଲା। ଉକ୍ତ ପଦଯାତ୍ରାରେ ବିଏସ୍‌ଏନ୍‌ଏଲ୍‌ର ଓଡ଼ିଶା ଶାଖା ମୁଖ୍ୟ ମହାପ୍ରବନ୍ଧକ ଟେଲିକମ୍ ରୁଦ୍ରନାରାୟଣ ପଲେଇ, ଉପମହାପ୍ରବନ୍ଧକ (ଦୁର୍ନୀତି ନିବାରଣ) କାର୍ତ୍ତିକ ଚରଣ ପତିଙ୍କ ସମେତ ବିଏସ୍‌ଏନ୍‌ଏଲ୍ ମୁଖ୍ୟ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ମଧ ସାମିଲ ହୋଇଥିଲେ। ବିଶେଷକରି 'ଭ୍ରଷ୍ଟାଚାର ମୁକ୍ତ ଭାରତ-ବିକଶିତ ଭାରତ' ବିଷୟବସ୍ତୁର ବାର୍ତ୍ତା ବହନ କରୁଥିବା ପ୍ଲାକାର୍ଡ ଧରି ଏହାର ପ୍ରତିଯୋଗୀମାନେ ଜନସଚେତନତା ସୃଷ୍ଟି କରିଥିଲେ। ଉକ୍ତ ପଦଯାତ୍ରା ସମୟରେ ଦୁର୍ନୀତି ନିରାକରଣ ପାଇଁ ସଚେତନତାର ବାର୍ତ୍ତା ପ୍ରଚାର କରାଯାଇଥିଲା।

## ସେଲୁନ ବ୍ୟବସାୟରେ ପାଦ ଦେବ ଆରଆଇଏଲ

ମୁମ୍ବାଇ,୪।୧୧

Reliance Industries Limited

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଆର୍‌ଆଇଏଲ୍)ର ପ୍ରମୁଖ ସଂସ୍ଥା ରିଲାଏନ୍ସ ରିଟେଲ ଜରିଆରେ ଆର୍‌ଆଇଏଲ୍ ଆଉ ଏକ ବ୍ୟବସାୟରେ ପ୍ରବେଶ କରିପାରେ ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଚେନ୍ନାଇଭିତ୍ତିକ ସେଲୁନ୍ ଓ ସ୍ପା ଚେନ୍ ନାଚୁରାଲ୍ସର ୪୯% ଅଂଶଧନ କିଣିବାକୁ ଆର୍‌ଆଇଏଲ୍ ଯୋଜନା କରୁଛି। ଏପରିକି ନାଚୁରାଲ୍ସର ମୂଳ କମ୍ପାନୀ ଗ୍ରୁମ୍ ଇଣ୍ଡିଆ ସେଲୁନ୍ସ ଆଣ୍ଡ ସ୍ପାର ଦେଶବ୍ୟାପୀ ୬୫୦ ରୁ ଅଧିକ ସେଲୁନ୍ ଓ ସ୍ପା ଆଉଟ୍‌ଲେଟ୍ ରହିଛି। ଫଳରେ ଆର୍‌ଆଇଏଲ୍ ଏଚ୍‌ୟୁଏଲ୍ ସହ ସମକକ୍ଷ ହୋଇପାରିବ ବୋଲି କୁହାଯାଉଛି। ସେହିଭଳି ରିଲାଏନ୍ସ ଦ୍ୱାରା କମ୍ପାନୀର ୪୯% ଅଧିଗ୍ରହଣ ପରେ ବି ନାଚୁରାଲ୍ସ ସଂସ୍ଥାର ପରିଚାଳନା ଦାୟିତ୍ୱ ନିଜ ହାତରେ ରଖିବ ବୋଲି କୁହାଯାଉଛି। କିନ୍ତୁ ନେଟ୍‌ୱର୍କ ସମ୍ପ୍ରସାରଣରେ ରିଲାଏନ୍ସ ବ୍ୟାପକ ସହଯୋଗ ଓ ସହାୟତା ପ୍ରଦାନ କରିବ ବୋଲି ଜଣାପଡିଛି। ସେହିପରି କରୋନା ମହାମାରୀ ସମୟରେ ଦେଶରେ ସେଲୁନ୍ ଶିଳ୍ପ ବେଶ୍ ପ୍ରଭାବିତ ହୋଇଥିଲା। ଫଳରେ କମ୍ପାନୀ (ନାଚୁରାଲ୍ସ) ବିପୁଳ ପରିମାଣର କ୍ଷତି ସହିଥିଲା। ହେଲେ ବର୍ତ୍ତମାନ ରିଲାଏନ୍ସ ଉକ୍ତ କମ୍ପାନୀର ଅଂଶଧନ କ୍ରୟ କରିବା ପରେ ନାଚୁରାଲ୍ସ ପରିସ୍ଥିତିରେ ସୁଧାର ଆସିବା ଯଥେଷ୍ଟ ସମ୍ଭାବନା ରହିଛି। ଆର୍‌ଆଇଏଲ୍ କେବଳ ସେଲୁନ୍ ନୁହେଁ, ବିଉଟି ପ୍ରଡକ୍ଟ ମଧ ବିକ୍ରି ପାଇଁ ବ୍ୟାପକ ଷ୍ଟୋର ଖୋଲିବ ବୋଲି ଯୋଜନା କରୁଛି। ଅପରପକ୍ଷରେ ପେଟ୍ରୋଲିୟମଠାରୁ ଆରମ୍ଭ କରି ମୋବାଇଲ ସେବା ପର୍ଯ୍ୟନ୍ତ ବିଭିନ୍ନ ବ୍ୟବସାୟରେ ପ୍ରବେଶ କରିସାରିଥିବା ମୁକେଶ ଅମ୍ବାନୀ ବର୍ତ୍ତମାନ ସେଲୁନ୍ ବ୍ୟବସାୟରେ ପ୍ରବେଶ କରିବେ ବୋଲି ଆଶା କରାଯାଉଛି।

CLASSIFIED DISPLAY
MORE SPACE • SAME PRICE
ALL EDITION - B/W (Everyday)

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଯୋଜନା
ଅଧୀନରେ ଘରେ ବସି
50000ରୁ 5000000
ପର୍ଯ୍ୟନ୍ତ ଋଣ ପାଆନ୍ତୁ
ସୁଧ 2% ଛାଡ଼ 40%
ସମ୍ପର୍କ କରନ୍ତୁ
ଠିକଣା: ମ.ନଂ. 675, ଗ୍ରାମ ଲୋହାରି ଜାଟୁ ତହସିଲ- ବୱାନି ଖେଡ଼ା, ଜିଲ୍ଲା- ଭିୱାନି
8950329763

NATIONAL FINANCE
ଭାରତର ନଂ-୧ କମ୍ପାନୀ
ନ୍ୟାସନାଲ ଫାଇନାନ୍ସ
(Govt. Registered)
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount under all Government schemes
9499474088

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ରେ ଯୋଗଦେବେ କେ.ଭି. କାମାଥ



ମୁମ୍ବାଇ,୪।୧୧

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ପକ୍ଷରୁ ଶୁକ୍ରବାର ବରିଷ୍ଠ ବ୍ୟାଙ୍କର କେ.ଭି.କାମାଥଙ୍କୁ ଆସନ୍ତା ୫ବର୍ଷ ପାଇଁ ଆର୍‌ଆଇଏଲ୍‌ର ସ୍ୱାଧୀନ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଆର୍‌ଆଇଏଲ୍‌ର ବୋର୍ଡ ଅଫ୍ ଡାଇରେକ୍ଟର୍ସମାନଙ୍କ ବୈଠକ ନିକଟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କାମାଥଙ୍କ ନିଯୁକ୍ତିକୁନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଫଳରେ ରିଲାଏନ୍ସ ଷ୍ଟ୍ରାଟେଜିକ୍ ଇନ୍‌ଭେଷ୍ଟମେଣ୍ଟସ ଲିମିଟେଡ୍ ପାଇଁ ଜଣେ ସ୍ୱାଧୀନ ନିର୍ଦ୍ଦେଶକ ତଥା ଅଣ କାର୍ଯ୍ୟନିର୍ବାହୀ ଅଧକ୍ଷ ଭାବେ ତାଙ୍କୁ ନିଯୁକ୍ତ କରାଯାଇଛି ବୋଲି ରିଲାଏନ୍ସ ଗ୍ରୁପ୍ ପକ୍ଷରୁ କୁହାଯାଇଛି।

# ଗେଲ୍ ଇଣ୍ଡିଆର ଅର୍ଦ୍ଧବାର୍ଷିକ ଫଳାଫଳ

- ୬ ମାସରେ ୯୬% ଅଭିବୃଦ୍ଧି
- ଚଳିତ ବର୍ଷ ଏପ୍ରିଲରୁ ଅକ୍ଟୋବରର ମଧରେ ୭୬,୦୬୩ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ

ନୂଆଦିଲ୍ଲୀ, ୪।୧୧

ଗେଲ GAIL

ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ଗେଲ୍ ) ପକ୍ଷରୁ ଚଳିତ ଆର୍ଥିକ ବର୍ଷ ୨ୟ ତ୍ରୈମାସିକ ବା ଅର୍ଦ୍ଧବାର୍ଷିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ସେପ୍ଟେମ୍ବର ଶେଷ ସୁଦ୍ଧା କମ୍ପାନୀ ମୋଟ ୭୬,୦୬୩ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଥିବା ଜଣାପଡିଛି। ଏହା ଗତ ଆର୍ଥିକ ବର୍ଷ ୨୦୨୧-୨୨ର ରାଜସ୍ୱ ସଂଗ୍ରହ ୩୮,୯୦୨ କୋଟି ଟଙ୍କା ତୁଳନାରେ ଯଥେଷ୍ଟ ଅଧିକ ରହିଛି। ସେହିଭଳି ଚଳିତ ଆର୍ଥିକ ବର୍ଷର ଅର୍ଦ୍ଧବାର୍ଷିକ ପାଇଁ ପିବିଟି ୫,୭୭୦ କୋଟି ରହିଥିଲା। ଏହା ପୂର୍ବ ବର୍ଷର ସମାନ ଅବଧି ମଧରେ ୫,୭୩୬ କୋଟି ଟଙ୍କା ଥିଲା। ସେହିପରି ପିଏଟିରେ ମଧ ଲାଭ ୪,୪୫୨ କୋଟିରେ ପହଞ୍ଚିଛି। ପୂର୍ବ ବର୍ଷର ସମାନ ଅବଧି ମଧରେ ୪,୩୯୩ କୋଟି ଟଙ୍କା ରହିଥିଲା। ଅପରପକ୍ଷରେ ତ୍ରୈମାସିକ ଭିତ୍ତିରେ କମ୍ପାନୀର କ୍ୟୁ୨ ଆର୍ଥିକ ବର୍ଷ ୨୩ରେ ୩୮,୪୯୧ କୋଟି ରହିଥିଲା। ହେଲେ କ୍ୟୁ୧ ଆର୍ଥିକ ବର୍ଷ ୨୩ ରେ ଏହି ପରିମାଣ ୩୭,୫୭୨କୋଟି ଟଙ୍କା ଥିଲା। ଏପରିକି କ୍ୟୁ ୨ଆର୍ଥିକ ବର୍ଷ ୨୩ ରେ ପିବିଟି ୧,୮୭୬ କୋଟି ଟଙ୍କା ଥିଲା। ପୂର୍ବ ତ୍ରୈମାସରେ ୩,୮୯୪ କୋଟି ରହିଥିଲା। ପିଏଟି ୨,୯୧୫ କୋଟି ତୁଳନାରେ କ୍ୟୁ୨ ଚଳିତ ଆର୍ଥକ ବର୍ଷର ୨୩ରେ ୧,୫୩୭ କୋଟି ଟଙ୍କାରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ପ୍ରାକୃତିକ ଗ୍ୟାସ୍ ପରିବହନ ପରିମାଣ ୧୦୭.୭୧ ଏମ୍‌ଏମ୍‌ଏସ୍‌ସିଏମ୍‌ଡି ରହିଛି। ହେଲେ କ୍ୟୁ୧ ଆର୍ଥିକ ବର୍ଷ୨୩ ରେ ୧୦୯.୪୭ ଏମ୍‌ଏମ୍‌ଏସ୍‌ସିଏମ୍‌ଡିରେ ଥିଲା। ସେହିଭଳି ଗ୍ୟାସ୍ ମାର୍କେଟିଂ ପରିମାଣ ୯୨.୫୪ ଏମ୍‌ଏମ୍‌ଏସ୍‌ସିଏମ୍‌ଡି ହୋଇଥିବା ବେଳେ ପୂର୍ବ ତ୍ରୈ ମାସରେ ଏହା ୧୦୦.୮୪ ଏମ୍‌ଏମ୍‌ଏସ୍‌ସିଏମ୍‌ଡିରେ ରହିଥିଲା। ସେହିପରି ଏଲ୍‌ଏଚ୍‌ସି ବିକ୍ରୟ ୨୩୧ ଟିଏମ୍‌ଟି ହୋଇଥିବା ବେଳେ ପୂର୍ବ ତ୍ରୈମାସିକରେ ଏହା ୨୨୦ ଟିଏମ୍‌ଟି ରହିଥିଲା। ପଲିମର ବିକ୍ରୟ ୧୦୮ ଟିଏମ୍‌ଟି ହୋଇଥିବା ବେଳେ ପୂର୍ବ ତ୍ରୈମାସିକରେ ଏହା ୧୦୯ ଟିଏମ୍‌ଟିରେ ଥିଲା। ଅପରପକ୍ଷରେ ଏକତ୍ରିତ ଭିତ୍ତିରେ କମ୍ପାନୀର କ୍ୟୁ ୨ ଆର୍ଥିକ ବର୍ଷ ୨୩ ରେ ଅପରେଶନଠାରୁ ରାଜସ୍ୱ ୨% ବୃଦ୍ଧି ହୋଇ ୩୮,୭୨୯ କୋଟିରେ ପହଞ୍ଚିଛି। କ୍ୟୁ୧ ଆର୍ଥିକ ବର୍ଷ ୨୩ରେ ୩୭,୯୪୨କୋଟି ଟଙ୍କା ଥିଲା। କ୍ୟୁ୨ ଆର୍ଥିକ ବର୍ଷ ୨୩ରେ ପିବିଟି ୧,୬୭୫ କୋଟିରେ ଥିଲାବେଳେ କ୍ୟୁ୧ ଆର୍ଥିକ ବର୍ଷ ୨୩ରେ ୪,୨୩୦ କୋଟି ଟଙ୍କା ରହିଥିଲା। ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସରେ ପିଏଟି ୧,୩୧୫ କୋଟି ଟଙ୍କା ହୋଇଥିଲା ବେଳେ କ୍ୟୁ୧ ଆର୍ଥିକ ବର୍ଷ ୨୩ ରେ ୩,୨୫୩ କୋଟି ଟଙ୍କା ରହିଥିଲା। ଏ ସମ୍ପର୍କରେ ଗେଲ୍‌ର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ କୁମାର ଗୁପ୍ତା କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସ (ଅର୍ଦ୍ଧ ବର୍ଷ) ମଧରେ ପାଇପଲାଇନ, ପେଟ୍ରୋକେମିକାଲ୍ସ, ଇକ୍ୱିଟି ଟୁ ଜେଭି ଇତ୍ୟାଦି କମ୍ପାନୀରେ କେପେକ୍ସ ପ୍ରାୟ ୩,୯୭୦ କୋଟି ଟଙ୍କା ଆୟ କରିଛି, ଯାହା ବାର୍ଷିକ ଲକ୍ଷ୍ୟର ୫୩% ଅଭିବୃଦ୍ଧି। ସେହିଭଳି କର୍ପୋରେଟ୍ ଇନ୍‌ସଲଭେନ୍ସି ରିଜୋଲ୍ୟୁଶନ ପ୍ରକ୍ରିୟା ମାଧ୍ୟମରେ ଜେବିଏଫ୍ ପେଟ୍ରୋକେମିକାଲ୍ ଲିମିଟେଡ୍ ହାସଲ କରିବା ପାଇଁ କ୍ରେଡିଟର କମିଟି ଦ୍ୱାରା ଗେଲ୍‌କୁ ସଫଳ ରିଜୋଲ୍ୟୁଶନ ଆବେଦନକାରୀ ଭାବେ ଘୋଷଣା କରାଯାଇଛି ବୋଲି ସେ ମତପ୍ରକାଶ କରିଛନ୍ତି। ଏହା ସହିତ କମ୍ପାନୀ ଦେଶର ଦକ୍ଷିଣ ଭାଗରେ ଏହାର ଉପସ୍ଥିତି ଆହୁରି ବିସ୍ତାର କରିବ ବୋଲି ଯୋଜନା କରାଯାଉଥିବା ସେ ମତବ୍ୟକ୍ତ କରିଛନ୍ତି।

ମନେ ପଡ଼ନ୍ତି

୩୨ତମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ନଟବର ଦେବତା
ମାଳତୀ ନିବାସ, ମୀନା ବଜାର ଢେଙ୍କାନାଳ
ଆବିର୍ଭାବ: ୩୦।୧୨।୧୯୧୮
ତିରୋଧାନ: ୩୦।୧୦।୧୯୯୦
ଚାହୁଁ ଚାହୁଁ ୩୨ବର୍ଷ ବିତିଗଲା। ତୁମର ଅନାବିଳ ସ୍ନେହ, ପରୋପକାର ଓ ଶ୍ରଦ୍ଧା ଆମ୍ଭମାନଙ୍କର ମାନସପଟରୁ ଲିଭିନି। ଅଦ୍ୟାବଧି ତାହା ଆମ୍ଭର ମାର୍ଗ ଦର୍ଶନ କରୁଅଛି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା।
ଆପଣଙ୍କର ପରିବାରବର୍ଗ, ମେସର୍ସ ନଟବର ଦେବତା, ବଳରାମ ଫେବ୍ରିକ୍ସ, ଓମ ଟେକ୍ସଟାଇଲ
ଧ-୭୪୦୨୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଆଶା ପଟ୍ଟନାୟକ
ଦାଣ୍ଡିମାଳ ସାହି, ବଡ଼ଦାଣ୍ଡ, ପୁରୀ
ତିରୋଧାନ: କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ
ଚାହୁଁ ଚାହୁଁ ନଅ ବର୍ଷ ବିତିଗଲା। ତୁମର ଅନାବିଳ ନିଷ୍କପଟ ସ୍ନେହ, ଶ୍ରଦ୍ଧା, ପ୍ରେରଣା ଆମର ପାଥେୟ ହୋଇ ରହିଛି। ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୭୩୫୧୯

# ପ୍ରଥମ ଦଳ ଭାବେ ସେମିରେ ନ୍ୟୁଜିଲାଣ୍ଡ

ଆଡିଲେଡ୍,୪।୧୧(ପି.ଟି)

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ପ୍ରଥମ ଦଳ ଭାବରେ ସେମିଫାଇନାଲ ବର୍ଥ ସୁରକ୍ଷିତ କରିଛି ନ୍ୟୁଜିଲାଣ୍ଡ। ଅଧିନାୟକ କେନ୍ ୱିଲିୟମସନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ସ୍ପିନରଙ୍କ ଘାତକ ବୋଲିଂ ବଳରେ ଶୁକ୍ରବାର ନ୍ୟୁଜିଲାଣ୍ଡ ୩୫ ରନରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଆୟର୍ଲାଣ୍ଡ ପକ୍ଷରୁ ଜୋସୁଆ ଲିଟିଲ ଚଳିତ ବିଶ୍ୱକପ୍‌ର ଦ୍ୱିତୀୟ ହ୍ୟାଟ୍ରିକ ନେବା ଫଳରେ ନ୍ୟୁଜିଲାଣ୍ଡ ୬ ଉଇକେଟରେ ୧୮୫ ରନ୍ କରିଥିଲା। ଜବାବରେ ଆୟର୍ଲାଣ୍ଡ ୧୫୦ ରନରେ ସୀମିତ ରହିଥିଲା। ଆୟର୍ଲାଣ୍ଡ ଟସ୍ ଜିତି ବୋଲିଂ କରିଥିବା ବେଳେ ପ୍ରଥମ ଉଇକେଟରେ ୫୧ ରନ୍ ଯୋଡିଥିଲେ ଫିନ୍ ଆଲେନ୍(୩୨) ଓ ଡେଭନ୍ କନ୍‌ୱେ(୨୮)। ଅଧିନାୟକ କେନ୍ ୱିଲିୟମସନ୍ ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିବା ସହିତ ୩୫ ବଲରୁ ସଂଗ୍ରହ କରିଥିଲେ ୬୧ ରନ୍। ଏହି ଇନିଂସରେ ସାମିଲ ଥିଲା ୫ ଚୌକା ଓ ୩ ଛକା। ଅନ୍ୟମାନଙ୍କ ମଧ୍ୟରେ ଗ୍ଲେନ୍ ଫିଲିପ୍ସ ୧୭ ଓ ଡେରିଲ ମିଚେଲ ୩୧ ରନ୍ କରିବା ସହିତ ଦ୍ରୁତ ବ୍ୟାଟିଂ କରିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ଜୋସୁଆ ଲିଟିଲ ୩ ଉଇକେଟ ଅକ୍ତିଆର କରିଥିବା ବେଳେ ଗେରାଥ୍ ଡେଲାନୀ ୨ ଉଇକେଟ ନେଇଥିଲେ। ୧୯ ତମ ଓଭର ବୋଲିଂ କରୁଥିବା ଲିଟିଲ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ବଲରେ ଯଥାକ୍ରମେ ୱିଲିୟମସନ୍, ଜିମି ନିଶାମ୍ ଓ ମିଚେଲ ସାଣ୍ଟନରଙ୍କୁ ଆଉଟ କରିଥିଲେ।

ଜବାବରେ ଦୁଇ ସ୍ପିନର ଇସ୍ ସୋଧୀ ଓ ମିଚେଲ ସାଣ୍ଟନରଙ୍କ ମାପଚୁପ ବୋଲିଂରେ ଆୟର୍ଲାଣ୍ଡ ହାର ମାନିଥିଲା। ପଲ୍ ଷ୍ଟର୍ଲିଂ ସର୍ବାଧିକ ୩୭ ରନ୍ କରିଥିବା ବେଳେ ଅଧିନାୟକ ଆଣ୍ଡ୍ରୁ ବଲବର୍ନି ୩୦ ରନ କରିଥିଲେ। ତେବେ ଅନ୍ୟ ବ୍ୟାଟରଙ୍କ ବିଫଳତା କାରଣରୁ ଦଳ ୯ ଉଇକେଟ ହରାଇ ୧୫୦ ରନ୍ କରିଥିଲା। ଲୋକି ଫର୍ଗୁସନ୍ ସର୍ବାଧିକ ୩ ଉଇକେଟ ନେଇଥିଲେ। କେନ୍ ୱିଲିୟମସନଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଛି। ଏହି ବିଜୟ ସହିତ ୫ ମ୍ୟାଚରୁ ୭ ପଏଣ୍ଟ ପାଇ ପ୍ରଥମ ଦଳ ଭାବରେ ସେମିଫାଇନାଲ ପ୍ରବେଶ କରିଛି ନ୍ୟୁଜିଲାଣ୍ଡ। ଗ୍ରୁପ୍ ଏ'ରୁ ଦ୍ୱିତୀୟ ଦଳ ଭାବେ ଅଷ୍ଟ୍ରେଲିଆ କିମ୍ବା ଇଂଲଣ୍ଡ ସେମିରେ ପ୍ରବେଶ କରିବେ। ଇଂଲଣ୍ଡ ଶନିବାର ଶ୍ରୀଲଙ୍କା ବିପକ୍ଷରେ ଏହାର ଅନ୍ତିମ ମ୍ୟାଚ ଖେଳିବ। ସେମି ପ୍ରବେଶ ପାଇଁ ଇଂଲଣ୍ଡକୁ ଏହି ମ୍ୟାଚରେ ବିଜୟୀ ହେବା ଆବଶ୍ୟକ। ବର୍ଷା କାରଣରୁ ମ୍ୟାଚ ବାତିଲ ହେଲେ କିମ୍ବା ପରାଜିତ ହେଲେ ଅଷ୍ଟ୍ରେଲିଆ ସେମିରେ ପ୍ରବେଶ କରିବ।



କେନ୍ ୱିଲିୟମସନ୍

**ଟି୨୦ ବିଶ୍ୱକପ୍**

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୮୫/୬ (କେନ୍ ୱିଲିୟମସନ୍-୬୧, ଫିନ୍ ଆଲେନ୍-୩୨, ଡେଭନ୍ କନ୍‌ୱେ-୨୮, ଜୋସୁଆ ଲିଟିଲ୍-୩/୨୨, ଗେରାଥ୍ ଡେଲାନି-୨/୩୦)। ଆୟର୍ଲାଣ୍ଡ ୨୦ ଓଭରରେ ୧୫୦/୯ ( ପଲ୍ ଷ୍ଟର୍ଲିଂ-୩୭ ,ଆଣ୍ଡ୍ରୁ ବଲବର୍ନି-୩୦, ଜର୍ଜ ଡକ୍ରେଲ-୨୩, ଲୋକି ଫର୍ଗୁସନ୍-୩/୨୨, ଇସ୍ ସୋଧୀ-୨/୩୧, ମିଚେଲ ସାଣ୍ଟନର-୨/୨୬)।

## ଜୋସୁଆଙ୍କ ହ୍ୟାଟ୍ରିକ୍

ବିଶ୍ୱର ଷଷ୍ଠ ବୋଲର ଭାବେ ଟି୨୦ ବିଶ୍ୱକପ୍‌ରେ ହ୍ୟାଟ୍ରିକ ନେଇଛନ୍ତି ଆୟର୍ଲାଣ୍ଡର ଜୋସୁଆ ଲିଟିଲ୍। ଶୁକ୍ରବାର ନ୍ୟୁଜିଲାଣ୍ଡ ବିପକ୍ଷ ସୁପର-୧୨ ମ୍ୟାଚରେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି ଲିଟିଲ। ଏହା ସହିତ ଚଳିତ ବିଶ୍ୱକପ୍ ସଂସ୍କରଣର ଦ୍ୱିତୀୟ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ଏହା ପୂର୍ବରୁ ୟୁଏଇ ପକ୍ଷରୁ ଖେଳୁଥିବା ଭାରତୀୟ ମୂଳନିବାସୀ କାର୍ତ୍ତିକ ମୟପ୍ପନ ଶ୍ରୀଲଙ୍କା ବିପକ୍ଷରେ ପ୍ରଥମ ହ୍ୟାଟ୍ରିକ୍ ନେଇଥିଲେ। ୧୯ ତମ ଓଭର ବୋଲିଂ କରୁଥିବା ଲିଟିଲ୍ ଲଗାତର ବଲ୍‌ରେ ୱିଲିୟମସନ୍, ଜିମି ନିଶାମ୍ ଓ ମିଚେଲ ସାଣ୍ଟନରଙ୍କୁ ଆଉଟ କରିଥିଲେ। ବଡ ଶଟ୍ ଖେଳିବାକୁ ଯାଇ ୱିଲିୟମସନ୍ ବାଉଣ୍ଡାରିରେ କ୍ୟାଚ ହୋଇଥିବା ବେଳେ ନିଶାମ ବୋଲ୍ଡ ଓ ସାଣ୍ଟନର ଲେଗ୍ ବିଫୋର ହୋଇଥିଲେ। ଏକଦା ୨୦୦ ରନ କରିବା ଲକ୍ଷ୍ୟରେ ଥିବା ନ୍ୟୁଜିଲାଣ୍ଡ ଏହି ଓଭର କାରଣରୁ ୧୮୫ରେ ସୀମିତ ରହିଥିଲା। ୨୦୦୭ରେ ବ୍ରେଟ୍ ଲି ପ୍ରଥମ ବୋଲର ଭାବରେ ଟି୨୦ ବିଶ୍ୱକପ୍‌ରେ ହ୍ୟାଟ୍ରିକ୍ ନେଇଥିଲେ। କର୍ଟିସ୍ କାମ୍ଫର(୨୦୨୧), ୱାନିନ୍ଦୁ ହସରଙ୍ଗା(୨୦୨୧), କାଗିସୋ ରାବାଡା(୨୦୨୧) ଓ କାର୍ତ୍ତିକ ମୟପ୍ପନ(୨୦୨୨) ଏହି ସଫଳତା ହାସଲ କରିଥିଲେ।

# ଅଷ୍ଟ୍ରେଲିଆର ସଂଘର୍ଷପୂର୍ଣ୍ଣ ବିଜୟ

ଆଡିଲେଡ୍,୪।୧୧(ପି.ଟି)

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ଘରୋଇ ଦଳ ଆଫଗାନିସ୍ତାନ ବିପକ୍ଷରେ ବିଜୟ ସହିତ ଏହାର ଅଭିଯାନ ଶେଷ କରିଛି। ରଶିଦ୍ ଖାନଙ୍କ ବିସ୍ଫୋରକ ବ୍ୟାଟିଂ ଝଡକୁ ସାମ୍ନା କରିଥିବା ଅଷ୍ଟ୍ରେଲିଆ ଶେଷ ଓଭରରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଥିଲେ ହେଁ ସେମିଫାଇନାଲ ପ୍ରବେଶ ପାଇଁ ଏହାକୁ ଇଂଲଣ୍ଡ ଓ ଶ୍ରୀଲଙ୍କା ମ୍ୟାଚର ଫଳାଫଳକୁ ଅପେକ୍ଷା କରିବାକୁ ପଡିବ। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୨୦ ଓଭରରେ ୬ ଉଇକେଟରେ ୧୬୮ ରନ୍ କରିଥିଲା। ଆଫଗାନିସ୍ତାନକୁ ବିଜୟ ପାଇଁ ଶେଷ ୩ ଓଭରରେ ୪୬ ରନ୍ ଆବଶ୍ୟକ ଥିଲା। ରଶିଦ୍ ଖାନଙ୍କ ୨୩ ବଲ ୪୮ ରନ ସତ୍ତ୍ୱେ ଆଫଗାନିସ୍ତାନ ୪ ରନ୍‌ରେ ପରାସ୍ତ ହୋଇଥିଲା।

ଆଫଗାନିସ୍ତାନ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଗ୍ଲେନ୍ ମ୍ୟାକ୍ସୱେଲ ଅପରାଜିତ ୫୪ ରନ୍ କରିଥିବା ବେଳେ ମିଚେଲ ମାର୍ଶ ୪୫ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେଭିଡ୍ ୱାର୍ନର ଓ ମାର୍କ୍ସ ଷ୍ଟୋଇନିସ୍ ୨୫ ରନ୍ ଲେଖାଏ ସଂଗ୍ରହ କରିଥିଲେ। ମ୍ୟାକ୍ସୱେଲଙ୍କ ୩୨ ବଲ୍ ଇନିଂସରେ ୬ ଚୌକା ଓ ୨ ଛକା ସାମିଲ ଥିଲା। ଆଫଗାନିସ୍ତାନ ପକ୍ଷରୁ ନବୀନ ଉଲ୍ ହକ୍ ସର୍ବାଧିକ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫଜହଲକ୍ ଫାରୁକି ୨ ଉଇକେଟ ନେଇଥିଲେ। ଏକାଧିକ କ୍ୟାଚ୍ ଓ ରନ ଆଉଟ ସୁଯୋଗ ହାତଛଡା କାରଣରୁ ଆଫଗାନିସ୍ତାନ ଅନ୍ୟୂନ ୧୫-୨୦ ରନ୍ ବ୍ୟୟ କରିଥିଲା। ଆଫଗାନିସ୍ତାନ ୧୬୯ ରନ୍ ଲକ୍ଷ୍ୟର ପିଛା କରି ୯୯/୨ ରହିଥିଲା। ତେବେ ମାତ୍ର ୪ ରନରେ ୪ ଉଇକେଟ ହରାଇ ଦଳ ସଙ୍କଟରେ ପଡିଥିଲା। ୧୮ ବଲରୁ ୪୮ ରନ୍ ଆବଶ୍ୟକ ଥିବା ବେଳେ ଆଡିଲେଡ ଓଭାଲରେ ରଶିଦ୍‌ଙ୍କ କାରନାମା ଦେଖିବାକୁ ମିଳିଥିଲା। ସେ ୨୩ ବଲ୍ ଖେଳି ୩ ଚୌକା ଓ ୪ ଛକା ସହିତ କ୍ୟାରିୟର ଶ୍ରେଷ୍ଠ ଅପରାଜିତ ୪୮ ରନ୍ କରିଥିଲେ। ଅନ୍ତିମ ଓଭରରେ ୨୨ ରନ୍ ଆବଶ୍ୟକ ଥିବା ବେଳେ ଆଫଗାନିସ୍ତାନ ୪ରନ୍ ଦୂରରେ ରହି ଯାଇଥିଲା। ଗ୍ଲେନ ମ୍ୟାକ୍ସୱେଲଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।


ଗ୍ଲେନ୍ ମ୍ୟାକ୍ସୱେଲ୍

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ ଓଭରରେ ୧୬୮/୬ (ଗ୍ଲେନ୍ ମ୍ୟାକ୍ସୱେଲ୍-୫୪, ମିଚେଲ ମାର୍ଶ-୪୫, ମାର୍କ୍ସ ଷ୍ଟୋଇନିସ-୨୫, ନବୀନ ଉଲ ହକ୍-୩/୨୨, ଫଜହଲକ୍ ଫାରୁକି-୨/୨୯, ରଶିଦ୍ ଖାନ୍-୧/୨୯)। ଆଫଗାନିସ୍ତାନ ୨୦ ଓଭରରେ ୧୬୪/୭ (ରଶିଦ୍ ଖାନ-୪୮*, ଗୁଲବାଦିନ ନାଏବ-୩୯, ରହମାନଉଲ୍ଲା ଗୁରବାଜ-୩୦, ଆଡାମ ଜାମ୍ପା-୨/୨୨, ଜୋଶ ହାଜେଲଉଡ୍-୨/୩୩, କେନ୍ ରିଚାର୍ଡସନ୍-୧/୪୮)।

## ଟି୨୦ କ୍ରିକେଟ ବିଶ୍ୱକପ୍ ପଏଣ୍ଟ ତାଲିକା (ସୁପର-୧୨)

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବିନା ଫଳାଫଳ | ପଏଣ୍ଟ | ରନହାର |
|---|---|---|---|---|---|---|
| ଗ୍ରୁପ୍ 'ଏ' | | | | | | |
| ନ୍ୟୁଜିଲାଣ୍ଡ | ୫ | ୩ | ୧ | ୧ | ୭ | +୨.୧୧୩ |
| ଅଷ୍ଟ୍ରେଲିଆ | ୫ | ୩ | ୧ | ୧ | ୭ | -୦.୧୭୩ |
| ଇଂଲଣ୍ଡ | ୪ | ୨ | ୧ | ୧ | ୫ | +୦.୫୪୭ |
| ଶ୍ରୀଲଙ୍କା | ୪ | ୨ | ୨ | ୦ | ୪ | -୦.୪୫୭ |
| ଆୟର୍ଲାଣ୍ଡ | ୫ | ୧ | ୩ | ୧ | ୩ | -୧.୬୧୫ |
| ଆଫଗାନିସ୍ତାନ | ୫ | ୦ | ୩ | ୨ | ୨ | -୦.୫୭୧ |
| ଗ୍ରୁପ୍ 'ବି' | | | | | | |
| ଭାରତ | ୪ | ୩ | ୧ | ୦ | ୬ | +୦.୭୩୦ |
| ଦ. ଆଫ୍ରିକା | ୪ | ୨ | ୧ | ୧ | ୫ | +୧.୪୪୧ |
| ପାକିସ୍ତାନ | ୪ | ୨ | ୨ | ୦ | ୪ | +୧.୧୧୭ |
| ବାଂଲାଦେଶ | ୪ | ୨ | ୨ | ୦ | ୪ | -୧.୨୭୬ |
| ଜିମ୍ବାୱେ | ୪ | ୧ | ୨ | ୧ | ୩ | -୦.୩୧୩ |
| ନେଦରଲାଣ୍ଡସ୍ | ୪ | ୧ | ୩ | ୦ | ୨ | -୧.୨୩୩ |

# ଅଧିନାୟକ ପଦରୁ ଇସ୍ତଫା ଦେଲେ ନବି

**ଆଡିଲେଡ୍, ୪।୧୧ :** ମହମ୍ମଦ ନବି ଆଫଗାନିସ୍ତାନ କ୍ରିକେଟ ଦଳର ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି। ଟି୨୦ ବିଶ୍ୱକପ୍ ପାଇଁ ଦଳର ପ୍ରସ୍ତୁତିରେ ନୈରାଶ୍ୟ ଏବଂ ଚୟନକର୍ତ୍ତା ଓ ମ୍ୟାନେଜମେଣ୍ଟ ସହ ମତଭେଦ ଦର୍ଶାଇ ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ଶୁକ୍ରବାର ଆଡିଲେଡ୍‌ରେ ଅଷ୍ଟ୍ରେଲିଆଠାରୁ ଆଫଗାନିସ୍ତାନ ଅଳ୍ପକେ ହାରିଯାଇଥିଲା। ଚଳିତ ବିଶ୍ୱକପ୍‌ରେ ଏହି ଦଳ ୩ଟି ମ୍ୟାଚରେ ପରାଜିତ ହୋଇଥିବା ବେଳେ ଏହାର ଅନ୍ୟ ୨ଟି ମ୍ୟାଚ ବିନା ଫଳାଫଳରେ ଶେଷ ହୋଇଥିଲା। ଫଳରେ ଆଫଗାନିସ୍ତାନ ଏକମାତ୍ର ଦଳ ଗୋଟିଏ ହେଲେ ମ୍ୟାଚରେ ବିଜୟ ହାସଲ ନ କରିପାରି ବିଦାୟ ନେଇଛି। ସୂଚନାଯୋଗ୍ୟ, ରଶିଦ ଖାଁଙ୍କ ଇସ୍ତଫା ପରେ ୩୭ ବର୍ଷୀୟ ନବି ୟୁଏଇରେ ଟି୨୦ ବିଶ୍ୱକପ୍ ୨୦୨୧ ପୂର୍ବରୁ ଅଧିନାୟକ ଦାୟିତ୍ୱ ଗ୍ରହଣ କରିଥିଲେ। ରଶିଦ ୨୦୧୦ରେ ବ୍ୟାଟର ନାରୋଜ ମଙ୍ଗଲଙ୍କ ସ୍ଥାନରେ ଅଧିନାୟକ ଦାୟିତ୍ୱ ଗ୍ରହଣ କରିଥିଲେ। କିନ୍ତୁ ସେ ଦାୟିତ୍ୱ ଗ୍ରହଣ କରିବାର ଅଧଘଣ୍ଟା ନ ପୂରୁଣୁ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ୨୦୨୧ ଇଭେଣ୍ଟ ପାଇଁ ଦଳ ମନୋନୟନ ବେଳେ ଚୟନକର୍ତ୍ତାମାନେ ତାଙ୍କର ମତାମତ ନେଇ ନ ଥିବା ସେ କହିଥିଲେ। ନବି ୨୩ଟି ମ୍ୟାଚରେ ଅଧିନାୟକତ୍ୱ କରିଛନ୍ତି। ତାଙ୍କ ଅଧୀନରେ ଦଳ ୧୦ ବିଜୟ ଓ ୧୩ ପରାଜୟ ବରଣ କରିଛି। ଟି୨୦ ବିଶ୍ୱକପ୍ ପୂର୍ବରୁ ଅନୁଷ୍ଠିତ ଏସିଆ କପ ସୁପର-୪ ପର୍ଯ୍ୟାୟରେ ସମସ୍ତ ତିନୋଟି ମ୍ୟାଚରେ ପରାଜିତ ହୋଇଥିଲା। ନବି ତାଙ୍କ ଟୁଇଟର ଆକାଉଣ୍ଟରେ ପୋଷ୍ଟ କରି ଲେଖିଛନ୍ତି ଯେ, ଆମର ଟି୨୦ ବିଶ୍ୱକପ୍ ଅଭିଯାନ ଶେଷ ହୋଇଛି। ଆମ ପ୍ରଦର୍ଶନ ସମର୍ଥକଙ୍କୁ ନିରାଶ କରିଛି।



ମହମ୍ମଦ ନବି

# ରିଜର୍ଭ ଡେ ନିୟମରେ ପରିବର୍ତ୍ତନ

**ଦୁବାଇ,୪।୧୧:** ଆଇସିସି ପକ୍ଷରୁ ଏହାର ରିଜର୍ଭ ଡେ ନିୟମରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ କେବଳ ଫାଇନାଲ ମ୍ୟାଚ ପାଇଁ ରିଜର୍ଭ ଡେ'ର ବ୍ୟବସ୍ଥା ରହିଥିବା ବେଳେ ଚଳିତ ବିଶ୍ୱକପ୍‌ରେ ପ୍ଲେ ଅଫ୍ ବା ସେମିଫାଇନାଲ ମ୍ୟାଚ ପାଇଁ ରିଜର୍ଭ ଡେ'ର ବ୍ୟବସ୍ଥା ରହିଛି। ଦୁଇଟି ଯାକ ସେମିଫାଇନାଲ ପାଇଁ ରିଜର୍ଭ ଡେ'ର ବ୍ୟବସ୍ଥା ରହିବ। ନଭେମ୍ବର ୯ ଓ ୧୦ରେ ଯଥାକ୍ରମେ ସିଡ୍‌ନୀ ଓ ଆଡିଲେଡ ଓଭାଲରେ ଦୁଇଟି ଯାକ ସେମିଫାଇନାଲ ଖେଳାଯିବ। ୧୩ ତାରିଖରେ ଏମ୍‌ସିଜିରେ ଫାଇନାଲ ମ୍ୟାଚ ଖେଳାଯିବ। ଯଦି ସେମିଫାଇନାଲରେ ଦୁଇଟି ଯାକ ଦଳ ଅନ୍ୟୂନ ୧୦ ଓଭର ଲେଖାଏ ଖେଳି ନ ଥିବେ ତେବେ ମ୍ୟାଚ ରିଜର୍ଭ ଡେ'ରେ ଖେଳାଯିବ। ଏହା ସମ୍ଭବ ନ ହେଲେ ରନ ରେଟ୍ ଆଧାରରେ ବିଜେତା ଘୋଷଣା କରାଯିବ। ଅନ୍ୟପକ୍ଷରେ ଫାଇନାଲ ମ୍ୟାଚରେ ଯଦି ସମାନ ପରିସ୍ଥିତି ସୃଷ୍ଟି ହୁଏ ତେବେ ଉଭୟ ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯିବ। ୨୦୦୨ ଚାମ୍ପିୟନ୍ସ ଟ୍ରଫିରେ ସମାନ କାରଣରୁ ଭାରତ ଓ ଶ୍ରୀଲଙ୍କାକୁ ଯୁଗ୍ମବିଜେତା ଘୋଷଣା କରାଯାଇଥିଲା।



ସିପିଏଲ୍ ଜର୍ସି ଉନ୍ମୋଚନ କରୁଛନ୍ତି ଫ୍ରାଞ୍ଚାଇଜ ମାଲିକ ଓ ପ୍ରତିନିଧିମାନେ।

# ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଧୋନି

ଚେନ୍ନାଇ,୪।୧୧(ପି.ଟି.)

**୧୦୦ କୋଟିର ମାନହାନି ମକଦ୍ଦମା**

ଆଇପିଏସ୍ ଅଫିସର ଜି. ସମ୍ପତ କୁମାରଙ୍କ ବିରୋଧରେ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନି। ମ୍ୟାଚ ଫିକ୍ସିଂ ମାମଲାରେ ବିବାଦୀୟ ବୟାନ ଏବଂ କୋର୍ଟଙ୍କ ଅବମାନନାକୁ ନେଇ ଧୋନି କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୦୧୪ରେ ଧୋନିଙ୍କ ନାମରେ ମ୍ୟାଚ ଫିକ୍ସିଂ ଅଭିଯୋଗ ଆଣିଥିଲେ ତତ୍କାଳୀନ ଆଇଜି ଜି ସମ୍ପତ କୁମାର। ଏହାପରେ ସମାନ ବର୍ଷ ଧୋନି ତାଙ୍କ ବିରୋଧରେ ୧୦୦ କୋଟି ଟଙ୍କାର ମାନହାନି ମକଦ୍ଦମା କରିଥିଲେ। ଏହି ମାମଲାରେ ସମ୍ପତ କୁମାରଙ୍କୁ କୋର୍ଟ ଚେତାବନୀ ଦେଇଥିଲେ। ମାମଲାର ଶୁଣାଣି ଶେଷ ନ ହେବା ଯାଏ ଧୋନିଙ୍କ ବିରୋଧରେ କୌଣସି ବୟାନ ନ ଦେବା ପାଇଁ କୋର୍ଟ ସମ୍ପତଙ୍କୁ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ମାର୍ଚ୍ଚ ୧୮, ୨୦୧୪ରେ ମାଡ୍ରାସ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସମ୍ପତ ୨୦୨୧ ଡିସେମ୍ବରରେ ଏକ ସତ୍ୟପାଠ ଦାଖଲ କରିଥିଲେ। ସୁପ୍ରିମକୋର୍ଟରେ ଦାଖଲ ସତ୍ୟପାଠରେ ସେ ଧୋନୀଙ୍କ ବିରୋଧରେ ମତ ରଖିଥିଲେ। ଏହା ସହିତ ଧୋନି ପୁନର୍ବାର ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହିତ ପୁନର୍ବାର ମାମଲା ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ୨୦୧୪ ଅନ୍ତରୀଣ ନିର୍ଦ୍ଦେଶର ଉଲ୍ଲଂଘନ ଦ୍ୱାରା କୋର୍ଟଙ୍କ ଅସମ୍ମାନ ହୋଇଥିବା ନେଇ ମଧ୍ୟ ଧୋନି ତାଙ୍କ ଆବେଦନରେ ଉଲ୍ଲେଖ କରିଛନ୍ତି।

# ନିର୍ଦ୍ଧାରିତ ସମୟରେ କାମ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୪।୧୧(ବ୍ୟୁରୋ)

**ହକି ବିଶ୍ୱକପ୍ ପ୍ରାକ୍ ପ୍ରସ୍ତୁତି ସମୀକ୍ଷା**

ଆସନ୍ତା ବର୍ଷ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହି ସମୟରେ ଉଭୟ ସହରକୁ ଉତ୍ସବମୁଖର କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଦୂଷଣ ହ୍ରାସ କରିବା ସହ ସବୁଜିମା ବୃଦ୍ଧି କରିବାକୁ ଉଦ୍ୟମ ଜାରି ରହିଛି। ଡିସେମ୍ବର ସୁଦ୍ଧା ରାଉରକେଲାରୁ ବ୍ୟବସାୟିକ ବିମାନ ଉଡ଼ାଣ ଆରମ୍ଭ ହେବ। ପୁରୁଷ ହକି ବିଶ୍ୱକପ୍ ପାଇଁ ଟିମ୍‌ଗୁଡ଼ିକୁ ଭୁବନେଶ୍ୱର ଓ ରାଉରକେଲା ଆଦି ଦୁଇଟି ସ୍ଥାନକୁ ନେବା ପାଇଁ ଚାର୍ଟର ଫ୍ଲାଇଟ ବ୍ୟବସ୍ଥା କରାଯାଇଛି। ଏଥିସହିତ ଖେଳାଳିମାନଙ୍କୁ ନେବା ଆଣିବା କରିବାକୁ ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା କରାଯାଇଛି। ହକି ମହାକୁମ୍ଭ ପୂର୍ବରୁ ଶୁକ୍ରବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆୟୋଜକ କମିଟି (ଅର୍ଗାନାଇଜିଂ କମିଟି) ବୈଠକରେ ଭୁବନେଶ୍ୱର ଏବଂ ରାଉରକେଲାର କ୍ରୀଡ଼ା ଭିତ୍ତିଭୂମି ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ସମୀକ୍ଷା କରାଯାଇଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ବିଭାଗଗୁଡ଼ିକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଯୋଗାଯୋଗ, ଅତିଥି ସତ୍କାର ସହ ରାଜ୍ୟର ପର୍ଯ୍ୟଟନ ବିଭାଗ ଦ୍ୱାରା ଐତିହ୍ୟ ଓ ସଂସ୍କୃତିକୁ କିପରି ରାଜ୍ୟର ଶୋ'କେସ ଭାବେ ଉପସ୍ଥାପନ କରାଯାଇ ପାରିବ ସେ ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଦର୍ଶକମାନଙ୍କୁ ଆକୃଷ୍ଟ କରିବା ସହ ସେମାନଙ୍କ ମନରେ ଓଡ଼ିଶା ପର୍ଯ୍ୟଟନର ଏକ ସ୍ୱତନ୍ତ୍ର ଛାପ ଛାଡ଼ିବା ପାଇଁ ପର୍ଯ୍ୟଟନ ବିଭାଗ କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ସମୟରେ ସ୍କୁଲ ପିଲାଙ୍କୁ ନେଇ ଜିଲାସ୍ତରରେ ବିଭିନ୍ନ ଖେଳର ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ବିଶ୍ୱକପ୍ ସମୟରେ ଭୁବନେଶ୍ୱର ଓ ରାଉରକେଲା ସହରକୁ ଉତ୍ସବମୁଖର କରିବା ସହ ସୁରକ୍ଷା, ସୌନ୍ଦର୍ଯ୍ୟକରଣ, ପ୍ରଦୂଷଣ ହ୍ରାସ ଆଦି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଦୁଇଟି ସ୍ଥାନରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର୍. ଭିନିଲ କ୍ରିଷ୍ଣା ବୈଠକରେ ସୂଚନା ଦେଇଥିଲେ। ଯଥାସମ୍ଭବ ଉଭୟ ସହରକୁ ସବୁଜିମା କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ଏହି ବୈଠକରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

# ସିପିଏଲ୍ ଜର୍ସି ଉନ୍ମୋଚିତ

**ଭୁବନେଶ୍ୱର, ୪।୧୧ (କ୍ରୀଡ଼ା ପ୍ରତିନିଧି):** କର୍ପୋରେଟ ପ୍ରିମିୟର ଲିଗ୍ (ସିପିଏଲ୍)ର ୫ମ ସଂସ୍କରଣ ଚଳିତ ମାସ ୫ରୁ ଆରମ୍ଭ ହେବ। କର୍ପୋରେଟ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ଫ୍ରାଞ୍ଚାଇଜ୍ ଭିତ୍ତିକ ୮ଟି ଦଳ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଦଳ ଗୁଡ଼ିକ ହେଲେ ରୟାଲ ରେଞ୍ଜର୍ସ, ସ୍ମାସର୍ସ, ରୟାଲ କ୍ରିକେଟିଂ ଡେୟାରଡେଭିଲ୍ସ, ସର୍ଜିକାଲ ଷ୍ଟ୍ରାଇକର୍ସ, ସ୍ମାର୍ଟନ୍ସ ଏକାଦଶ, ଭିଷ୍ଟେଜ ଟାଇରାଣ୍ଟ୍ସ, ମୋମେଣ୍ଟମ ଓ ସେଫ୍ ରିସ୍କ ୱାରିୟର୍ସ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧.୧୫ ଲକ୍ଷ ଏବଂ ରନରଅପ୍ ଦଳକୁ ୮୫ ହଜାର ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସିପିଏଲ୍ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏହି ଅବସରରେ ୮ ଦଳର ମାଲିକ ଓ ପ୍ରତିନିଧିଙ୍କ ଉପସ୍ଥିତିରେ ଜର୍ସି ଉନ୍ମୋଚନ କରାଯାଇଥିଲା।

# ଭାରତ ପୁରୁଷ ଦଳ ପ୍ରଥମ ଥର ଜିତିଲା ସ୍ୱର୍ଣ୍ଣ

ଚେଅଙ୍ଗଜୁ (ଦକ୍ଷିଣ କୋରିଆ), ୪।୧୧(ପି.ଟି.)

ଏସିଆନ ସ୍କ୍ୱାଶ ଟିମ୍ ଚାମ୍ପିୟନଶିପ୍‌ରେ ସୌରଭ ଘୋଷାଲଙ୍କ ନେତୃତ୍ୱରେ ଭାରତୀୟ ପୁରୁଷ ଦଳ ପ୍ରଥମ ଥର ସ୍ୱର୍ଣ୍ଣ ଜିତିବାରେ ସଫଳ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଦଳ ୨-୦ରେ କୁଏଟକୁ ପରାସ୍ତ କରିଛି। ରମିତ ଟଣ୍ଡନ ୧୧-୫, ୧୧-୭, ୧୧-୪ରେ ଅଲି ଆରାମେଜିଙ୍କୁ ପରାସ୍ତ କରି ଭାରତକୁ ଅଗ୍ରଣୀ କରାଇଥିଲେ। ପରେ ଘୋସାଲ ୧୧-୯, ୧୧-୨, ୧୧-୩ରେ ହରାଇ ଦେଇଥିଲେ। ଭାରତ ୨-୦ରେ ଅଗ୍ରଣୀ ଲାଭ କରିବା ଦ୍ୱାରା ଆଗୁଆ ମୁକାବିଲା ଜିତିନେଇଥିଲା। ଫଳରେ ଅଭୟ ସିଂ ଓ ଫାଲା ମହମ୍ମଦଙ୍କ ମଧ୍ୟରେ ତୃତୀୟ ମ୍ୟାଚର ଆବଶ୍ୟକ ପଡ଼ି ନ ଥିଲା। ପ୍ରଥମ ଦୁଇଟି ମ୍ୟାଚ ୧-୧ ସ୍ତରରେ ରହିଥିଲେ ନିର୍ଣ୍ଣାୟକ ତୃତୀୟ ମ୍ୟାଚ ଖେଳାଯାଇଥାନ୍ତା। ପୂର୍ବରୁ ଦୁଇଥର ରୌପ୍ୟ ପଦକ ଲାଭ କରିଥିବା ଭାରତୀୟ ପୁରୁଷ ଦଳ ଏଠାରେ ଟପ୍ ସିଡ୍ ମାନ୍ୟତା ପାଇଥିଲା। ଦଳ ପ୍ରଭାବୀ ପ୍ରଦର୍ଶନ ସହ ପୁଲ୍ ଏ'ରେ ସମସ୍ତ ମ୍ୟାଚରେ ବିଜୟ ଲାଭ କରି ଶୀର୍ଷରେ ରହିଥିଲା। ଦଳ କାତାର, ପାକିସ୍ତାନ, କୁଏଟ୍, ଦକ୍ଷିଣ କୋରିଆ ବିପକ୍ଷରେ ବିଜୟ ହାସଲ କରିବା ସହ ଚାଇନିଜ ତାଇପେକୁ ୩-୦ରେ ପରାସ୍ତ କରିଥିଲା। ପରେ ମାଲେସିଆକୁ ୨-୧ରେ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଭାରତୀୟ ମହିଳା ଦଳ ପୁଲ୍ 'ବି'ରେ ଦୁଇ ବିଜୟ ଓ ଗୋଟିଏ ପରାଜୟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଦଳ ଇରାନ ଓ ସିଙ୍ଗାପୁରକୁ ସମାନ ୩-୦ ବ୍ୟବଧାନରେ ପରାସ୍ତ କରିଥିବା ବେଳେ ହଂକଂଠାରୁ ୦-୩ରେ ହାରିଯାଇଥିଲା।



# ୨୧ ଦିନର ଝିଅ ପେଟରେ ୮ ଭ୍ରୂଣ

## ବିଶ୍ୱରେ ପ୍ରଥମ ଘଟଣା କହିଲେ ଡାକ୍ତର

ରାଞ୍ଚି



ରାଞ୍ଚିର ଘରୋଇ ଡାକ୍ତରଖାନାରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ୨୧ ଦିନର ଗୋଟିଏ ଶିଶୁ ପେଟରୁ ୮ଟି ଭ୍ରୂଣ ମିଳିଛି। ତେବେ ବିଶ୍ୱରେ ଏଭଳି ଘଟଣା ଦେଖାଯିବା ପଥମ ବୋଲି ଡାକ୍ତର କହିଛନ୍ତି। ଝାଡ଼ଖଣ୍ଡର ରାମଗଡ଼ ଜିଲାର ଏକ ଘରୋଇ ଡାକ୍ତରଖାନାରେ ଅକ୍ଟୋବର ୧୦ରେ ଏହି କନ୍ୟାଶିଶୁ ଜନ୍ମ ହୋଇଥିଲା। ସିଟିସ୍କାନରୁ ଜଣାପଡ଼ିଥିଲା ଯେ, ଶିଶୁଙ୍କ ପେଟରେ ଟ୍ୟୁମର ରହିଛି। ଚିକିତ୍ସା ପାଇଁ ଶିଶୁଙ୍କୁ ରାଞ୍ଚିର ଆଉ ଏକ ହସ୍ପିଟାଲକୁ ଟ୍ରାନ୍ସଫର କରାଯାଇଥିଲା। ଶିଶୁଟିର ଆବଶ୍ୟକ ପରୀକ୍ଷାନିରୀକ୍ଷା କରାଯିବାପରେ ତା' ପେଟରେ ୮ଟି ଭ୍ରୂଣ ଥିବା ଜଣାପଡ଼ିଥିଲା। ତେବେ ଏହା ଏକ ରେୟାର୍ କଣ୍ଡିଶନ୍ ହୋଇଥିବା ଡାକ୍ତର କହିଥିଲେ। ଏକାଧିକ କୋଷିକା ଏକାଠି ହୋଇ ଭ୍ରୂଣ ଆକାରରେ ଯମଜ ଭାବେ ଶିଶୁ ପେଟରେ ରହିଥାନ୍ତି।

ବିଶ୍ୱରେ ୧୦ ଲକ୍ଷ ଶିଶୁଙ୍କ ମଧ୍ୟରୁ ଜଣେଶିଶୁଠାରେଏପ୍ରକାରବିରଳଦୃଷ୍ଟାନ୍ତ ଦେଖାଯାଇଥିବା ଡାକ୍ତର କହିଛନ୍ତି। ଅବଶ୍ୟକସ୍ଥଳେ ଶିଶୁଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ଏହାପରେ ତାଙ୍କ ପେଟରୁ ୮ଟି ଭ୍ରୂଣ ମିଳିଥିଲା।

# ଅପସ୍ମାର ସମ୍ପର୍କରେ ସଚେତନ କରୁଛନ୍ତି ଫାତିମା

ମୁମ୍ବାଇ

ହିନ୍ଦୀ ଚଳଚ୍ଚିତ୍ର 'ଦଙ୍ଗଲ'ରୁ ବଲିଉଡ୍ ଡେବ୍ୟୁ କରିଥିବ ଅଭିନେତ୍ରୀ ଫାତିମା ସାନା ଶେଖ୍ ଏପିଲେପ୍ସି ବା ଅପସ୍ମାର ରୋଗକୁ ଲୋକଙ୍କୁ ସଚେତନ କରୁଛନ୍ତି। ନାୟିକା ଜଣକ ନିକଟରେ ଇନଷ୍ଟାଗ୍ରାମ୍‌ରେ ନିଜର ଏକ ଫଟୋ ଶେୟାର କରିବା ସହ ଅଧିକାଂଶ ଲୋକଙ୍କଠାରେ ଦେଖାଯାଉଥିବା ବିରଳ ନ୍ୟୁରୋ ଡିଜିଜ୍ (ଏପିଲେପ୍ସି) ବିଷୟରେ ଲୋକଙ୍କୁ ସଚେତନ କରିବା ଆରମ୍ଭ କରିଛନ୍ତି। ପ୍ରତି ୨୬ ଜଣଙ୍କ ମଧ୍ୟରୁ ଜଣଙ୍କଠାରେ ଏହି ରୋଗ ଦେଖାଯାଏ। ଏହ ରୋଗ ମୁଖ୍ୟତଃ ୪ ପ୍ରକାରର ହୋଇଥାଏ ବୋଲି ଫାତିମା କ୍ୟାପ୍ସନ୍‌ରେ ଲେଖିଛନ୍ତି। ଯଦି କୌଣସି ବ୍ୟକ୍ତି ଏଭଳି ଲକ୍ଷଣ କିମ୍ବା ଏହି ରୋଗ ଦେଇ ଗତି କରୁଛନ୍ତି ସେମାନେ ନିଜ ଅଭିଜ୍ଞତା ଶେୟାର କରିବା ପାଇଁ ଫାତିମା କହିଛନ୍ତି। ନିଜର ଅପ୍‌କମିଂ ଫିଲ୍ମ 'ସାମ୍ ବାହାଦୁର' ନିର୍ମାଣରେ ଏବେ ଫାତିମା ବ୍ୟସ୍ତ ଥିବାବେଳେ ଏଥିରେ ସେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଚରିତ୍ରରେ ନଜରକୁ ଆସିବେ।



# ବିଶ୍ୱ ସୁନାମି ସଚେତନତା ଦିବସ

୨୦୦୪ରେ ଭାରତ ମହାସାଗରରେ ସୃଷ୍ଟି ହୋଇଥିବା ସୁନାମିରେ ପାଖାପାଖି ୧୪ ଦେଶ କ୍ଷତିଗ୍ରସ୍ତ ହୋଇଥିଲା। ଶ୍ରୀଲଙ୍କା, ଭାରତ, ଇଣ୍ଡୋନେସିଆ ଏବଂ ଥାଇଲାଣ୍ଡର ପାଖାପାଖି ୨,୨୭,୦୦୦ ଲୋକଙ୍କ ଜୀବନ ଚାଲିଯାଇଥିଲା। ଏହାର କିଛିବର୍ଷ ପରେ ସୁନାମି ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଶ୍ୱବ୍ୟାପୀ ସୁନାମି ସଚେତନତା ଦିବସ ପାଳନ ଅରମ୍ଭ ହୋଇଥିଲା। ୨୦୧୫ ଡିସେମ୍ବରରେ ଜାତିସଂଘ ସାଧାରଣ ସଭାରେ ଏ ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରତିବର୍ଷ ନଭେମ୍ବର ୫ରେ ଏହି ଦିବସ ପାଳନ କରାଯାଉଛି।



# ହସ୍ପିଟାଲରେ ୧୩୨ ବର୍ଷର ଟନେଲ



ମୁମ୍ବାଇ

ମୁମ୍ବାଇର ସରକାରୀ ଡାକ୍ତରଖାନା ଜେ.ଜେ. ହସ୍ପିଟାଲରୁ ବ୍ରିଟିଶ ଅମଳର ଏକ ଟନେଲ ଠାବ ହୋଇଛି। ଟନେଲ୍‌ଟି ପାଖାପାଖି ୧୩୨ ବର୍ଷ ପୁରୁଣା ହୋଇଥିବାବେଳେ ଏହାର ଲମ୍ୱ ୨୦୦ ମିଟର ବୋଲି କୁହାଯାଉଛି। ଡାକ୍ତରଖାନାର ମେଡିକାଲ ୱାର୍ଡରୁ ଏହି ଟନେଲକୁ ଠାବ କରାଯାଇଛି। ୧୮୯୦ରେ ଏହାକୁ ନିର୍ମାଣ କରାଯାଇଥିବା ଜଣାପଡ଼ିଛି। ହସ୍ପିଟାଲରେ ଥିବା ନର୍ସିଂ କଲେଜରେ ୱାଟର ଲକେଜ୍ ଅସୁବିଧା ବହୁ ଦିନ ଧରି ଲାଗି ରହିଥିବାରୁ ପିଲାମାନେ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ୱାଟର ଲିକେଜ୍‌ର କାରଣ ଖୋଜି ବାହାର କରିବା ସମୟରେ ଡାକ୍ତରଖାନାର ମେଡିକାଲ ୱାର୍ଡରୁ ଟନେଲ ଥିବା ପିଡବ୍ଲ୍ୟୁଡି ଇଞ୍ଜିନିୟର ଏବଂ ସିକ୍ୟୁରିଟି ଗାର୍ଡ ପ୍ରଥମେ ଜାଣିବାକୁ ପାଇଥିଲେ। ଟନେଲ ଭିତରେ ବେସ୍‌ମେଣ୍ଟ ଥିବା କୁହାଯାଉଛି।

୧୮୪୩ ମାର୍ଚ୍ଚ ୩୦ରେ ଜେ.ଜେ. ମେଡିକାଲ କଲେଜର ଶିଳାନ୍ୟାସ କରାଯାଇଥିଲା। ଦକ୍ଷିଣ ଏସିଆରେ ଏହା ସବୁଠାରୁ ପୁରୁଣା ମେଡିକାଲ କଲେଜର ଆଖ୍ୟା ପାଇଛି। ଟନେଲ ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ଜିଲାପାଳଙ୍କ ନିକଟକୁ ପଠାଯାଇଥିବାବେଳେ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଏକ ସ୍ୱତନ୍ତ୍ର ଟିମ୍ ଟନେଲକୁ ନେଇ ଆଗାମୀ ଗବେଷଣା ଆରମ୍ଭ କରିବେ ବୋଲି ସୂଚନା ଦିଆଯାଇଛି।

## ରାଜ୍ୟ ଖବର

# ଫସଲ ବୀମାରାଶି ଦାବିରେ ଜିଲାପାଳ ଅଟକ

ଦେବଗଡ଼, ୪।୧୧(ଡି.ଏନ୍.ଏ.)

ବାରମ୍ବାର ଦାବି, ଆନ୍ଦୋଳନ ସତ୍ତ୍ୱେ ଫସଲ ବୀମା ରାଶି ମିଳୁନାହିଁ। ଫଳରେ ଚାଷୀମାନେ ତାତିଛନ୍ତି। ଦେବଗଡ଼ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଫସଲ ବୀମା ରାଶି ପ୍ରଦାନ ଦାବିରେ ଶୁକ୍ରବାର ପୁଣି ଆନ୍ଦୋଳନ କରାଯାଇଛି। ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ରମ ଓ ସମ୍ପାଦକ ଗୁଣନିଧି ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ଗୋପାଳ ଜୀ ମନ୍ଦିରରୁ ଶୋଭାଯାତ୍ରାରେ ଶତାଧିକ ଚାଷୀ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମୟରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଗାଡ଼ି ଅଟକାଇ କୃଷକ ସଂଘ ସହ ଆଲୋଚନା ପାଇଁ ବାଧ କରିଥିବା ଦେଖିବାକୁ ମିଳିଥିଲା। ଫଳରେ ମଧ୍ୟାହ୍ନଭୋଜନ ପାଇଁ ସରକାରୀ ବାସଭବନକୁ ବାହାରିଥିବା ଜିଲାପାଳ ପୁଣିଥରେ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠକୁ ଫେରି ଚାଷୀନେତା, ବୀମା କମ୍ପାନୀ ଓ କୃଷି ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାବେଳେ ଜିଲାର ଚାଷୀଙ୍କୁ ଫସଲ ବୀମା ରାଶି ପ୍ରଦାନ ପାଇଁ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ଅବଗତ କରିବା ସହ ରାଜ୍ୟ ସରକାର ଏସମ୍ପର୍କରେ କେନ୍ଦ୍ରକୁ ବାରମ୍ବାର ପତ୍ର ଲେଖୁଥିଲେ ମଧ୍ୟ କୌଣସି ଉତ୍ତର ଆସୁନାହିଁ। ଫଳରେ ଜିଲା ପ୍ରଶାସନ ଉପାୟ ଶୂନ୍ୟଥିବା ବୁଝାଇଥିଲେ। ଏହାସହ ଚାଷୀଙ୍କ କ୍ଷତିପୂରଣ ପାଇଁ ଜିଲା ପ୍ରଶାସନ ବାରମ୍ବାର ପତ୍ର ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାର ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ବୀମା କମ୍ପାନୀ ଏଚ୍‌ଡିଏଫସି ଏଗ୍ରୋ ବିରୋଧରେ ବୀମା ରାଶିରୁ ବଞ୍ଚିତ ଚାଷୀମାନେ କୃଷକ ସଂଘର୍ଷ ସଂଘ ଜରିଆରେ ଦେବଗଡ଼ ଥାନାରେ ବୀମା ଅର୍ଥ ହଡ଼ପ ନେଇ ଏକ ଏତଲା ପ୍ରଦାନ କରିବେ ବୋଲି ଜଣାପଡ଼ିଛି।




ଚାଷୀମାନେ ଜିଲାପାଳଙ୍କ ଗାଡ଼ି ଅଟକାଉଛନ୍ତି।

# ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପିଟିଲେ

## କଙ୍ଗାରୁ କୋର୍ଟର ଭିଡିଓ ଭାଇରାଲ

ବାରିପଦା ଅଫିସ, ୪।୧୧

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ସଚେତନତା ଅଭାବରୁ କଙ୍ଗାରୁ କୋର୍ଟ ବାରମ୍ବାର ଦେଖିବାକୁ ମିଳିଥାଏ। ଗୁଣିଗାରେଡ଼ିଠାରୁ ଆରମ୍ଭ କରି ଡାହାଣୀ ସନ୍ଦେହ ଏବଂ ପ୍ରେମଜନିତ ଘଟଣାରେ ଲୋକେ ଆଇନର ଆଶ୍ରୟ ନେବା ପରିବର୍ତ୍ତେ ଗ୍ରାମରେ କଙ୍ଗାରୁ କୋର୍ଟ ବସାଇ ଅକଥନୀୟ ଅତ୍ୟାଚାର କରିବା ନଜିର ରହିଛି। ଏଭଳି ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏକ ବିଦ୍ୟୁତ୍ ଖୁଣ୍ଟରେ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ବାନ୍ଧି ନିସ୍ତୁକ ମାଡ଼ ମରାଯାଉଥିବାର ଦୃଶ୍ୟ ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି। ଗ୍ରାମବାସୀ ଦେଖଣାହାରୀ ସାଜିଥିବା ବେଳେ ଜଣେ ଯୁବକଏକ ବାଡ଼ିରେ ଉଭୟଙ୍କୁ ପିଟି ଚାଲିଛନ୍ତି। ମହିଳା ଜଣକ ଛଟପଟ ହୋଇ ନେହୁରା ହେଉଥିବା ବେଳେ ମାଡ଼ ମାରୁଥିବା ଯୁବକ ହିଂସ୍ର ହୋଇ ଉଠିଛନ୍ତି। ତେବେ ପ୍ରେମଜନିତ ଘଟଣାକୁ ନେଇ ଜିଲାରେ ହତ୍ୟାକାଣ୍ଡଠାରୁ ଆରମ୍ଭ ହୋଇ ଛାଡ଼ପତ୍ର ପର୍ଯ୍ୟନ୍ତ ଅନେକ ଘଟଣା ଘଟୁଛି। କଙ୍ଗାରୁ କୋର୍ଟ ମାଧ୍ୟମରେ ଏପରି ଦଣ୍ଡନୀୟ ଅପରାଧକୁ ରୋକିବାରେ ପ୍ରଶାସନ ବିଫଳ ହେଉଛି। ଭିଡିଓଟି ୪ଦିନ ଧରି ଭାଇରାଲ ହେବାରେ ଲାଗିଛି। ତେବେ କେଉଁ ଅଞ୍ଚଳର ଜଣାପଡ଼ିନାହିଁ। ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।



ଜଣେ ମହିଳା ଓ ପୁରୁଷଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରୁଛନ୍ତି ଯୁବକ।

# ମାର୍ଗଦର୍ଶିକାର ସରଳୀକରଣ ମତ୍ସ୍ୟଚାଷୀଙ୍କୁ ସୁଫଳ ପହଞ୍ଚାଇବ: ମନ୍ତ୍ରୀ

ଭୁବନେଶ୍ୱର,୪।୧୧(ବ୍ୟୁରୋ)

ରାଜ୍ୟରେ ବିପୁଳ ଜଳ ସମ୍ପଦ ଭରି ରହିଥିବାବେଳେ ମତ୍ସ୍ୟ ଉତ୍ପାଦନର ବୃଦ୍ଧି ଦିଗରେ ବ୍ୟାପକ ସୁଯୋଗ ରହିଛି। ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଯୋଜନାଗୁଡ଼ିକର ମାର୍ଗଦର୍ଶିକାର ସରଳୀକରଣ କରି ମତ୍ସ୍ୟଚାଷୀଙ୍କୁ ଏହାର ସର୍ବାଧିକ ସୁଫଳ ପହଞ୍ଚାଇବା ସହ ସେମାନଙ୍କ ଆୟ ବୃଦ୍ଧି ଉପରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି।

କୃଷି ଭବନଠାରେ ଆୟୋଜିତ ଜିଲା ମତ୍ସ୍ୟ ଅଧିକାରୀ ଓ କ୍ଷେତ୍ର ଅଧିକାରୀଙ୍କ ବୈଠକରେ ମତ୍ସ୍ୟ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ମାଛ ଉତ୍ପାଦନ ବୃଦ୍ଧି ନିମନ୍ତେ ଚାଷୀଙ୍କୁ ଆଗୁଆ ମାଛ ଯାଆଁଳ ଉତ୍ପାଦନ ଓ ଯୋଗାଣକୁ ବିଭାଗ ପକ୍ଷରୁ ଅଗ୍ରାଧିକାର ଦିଆଯାଉଛି। ୨୦୨୨ରେ ଧାର୍ଯ୍ୟ ଲକ୍ଷ୍ୟ ୨୦୯ କୋଟି ମାଛ ଯାଆଁଳ ଉତ୍ପାଦନ ସ୍ଥଳରେ ରେକର୍ଡ ପରିମାଣର ୨୮୦ କୋଟି ମାଛ ଯାଆଁଳ ଉତ୍ପାଦିତ ହୋଇପାରିଛି। ଅଧିକ ମାଛ ଯାଆଁଳ ମତ୍ସ୍ୟ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇପାରିବ। ସେହିପରି ଉପକୂଳ ଜିଲାର ଜିଲା ମତ୍ସ୍ୟ ଅଧିକାରୀଙ୍କୁ ସେମାନଙ୍କ ଜିଲାରେ ଥିବା ଖାରିପାଣି ଅଞ୍ଚଳର ଉନ୍ନୟନ ଦିଗରେ ଦେଖାଯାଉଥିବା କ୍ଷେତ୍ରୀୟ ସମସ୍ୟା ସମ୍ପର୍କରେ ୩ ଦିନରେ ରିପୋର୍ଟ ବିଭାଗକୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପ୍ରତି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଥିବା ଗୋ–ସୁଗମ ପୋର୍ଟାଲର ଲାଭ ମତ୍ସ୍ୟଚାଷୀମାନେ ଯେପରି ସୁବିଧାରେ ପାଇପାରିବେ ସେଥିଲାଗି ପଦକ୍ଷେପ ନେବା ପାଇଁ କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ସୁରକ୍ଷା, ସହାୟତା ଦେବ ମୋବାଇଲ୍ ଆପ୍

## 'ସିକ୍ୟୁର୍ ଫିଶିଂ' ଲୋକାର୍ପିତ

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ସୁରକ୍ଷା ଯୋଗାଇ ଦେବା ସହ ବିଭିନ୍ନ କ୍ଷେତ୍ରରେ ସହାୟତା ମାଧ୍ୟମରେ ସଶକ୍ତ କରିବ ମୋବାଇଲ୍ ଆପ୍। 'ସିକ୍ୟୁର୍ ଫିଶିଂ' ନାମକ ଏହି ଆପ୍‌କୁ ଶୁକ୍ରବାର କୃଷି ଭବନଠାରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ଜୀବନଜୀବିକା ଓ ଉନ୍ନତିକୁ ରାଜ୍ୟ ସରକାର ପ୍ରାଥମିକତା ଦେଇଛନ୍ତି। ବିଭାଗ ପକ୍ଷରୁ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ସହାୟତାରେ ଏହି ଆପ୍‌କୁ ପ୍ରସ୍ତୁତ କରାଯାଇଛି। ଏହା ମାଧ୍ୟମରେ ମତ୍ସ୍ୟଜୀବୀମାନେ ଗଭୀର ସମୁଦ୍ରରେ ମାଛଗୁଡ଼ିକୁ ସହଜରେ ଠାବ କରିବା ପାଇଁ ସୂଚନା ପାଇପାରିବେ। ମତ୍ସ୍ୟଜୀବୀଙ୍କୁ ମାଛ ଧରିବା କ୍ଷେତ୍ରରେ ନିୟନ୍ତ୍ରଣ ଓ ଆନୁଷଙ୍ଗିକ ବିଷୟରେ ନିର୍ଦ୍ଦେଶାବଳୀ ପ୍ରଦାନ କରିବାର ସୁବିଧା ଏହି ଆପ୍‌ରେ ରହିଛି। ଏଥିସହ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସେମାନେ ଅବଗତ ହୋଇପାରିବେ। ଆପ୍‌ରେ ଥିବା ଅତିରିକ୍ତ ସୁବିଧାରେ ମତ୍ସ୍ୟଜୀବୀମାନେ ମତ୍ସ୍ୟ ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରି ଆବଶ୍ୟକ ତଥ୍ୟ ମଧ୍ୟ ହାସଲ କରିପାରିବେ। ଆପ୍ ଦ୍ୱାରା ଓଡ଼ିଶାର ଆର୍ଯ୍ୟାପଲ୍ଲୀଠାରୁ ଆରମ୍ଭ କରି ଚୂଡ଼ାମଣି ପର୍ଯ୍ୟନ୍ତ ଦୀର୍ଘ ୪୮୦ କିମି ଉପକୂଳରେ ଥିବା ସାମୁଦ୍ରିକ ମତ୍ସ୍ୟଜୀବୀମାନେ ବହୁଳ ଭାବରେ ଉପକୃତ ହେବେ। ତେଣୁ 'ସିକ୍ୟୁର ଫିଶିଂ' ବ୍ୟବହାର ସମ୍ପର୍କରେ ମତ୍ସ୍ୟଜୀବୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉପରେ ମନ୍ତ୍ରୀ କ୍ଷେତ୍ରୀୟ ମତ୍ସ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମତ୍ସ୍ୟ କ୍ଷେତ୍ରର ବିକାଶ ନିମନ୍ତେ ରାଜ୍ୟ ବଜେଟ୍‌ରେ ବ୍ୟୟ ଅଟକଳ ବୃଦ୍ଧି କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ।

ବିଭାଗୀୟ କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଯୋଗଦେଇ ଆପ୍‌କୁ ନିୟମିତ ଅପ୍‌ଡେଟ୍ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ଓଡ଼ିଶା ଶାଖାର ମୁଖ୍ୟ ହିମାଂଶୁ ଶେଖର ବାଲା ଏହି ଆପ୍ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ କରିବା ସହିତ ରାଜ୍ୟର ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଅଧିକ ପୁଷ୍ଟିକର ଖାଦ୍ୟ ଯୋଗାଇଦେବାରେ ସହାୟକ ହେବ ବୋଲି କହିଥିଲେ। ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଡ. ଯେଦୁଲ୍ଲା ବିଜୟଙ୍କ ସମେତ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମର ଅନ୍ୟ କର୍ମକର୍ତ୍ତା, ମତ୍ସ୍ୟ ବିଭାଗର ବରିଷ୍ଠ ଅଧିକାରୀ ଓ ସମସ୍ତ ଜିଲାର ମତ୍ସ୍ୟ ଅଧିକାରୀ ଉପସ୍ଥିତ ଥିଲେ।



କୃଷି ଭବନରେ ଶୁକ୍ରବାର 'ସିକ୍ୟୁର୍ ଫିଶିଂ' ଆପ୍ ଲୋକାର୍ପଣ ଅବସରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

# ଢୋଙ୍ଗ

## ଗଳ୍ପ
**ଶକ୍ତିପ୍ରଭା ମିଶ୍ର**

ଘର ଭିତରକୁ ପଶିବା ବେଳକୁ ଶାନ୍ତିର ଶୁଖିଲା ମୁହଁ ଦେଖି ସୁନନ୍ଦା ଜାଣିନେଲେ ଆଜି ନିଶ୍ଚୟ କିଛି ଘଟିଛି। ସବୁଥର ପରି ବାପ ତା'ର ମଦପିଇ ଘରେ ପାଟିତୁଣ୍ଡ କରିଥିବ ନଚେତ୍ ତା' ବାଲୁଙ୍ଗା ଭାଇ ସହିତ ପୁଣିଥରେ ଝଗଡ଼ା ଲାଗିଥିବ ତା'ର। ବିଚାରୀ ଗରିବ ଘରେ ଜନ୍ମ ହେବାର ଦୁଃଖ ଭୋଗୁଛି ଝିଅଟି।

ରୋଷେଇ ଘରକୁ ଯାଇ ଶାନ୍ତି ବାସନ ମାଜିଲା। ଝାଡ଼ୁଣି ଧରି ଶୋଇବା ଘରକୁ ଯିବା ସମୟରେ ତାକୁ ଚୁପ୍ ରହିବା ଦେଖି ସୁନନ୍ଦା କହିଲେ, କିଲୋ କ'ଣ ହୋଇଛି ତୋର? ମୁହଁ ଶୁଖେଇଛୁ ଯେ! ଶାନ୍ତି ପ୍ରଥମେ କିଛି କହିଲାନି। ତା'ପରେ ଛେପ ଢୋକି ଉତ୍ତର ଦେଲା, ଟଙ୍କା ଦରକାର ଥିଲା ଭାଉଜ। ଦେଇଥାଅ। ତମ ପଇସା ବୁଡ଼ିବନି। ମୁଁ ଶୁଝିଦେବି। ସୁନନ୍ଦା କହିଲେ, ତୁ ପରା ଏମାସର ଅଧାରୁ ଅଧିକ ପଇସା ଆଗୁଆ ନେଇସାରିଲୁଣି? ପୁଣି କ'ଣ ଟଙ୍କା ମାଗୁଛୁ ମୋତେ?

ଶାନ୍ତି କହିଲା– ଭାଉଜ, ତମକୁ କ'ଣ ମୋ' ଘରକଥା ଅଛପା କି? ଆମେ ତ ଗରିବ ଲୋକ। ଦୁଃଖ ଆମ ପିଛା କେବେ ବି ଛାଡ଼େନି। ତମ ଘରେ ଅଇଁଠା ବାସନ ମାଜି ଆମେ ଦି' ପଇସା ଅର୍ଜୁଛୁ। ଦରକାରବେଳେ ଯଦି ତୁମେ ପିଠିରେ ପଡ଼ିବନି ତା'ହେଲେ...

ଶାନ୍ତି ଦିନଟିଏ କାମ ବନ୍ଦ କରିଦେଲେ ଘର ଅଚଳ ହୋଇପଡ଼ିବ ଜାଣି ମଧ୍ୟ ସୁନନ୍ଦା କହିଲେ, ଗରିବ କହି ତୁ ସବୁବେଳେ ମୋଠୁ ଫାଇଦା ଉଠେଇ ଚାଲିଛୁ। ଯେଉଁକି ବାଉଁଶ ସେତିକି ନଳ ଭଳି ଆମ ଟଙ୍କା ତ ଆମକୁ ନିଅଣ୍ଟ। ମୁଁ କ'ଣ ଟଙ୍କା ଗଛ ପୋତିଛି ଯେ ଯେତେବେଳେ ମାଗିବୁ ତୋ' ହାତକୁ ବଢ଼େଇଦେବି। ଏ ମାସରେ ଆଉ ଟଙ୍କା ଦେଇପାରିବିନି ମୁଁ।

ଶାନ୍ତିକୁ କାମରେ ରଖିବା ପରଠାରୁ ସୁନନ୍ଦା ଏକରକମ ନିଶ୍ଚିନ୍ତ ହୋଇଯାଇଛନ୍ତି କହିଲେ ଚଳେ। କାରଣ ତା'ର କାମ ଭଲ ଆଉ ସିଏ ପ୍ରାୟ କାମ ବନ୍ଦ କରେନି। ଛୋଟ ବଡ଼ ଯାହା କାମ ବତେଇବ ଖୁସିଖୁସିରେ କରିଦିଏ। ଆଶା ବି କରେନି ମା' ତାକୁ ଏଥିପାଇଁ ଅଧିକ ପଇସା ଦେବେ। ତା' ବୋଲି କ'ଣ ଗୋଟିଏ ମାସରେ ବାହାନା ଦେଖାଇ ଚାରିମାସର ପଇସା ନେଇଯିବ ସିଏ? ନା... ଶୃଙ୍ଖଳା ଭିତରେ ନ ରହିଲେ ତା'ର ଟଙ୍କା ମାଗିବା ଯେ ଆହୁରି ବଢ଼ିଯିବ!

ଶାନ୍ତି ପୁଣି କହିଲା, ଆଉ କାହାଠୁ ଧାର ଆଣିଦିଅ ଭାଉଜ। ମୁଁ ସୁଧ ଦେଇଦେବି। ମୋର ଟଙ୍କା ନିହାତି ଦରକାର। ତୁମେ କହିବ ଯଦି ମୋର ଏଇ ଦୁଇହଳ ରୁପା ପାଉଁଜି ତମକୁ ଦେଇଦେବି। ଟଙ୍କା ଦେଲେ ମୁକୁଳେଇ ନେବି।

ଭାଉଜ, ଗରିବ ହେଲେ ବି ଆମର ତ ବଞ୍ଚିବାର କିଛି ଅସୁଲ ଅଛି ନା! ଆମକୁ ବି ଲାଗିବା ଦରକାର ଆମେ ତୁମ ମଣିଷପଣିଆର ଫାଇଦା ଉଠାଉନୁ। ସୁଧରେ ନେଲେ ଆମେ ତମକୁ ପୁଣିଥରେ ମାଗିବାକୁ କୁଣ୍ଠା କରିବୁନି ଆଉ ତୁମର ବି କିଛି କ୍ଷତି ହେବନି। କିନ୍ତୁ ତୁମେ ତ ସେଇ ଏକା କଥା ଦୋହରାଉଛ କି ସୁଧ ନେବାଟା ପାପ। କିନ୍ତୁ ଆମ ଅସୁବିଧାରେ ସହାୟ ନ ହେବା କ'ଣ ପାପ ନୁହେଁ?

ସୁନନ୍ଦା କ'ଣ ଭାବିଲେ କେଜାଣି; କହିଲେ– ହଉ, ଟଙ୍କା ନେ, କିନ୍ତୁ ଏ ଟଙ୍କା ନ ଶୁଝିବାଯାଏଁ ଆଉ ମାସ ମଝିରେ କିଛି ମାଗିବୁନି। ଖୁସିରେ ଉଚ୍ଛୁଳି ଉଠି ଶାନ୍ତି ଚଟାଣ ଉପରେ ବସିଗଲା। ଦୁଇ ଗୋଡ଼ରୁ ପାଉଁଜି କାଢ଼ି ସୁନନ୍ଦାଙ୍କ ହାତରେ ଥୋଇ କହିଲା, ମୁଁ ଜାଣିଥିଲି ତମେ ନାଇଁନାଇଁ କରିବ ଆଉ ଦବ। ସୁନନ୍ଦା କହିଲେ, ପ୍ରଥମେ ଏ ପାଉଁଜି ମୋ' ହାତରୁ ନେ କହୁଛି। ଦେଖ୍ ଶାନ୍ତି ତୁ ଭଲଭାବେ ଜାଣିଛୁ ମୁଁ ତୋ'ଠୁ ଜିନିଷ ବନ୍ଧକ ରଖିବିନି। ଆଉ ତୋ'ର ସବୁ ଇଚ୍ଛା ପୂରଣ କରିବାର ଠିକା ନେଇଛି କି ମୁଁ?

ଶାନ୍ତି କହିଲା, ତମେ ହିଁ ତ ସବୁ କଥା ବୁଝୁଛ। ଯେତେବେଳେ ଅସୁବିଧା ପଡୁଛି ତମରିଠୁଁ ଆଗୁଆ ଟଙ୍କା ମାଗି ନେଉଛି ମୁଁ। ଏମିତି ବି ହେଉଛି ଯେ ମାସ ମଝିରୁ ପୂରା ଦରମା ନେଇଯାଉଛି। ଏଥିରେ ଛୋଟଛୋଟ ଆବଶ୍ୟକତା ସିନା ପୂରଣ ହୋଇଯାଉଛି କିନ୍ତୁ ବଡ଼ କଥାଟିଏ କରିବାକୁ ହେଲେ ସୁଧରେ ତ ପଇସା ଆଣିବାକୁ ପଡୁଛି। ଜିନିଷ ବନ୍ଧା ରଖିବାକୁ ହେଉଛି। ଭାଉଜ, ଗରିବ ହେଲେ ବି ଆମର ତ ବଞ୍ଚିବାର କିଛି ଅସୁଲ ଅଛି ନା! ଆମକୁ ବି ଲାଗିବା ଦରକାର ଆମେ ତୁମ ମଣିଷପଣିଆର ଫାଇଦା ଉଠାଉନୁ। ସୁଧରେ ନେଲେ ଆମେ ତମକୁ ପୁଣିଥରେ ମାଗିବାକୁ କୁଣ୍ଠା କରିବୁନି ଆଉ ତୁମର ବି କିଛି କ୍ଷତି ହେବନି। କିନ୍ତୁ ତୁମେ ତ ସେଇ ଏକା କଥା ଦୋହରାଉଛ କି ସୁଧ ନେବାଟା ପାପ। କିନ୍ତୁ ଆମ ଅସୁବିଧାରେ ସହାୟ ନ ହେବା କ'ଣ ପାପ ନୁହେଁ?

ସୁନନ୍ଦାଙ୍କ ପାଟି ଖନିମାରିଗଲା। ଏ ପାପପୁଣ୍ୟ କାହାପାଇଁ କେତେ ଭିନ୍ନ। ଶାନ୍ତି ଏତେ କଥା କହିବା ଝିଅ ନୁହେଁ। ନିଶ୍ଚୟ କିଛି ଅସୁବିଧାରେ ପଡ଼ିଛି ସିଏ। ତା' ଖୁସି ଦେଖିବା ସୁନନ୍ଦାଙ୍କର ଧର୍ମ। ସୁନନ୍ଦା କହିଲେ– ତୋର କ'ଣ ହୋଇଛି ନ କହି ବୁଲେଇ ବଙ୍କେଇ ଏତେ କଥା କହୁଛୁ ଯେ! କହ କେତେ ଟଙ୍କା ଦରକାର ତୋର?

ମୁହଁରେ ସ୍ମିତହାସ୍ୟ ଖେଳାଇ ଶାନ୍ତି କହିଲା, ମତେ ତିନି ହଜାର ଟଙ୍କା ଦରକାର। ଏତେ ଟଙ୍କା ତୁମଠୁଁ ମାଗିକରି ନେବିନି ମୁଁ। ତୁମେ ନ ହେଲେ ମୋ' ପାଇଁ ଆଉ କାହାଠୁ ଆଣିଦିଅ। ଶହେଟଙ୍କାରେ ଦଶଟଙ୍କା ସୁଧ ହିସାବରେ ମୁଁ ସବୁ ଶୁଝିଦେବି ତୁମକୁ। ମତେ ନାହିଁ କରନି। ଟଙ୍କା ମୋର ବହୁତ ଦରକାର ଭାଉଜ।

ସୁନନ୍ଦା କହିଲେ– କାହାଠୁ ମାଗିକରି କାହିଁକି ଆଣିବି? ଅତି ଦରକାର ଯଦି ମୋ' ପାଖରୁ ନେଇଯା, କିନ୍ତୁ ମୁଁ ସୁଧ ନେବିନି।

ନା ଭାଉଜ ସୁଧରେ ନ ଦେଲେ ନେବିନି ମୁଁ। ପ୍ରତିମାସ ଦରମାରୁ ତୁମେ ତିନିଶହ ଟଙ୍କା ମୋର କାଟିଦେବ। ସେଇ ସର୍ତ୍ତରେ ଟଙ୍କା ନେବି। ମୂଳଟଙ୍କା ପୁଣି କୋଉଠୁ ଆଣିବୁ ଯେ ଦବୁ ମୋତେ?

ଶାନ୍ତି କହିଲା, ମୁଁ ତ ଦେଲେ ଗଲା। ତମେ କାହିଁକି ସେ ଚିନ୍ତା କରୁଛ ଯେ! ତମ ଟଙ୍କା ବୁଡ଼ିବନି। ଶାନ୍ତି ଯାହା ବଚନ ଦିଏ ତାହା କରି ଦେଖାଏ।

ସେଦିନ ସୁନନ୍ଦାଙ୍କ ପାଖରୁ ତିନିହଜାର ଟଙ୍କା ନେବାବେଳେ ଶାନ୍ତି ମୁହଁରେ ଖୁସିର ଝଲକ ସ୍ପଷ୍ଟ ବାରିହୋଇ ପଡୁଥିଲା। ଆବଶ୍ୟକବେଳେ ପାଖରେ ଠିଆ ହୋଇ ଶାନ୍ତିର ଦୁଃଖ ଲାଘବ କରିପାରିଥିବା ହେତୁ ସୁନନ୍ଦାଙ୍କୁ ବି ଅନ୍ତର ତଳେ ଖୁବ୍ ଖୁସି ଅନୁଭବ ହୋଇଥିଲା। ଯିବାବେଳେ ଶାନ୍ତି କହିଥିଲା– ଭାଉଜ, ଆଜି ବିରିଚାଉଳ କିଣିଆଣି ବଟୁରେଇ ଦେଇଥିବ। ମୁଁ ତମ ପାଇଁ ହଳଦୀ ପତ୍ର ଆଉ ନଡ଼ିଆ ଆଣିଦେବି। ତମପାଇଁ ସବୁ କାଟିକୁଟି ସଜାଡ଼ି ରଖିଦେବି ଏଥର। ପ୍ରଥମାଷ୍ଟମୀ ଦିନଟା ଛୁଟିନେବି ତ, ସେଥିପାଇଁ।

ସୁନନ୍ଦା କହିଲେ, ବାଃ... ମୋଠୁ ପଇସା ନେଇ ମୋତେ ହଇରାଣ କରିବାକୁ ବାହାରିଛୁ? ମୁଁ କ'ଣ ତୋ' ଭଳିଆ ଏତେ ନରମ ପିଠା କରିପାରିବି? କାହିଁକି ବନ୍ଦ କରିବୁ କାମ ମୁଁ ଟିକେ ଶୁଣେ ତ! ହସିଦେଇ ଶାନ୍ତି କହିଲା, ଅପା ଘରକୁ ଯିବି। ତା' ପୁଅର ଏ ବର୍ଷ ପ୍ରଥମ ପ୍ରଥମାଷ୍ଟମୀ। ଟଙ୍କା ନ ଥିଲା ବୋଲି ଏ ପର୍ଯ୍ୟନ୍ତ କିଛି ପଠାହୋଇନି। ତା' ଶାଶୁ ଆଉ ବର ଭାରି ରାଗୀ। ଭାଇ ସେଥିପାଇଁ ଯିବାକୁ ମନା କରିଦେଲା। ବାଧହୋଇ ମୋତେ ଯିବାକୁ ପଡୁଛି। ସକାଳେ ଯାଇ ସନ୍ଧ୍ୟାକୁ ଫେରିଆସିବି ମ! ତମେ ଅଳ୍ପପିଠା କରି ପୂଜା କରିଦେଇଥିବ, ରାତିକୁ ଆସିଲେ ବାକିପିଠା ମୁଁ କରିଦେବି।

ସୁନନ୍ଦା କହିଲେ, ଏଇଆ ତୋର ବଡ଼ କାମ? ଏଇଥିପାଇଁ ସୁଧରେ ଟଙ୍କା ଧାର ନେଉଛୁ? ଏଠି ଘରେ ଅଧାଦିନ ଚୁଲି ଜଳୁନି ତୁମର କିନ୍ତୁ ବେଭାର, ବନ୍ଦାଣ ଆଉ ଦେବାନେବାରେ ତୁମେ ସବୁ ଧନ ସାରିଦେଉଛ। ସେଥିପାଇଁ ଗରିବ ହୋଇ ରହିଛ ତୁମେମାନେ। ଶାନ୍ତି ଉତ୍ତର ଦେଲା, ଆମ ନିଜକଥା ଅଲଗା ଭାଉଜ। ଜୋଇଁ ଘରର ସମ୍ମାନ ନ ଜଗିଲେ ଅପାକୁ ତ ନାନା କଥା ଶୁଣିବାକୁ ହେବ ସେଠି। ତା'ପରେ ଆମେ ତ ହେଲୁ ଗରିବ ଲୋକ। ଏଇ ପୂନିଅଁପରବ ଯଦି ପକେଇଦେବୁ ଆମ ପାଖରେ ଆଉ ରହିଲା କ'ଣ ଯେ କିଏ ସମ୍ପର୍କ ରଖିବାକୁ ଚାହିଁବ ଆମ ସାଥିରେ।

ସୁନନ୍ଦା ଆଉ ଅଧିକ ନ କହି ଚୁପ୍ ରହିଲେ ସେଦିନ। ଚାହୁଁଚାହୁଁ ମାସଟିଏ ପଳେଇଲା। ଶାନ୍ତିକୁ ତା' ଦରମା ଟଙ୍କା ଦେଲାବେଳେ ସୁନନ୍ଦା ପୁଣି ଅଡୁଆରେ ପଡ଼ିଲେ। ଅନେକ ଦୋ'ଦୋ' ପାଞ୍ଚ ହୋଇ ଶେଷରେ ହଜାରେ ଟଙ୍କା ତା' ହାତକୁ ବଢ଼େଇ ଦେଲେ। ଶାନ୍ତି ଗୋଟିଗୋଟି କରି ଟଙ୍କା ଗଣିଲା। ତିନିଶହ ଟଙ୍କା ସୁନନ୍ଦାଙ୍କ ହାତକୁ ବଢ଼େଇ ଦେଇ କହିଲା, ଯାହା କଥା ଛିଡ଼ିଛି ସେଇଆ କରିବ ନା! ସୁନନ୍ଦା ଆଉ କିଛି ଯୁକ୍ତିତର୍କ ନ କରି ଶାନ୍ତି ପାଖରୁ ତିନିଶହ ଟଙ୍କା ଫେରେଇ ଆଣିଲେ। କାରଣ ସେ ଜାଣିଥିଲେ ଶାନ୍ତି ଭାରି ସ୍ୱାଭିମାନୀ ଆଉ ତା' ବଚନରେ ପକ୍କା।

ନିଜର ଇଚ୍ଛା ବିରୁଦ୍ଧରେ ପ୍ରତିମାସ ତିନିଶହ ଲେଖାଏଁ କାଟି ରଖିବାକୁ ବାଧହେଲେ ସୁନନ୍ଦା। ଏମିତି ଗୋଟିଏ ଗୋଟିଏ ମାସ ହୋଇ ଦଶମାସ କଟିଗଲା। ଶାନ୍ତି ସେ ଯାଏଁ ମୂଳ ଟଙ୍କା ଶୁଝିବାର ନାଁ ଧରୁ ନ ଥାଏ। ଏଗାର ମାସ ବେଳକୁ ଶାନ୍ତି ଟଙ୍କା ଗଣି ସୁନନ୍ଦାଙ୍କ ମୁହଁକୁ ଚାହିଁ କହିଲା, ଭାଉଜ, କେତେଥର ଆଉ କହିବି ତୁମକୁ? ପୁଣି ହଜାରେ ଟଙ୍କା ଦେଲ ଯେ!

ଏଥର ଗମ୍ଭୀର ହୋଇ ସୁନନ୍ଦା କହିଥିଲେ, ଦଶମାସରେ ତିନିଶହ ହିସାବରେ ତିନିହଜାର ମୁଁ ପାଇସାରିଛି। ଆଜିଠାରୁ ତୁ ଋଣମୁକ୍ତ। ଶାନ୍ତି କହୁଥିଲା ନାଇଁ ଭାଉଜ... ମୁଁ ମୋ' ବଚନରେ ପକ୍କା ରହିବି। ସୁନନ୍ଦା ଟିକେ ଜୋର୍‌ଦେଇ କହିଲେ, ଆଉ ମୋ' ବଚନ? ଆଜି ତୁ କିଛି କହିବୁନି। କାମ ଟଙ୍କା ନେଇ ତୋ' ଘରକୁ ଯା'। ଯଦି ଆଉ ଗୋଟିଏ ଶବ୍ଦ ତୋ' ମୁହଁରୁ ଶୁଣିବି ଆଜି ହିଁ ତୋତେ କାମରୁ ବାହାର କରିଦେବି।

ଟଙ୍କା ଧରି ଘରକୁ ଚାଲିଯାଉଥିବା ବେଳେ ଶାନ୍ତି ଆଉଥରେ ପଛକୁ ବୁଲି ସୁନନ୍ଦାଙ୍କ ମୁହଁକୁ ଚାହିଁଲା। ବୋଧହୁଏ ସୁଧ ଛାଡ଼ିଦେବା କଥାଟିକୁ ସେଯାଏଁ ସେ ବିଶ୍ୱାସ କରିପାରୁ ନ ଥିଲା। ଶାନ୍ତିର ମୁଣ୍ଡ ଉପରେ ଲଦି ହୋଇଥିବା ବୋଝଟିକୁ ତଳକୁ କାଢ଼ିଆଣି ତାକୁ ଉଶ୍ୱାସ କରିଦେଇଥିବାରୁ ସୁନନ୍ଦା କିନ୍ତୁ ସେଦିନ ନିଜକୁ ଖୁବ୍ ହାଲୁକା ମନେକରିଥିଲେ।

ମୋ: ୯୪୩୯୩୬୬୧୫୫



## କବିତା

### ବାଲିଗୁଡ଼ାରେ ସକାଳ
**ବିଜୟଲକ୍ଷ୍ମୀ ପଟ୍ଟନାୟକ**

କୁହୁଡ଼ି ପହଁରି
କାକର ଗାଧୋଇ
ସଫେଦ କପାଳରେ
ଲାଲ ସିନ୍ଦୂରଟିପା ପିନ୍ଧି
ସକାଳ ଆସେ ବାଲିଗୁଡ଼ାରେ।

ସବୁଜ ପଣତରୁ ଝରୁଥାଏ
ହୀରା ମୋତି,
ଜାତି ଜାତିକା ଚଢ଼େଇଙ୍କ
କୋଳାହଳରେ
ଫାଟି ପଡୁଥାଏ ଚୌଦିଗ।

ମହୁଫେଣା ଚାରିପଟ
ମହୁମାଛି ଭଳି
ଶୀତ ଛଡ଼ାଉଥାନ୍ତି ଲୋକେ
ରାସ୍ତାକଡ଼ ନିଆଁଗଦା ପାଖରେ।

କାଖର ଝୁଲାରେ ଛୁଆ
ମୁଣ୍ଡରେ ପଖାଳକଂସା
କାମ ପାଇଟିକୁ ବାହାରୁଥାଏ
ଆଦିବାସୀ ମାଆ।

ବର୍ଷକର ଭାଇକୁ
ପିଠିରେ ଲାଉ କରି
ଫୁଙ୍ଗୁଳା ଦୌଡୁଥାଏ
ପାଞ୍ଚ ବରଷର ପୁଅ, ରାସ୍ତାରେ
ଶୀତକୁ ବେଖାତିର କରି।
ପ୍ରକୃତିର ନିକଟତର ମଣିଷ
ଚାଖୁଥାଏ ପ୍ରଶାନ୍ତିର
ଅମୃତ ଆସ୍ୱାଦ ବାଲିଗୁଡ଼ାରେ।

ମୋ: ୬୩୭୦୧୬୬୨୦୪

### ନୀଳ ଅନ୍ଧକାର
**ରାଜେଶ କୁମାର ମୁଣ୍ଡ**

ଅନ୍ଧାରର ସ୍ତନରୁ ଝରୁଥିବା
ମହମହ ମହୁଆ ନିଶାରେ
ନିଶାଗ୍ରସ୍ତ ହୋଇ ଉଠିପଡ଼ିଲି
ପୁଣିଥରେ।
ସତେଅବା ସେଇ ଅନ୍ଧାରରୁ
କେଉଁ ଅଜଣା ରୂପସୀଟିଏ
ଡାକୁଛି ବାରମ୍ବାର,
ସମୟ ପାଖକୁ ସାକ୍ଷ୍ୟ ଦେବାପାଇଁ
ନିଜର କରିଥିବା ଅବା
ବାକିଥିବା କାମର ହିସାବ।
ହାଡ଼ କଙ୍କାଳ ଭଳି ଶୋଇଶୋଇ
ତଥାପି ଗଣନା କରି ରଖିଛି
ମୋ' ନଷ୍ଟ ଆୟୁର ପ୍ରତି
ଲେଖାଯୋଖା।
ସାମ୍ନା କରିଛି ମଧ୍ୟବିତ୍ତ ଜଗତର
ଶେଷହୀନ ବେଦନା
ଜାଣିପାରିଛି କିଏ ନିଜର
ଆଉ କିଏ ପର।

ତେବେ ବି
ସୃଷ୍ଟିର ହୃଦୟରେ ଫସଲ
ଅମଳ କରିଛି,
ବାରମ୍ବାର ଚେଷ୍ଟା କରିଛି
ଆଗାମୀ କଙ୍କାଳମାନଙ୍କୁ
ଦେବା ପାଇଁ ମଣିଷର ପରିଚୟ।
ବତେଇ ଦେଇଛି
ଅନ୍ତହୀନ କ୍ଷୁଧା ଓ ତୃଷ୍ଣାରେ
ବଞ୍ଚିବାର କଳା।
ବୟସୀ ପୃଥିବୀର ପ୍ରୌଢ଼ତାରେ
ଅଗ୍ରସର ହେବା ପାଇଁ
ଦେଖେଇ ଦେଇଛି
ଆଲୁଅର ପକ୍ଷୀଟିଏ।

ଆଉ ଅନେକ କିଛି ବାକି ଅଛି
ଅନ୍ଧାରର ଅର୍ଦ୍ଧସତ୍ୟକୁ
ସମୟର ତିକ୍ତତାକୁ
ସୃଷ୍ଟି ଭିତରର ଦ୍ୱେଷକୁ
ମାନିବାକୁ ହେବ
ସନ୍ଦେହର ଛାୟାଗ୍ରସ୍ତ ଆନ୍ତରିକତାରେ।

ବୋଧେ ଆଉ ନାହିଁ ପବନର ପବିତ୍ରତା
ସବୁକିଛି ଭାସମାନ
ବିଷାଦଗ୍ରସ୍ତ ଶତାବ୍ଦୀର ନୀଳ ଅନ୍ଧକାର।

ମୋ: ୯୫୮୩୮୪୨୩୨୫

#### ଗୀତି–କବିତା

### ପାନ୍ଥଶାଳାର ଗୀତ
**ଧନଞ୍ଜୟ ସ୍ୱାଇଁ**

ପାନ୍ଥଶାଳାର କାନ୍ଥେ ମୁଁ ତୁମ
ହାତଅଙ୍କା ଗୋଟେ ଛବି
ଦେଖିଯାଅ କାଳେ ସମୟ ଆଞ୍ଚୁଡ଼ା
ଦାଗରେ ଯିବି ମୁଁ ଲିଭି ।।୦।।

ରାତିକ ରହଣି ନୁହେଁ କି ଯଥେଷ୍ଟ
ଦେଖିବାକୁ ମନଭରି!
କାଳେ ଦେଖୁଦେଖୁ ସୁଦୂରର ସ୍ମୃତି
ପୁଣି ଆସିବ ଫେରି
ସ୍ମୃତିର ଦରବ ନୁହେଁ ଫିଙ୍ଗିବାର
ହୁଏ ବୋଲି ଅନୁଭବୀ
ହାତଅଙ୍କା ଗୋଟେ ଛବି... ।।୧।।

ସେ ଛବିରେ ଲକ୍ଷେ ଫଗୁଣ ସୁଷମା
ଯତନେ ରହିଛି ଭରି
ଆଖିରେ ଆବେଗ ଓଠେ ଅନୁରାଗ
ତୁମ ଲାଗି ଅଛି ଖାଲି
ଦାବି କରିବିନି ଦେଖିଯାଅ ଥରେ
କାନ୍ଥ ଲେଖାଟେ ଭାବି
ହାତଅଙ୍କା ଗୋଟେ ଛବି... ।।୨।।

ମୋ: ୯୪୩୭୦୦୦୬୩୬

## ପୁସ୍ତକ ପରିଚୟ

### ଇତି ହୟଗ୍ରୀବୋପାଖ୍ୟାନମ୍



**ଗାଳ୍ପିକ:** ହରିହର ପଣ୍ଡା
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର–୧
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୨୭୫/–

ମୋଟ ୨୨ଟି ଗଳ୍ପ (ରମ୍ୟ ରଚନା?) ଆଲୋଚ୍ୟ ଗ୍ରନ୍ଥରେ ସ୍ଥାନିତ। 'ନିଜ କଥା'ରେ ଲେଖକ ଲେଖିଛନ୍ତି: ''ବିଂଶ ଶତାବ୍ଦୀର ଷଷ୍ଠ ଓ ସପ୍ତମ ଦଶକରେ ଏହି ଲେଖାଗୁଡ଼ିକ ରଚିତ ଏବଂ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ। ତତ୍କାଳୀନ ସାମାଜିକ ତ୍ରୁଟିବିଚ୍ୟୁତି ଉପରେ ଏକ ତିର୍ଯ୍ୟକ୍ ସିଂହାବଲୋକନ ଲେଖାଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଲେ ମଧ୍ୟ ପରିବେଷଣ ଶୈଳୀ ଇଚ୍ଛାକୃତ ଭାବେ ରମ୍ୟ ରଚନା ଉପଯୋଗୀ କରାଯାଇଛି କେବଳ ଶୁଷ୍କ ବିଷୟବସ୍ତୁଗୁଡ଼ିକୁ ଟିକିଏ ସରସ ଓ ସୁଖପାଠ୍ୟ କରିବା ପାଇଁ। ସାହିତ୍ୟିକ ପରାକାଷ୍ଠା ପ୍ରଦର୍ଶନ କରିବା ମୋର ଉଦ୍ଦେଶ୍ୟ ନୁହେଁ, କିନ୍ତୁ ଗଭୀର ଭାବେ ମୋର ସରଳ ମନକୁ ଆନ୍ଦୋଳିତ କରିଥିବା କେତେକ ଘଟଣାକୁ ଆଧାର କରି ଏକ ନିଚ୍ଛକ ପ୍ରତିଛବି ରୂପାୟନ କରିବା ପାଇଁ ଏହା ଏକ ସାରସ୍ୱତ ପ୍ରଚେଷ୍ଟା ମାତ୍ର।'' ଗଳ୍ପଗୁଡ଼ିକ ପାଠ କଲେ ମନେହୁଏ, ଏଗୁଡ଼ିକ କେବଳ ଲେଖକଙ୍କ ସମକାଳର ବ୍ୟାପାର ନୁହେଁ, ଚିରକାଳର ବହୁ ଅନୁତ୍ତରିତ ପ୍ରଶ୍ନାବଳୀ। ଏଥିରେ କଥା ଅଛି, ଅଛି ଉପସ୍ଥାପନାରେ ରମ୍ୟବୋଧ। ଚରିତ୍ରର ନାମକରଣରେ ରହିଛି ପ୍ରତୀକାତ୍ମକତା, ଯେପରି ତୂର୍ଯ୍ୟନାଦିନୀ, ହୟଗ୍ରୀବ, ନକ୍ଷତ୍ରମାଳିନୀ ଓ ଶ୍ରୀଅମୁକାନନ୍ଦ ଇତ୍ୟାଦି। ଶେଷ ଲେଖା 'କବିତା ମୁଁ ଲେଖିବିନି ଆଉ'ଟିକୁ ଲେଖକ ଡ. ହରେକୃଷ୍ଣ ମହତାବଙ୍କ ବାଧ୍ୟବାଧକତାରେ ଲେଖିଥିଲେ ବୋଲି ସୂଚାଇଛନ୍ତି। କବିତାଟିର ହାଲୁକାପଣ ଭିତରେ ଯେଉଁ ବ୍ୟଞ୍ଜନା ରହିଛି, ତାହା ଯେତିକି ସୁଖକର, ସେତିକି ଅନୁଧ୍ୟାନର ବିଷୟ।

### ଅପରିସୀମ ଶ୍ରୀଜଗନ୍ନାଥ



**ସଂକଳନ ଓ ସଂପାଦନା:** ପୀତବାସ ରାଉତରାୟ
୧/୮ ଡିମାଇ ସାଇଜ୍, ପୃ: ୬୪୦,
**ମୂଲ୍ୟ:** ଟ.୪୦୦/–

'ଅପରିସୀମ ଶ୍ରୀଜଗନ୍ନାଥ'ରେ ସ୍ଥାନିତ ସବୁଲେଖା ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ପରିକଳ୍ପିତ ଓ ରଚିତ। ସମ୍ପାଦକୀୟ 'ଏହି ଅଳି ଶ୍ରୀଛାମୁରେ'– ଯାହାର ପ୍ରସଙ୍ଗ ପତ୍ରିକାର ଖସଡ଼ା ସମ୍ପର୍କରେ ସୂଚନା ଦେବା ଓ ମହାମାରୀ କରୋନାକାଳର ଦୁଃଖଦ ସ୍ମୃତିକୁ ଉଲ୍ଲେଖ କରିବା। 'ସ୍ତୁତି ନିବେଦନ', 'ସ୍ମୃତି ତର୍ପଣ', 'ତିନିପଦ୍ମଙ୍କୁ ସ୍ୱାଗତ ସମ୍ଭାଷଣ', 'ତିନି ସମ୍ପାଦକଙ୍କ ଶ୍ରୀଜଗନ୍ନାଥ ଚିନ୍ତନ', 'ଦୁଇ କୁଳପତିଙ୍କ ଅନନ୍ୟ ଉପସ୍ଥାପନା', 'ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର', 'ସାକ୍ଷାତ୍‌କାର ସମ୍ଭାଷଣ', 'ଜନ୍ମ–ଶତବାର୍ଷିକୀ ସ୍ମରଣ', 'ଚାରୋଟି ତଥ୍ୟପୂର୍ଣ୍ଣ ପ୍ରବନ୍ଧ ଉପସ୍ଥାପନ', 'ଚିତ୍ରେ ନିବେଦନ', 'ପ୍ରତିଭା ପ୍ରଣାମ', 'ସତ୍ୟ ଘଟଣାର ଉପସ୍ଥାପନ', 'ଶ୍ରୀମନ୍ଦିର ପ୍ରଶାସକଙ୍କ ବିଚିତ୍ର ଅନୁଭୂତି ବୟାନ', 'ଚାରି ଲେଖିକାଙ୍କ ଭାବ ନିବେଦନ', 'ଅଙ୍ଗେ ନିଭାଇଥିବା ଅନୁଭୂତି ବୟାନ' ଆଦି ବହୁ ବିଭାଗରେ ପତ୍ରିକାଟି ସମୃଦ୍ଧ।

# ଆଉ ସେ କଥା କାହିଁକି?
**ଡ. ଭବାନୀ ଶଙ୍କର ଦାଶ**

*ଲଘୁ ଗଳ୍ପ*

ବାସର ରାତିରେ ସେଦିନ ମୁଁ ମୋ ଧର୍ମପତ୍ନୀଙ୍କ ରୂପ ଦେଖି ଅଭିଭୂତ ହୋଇପଡ଼ିଲି। ବିବାହ ପୂର୍ବରୁ ମୁଁ ତାଙ୍କୁ ଓ ସିଏ ମତେ ଦେଖି ନ ଥିଲୁ। ଏକ ଆକସ୍ମିକ ଆଦର୍ଶ ବିବାହ ଥିଲା ଆମର। ମୁଁ କୋରାପୁଟରେ ସରକାରୀ ଚାକିରି କରେ। ଛୁଟିରେ ଗାଁକୁ ଆସିଥିଲି। ଦଶ କିଲୋମିଟର ଦୂର ଗାଁର ଏକ ଝିଅର ବିଭାଘର ଦିନ ହିଁ କୌଣସି କାରଣରୁ ବ୍ୱାଇଁ ଘର ପକ୍ଷରୁ ବିବାହ କରିବେ ନାହିଁ ବୋଲି ମନା କରିଦେଲେ। ମଙ୍ଗୁଳା କନ୍ୟା ରହିଗଲା। ଗାଁର ମୁଖିଆ ଓ ଆମ ଘର ଲୋକଙ୍କ ପରାମର୍ଶକ୍ରମେ ସେଇ ଝିଅକୁ ମତେ ବିଭା ହେବା ପାଇଁ ପଡ଼ିଲା। ଆଜି ବାସର। ପତ୍ନୀଙ୍କୁ ଦେଖିବା ପରେ ଦୀର୍ଘ କିଛିଦିନ ହେଲା ମନରେ ମୋର ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂର ହେଲା। ପ୍ରେମ ବିବାହ କରିପାରିଲିନି ବୋଲି ମନରେ ଥିବା ଖେଦ ମନରୁ ଦୂରେଇଗଲା। ପଲଙ୍କ ଉପରେ ବସିଥିବା ମୋ ସ୍ତ୍ରୀଙ୍କ ରୂପରେ ମୁଁ ସିନା ପାଗଳ ହୋଇଯାଇଥିଲି ହେଲେ ସିଏ ପାଞ୍ଚ ପଦରେ ପଦେ ବି କଥା କହୁ ନ ଥିଲେ। ଅତି ବାଧ୍ୟ ବାଧକତାରେ ଥରେ ଅଧେ ମତେ ଚାହୁଁଥିଲେ। ତାଙ୍କ ଆଖି ତ ଖୁବ୍ ସୁନ୍ଦର। ମାତ୍ର ଚାହାଣି ଥିଲା ନିରୁଦ୍‌ବିଗ୍ନ ଓ ବେପରୁଆ। ମତେ ଲାଗୁଥିଲା ସତେ ଯେପରି ସିଏ ମତେ ପସନ୍ଦ କରୁ ନ ଥିଲେ। ମଝିରେ ମଝିରେ ହାଇ ମାରୁଥିଲେ। ତାଙ୍କ ସୁନ୍ଦର ଓଠ ଖୋଲି ସିଏ ଦୀର୍ଘ ସମୟ ମତେ କିଛି ନ କହିବାରୁ ବାଧ୍ୟ ହୋଇ ଓଠ ଖୋଲି ପଚାରିଲି– ମୁଁ କ'ଣ ତୁମର ପସନ୍ଦ ନୁହଁ? ମୋତେ ସିଧା ନ ଚାହିଁ କାନ୍ଥକୁ ଚାହିଁ ଉତ୍ତର ଦେଲେ– ଏବେ ଆଉ ସେ କଥା କାହିଁକି? ବାରମ୍ବାର ତଳ ଓଠ ପାଖରୁ ଧରି ମୋ ଆଡ଼ିକି ସିଧା କଲେ ବି ତଳମୁହାଁ ହୋଇ ନଡ଼କି ପଡୁଥିବା ସେ ସୁନ୍ଦର ମୁହଁରୁ ଏଇ କଥା ପଦକ କାନକୁ ଅମୃତ ବର୍ଷା ଭଳି ଲାଗିଲା। ମାତ୍ର ମୋର କାନମୁଣ୍ଡା ତାତିଉଠିଲା ଓ ଛାତିରେ ହାତୁଡ଼ିର ମାଡ଼ ଶୁଣାଗଲା ଯେତେବେଳେ ସିଏ ନାକରେ ହାତ ଦେଇ ମୁହଁ ବୁଲାଇନେଲେ। ଧଳା ଚୁଡ଼ିଦାର ପିନ୍ଧା ଶ୍ୟାମଳ ଶରୀରଟାକୁ ମୋର ଆଉଥରେ ମୁଁ ଭଲକି ଦେଖିନେଲି। ମନେ ମନେ ତର୍ଜମା କଲି 'ଆଉ ସେ କଥା କାହିଁକି'ର ଅର୍ଥର କ'ଣ ହୋଇପାରେ। ତାହାହେଲେ ଆଗରୁ କିଛି କଥା ବୋଧେ ଥିଲା, ଯାହା ଏବକୁ ଅର୍ଥାତ୍ ଆଜକୁ ଚାରିଦିନ ହେଲା ଅତୀତ ବା ସେ କଥା ହୋଇଗଲାଣି।

ୟାକୁ ନେଇ ମୁଁ ନିଜକୁ ପ୍ରଶ୍ନ କଲି ଅନେକ। ଗୋଟେହେଲେ ସନ୍ତୋଷଜନକ ଉତ୍ତର ପାଖେ ପହଞ୍ଚି ପାରିଲି ନାହିଁ। ସିଦ୍ଧାନ୍ତ ନେଲି ଯେ ତାଙ୍କର କିଛି ସ୍ମୃତି ଅଛି। ତେବେ ସ୍ମୃତିସବୁ ବୟସ ଓ ସମୟ ବଦଳିବା ସହିତ କ୍ରମେ ବିସ୍ମୃତ ହୋଇଯାଆନ୍ତି– ଏଇ ନିଷ୍ପତ୍ତିରେ ପହଞ୍ଚିଲି। ରୀନା, ମୀନା, ପିୟା, ପୁଷ୍ପା, ସ୍ୱପ୍ନାମାନେ ତ ଦିନେ ଏଇ ପାଞ୍ଚଫୁଟ ପାଞ୍ଚ ଇଞ୍ଚର ଶ୍ୟାମଳ ରଙ୍ଗର ମଣିଷଟା ପାଇଁ ଲାଜର ସୀମା ଟପି ଡେଇଁ ପଡୁଥିଲେ। ଅଥଚ ଆଜି ସେମାନେ ପକ୍କା ଘରଣୀ ସାଜି ଟେଲିଭିଜନର କଲ୍ୟାଣୀ ବା ଘରଣୀ ନମ୍ବର ୱାନ କାର୍ଯ୍ୟକ୍ରମରେ ଯୋଗ ଦେଲେଣି। ଟିଭିବାଲା ଯଦି ପଚାରନ୍ତି ଆପଣଙ୍କର ଏଭଳି ପ୍ରତିଭା ପଛରେ କାହାର ଅବଦାନ ବେଶି, ତେବେ ଚଟ୍‌କିନା ସେମାନେ ଉତ୍ତର ଦିଅନ୍ତି– 'ମୋ ସ୍ୱାମୀଙ୍କର'। କି ଆଶ୍ଚର୍ଯ୍ୟ କଥା! ମତେ ଗତକାଲି ସେମାନେ କହୁଥିଲେ ଶୁଣ ଶୁଣ ତୁମକୁ ଛାଡ଼ି ବଞ୍ଚିବା ସମ୍ଭବ ନୁହେଁ। କେହି କହୁଥିଲା ଆତ୍ମହତ୍ୟା କରିଦବ ବୋଲି। ଆଉ କେହି କହୁଥିଲେ ସାରା ଜୀବନ ଅବିବାହିତା ହୋଇ ରହିଯିବେ ବୋଲି। କାଇଁ କିଛି ତ ହେଲାନି କାହାରି। ଯେଝା ବାଟେ ଯିଏ ବେଶ୍ ଭଲ ବଞ୍ଚି ପାରିଛନ୍ତି। ତେବେ ମୋ ଧର୍ମପତ୍ନୀ କ'ଣ ସେଇମାନଙ୍କ ଭିତରୁ ଜଣେ? ମୋର ଦୀର୍ଘ ନିରବତାରେ ମୋ ପତ୍ନୀ ମାନସିକ ଆଘାତ ପାଇବା ବଦଳରେ ଦି'ଚାରିଟା ହାଇମାରି କୁକୁର ଚେକା ପକାଇ ନିଶ୍ଚିନ୍ତରେ ଶୋଇଗଲେ। ଘରର ଗୋଟାଏ କୋଣରେ ଦୀପଟା ଜଳୁଥିଲା ଦିକ୍‌ଦିକ୍ ହୋଇ। ତା' ପାଖରେ ଥୁଆ ହୋଇଥିଲା ପୋଡ଼ା ହୋମ ନଡ଼ିଆ। ବାସର ଗୃହକୁ ପଶିଲାବେଳେ ଭାଉଜ କହିଥିଲେ ଦୀପ ଲିଭାଇବନି। ସିଏ ଆପେ ଲିଭିଯିବ। ଦି' ଜଣଯାକ ସେ ପୋଡ଼ା ନଡ଼ିଆ ଖାଇକି ଯାହା କରିବ। ଏବେ ଦୀପ ତ ଲିଭିଲିଭି ଆସିଲାଣି। ପୋଡ଼ା ନଡ଼ିଆ ଦି'ଜଣଯାକ ଖାଇବା କଥା। ମୋ ପତ୍ନୀଙ୍କର ଘୁଙ୍ଗୁଡ଼ି ଦୀର୍ଘରୁ ଦୀର୍ଘତର ହେଲାଣି। ମତେ କିନ୍ତୁ ନିଦ ଆସୁ ନ ଥାଏ। କ'ଣ କରିବି? ନଡ଼ିଆଟା ଖାଇବା ବୋଧେ ବିଧି। ନ ଖାଇଲେ ଜୀବନରେ କାଳେ କିଛି ଅସୁବିଧା ହେବ ଭାବି ତାଙ୍କୁ ନିଦରୁ ଉଠାଇବାର ଚେଷ୍ଟା କଲି। କାଳେ କିଏ ଶୁଣିଦବ ଭାବି ମୁଁ ପାଟି ଖୋଲୁ ନ ଥାଏ। ହଠାତ୍ ମୋ ସ୍ତ୍ରୀ ବେପରୁଆ ଭାବେ ଆଖି ଖୋଲି ମତେ ଗୋଟେ ବିରକ୍ତ ସୂଚକ ଚାହାଣି ଚାହିଁଲେ। ମୁଁ ଅନୁଚ୍ଚ କଣ୍ଠରେ କହିଲି, ନଡ଼ିଆ ଖାଇବାଟା ବିଧି ପରା। ମୋ ସ୍ତ୍ରୀ ବଡ଼ପାଟିରେ କହିଲେ– ଏବେ ଆଉ ସେ କଥା କାହିଁକି। ତମେ କ'ଣ ମୋତେ ପ୍ରଥମ ବିବାହ କରିଛ? ମୁଁ ସବୁକିଛି ଜାଣିକି ତୁମକୁ ବିବାହ କରିଛି। ପୋଡ଼ା ନଡ଼ିଆକୁ ଖାଇକି ନୁହେଁ, ବରଂ ବୁଝିକି ଜୀବନ ଆରମ୍ଭ କରିବା ଶିଖ। ଏକଥା କହିଦେଇ ସିଏ ମୁହଁ ବୁଲାଇ ଶୋଇଗଲେ। ମୁଁ ବାରମ୍ବାର ଚାହୁଁଥିଲି ହାତରେ ଧରିଥିବା ପୋଡ଼ା ନଡ଼ିଆକୁ ଓ ପୋଡ଼ା ନଡ଼ିଆ ମତେ ଚାହୁଁଥିଲା।

ମୋ: ୮୯୧୭୬୨୪୩୮୬



## କାଳକାଳକୁ



''ଜଣେ ବଞ୍ଚିଥିବ, ଅଥଚ କହିବାକୁ ତା'ର କିଛି କାହାଣୀ ନଥିବ, ଏହା କିପରି ସମ୍ଭବ!''
– ଏଫ୍.ଏମ୍. ଦସ୍ତୋଭସ୍କି

**ଫ୍ୟୋଡର ମିଖାଇଲୋଭିଚ୍ ଦସ୍ତୋଭସ୍କିଙ୍କ** ଜନ୍ମ ୧୧ ନଭେମ୍ବର ୧୮୨୧ରେ ରୁଷ୍‌ର ମସ୍କୋରେ ଓ ପରଲୋକ ୯ ଫେବୃୟାରୀ ୧୮୮୧ରେ ରୁଷ୍‌ର ପିଟର୍ସବର୍ଗରେ। ବୃତ୍ତିରେ ମିଲିଟାରୀ ଇଞ୍ଜିନିୟର ଓ ପ୍ରବୃତ୍ତିରେ ଖବରଦାତା ତଥା ଔପନ୍ୟାସିକ ଏହି ଲେଖକଙ୍କ ସାହିତ୍ୟରେ ଊନବିଂଶ ଶତାବ୍ଦୀର ଉତ୍ତାଳ ରାଜନୈତିକ, ସାମାଜିକ ଓ ଆଧ୍ୟାତ୍ମିକ ସ୍ଥିତିର ସଚ୍ଚୋଟ ରୂପାୟନ ଘଟିଥାଏ। ତାଙ୍କ ରଚିତ 'କ୍ରାଇମ୍ ଆଣ୍ଡ ପନିଶ୍‌ମେଣ୍ଟ' (୧୮୬୬), 'ଦ ଇଡିୟଟ୍' (୧୮୬୯), 'ଡେମନ୍‌ସ' (୧୮୭୨), 'ଦ ବ୍ରଦର୍ସ କାରାମାଜୋଭ୍' (୧୮୮୦) ଓ 'ନୋଟ୍ସ ଫ୍ରମ୍ ଅଣ୍ଡରଗ୍ରାଉଣ୍ଡ' (୧୮୬୪) ଆଦି ଉପନ୍ୟାସକୁ ସ୍ଥିତିବାଦୀ ସାହିତ୍ୟର ପ୍ରଥମ ନିଦର୍ଶନ ଭାବେ ବିଚାର କରାଯାଏ। ନିଜ ରଚନାର ଦିଶାଦର୍ଶୀ ଗଭୀରତା ଯୋଗୁ ବିଶ୍ୱର ଜଣେ ସର୍ବମାନ୍ୟ ମହାନ୍ ଲେଖକ ଭାବେ ତାଙ୍କୁ ତାଙ୍କର ପାଠକ ଓ ସମାଲୋଚକମାନେ ବିବେଚନା କରନ୍ତି। ସେ କହନ୍ତି: ''ପରବୁଦ୍ଧିରେ ଚାଲି ଠିକ୍ କରିବା ଅପେକ୍ଷା ନିଜ ବୁଦ୍ଧିରେ ଚାଲି ଭୁଲ୍ କରିବା ବରଂ ଭଲ।''

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ନଭେମ୍ବର ୫/୨୦୨୨ Bhubaneswar, Saturday, November 5/ 2022

# ଭାରତ ୭-୪ରେ ନ୍ୟୁଜିଲାଣ୍ଡକୁ ହରାଇଲା




ନ୍ୟୁଜିଲାଣ୍ଡ ବିପକ୍ଷରେ ଗୋଲ୍ କରିବା ପରେ ଖୁସି ମୁହୂର୍ତ୍ତରେ ହରମନପ୍ରୀତ ସିଂ ଓ ସେଲଭାମ କାର୍ଥି ।

**ଭୁବନେଶ୍ୱର, ୪।୧୧ (କ୍ରୀଡ଼ା ପ୍ରତିନିଧି)**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚରେ ଗୋଲ ଏବଂ ପେନାଲ୍ଟି କର୍ନର ବର୍ଷା ମଧ୍ୟରେ ଘରୋଇ ଦଳ ବିଜୟୀ ହୋଇଛି। ଅଧିନାୟକ ହରମନପ୍ରୀତ ସିଂ ଓ ସେଲଭାମ୍ କାର୍ଥିଙ୍କ ଡବଲ ଗୋଲ ବଳରେ ଭାରତ ୭-୪ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ମ୍ୟାଚରେ ମୋଟ ୧୬ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି ହୋଇଥିଲା। ଭାରତକୁ ୧୧ ଏବଂ ନ୍ୟୁଜିଲାଣ୍ଡକୁ ୫ଟି ମିଳିଥିଲା। ଏଥିରୁ ଭାରତ ୩ଟି ଓ ନ୍ୟୁଜିଲାଣ୍ଡ ଗୋଟିଏ ଗୋଲ କରିଥିଲା। ପୂରା ମ୍ୟାଚରେ ଚମତ୍କାର ପ୍ରଦର୍ଶନ ପାଇଁ ହାର୍ଦ୍ଦିକ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚ ଆରମ୍ଭରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଷରେ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚର ପ୍ରଥମ କ୍ୱାର୍ଟର ନ୍ୟୁଜିଲାଣ୍ଡ ସପକ୍ଷରେ ରହିଥିବାବେଳେ ପରବର୍ତ୍ତୀ ୩ କ୍ୱାର୍ଟରରେ ଭାରତ

**ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍**
- କଳିଙ୍ଗରେ ଗୋଲ ବର୍ଷା
- ହରମନପ୍ରୀତ ସିଂ, ସେଲଭାମ କାର୍ଥିଙ୍କ ଡବଲ ଗୋଲ

ପ୍ରଭାବ ବିସ୍ତାର କରିଥିଲା। ଚଳିତ ଲିଗ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ଏହାଥିଲା ଦ୍ୱିତୀୟ ବିଜୟ। ସିଜନ ଆରମ୍ଭ ମ୍ୟାଚରେ ଭାରତ ୪-୩ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। କ୍ରମାଗତ୨ ମ୍ୟାଚରେ ପରାଜିତ ହୋଇଥିବାରୁ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା ନ୍ୟୁଜିଲାଣ୍ଡ। ଭାରତୀୟ ରକ୍ଷଣଭାଗରେ ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏହାର ଫାଇଦା ଉଠାଇ ୨ୟ ମିନିଟରେ ହିଁ ସିମନ ଚିଲ୍ଡଙ୍କ ଫିଲ୍ଡ ଗୋଲ ବଳରେ ନ୍ୟୁଜିଲାଣ୍ଡ ଅଗ୍ରଣୀ ହାସଲ କରିଥିଲା। କାଉଣ୍ଟର ଆକ୍ରମଣ କରି ଭାରତ ୭ମ ମିନିଟରେ ପେନାଲ୍ଟି କର୍ନର ହାସଲ କରିଥିଲା। ପ୍ରଥମ ଦୁଇ ଉଦ୍ୟମ ବିଫଳ ହେବା ପରେ ତୃତୀୟ ଉଦ୍ୟମରେ ଅଧିନାୟକ ହରମନପ୍ରୀତ ସିଂଙ୍କ ଗୋଲ ବଳରେ ଭାରତ ମ୍ୟାଚକୁ ସମାନ ସ୍ତରକୁ ଆଣିଥିଲା। ମାତ୍ର ପ୍ରଥମ କ୍ୱାର୍ଟରରେ ନ୍ୟୁଜିଲାଣ୍ଡ କ୍ରମାଗତ ଆକ୍ରମଣ ଜାରି ରଖି ସଫଳ ହୋଇଥିଲା। ୯ମ ମିନିଟରେ ସାମ୍ ଲେନ୍ ଫିଲ୍ଡ ଗୋଲ ଦେଇ ନ୍ୟୁଜିଲାଣ୍ଡକୁ ପୁଣି ଅଗ୍ରଣୀ କରାଇଥିଲେ। ସେତିକିରେ ଭାରତର ଦୁର୍ଦ୍ଦଶା ସରି ନ ଥିଲା। ୧୪ତମ ମିନିଟରେ ଜ୍ୟାକ ସ୍ମିଥ ଆଉ ଏକ ଫିଲ୍ଡ ଗୋଲ ଦେବାରୁ ଭାରତ ଉପରେ ଚାପ ସୃଷ୍ଟି କରିଥିଲା ନ୍ୟୁଜିଲାଣ୍ଡ। ପ୍ରଥମ କ୍ୱାର୍ଟର ଶେଷ ବେଳକୁ ନ୍ୟୁଜିଲାଣ୍ଡ ୩-୧ ଗୋଲରେ ଅଗ୍ରଣୀ ରହିଥିଲା। ପରବର୍ତ୍ତୀ ୩ କ୍ୱାର୍ଟରର ଖେଳ କିନ୍ତୁ ଭାରତ ନିୟନ୍ତ୍ରଣରେ ରହିଥିଲା।

ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଭାରତ ଅପେକ୍ଷାକୃତ ଭଲ ଖେଳିଥିଲା। ୧୭ତମ ମିନିଟରେ ସେଲଭାମ୍ କାର୍ଥି ଓ ୧୯ତମ ମିନିଟରେ ହରମନପ୍ରୀତ ଗୋଲଦେଇ ମ୍ୟାଚକୁ ୩-୩ ସ୍ଥିତିକୁ ନେଇ ଆସିଥିଲେ। ତୃତୀୟ କ୍ୱାର୍ଟର ଆରମ୍ଭରେ ଏକ ତ୍ରିକୋଣୀୟ ପାସ୍ ମଧ୍ୟରେ ରାଜ କୁମାର ପାଲ୍ ବଲ୍‌କୁ ନ୍ୟୁଜିଲାଣ୍ଡ ଗୋଲପୋଷ୍ଟକୁ ପଠାଇବାରେ ସକ୍ଷମ ହୋଇଥିଲେ। ୩୧ତମ ମିନିଟରେ ଅଭିଷେକ ବଲ୍‌କୁ ମନପ୍ରୀତ ସିଂଙ୍କୁ ଦେଇଥିଲେ। ମନପ୍ରୀତ ନ୍ୟୁଜିଲାଣ୍ଡ ଖେଳାଳିଙ୍କୁ ଚକ୍‌ମା ଦେଇ ବଲ୍‌କୁ ରାଜ କୁମାରଙ୍କ ନିକଟରୁ ପଠାଇ ଦେଇଥିଲେ। ରାଜକୁମାରଙ୍କ ଶଟ୍‌ରୁ ବଲ୍ ବିଜୁଳି ବେଗରେ ନ୍ୟଜିଲାଣ୍ଡ ଗୋଲ ପୋଷ୍ଟର ନେଟ୍ ସ୍ପର୍ଶ କରିଥିଲା। ଫଳରେ ଭାରତ ପ୍ରଥମଥର ପାଇଁ ଏହି ମ୍ୟାଚରେ ଅଗ୍ରଣୀ ହାସଲ କରିଥିଲା। ୩୮ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ ସେଲଭାମ୍ କାର୍ଥି। ୫୦ତମ ମିନିଟରେ ସୁଖଜିତ ସିଂ ଏକ ଫିଲ୍ଡ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିଥିଲେ। ୫୦ରୁ ୫୨ତମ ମିନିଟ ମଧ୍ୟରେ ଭାରତ ଲଗାତର ୭ଟି ପେନାଲ୍ଟି କର୍ନର ପାଇଥିଲା। ସେଥିରୁ ୫୩ତମ ମିନିଟରେ ଯୁଗରାଜ ସିଂ ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଏହାର ୧ ମିନିଟ ପରେ ୫୪ତମ ମିନିଟରେ ନ୍ୟୁଜିଲାଣ୍ଡ ଅଧିନାୟକ ନିକ୍ ଉଡ୍ସ କ୍ରମାଗତ ୨ ପେନାଲ୍ଟି କର୍ନରରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ।

# ସୁନୀତାଙ୍କୁ ଦିଲୀପ ତିର୍କୀ ଫାଉଣ୍ଡେଶନର ସହାୟତା



**ଭୁବନେଶ୍ୱର,୪।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଦିଲୀପ ତିର୍କୀ ସ୍ପୋର୍ଟ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଫାଉଣ୍ଡେଶନ୍ (ଡିଟିଏସ୍‌ଆରଡି) ଓ ହେଲ୍‌ଥ ଅନ୍ ଟପ୍ ପକ୍ଷରୁ ହକି ଖେଳାଳି ସୁନୀତା ଲୁଗୁନଙ୍କୁ ସହାୟତା କରାଯାଇଛି। ଶୈଶବରୁ ହକି ଖେଳୁଥିବା ସୁନୀତା ଜାତୀୟ ଦଳ ପାଇଁ ଖେଳିବାର ଲକ୍ଷ୍ୟ ରଖିଥିବା ବେଳେ ଆର୍ଥିକ ସ୍ଥିତି ତାଙ୍କ ସ୍ୱପ୍ନକୁ ରୋକି ଦେଇଥିଲା। ଆର୍ଥିକ ଦୁଃସ୍ଥିତି କାରଣରୁ ତାମିଲନାଡୁ ଯାଇ ଦିନ ମଜୁରିଆ ଭାବରେ କାମ କରୁଥିଲେ। ଏହି ଘଟଣା ସମ୍ପର୍କରେ ଜାଣିବା ପରେ ଡିଟିଏସ୍‌ଆରଡି ଓ ହେଲ୍‌ଥ ଅନ୍ ଟପ୍ ପକ୍ଷରୁ ସୁନୀତାଙ୍କୁ ଆର୍ଥିକ ସହାୟତା ସହିତ ଏକ ହକି କିଟ୍ ପ୍ରଦାନ କରାଯାଇଥିଲା। ଡିଟିଏସ୍‌ଆରଡି ସଭାପତି ଦିଲୀପ ତିର୍କୀ ସୁନୀତାଙ୍କୁ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିଟିଏସ୍‌ଆରଡି ମହାସଚିବ ଦିବାକର ପରିଚ୍ଛା, ପରିଚାଳନା ନିର୍ଦ୍ଦେଶକ ପ୍ରାଇମ୍ ଅଭିଳାଷଙ୍କ ସହିତ ହେଲ୍ଥ ଅନ୍ ଟପ୍ ସିଇଓ ଗୌରବ ରାଲହାନ୍ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଚଳିତ ରାଜ୍ୟସ୍ତରୀୟ ମହିଳା ହକି ଚାମ୍ପିୟନଶିପରେ ସୁନୀତା ସମ୍ବଲପୁର ଦଳର ନେତୃତ୍ୱ ନେଇଥିଲେ।



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଭାରତ-ନ୍ୟୁଜିଲାଣ୍ଡ ଏଫ୍‌ଆଇଏଚ୍ ପ୍ରୋ-ହକି ଲିଗ୍ ମ୍ୟାଚକୁ ଉପଭୋଗ କରୁଛନ୍ତି ଦର୍ଶକ।

# ଝାଡ଼ଖଣ୍ଡଠାରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୪।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ବିରାଟ ସିଂଙ୍କ ଶତକ ସହାୟତାରେ ଝାଡ଼ଖଣ୍ଡ ସିନିୟର ପୁରୁଷ କ୍ରିକେଟ ଦଳ ୭ ଉଇକେଟରେ ପ୍ରତିପକ୍ଷ ଓଡ଼ିଶା ଦଳକୁ ହରାଇ ଦେଇଛି। ଆଗାମୀ ବିସିସିଆଇ ବିଜୟ ହଜାରେ ଟ୍ରଫି ଲାଗି ପ୍ରସ୍ତୁତିର ଏକ ଅଂଶବିଶେଷ ସ୍ୱରୂପ ଶୁକ୍ରବାର କଟକ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଦଳ ୪୯.୪ ଓଭରରେ ୨୧୫ରନରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ରାଜେଶ ଧୂପର ୫୧ (୫୯ ବଲ୍, ୨ଚୌକା ଓ ୨ ଛକା) ଓ କାର୍ତ୍ତିକ ବିଶ୍ୱାଳ ୩୦ ରନ (୩୯ ବଲ୍, ୪ ଚୌକା) କରିଥିଲେ। ଝାଡ଼ଖଣ୍ଡ ତରଫରୁ ସଫଳ ବୋଲର ଏସ୍. ନଦିମ ତାଙ୍କ ୧୦ ଓଭର ବୋଲିଂରେ ମାତ୍ର ୨୬ ରନ ଦେଇ ୩ ଉଇକେଟ ନେଇଥିବା ବେଳେ ବାଲ୍ କ୍ରିଷ୍ଣା ୨୩ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଝାଡ଼ଖଣ୍ଡ ୪୩.୩ ଓଭରରେ ୩ ଉଇକେଟରେ ୨୧୬ ରନ କରି ବିଜୟ ଲାଭ କରିଥିଲା। ଦଳର ଟପ୍ ସ୍କୋରର ବିରାଟ ସିଂ ୧୨୦ ବଲ୍ ସାମ୍ନା କରି ୧୨ ଚୌକା ଓ ୩ ଛକା ସହ ୧୧୬ ରନ କରିଥିଲେ। ନାଜିମ ସିଦ୍ଦିକ ୫୨ ରନ (୬୪ ବଲ୍, ୫ ଚୌକା) କରିଥିଲେ।






# ଗୋଆ, ତେଲଙ୍ଗାନା, ରାଜସ୍ଥାନ ସେମିରେ

**ଅନୁଗୋଳ ଅଫିସ, ୪।୧୧**

ଅନୁଗୋଳ ସହର କଦମ ପଡ଼ିଆଠାରେ ବାଜି ରାଉତ କପ୍ ଜାତୀୟ ଫୁଟବଲ ଟୁର୍ନାମେଣ୍ଟର ୩ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ଗୋଆ, ଶ୍ରୀନିଧି ଡେକାନ୍ ଏଫ୍‌ସି ତେଲଙ୍ଗାନା ଓ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ବିଜୟ

**ବାଜି ରାଉତ କପ୍ ଜାତୀୟ ଫୁଟ୍‌ବଲ**

ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ସର୍ବଭାରତୀୟ ଫୁଟବଲ ସଂଘ ସହଯୋଗରେ ତଥା ଆମେ ଓଡ଼ିଆ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ତଥା ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ଢେଙ୍କାନାଳରେ ଖେଳାଯାଇଥିଲା। ଦ୍ୱିତୀୟ ଦିବସରେ ଅନୁଗୋଳ କଦମ ପଡ଼ିଆରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ଗୋଆ ଓ ଗୋକୁଲମ୍ ଏଫ୍‌ସି କେରଳ ଟିମ୍ ମୁହାଁମୁହିଁ ହୋଇଥିଲେ। ଉଭୟ ଦଳ ୧-୧ ଗୋଲ ସ୍କୋର କରିବାରୁ ପେନାଲଟି ଶୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଚର୍ଚ୍ଚିଲ ବ୍ରଦର୍ସ ଗୋଆ ୫-୪ ଗୋଲରେ ବିଜୟୀ ହୋଇଥିଲା। ଚମତ୍କାର ଗୋଲ୍‌ରକ୍ଷଣ ପାଇଁ ଗୋଆ ଗୋଲକିପର ନୋରା ଫର୍ନାଡିସ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶ୍ରୀନିଧି ଡେକାନ୍ ଏଫ୍‌ସି ତେଲଙ୍ଗାନା ଓ ଦିଲ୍ଲୀ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଡେକାନ୍ ଏଫ୍‌ସି ତେଲଙ୍ଗାନା ୨-୧ରେ ବିଜୟୀ ହୋଇଥିଲା। ବିଜୟୀ ଦଳର ଏମ୍‌ଡି ଆୱଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଚତୁର୍ଥ ତଥା ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ଓ ମହମ୍ମଡାନ୍ ସ୍ପୋର୍ଟିଂ କ୍ଲବ କୋଲକାତା ମୁହାଁମୁହିଁ ହୋଇଥିଲେ। ବଢ଼ିଆ ଖେଳ ପ୍ରଦର୍ଶନ କରି ରାଜସ୍ଥାନ ୟୁନାଇଟେଡ୍ ଏକତରଫା ଭାବେ ୨-୦ ଗୋଲରେ କୋଲକାତାକୁ ପରାସ୍ତ କରିଥିଲା। ରାଜସ୍ଥାନ ଦଳ ପକ୍ଷରୁ ମାର୍ଟିନ୍ ଚାବେଶ ଶ୍ରେଷ୍ଠ ପ୍ରଦର୍ଶନ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଜିଲାର ବହୁ କ୍ରୀଡ଼ାପ୍ରେମୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ରାଜସ୍ଥାନ ୟୁନାଇଟେଡ୍ ଓ ମହମ୍ମଡାନ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଯୋଜନାରେ ଅଟକିଛି ହାତୀ ସୁରକ୍ଷା

ଖୋର୍ଦ୍ଧା ଅଫିସ,୪।୧୧

ସଙ୍କଟରେ ଗଜରାଜ। ହାତୀଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ସଫଳ ରୂପାୟନ ହୋଇପାରୁ ନ ଥିବାରୁ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ହାତୀ ଓ ମଣିଷଙ୍କ ମଧ୍ୟରେ ଲଢେଇ ଜାରି ରହିଛି। କେତେବେଳେ ହାତୀ ତ ଆଉ କେତେବେଳେ ମଣିଷର ଜୀବନ ଯାଉଛି। ହାତୀଙ୍କ ସୁରକ୍ଷା ପାଇଁ ଐରାବତ ଯୋଜନା, ଗଜବନ୍ଧୁ ଯୋଜନା, ଜଙ୍ଗଲ ନିକଟବର୍ତ୍ତୀ ହାତୀ ଚଳାପଥ ଅଞ୍ଚଳରେ ସୋଲାର ବ୍ୟବସ୍ଥା, ନାଲିବତୀ ଆଦି ମାଧ୍ୟମରେ ଲୋକଙ୍କୁ ସଚେତନ, ଜଙ୍ଗଲ ଦେଇ ଯାଇଥିବା ରେଳଧାରଣାରେ ନାଲବତୀ, ସ୍ୱତନ୍ତ୍ର ଧ୍ୱନୀର ବ୍ୟବସ୍ଥା, ରେଲୱେ ଅଣ୍ଡରପାସ ଭଳି ଏକାଧିକ ଯୋଜନା ସତ୍ତ୍ୱେ ହାତୀ-ମଣିଷ ମଧ୍ୟରେ ଲଢେଇକୁ ରୋକାଯାଇପାରୁନାହିଁ। ଜଙ୍ଗଲ ଅବକ୍ଷୟ ସହିତ ଦ୍ରୁତ ଶିଳ୍ପାୟନ, ସହରୀକରଣ ଲାଗି ସବୁଜ ବନାନୀ ନଷ୍ଟ ହେବାରେ ଲାଗିଛି। ଫଳରେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁ ମୁହାଁ ହେଉଛନ୍ତି। ଅନ୍ୟପଟେ ବନାଞ୍ଚଳରେ ହାତୀ କେଉଁ ସ୍ଥାନରେ ରହିଛି, କେଉଁ ଆଡକୁ ଗତି କରୁଛି, ସେ ସମ୍ପର୍କରେ ଜାଣିବା ପାଇଁ ବନ ବିଭାଗ ନିକଟରେ ଅତ୍ୟାଧୁନିକ ବ୍ୟବସ୍ଥା ନାହିଁ। ହାତୀ ଗାଁ, ରାସ୍ତାରେ ବୁଲୁଥିବା ଖବର ମିଳିଲେ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥାଏ। ଆଧୁନିକ ଜ୍ଞାନକୌଶଳ ହେଉ କିମ୍ବା ମାନବ ସମ୍ବଳ ଅଭାବରୁ ହାତୀଙ୍କୁ ଘଉଡ଼ାଇବାରେ ବନ ବିଭାଗ ଏକ ପ୍ରକାର ସ୍ଥାଣୁ ପାଲଟିଛି। କୌଣସି ସ୍ଥାନରେ ଏକାଧିକ ହାତୀଙ୍କ ଉପଦ୍ରବ ଲାଗି ରହିଲେ, ସେମାନଙ୍କୁ ନିୟନ୍ତ୍ରଣ ପାଇଁ ବନ ବିଭାଗକୁ ନାକେଦମ ହେବାକୁ ପଡୁଛି।

## ମାନବ ସମ୍ବଳ ଅଭାବ

ହାତୀ ଉପଦ୍ରବ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଜଙ୍ଗଲବର୍ତ୍ତୀ ଅଞ୍ଚଳରେ ବନ ସଂରକ୍ଷଣ ସମିତି ରହିଛି। ପ୍ରତି ଗ୍ରାମରେ ଗଜବନ୍ଧୁ ନିୟୋଜିତ କରାଯାଇଛି। ତେବେ ଏମାନଙ୍କୁ ହାତୀଙ୍କୁ ସୁରକ୍ଷା ଦେବା କିମ୍ବା ଉପଦ୍ରବ ସମୟରେ ନିୟନ୍ତ୍ରଣ ଲାଗି ସେଭଳି କୌଣସି ପ୍ରଶିକ୍ଷଣ ଦିଆଯାଉନାହିଁ। ସ୍ୱତନ୍ତ୍ର ପାଣ୍ଠି ମଧ୍ୟ ନାହିଁ। ସେହିପରି ବନ ବିଭାଗର ଆବଶ୍ୟକ ସଂଖ୍ୟକ କର୍ମଚାରୀ ଓ ମାନବ ସମ୍ବଳରେ ଅଭାବ ରହିଛି। ଅନେକ ସମୟରେ ହାତୀଙ୍କୁ ଘଉଡାଇବା ସମୟରେ ବନ କର୍ମଚାରୀ, ଗଜବନ୍ଧୁ ଆହତ ହେଉଛନ୍ତି। କିଛି ମାସ ପୂର୍ବେ ଟାଙ୍ଗୀ ବନାଞ୍ଚଳ ଅଧୀନ ଭୂଷଣ୍ଡପୁର ଜଙ୍ଗଲରେ ଦନ୍ତା ହାତୀକୁ ଟ୍ରାଙ୍କୁଲାଇଜ ସମୟରେ ଆକ୍ରମଣରେ ପୂର୍ବତନ ଫରେଷ୍ଟର ସିନ୍ଧୁ ଚରଣ ସିଂ ଆହତ ହୋଇଥିଲେ।

## ସେନସରଯୁକ୍ତ ସାଇରନ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେଉନି

ଗଞ୍ଜାମ ରମ୍ଭା ନିକଟରେ ଟ୍ରେନ ଧକ୍କାରେ ୭ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜାନୁୟାରୀରେ ଟାଙ୍ଗୀ ବନାଞ୍ଚଳ ଜଙ୍ଗଲ ଦେଇ ଯାଇଥିବା ରେଲଧାରଣା ପାର ହେବା ବେଳେ ମାଲବାହୀ ଟ୍ରେନ ଧକ୍କାରେ ୨ ହାତୀଙ୍କ ମୃତ୍ୟୁ ଘଟିଥିଲା। ଏଠାରେ ରେଲୱେ ଏବଂ ବନ ବିଭାଗ ଜଣେ ଅନ୍ୟ ଜଣଙ୍କ ଉପରେ ଦୋଷ ଲଦି ଖସିଗଲେ। ସେନସରଯୁକ୍ତ ସାଇରନ ବ୍ୟବସ୍ଥା ଯୋଜନାରେ ଅଟକିଗଲା।

## ବିଶେଷଜ୍ଞ କମିଟି ଗଠନ କରାଯାଉ

ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କୁହନ୍ତି, ୩ବର୍ଷ ମଧ୍ୟରେ ଭାରତରେ ହାତୀ ଆକ୍ରମଣରେ ୧୫୭୮ଜଣ ମୃତ୍ୟୁବରଣ କରିଥିବା ବେଳେ ସେଥିରେ ଓଡ଼ିଶାର ସ୍ଥାନ ପ୍ରଥମ। ଓଡ଼ିଶାରେ ମୃତ୍ୟୁ ସଂଖ୍ୟା ୩୨୨ ରହିଛି। ସେହିଭଳି ଓଡ଼ିଶାରେ ୩ ବର୍ଷରେ ୨୪୫ଜଣ ହାତୀଙ୍କ ମୃତ୍ୟୁ ଘଟିଛି। ଏହା ଚିନ୍ତାଜନକ ବିଷୟ। ଏଥିପ୍ରତି ସଚେତନ ନିତାନ୍ତ ଆବଶ୍ୟକ। ରାଜ୍ୟସ୍ତରରେ ଅଭିଜ୍ଞ ବିଶେଷଜ୍ଞ, ପରିବେଶବିତ, ଅବସରପ୍ରାପ୍ତ ବନ ଅଧିକାରୀଙ୍କୁ ନେଇ କମିଟି ଗଠନ କରାଯାଉ। ବନ୍ୟଜନ୍ତୁଙ୍କୁ ନେଇ ବିଭିନ୍ନ ସ୍ଥାନରେ ରହିଥିବା ସମସ୍ୟା ସମାଧାନ ପାଇଁ କମିଟି ସହ ଆଲୋଚନା କଲେ, ଏହାର ସମାଧାନର ସୂତ୍ର ବାହାରିପାରିବ ବୋଲି ପରିବେଶବିତ୍ ପାଣିଗ୍ରାହୀ କହିଛନ୍ତି।

## ହାତୀ ହଟହଟାକୁ ନେଇ ପ୍ରଶ୍ନବାଚୀ

ଖାଦ୍ୟ ଅନ୍ୱେଷଣରେ ହାତୀ ଗାଁ ମୁହାଁ ହେଉଥିବା ବେଳେ ଏବେ ସହରମୁହାଁ ହେବାରେ ଲାଗିଛନ୍ତି। ରଣପୁର ଜଙ୍ଗଲରୁ ଖସି ଆସିଥିବା ଏକ ଦନ୍ତା ପୁରୀ ଜିଲା ଡେଲାଙ୍ଗ ଜଙ୍ଗଲ ଦେଇ ପିପିଲିକୁ ଉଠିବା ପରେ ରାଜଧାନୀରେ ପଶିଯାଇଥିଲା। ବାଟବଣା ହୋଇ ଜଙ୍ଗଲକୁ ଫେରିବାକୁ ବାଟ ନ ପାଇ ପୁରୁଣା ଭୁବନେଶ୍ୱର, ଲିଙ୍ଗରାଜ ଅଞ୍ଚଳରେ ରାତିସାରା ବୁଲିବା ପରେ ଭୋରରୁ ଆଇଗଣିଆ ଦେଇ ଜାତୀୟ ରାଜପଥକୁ ଉଠିଥିଲା। ସେଠାରେ ବନ ବିଭାଗର ଏକ ଟିମ ଟ୍ରାଙ୍କୁଲାଇଜ କରି ରଣପୁର ଜଙ୍ଗଲରେ ଛାଡିବା ପାଇଁ ହାଇଓ୍ୱାରେ ନେଇଥିଲେ। ତେବେ ଅର୍ଜୁନପୁର ଠାରେ ଗ୍ରାମବାସୀଙ୍କ ବିରୋଧ ଯୋଗୁ ହାତୀଙ୍କୁ ପୁଣି ଥରେ ସେଠାରୁ ଖୋର୍ଦ୍ଧା ରେଞ୍ଜ ଅନ୍ତର୍ଗତ କେତକୀଝର ଉଦ୍ୟାନକୁ ଅଣାଯାଇ ଶେଷରେ ଚନ୍ଦକା ଜଙ୍ଗଲକୁ ଛଡାଯାଇଛି। ତେବେ ପ୍ରଶ୍ନ ଉଠୁଛି ଟ୍ରାଙ୍କୁଲାଇଜ ସ୍ଥାନଠାରୁ ଚନ୍ଦକା ଜଙ୍ଗଲ ନିକଟରେ ରହିଛି। ତେବେ ହାତୀକୁ ସେଠାକୁ ନିଆ ନ ଯାଇ ରଣପୁର ଜଙ୍ଗଲକୁ ଛଡାଯିବାକୁ ନେଇ କିଏ ନିଷ୍ପତ୍ତି ନେଇଥିଲା ସେ ସମ୍ପର୍କରେ ବନ କର୍ତ୍ତୃପକ୍ଷ ମୁହଁ ଖୋଲିବାକୁ ନାରାଜ।

## ସଂକ୍ଷେପରେ

### ବୃଦ୍ଧଙ୍କୁ ମାଡ଼ ମାରି ୫୦ହଜାର ନେଇଗଲେ

ବେଗୁନିଆ,୪।୧୧(ଡି.ଏନ୍.ଏ.): ବାଘମାରୀ ଥାନା ଅଞ୍ଚଳରେ ଜଣେ ବୃଦ୍ଧଙ୍କୁ ମାଡ଼ ମାରି ଦୁର୍ବୃତ୍ତମାନେ ୫୦ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୫୭/୨୨) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବେଗୁନିଆ ଥାନା ଅନ୍ତର୍ଗତ ବଡ଼ବେରଣା ଗ୍ରାମର ଜଟାଧାରୀ ସେନାପତି ବାଘମାରୀସ୍ଥିତ ଏକ ବ୍ୟାଙ୍କରୁ ୫୦ହଜାର ଟଙ୍କା ଉଠାଇ ଅପରାହ୍ନ ୧ଟା ୩୦ରେ ଲୁନାରେ ବାଘମାରୀ-କଣ୍ଟିଲୋ ପୂର୍ତ୍ତ ରାସ୍ତାରେ ଘରକୁ ଫେରୁଥିଲେ। ୨ଜଣ ଦୁର୍ବୃତ୍ତ ବାଇକରେ ତାଙ୍କୁ ପିଛା କରିବା ସହ ସିମୋର ଛକ ନିକଟରେ ଅଟକାଇଥିଲେ। ପରେ ଦୁର୍ବୃତ୍ତମାନେ ଜଟାଧାରୀଙ୍କୁ ମାଡ଼ ମାରିବା ସହ ଟଙ୍କା ନେଇ ଚମ୍ପଟ ମାରିଥିଲେ। ଏନେଇ ଜଟାଧାରୀ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ଖୋର୍ଦ୍ଧା ଅଫିସ,୪।୧୧: ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ପକ୍ଷରୁ ବିଜେଡିର ଜନ ସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅରାଙ୍ଗ, ଉଇଲକିଶନ ନଗରରେ ଆୟୋଜିତ ଏହି ପଦଯାତ୍ରାରେ ବିଜେଡିର ବହୁ ନେତା, ଯୁବ, ମହିଳା, କର୍ମୀ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିକାଶମୁଖୀ ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଅରାଙ୍ଗ ଗ୍ରାମର ଭୁଆଶୁଣୀ ମନ୍ଦିରଠାରୁ ପଦଯାତ୍ରା ବାହାରି ଉଇଲକିଶନ ନଗର ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଏଥିରେ ବିଜେଡି ନେତା ଅର୍ଜୁନ ପରିଡା, ଲକ୍ଷ୍ମୀଧର ସାମନ୍ତରାୟ, କାଳନ୍ଦୀ ସ୍ୱାଇଁ, ଚନ୍ଦ୍ରଶେଖର ବିଶ୍ୱାଳ, ଅଭୟଚନ୍ଦ୍ର ବେହେରା, ବସନ୍ତ ଦାସ, ଜମ୍ବେଶ୍ୱର ନାଟୁଆ, କବିରାଜ ସ୍ୱାଇଁ, ଅଞ୍ଜଳି ସ୍ୱାଇଁ, ଅନୁସୂୟା ବେହେରା, ଅହଲ୍ୟା ବଲିଆରସିଂ, ପଦ୍ମାବତୀ ସ୍ୱାଇଁ, ବର୍ଷାରାଣୀ ପରିଡା, ପବିତ୍ର ପରିଡାଙ୍କ ସମେତ ଏକାଧିକ କର୍ମୀ ସାମିଲ ହୋଇଥିଲେ।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଟାଙ୍ଗୀ(ଖୋର୍ଦ୍ଧା),୪।୧୧(ଡି.ଏନ୍.ଏ.): ଟାଙ୍ଗୀ ବ୍ଲକ ପରିସରରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୮୨ଜଣ ଦିବ୍ୟାଙ୍ଗ ଯୋଗଦେଇଥିଲେ। ଅସ୍ଥିଶଲ୍ୟ ବିଭାଗରେ ୨୭୪ ଜଣ, ଆଖି ବିଭାଗରେ ୭୨, କାନ ବିଭାଗରେ ୭୫, ମାନସିକ ବିକାରଗ୍ରସ୍ତରେ ୧୬୧ ଜଣ ରେଜିଷ୍ଟ୍ରେସନ କରିଥିଲେ। ସମସ୍ତଙ୍କୁ ପରୀକ୍ଷା କରାଯାଇ ସାର୍ଟିଫିକେଟ ପ୍ରଦାନ କରିଯାଇଛି। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବ୍ଲକ ଅଧକ୍ଷା ରିଙ୍କା ମାନ୍ଧାତା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଐଶ୍ୱର୍ଯ୍ୟ ସାମନ୍ତରାୟ, ଟାଙ୍ଗୀ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସେଠୀ ପ୍ରମୁଖ ଯୋଗଦେଇଥିଲେ।

### ପ୍ରାଣୀ ଚିକିତ୍ସାଳୟରୁ ଚୋରି ଉଦ୍ୟମ

ନିରାକାରପୁର,୪।୧୧(ଡି.ଏନ୍.ଏ.): ଖୋର୍ଦ୍ଧା ଜଲା ଜଙ୍କିଆ ପଞ୍ଚାୟତ ସ୍ଥିତ ପ୍ରାଣୀ ବିଭାଗ ଚିକିତ୍ସାଳୟରୁ ଚୋରି ଉଦ୍ୟମ ବିଫଳ ହୋଇଛି। ରାତିରେ ଏହି କାର୍ଯ୍ୟାଳୟ ବନ୍ଦ ରହିଥିବା ବେଳେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ପ୍ରବେଶ କରିଥିଲେ ମଧ କିଛି ନେଇ ପାରିନଥିବା ଜଣାପଡିଛି। ପୂର୍ବାହ୍ନ ୧୦ଟାରେ କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସିଥିବା ବେଳେ ୩ଟି ରୁମର ତାଲା ଭଙ୍ଗାଯାଇଥିବା ଦେଖି ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଥାନା ନିକଟରେ ଏହି ଚିକିତ୍ସାଳୟ ରହିଥିବା ବେଳେ ପୋଲିସ କିପରି ସୁରାକ୍ ପାଇଲା ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ୨୧ରୁ ଅଙ୍ଗନୱାଡି ସଂଘର ଆନ୍ଦୋଳନ

ବୋଲଗଡ଼,୪।୧୧(ଡି.ଏନ୍.ଏ.)

ରାଜ୍ୟ ସରକାର ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ପ୍ରତି ଅବିଚାର କରିବା ସହ ଅଧିକ କାର୍ଯ୍ୟ ଲଦିବା, ଦରଦାମ ବୃଦ୍ଧି ଯୋଗୁ କର୍ମୀମାନେ ପୁଷ୍ଟିକର ଖାଦ୍ୟ ଯୋଗାଣରେ କ୍ଷତି ସହିବା ସହିତ ବିଭିନ୍ନ ଦାବି ନେଇ ରାଜ୍ୟରେ ନଭେମ୍ବର ୨୧ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବୋଲଗଡ଼ସ୍ଥିତ ନନ୍ଦିଘୋଷ ଭବନ ଠାରେ ବ୍ଲକସ୍ତରୀୟ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨୮ଟି ଅଙ୍ଗନୱାଡି କେନ୍ଦ୍ର ଓ ମିନି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଓ ସହାୟିକା ଯୋଗଦେଇଥିଲେ। ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନର ବ୍ଲକ ସଭାନେତ୍ରୀ ମେରିଆ ବେଗମଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ରାଜ୍ୟ ଉପସଭାନେତ୍ରୀ ବନିତାଞ୍ଜଳି ଦାସ, ଖୋର୍ଦ୍ଧା ଜିଲା ସମ୍ପାଦିକା ସରସ୍ୱତୀ ବଳିୟାରସିଂହ, ମଜଦୁର ସଂଘର ଜଲା ସମ୍ପାଦକ ଅକ୍ଷୟ ରାଉତରାୟ, ବ୍ଲକ ସମ୍ପାଦିକା ନମିତା ପ୍ରଧାନ ଯୋଗଦେଇଥିଲେ। ଗଙ୍ଗାଧର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରତିମା ଦେଇ ଧନ୍ୟବାଦ ଦେଇଥିଲେ।



ଗମ୍ଭାରୀମୁଣ୍ଡା: ଗୋଦାବରୀଶ ମହାବିଦ୍ୟାଳୟ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି।

## ଦୁର୍ନୀତି ନିବାରଣ ସପ୍ତାହ

ଗମ୍ଭାରୀମୁଣ୍ଡା,୪।୧୧(ଡି.ଏନ୍.ଏ.)

ବାଣପୁରସ୍ଥିତ ଗୋଦାବରୀଶ ମହାବିଦ୍ୟାଳୟ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରୁ ଏକ ସଚେତନତା ପଦଯାତ୍ରା ବାହାରି ବାଣପୁର ସହର ପରିକ୍ରମା କରିଥିଲା। ପଦଯାତ୍ରାକୁ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ବନମାଳୀ ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏସ୍‌ପିଏନଏସ ବର୍ମା ଏବଂ ଅନ୍ୟ ଅଧ୍ୟାପିକାଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ ଯେ,ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ମହାବିଦ୍ୟାଳୟ ପରିସରରେ ଗୁରୁବାର ଏକାଧିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ଶନିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ।

## ନାକିଠଣା ରାସ୍ତାରେ ବାଘ ନେଇ ଚର୍ଚ୍ଚା

ଟାଙ୍ଗୀ(ଖୋର୍ଦ୍ଧା), ୪।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ବନଖଣ୍ଡ ରଣପୁର ବନାଞ୍ଚଳ ନାକିଠଣା ରାସ୍ତାରେ ବାଘ ବୁଲୁଥିବା ନେଇ ଚର୍ଚ୍ଚା ହେଉଛି। ବାଘର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଛନ୍ତି। ଅପରପକ୍ଷରେ ନାକିଠଣା ରାସ୍ତାରେ ବାଘ ଥିବା ବନ ବିଭାଗ ପକ୍ଷରୁ ଅସ୍ୱୀକାର କରାଯାଇଛି।

## ଫେବୃୟାରୀ ସୁଦ୍ଧା ଓଭରବ୍ରିଜ୍ କାମ ସରିବ



କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଅନ୍ୟମାନେ।

ଜଟଣୀ,୪।୧୧(ଡି.ଏନ୍.ଏ.)

ଜଟଣୀର ବହୁପ୍ରତିକ୍ଷୀତ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ଓ ବିଳମ୍ବ ପ୍ରତିବାଦରେ ଗୁରୁବାର ଜଟଣୀ ନାଗରିକ କମିଟି ପକ୍ଷରୁ ମନ୍ମଥ ରାଉତରାୟଙ୍କ ନେତୃତ୍ୱରେ ସୀତାରାମ ଛକଠାରେ ଦୁଇଦିନିଆ ଗଣଧାରଣା ଓ ଅନଶନ ଦିଆଯାଇଥିଲା। ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ସ୍ଥାନୀୟ ତହସିଲଦାର ରୁମାନୀ ଜାମ୍ପି, ଥାନାଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ, ରେଳ ମଣ୍ଡଳର ଅଧିକାରୀ ପ୍ରମୁଖ ଶୁକ୍ରବାର ପହଞ୍ଚି ୨୦୨୩ ଫେବୃୟାରୀ ଶେଷ ସୁଦ୍ଧା ଓଭରବ୍ରିଜ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ଏବଂ ଏପ୍ରିଲ ୧ ତାରିଖରେ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ଉଦ୍‌ଘାଟନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ସମସ୍ତ ଅଧିକାରୀ ମନ୍ମଥ ରାଉତରାୟଙ୍କୁ ଅନଶନରୁ ଓହରି ଯିବା ପାଇଁ କହିବା ସହ ପାଣି ପିଆଇ ଅନଶନ ଭଙ୍ଗ କରିଥିଲେ। ସୂଚନାଥାଉ କି, ୨୦୧୫ ମସିହାରେ ରାଜ୍ୟ ସରକାରଙ୍କ ଅନୁଦାନକ୍ରମେ ୫୪ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଭିନ୍ନ ସମୟରେ ବିଭାଗୀୟ ମନ୍ତ୍ରୀ, ଏମ୍‌ପି, ବିଧାୟକ ଖୁବଶୀଘ୍ର ଓଭରବ୍ରିଜ କାମ ଶେଷ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ସରିଲା ନାହିଁ। ଅନ୍ୟପଟେ ଏହାର ବ୍ୟୟ ଅଟକଳ ୧୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପହଞ୍ଚିଲାଣି। ୭ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ ଓଭରବ୍ରିଜ କାମ ସରିନାହିଁ। ଏନେଇ ଜଟଣୀ ନାଗରିକ କମିଟି ପକ୍ଷରୁ ଦୁଇ ଦିନିଆ ଗଣଧାରଣା ଓ ଅନଶନ ଦିଆଯାଇଥିଲା।

## ବ୍ଲକ ଆଗରେ ଏସ୍‌ୟୁସିଆଇର ବିକ୍ଷୋଭ

ଖୋର୍ଦ୍ଧା ଅଫିସ,୪।୧୧

ବେକାରି, ବେରୋଜଗାର, ଦରଦାମ ବୃଦ୍ଧି ଏବଂ ଅନ୍ୟାନ୍ୟ ସମସ୍ୟା ନେଇ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଖୋର୍ଦ୍ଧା ଶାଖା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦିନକୁ ଦିନ ଦରଦାମ ହୁ ହୁ ବଢି ଚାଲିଥିବା ବେଳେ ଶିକ୍ଷିତ ଯୁବକଙ୍କ ବେରୋଜଗାର ମଧ୍ୟ ବଢିଚାଲିଛି। ଖାଦ୍ୟଦ୍ରବ୍ୟ ଦରଦାମ ବୃଦ୍ଧି ଯୋଗୁ ସାଧାରଣ, ମଧ୍ୟବିତ୍ତ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୈଳ ଦର ଶହେ ତଳକୁ ଖସୁନାହିଁ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତିକୁ ବିରୋଧ କରିଥିଲେ। ଭୂମିହୀନଙ୍କୁ ଜମି ପଟ୍ଟା ଓ ଜାତି ପ୍ରମାଣପତ୍ର, ନିର୍ମାଣ ଶ୍ରମିକଙ୍କୁ ଅନଲାଇନ ଓ ଅଫଲାଇନରେ କାମ ଯୋଗାଇବା, ପ୍ରଜାଙ୍କର ସ୍ଥିତିବାନ ସମ୍ପତ୍ତି ଜଗନ୍ନାଥ ଖେୱାଟଙ୍କ ନାମ ପରିବର୍ତ୍ତନ କରାଯାଇ ଓଡ଼ିଶା ସରକାରଙ୍କ ନାମରେ ନାମିତ କରାଯାଉ। ସମାଜରେ ଦିନକୁ ଶିଶୁ ଓ ମହିଳା ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ନିଶା, ମଦ୍ୟପାନ ଅନେକଙ୍କ ଘର ଉଜାଡିଲାଣି, ଏହାକୁ ନିୟନ୍ତ୍ରଣ ପାଇଁ ଦାବି କରିଥିଲେ। ଖୋର୍ଦ୍ଧା ଆଞ୍ଚଳିକ କମିଟି ସମ୍ପାଦକ ଅଶୋକ ସାହୁ, ଅବିନାଶ ପ୍ରଧାନ, ଜିତେନ୍ଦ୍ର ବଳବନ୍ତରାୟ, ଅରୁଣ ନାୟକ, ସୁଜାତା ନାୟକ, ସଂଘମିତ୍ରା ମହାପାତ୍ର, ପ୍ରକାଶ ସୁନ୍ଦରାୟ, ସୁଶୀଲ ଖଣ୍ଡାୟତରାୟ ପ୍ରମୁଖ ସାମିଲ ହୋଇଥିଲେ।

## ଶ୍ରୀଅରବିନ୍ଦଙ୍କ ଜନ୍ମବାର୍ଷିକୀ

ଗମ୍ଭାରୀମୁଣ୍ଡା,୪।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଶ୍ରୀଅରବିନ୍ଦ ଲିଗାଲ ୟୁନିଟର ବାର୍ଷିକୋତ୍ସବ ଅବସରରେ ବାଣପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ମାତୃନୀଳୟ ଠାରେ ଶୁକ୍ରବାର ଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକ ପାଳିତ ହୋଇଯାଇଛି। ଏହି ଅବସରରେ ଲିଗାଲ ୟୁନିଟର ଆବାହକ ଶେଷଦେବ ମହାରଣାଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ବିଚାରପତି ପ୍ରକାଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ବକ୍ତାଭାବେ ସଞ୍ଜୟ ମହାପାତ୍ର, ଅତିଥିଭାବେ ଅକ୍ଷୟ ମହାପାତ୍ର, ଗୌରୀ ଶଙ୍କର ଷଡ଼ଙ୍ଗୀ, ସଞ୍ଜୟ ଦାସ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଲିଗାଲ ୟୁନିଟର ଦ୍ୱାରା ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ଆଇନ ସମ୍ବନ୍ଧରେ କହିଥିଲେ। ପ୍ରଣତି ମହାରଣା ଓ ଅରୋଜୋତୀ ଦାସ ସଙ୍ଗୀତ ଗାନ କରିଥିଲେ। ସଞ୍ଜୟ ଦାସ ଧନ୍ୟବାଦ ଦେଇଥିଲେ।

## ଦଧିମାଛଗାଡ଼ିଆରେ ହେବ ଓଭରବ୍ରିଜ୍

ଖୋର୍ଦ୍ଧା ଅଫିସ,୪।୧୧

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତର ଦାରୁକ୍ଷେତ୍ର ଦଧିମାଛଗାଡ଼ିଆଠାରେ ରାମଲୀଳା ସଂଘ ପକ୍ଷରୁ ଗ୍ରାମ କମିଟି ସଭାପତି ମାନସ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଦଧିମାଛଗାଡ଼ିଆ ଛକରେ ଏକ ଓଭରବ୍ରିଜ୍ ନିର୍ମାଣ, ଅର୍ଦ୍ଧନିର୍ମିତ ଚିକିତ୍ସାଳୟକୁ ପୂର୍ଣ୍ଣାଙ୍ଗ ରୂପରେଖ ଦେବା ପାଇଁ ପ୍ରଚେଷ୍ଟା ସହ ଗାଁରେ ୧୫ଟି ସୋଲାର ଲାଇଟ୍ ବ୍ୟବସ୍ଥା ପାଇଁ ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ବରିଷ୍ଠ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ମଣ୍ଡଳ ସଭାପତି ପ୍ରଦୀପ୍ତ ପାଣି, ଏମ୍‌ପିଙ୍କ ଟାଙ୍ଗୀ ପ୍ରତିନିଧି ହେମନ୍ତ ବେହେରା ଉପସ୍ଥିତ ଥିଲେ। ଆଇନଜୀବୀ ଜୀବନ ଜ୍ୟୋତି ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗ୍ରାମର ଏକାଧିକ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।

## ତରତୁଆ-ମୁକୁନ୍ଦପ୍ରସାଦ ମ୍ୟାଚ ଡ୍ର

ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ନାମେଣ୍ଟ

ଖୋର୍ଦ୍ଧା ଅଫିସ,୪।୧୧

ଖୋର୍ଦ୍ଧା କ୍ରୀଡା ସଂସଦ ଓ ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ତରତୁଆର ରାଇଜିଂଷ୍ଟାର ଓ ମୁକୁନ୍ଦପ୍ରସାଦର ମିଳନ ୟୁଥ୍ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖେଳ ଆରମ୍ଭର ୨ମିନିଟ୍ ମଧ୍ୟରେ ବିପକ୍ଷ ଦଳକୁ ମିଳନ ୟୁଥ୍ କ୍ଲବର ଶେଖ୍ ଶରାଫତ୍ ଗୋଟିଏ ଗୋଲ ଦେଇଥିଲେ। ଏହାର ୧୩ମିନିଟ୍‌ରେ ରାଇଜିଂଷ୍ଟାର ଟିମର ଶେଖ୍ ଆଫ୍ରୋଜ ଫିଲ୍ଡ ପେନାଲ୍ଟି କିକ୍ ବଳରେ ଗୋଲ ଦେଇଥିଲେ। ଉଭୟ ଦଳ ୧-୧ରେ ସମାନ ସ୍ଥିତିରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲ କରିବାର ସୁଯୋଗ ଦେଇନଥିଲେ। ଶେଷ ପର୍ଯ୍ୟନ୍ତ ମ୍ୟାଚ ସଂଘର୍ଷପୂର୍ଣ୍ଣ ରହିଥିଲା। ଫଳରେ ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଥିଲା। ମନୋରଞ୍ଜନ ଖୁଣ୍ଟିଆ, ଅରୁଣ କୁମାର ଦାସ, ଯୋଗେନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଶନିବାର କେରଙ୍ଗ ଅହମ୍ମଦିଆ କ୍ଲବ ଏବଂ ଶରଧାପୁର ସ୍ପୋର୍ଟସ ଆସୋସିଏଶନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସଂସଦ ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ସୂଚନା ଦେଇଛନ୍ତି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ଖୋର୍ଦ୍ଧା ଅଫିସ,୪।୧୦

ଖୋର୍ଦ୍ଧା ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ସ୍ଥାନୀୟ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୧୮ଟି ବିଭାଗରେ ୧୦ଟି ବ୍ଲକ ଓ ଭୁବନେଶ୍ୱର ମହାନଗର ନିଗମରୁ ମୋଟ୍ ୩୪୧ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ସମାୟାନୁବର୍ତ୍ତିତା, ଶୃଙ୍ଖଳିତ, ଏକାଗ୍ରତା, ପରିଶ୍ରମୀ ହେବାକୁ ପରାମର୍ଶ ଦେଇଥିଲେ। ସଫଳତାର ଶୀର୍ଷରେ ପହଞ୍ଚିବାକୁ ହେଲେ ଧୈର୍ଯ୍ୟ, ନିରନ୍ତର ପ୍ରୟାସ ଜରୁରୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ସ୍ନିଗ୍ଧାରାଣୀ ମିଶ୍ର, ଡ.ଅମ୍ରିତା ପ୍ରତିନନ୍ଦା, ବିଜେବି ବିଦ୍ୟାଳୟର ପ୍ରଧାନଶିକ୍ଷକ ସେକ୍ ଗହ୍ୱର ଅଲ୍ଲୀ, ମଣ୍ଡଳ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, ଭାସ୍କର ଚନ୍ଦ୍ର ଲେଙ୍କା, ନିରଞ୍ଜନ ମହାନ୍ତି, ରଶ୍ମିରାଣୀ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



ସୁରଭି କାର୍ଯ୍ୟକ୍ରମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅତିଥି।

ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁଙ୍କ ପ୍ରତିଭା ବିକାଶରେ ସୁରଭି ବଳିଷ୍ଠ ମାଧ୍ୟମ ସାଜିଛି ବୋଲି କହିଥିଲେ। ଜିଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷ ଡ.ତାପସ କୁମାର ନାୟକ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ଜ୍ଞାନର ବିକାଶ ଲାଗି ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାଙ୍କୁ ପୁରସ୍କୃତ କରାଯାଇଥିଲା। ସିନିୟର ବିଭାଗ ଏଲୋକ୍ୟୁସନରେ ସ୍ମୃତିରେଖା ଘଡାଇ, ସୃଜନଶୀଳ ଲିଖନରେ ରିୟା ସିଂହ, ବକ୍ତୃତାରେ ପ୍ରୀତିପ୍ରଜ୍ଞା ଭୂଜବଳ, କୁଇଜ୍‌ରେ ଶୁଭ୍ରାଂଶୁ ଶେଖର ମୁଦୁଲି, ପ୍ରବନ୍ଧରେ ପ୍ରତ୍ୟୁଷ କୁମାର ଦାସ, ଗୀତରେ ଶୁଭ୍ରାଂଶୁ କୁମାର ବିଶୋଇ, ଭିନ୍ନକ୍ଷମ ସଙ୍ଗୀତରେ ବିଶ୍ୱବନ୍ଦିତା ତିଆଡି, ଚିତ୍ରାଙ୍କନରେ କୀର୍ତ୍ତିମୟୀ ବେହେରା ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଜୁନିୟର ବିଭାଗ ଚିତ୍ରାଙ୍କନରେ ବେବୀରାଣୀ ଦାସ, ସୁନ୍ଦର ହସ୍ତାକ୍ଷରରେ ଇନ୍‌ଶ୍ରୀ ନାୟକ, ସୃଜନଶୀଳ ଲିଖନରେ ଗାୟତ୍ରୀ ସାହୁ, କୁଇଜରେ ସତ୍ୟବ୍ରତ ସାହୁ, ଗୀତରେ ସତ୍ୟଜିତ୍ ସାମନ୍ତରାୟ, ଏଲୋକ୍ୟୁଶନରେ ସ୍ନେହମୟୀ ଖୁଣ୍ଟିଆ, ଆର୍ଟ ଏବଂ କ୍ରାଫ୍ଟରେ ରୁଦ୍ର ନାରାୟଣ ବେହେରା ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନରେ କାବେରୀ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୁବନେଶ୍ୱର ବ୍ଲକର ସରକନ୍ତରା ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ସମଗ୍ର ଶିକ୍ଷାର ସଂଯୋଜିକା ସୁନିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମସ୍ତ ସିଆରସିଙ୍କ ସମେତ ଗୋପାଳ ଚନ୍ଦ୍ର ତ୍ରିପାଠୀ, ସୁରେଶ ଚନ୍ଦ୍ର ବିଶ୍ୱାଳ, ଅଗାଧୁ ସେଠୀ, ପ୍ରସନ୍ନ କୁମାର ମହାପାତ୍ର, ଅଭିରାମ ପଣ୍ଡା, ମୃତ୍ୟୁଞ୍ଜୟ ମହାପାତ୍ର, ପ୍ରଦ୍ୟୁମ୍ନ ମିଶ୍ର, ଗୀତାରାଣୀ ସାହୁ, ବିଆରସିସି ଭରତ ଚନ୍ଦ୍ର ପ୍ରଧାନ, ଶିକ୍ଷକ ପ୍ରବୀର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ସ୍ନିଗ୍ଧାରାଣୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ନାକିଠଣା ରାସ୍ତାରେ ବାଘ ବୁଲୁଥିବା ଚର୍ଚ୍ଚା



ଟାଙ୍ଗୀ(ଖୋର୍ଦ୍ଧା),୪।୧୧(ଡି.ଏନ୍.ଏ.): ଖୋର୍ଦ୍ଧା ବନଖଣ୍ଡ ରଣପୁର ବନାଞ୍ଚଳ ନାକିଠଣା ରାସ୍ତାରେ ବାଘ ବୁଲୁଥିବା ନେଇ ଚର୍ଚ୍ଚା ହେଉଛି। ବାଘର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଅପରପକ୍ଷରେ ନାକିଠଣା ରାସ୍ତାରେ ବାଘ ଥିବା ବନ ବିଭାଗ ପକ୍ଷରୁ ଅସ୍ୱୀକାର କରାଯାଇଛି।

### ଡ.ସଜଲେନ୍ଦୁ ମାଲକାରଙ୍କୁ ଗୀତାଞ୍ଜଳି ସାଂସ୍କୃତିକ ସମ୍ମାନ

ଭୁବନେଶ୍ୱର,୪।୧୧(ବ୍ୟୁରୋ): ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ 'ଗୀତାଞ୍ଜଳି'ର ପଞ୍ଚଦଶତମ ସାଂସ୍କୃତିକ ବାର୍ଷିକ ଉତ୍ସବ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ ମହିଳା ସମିତିର ସଭାପତି ସସ୍ମିତା ପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ, ସଭାପତି ଡ. ସୁବାସ ଚନ୍ଦ୍ର ମୁଖାର୍ଜୀ, ସାଧାରଣ ସମ୍ପାଦକ ତପନ କୁମାର ରାହା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୀତାଞ୍ଜଳି ସାଂସ୍କୃତିକ ସମ୍ମାନ ୨୦୨୨ର ଡ. ସଜଲେନ୍ଦୁ ମାଲକାର ଓ ଗୀତାଞ୍ଜଳି ପକ୍ଷରୁ ସସ୍ମିତା ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ସମାଜକୁ ଭାଇଚାରାର ଏକ ବାର୍ତ୍ତା ପ୍ରଦାନ କରାଯାଇଥିଲା। ବିଶେଷ କରି ବେଙ୍ଗଲୀ ସଙ୍ଗୀତ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା।

### ବୃଦ୍ଧଙ୍କୁ ମାଡ଼ ମାରି ୫୦ ହଜାର ଟଙ୍କା ନେଇଗଲେ

ବେଗୁନିଆ,୪।୧୧(ଡି.ଏନ୍.ଏ.): ବାଘମାରୀ ଥାନା ଅଞ୍ଚଳରେ ଜଣେ ବୃଦ୍ଧଙ୍କୁ ମାଡ଼ ମାରି ଦୁର୍ବୃତ୍ତମାନେ ୫୦ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୫୭/୨୨) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବେଗୁନିଆ ଥାନା ଅନ୍ତର୍ଗତ ବଡ଼ବେରଣା ଗ୍ରାମର ଜଟାଧାରୀ ସେନାପତି ବାଘମାରୀସ୍ଥିତ ଏକ ବ୍ୟାଙ୍କରୁ ୫୦ହଜାର ଟଙ୍କା ଉଠାଇ ଅପରାହ୍ନ ୧ଟା ୩୦ରେ ଲୁନାରେ ବାଘମାରୀ-କଣ୍ଟିଲୋ ପୂର୍ତ୍ତ ରାସ୍ତାରେ ଘରକୁ ଫେରୁଥିଲେ। ୨ଜଣ ଦୁର୍ବୃତ୍ତ ବାଇକରେ ତାଙ୍କୁ ପିଛା କରିବା ସହ ସିମୋର ଛକ ନିକଟରେ ଅଟକାଇଥିଲେ। ପରେ ଦୁର୍ବୃତ୍ତମାନେ ଜଟାଧାରୀଙ୍କୁ ମାଡ଼ ମାରିବା ସହ ଟଙ୍କା ନେଇ ଚମ୍ପଟ ମାରିଥିଲେ। ଏନେଇ ଜଟାଧାରୀ ଥାନାର ଦ୍ୱାରସ୍ଥ ହୋଇଥିଲେ।

# କାର୍ତ୍ତିକ ପୂର୍ଣ୍ଣିମାରେ ପୀର ଜାହାନିଆଁ ଉତ୍ସବ

- ଉତ୍ସବ, ବାଲିଯାତ୍ରା ନେଇ ପ୍ରସ୍ତୁତି ବୈଠକ
- ନିଲାମ ହେଲାନି ବାଲିଯାତ୍ରା ପଡ଼ିଆ

ଅସ୍ତରଙ୍ଗ,୪।୧୧(ଡି.ଏନ୍.ଏ.)



ପ୍ରସ୍ତୁତି ବୈଠକରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତି ନାୟକ ଏବଂ ଅନ୍ୟମାନେ।

ପୁରୀ ଜିଲାର ପ୍ରସିଦ୍ଧ ପୀର ଜାହାଁନିଆ ବାଲିଯାତ୍ରା ପାଇଁ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତି ନାୟକଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୀର ଜାହନିଆଁସ୍ଥିତ କଲ୍ୟାଣୀ ମଣ୍ଡପରେ ଅନୁଷ୍ଠିତ ବୈଠକରେ ଅସ୍ତରଙ୍ଗ ବ୍ଲକ ପ୍ରଶାସନ, ତହସିଲ, ପୋଲିସ, ଅଗ୍ନିଶମ ବିଭାଗ, ବନ ବିଭାଗ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଦୁଇଦିନ ଧରି ଆୟୋଜିତ ହେବାକୁ ଥିବା ପୀର ବାବାଙ୍କ ବାର୍ଷିକ ଉତ୍ସବ ତଥା ବାଲିଯାତ୍ରା ସୁପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା। ଉଭୟ ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ଲୋକଙ୍କ ଏହି ଭାଇଚାରା ପର୍ବରେ ଦୁଇଦିନ ଧରି ପ୍ରବଳ ଜନସମାଗମ ହେବା ଦୃଷ୍ଟିକୋଣରୁ ଯାତ୍ରୀଙ୍କ ସୁରକ୍ଷା, ଭକ୍ତମାନେ ଧାଡ଼ି ଦର୍ଶନ କରିବା, ବେଳାଭୂମିରେ ଲାଇଫ୍‌ଗାର୍ଡ ନିୟୋଜିତ କରିବା, ଟ୍ରାଫିକ ନିୟନ୍ତ୍ରଣ, ପାନୀୟଜଳ, ଯାନବାହନ ପାର୍କିଂ ସ୍ଥାନ ନିରୂପଣ, ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ପୋଲିସ ଫୋର୍ସ ମୁତୟନ ହେବ ନେଇ ବୈଠକରେ ନିଷ୍ପତ୍ତି ହୋଇଛି।

ଏଥିସହିତ ବିଗତ ବର୍ଷରେ ପ୍ରଚଳିତ ହୋଇଆସୁଥିବା ଯାତ୍ରା ପଡ଼ିଆ ନିଲାମ ଓ ବ୍ୟବସାୟୀଙ୍କଠାରୁ ମୋଟାଅଙ୍କ ଅର୍ଥ ଆଦାୟ ପରମ୍ପରା ସମ୍ପର୍କରେ ଆଲୋଚନା ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଏ ସମ୍ପର୍କରେ ନୂଆଗଡ଼ ପଞ୍ଚାୟତ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଓ ବ୍ଲକ ପ୍ରଶାସନକୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଏହି ଅଭିଯୋଗକୁ ବିଚାର କରାଯାଇ ସମସ୍ୟାର ବିଚାର ଓ ସମାଧାନ ନିମନ୍ତେ ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କୁ ଅବଗତ କରାଯାଇଥିଲା। ଉପାଧ୍ୟକ୍ଷ ମିଶ୍ର ଏହି ସମସ୍ୟା ବିଷୟରେ ଉପସ୍ଥାପନା କରିବା ପରେ ପରବର୍ତ୍ତୀ ସମୟରେ ସ୍ଥାନୀୟ ସମସ୍ତ ଲୋକ ପ୍ରତିନିଧିଙ୍କ ସର୍ବସମ୍ମତି କ୍ରମେ ବାଲିଯାତ୍ରା ପଡିଆ ନିଲାମ ଧାରା ବନ୍ଦ ହେବା ସହିତ ବର୍ଗ ଫୁଟକୁ ୨ଟଙ୍କା ଓ ସ୍ଥାୟୀ ଦୋକାନୀଙ୍କ ପାଇଁ ୨୦୦ଟଙ୍କା ଧାର୍ଯ୍ୟ କରାଯାଇଥିବା ନେଇ ଛୁରିଅନା ପଞ୍ଚାୟତର ପଞ୍ଚାୟତ ଅଧିକାରୀ ଅଜୟ ନାୟକ ବିଧିବଦ୍ଧ ଭାବେ ଏକ କାର୍ଯ୍ୟସୂଚୀ ପ୍ରକାଶ କରିଛନ୍ତି। ଫଳରେ ବାଲିଯାତ୍ରା ପ୍ରତି ବିମୁଖ ହେଉଥିବା ବ୍ୟବସାୟୀଙ୍କ ମଧ୍ୟରେ ଆଶ୍ୱସ୍ତି ଦେଖିବାକୁ ମିଳିଛି। ଏହି ବୈଠକରେ ଏବିଡିଓ ଯୋଗେନ୍ଦ୍ର ମହାକୁଡ଼, ଜିପିଓ ସିଦ୍ଧାର୍ଥ ସ୍ୱାଇଁ, ଜଳ ବିଭାଗର କନିଷ୍ଠ ଯନ୍ତ୍ରୀ ସତ୍ୟପ୍ରକାଶ ମହାନ୍ତି, ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି, ସମିତିସଭ୍ୟ ବିଦ୍ୟାଧର ବିଶ୍ୱାଳ, ଯୁବନେତା ଜିତେନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟ, ତହସିଲଦାର ରାଜଲକ୍ଷ୍ମୀ ନାୟକ, ଏସ୍‌ଡିପିଓ ଦେବାଶିଷ ମିଶ୍ର, ଅସ୍ତରଙ୍ଗ ଥାନାଧିକାରୀ ପଞ୍ଚାନନ ପରିଡା ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ବୁଦ୍ଧିଜୀବୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ୧୦ରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ରାଷ୍ଟ୍ରପତି

- ଦେଢ଼ଘଣ୍ଟା ପୂର୍ବରୁ ସାଧାରଣ ଦର୍ଶନ ବନ୍ଦ
- ଗସ୍ତ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ

ପୁରୀ ଅଫିସ, ୪।୧୧



ଦ୍ରୌପଦୀ ମୁର୍ମୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ। ସେ ୧୦ ତାରିଖରେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଶୁକ୍ରବାର ସନ୍ଧ୍ୟାରେ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଅଧ୍ୟକ୍ଷତା କରିଥିବାବେଳେ ଶ୍ରୀମନ୍ଦିର ଉପପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଳ ସିଂଙ୍କ ସମେତ ଛତିଶା ନିଯୋଗ, ନୀତି ସବ୍‌କମିଟି ଓ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ମୁଖ୍ୟ ପ୍ରଶାସକ ଯାଦବଙ୍କ ସୂଚନା ଅନୁଯାୟୀ, ରାଷ୍ଟ୍ରପତି ୧୦ ତାରିଖ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧ଟା ମଧ୍ୟରେ ଶ୍ରୀମନ୍ଦିର ଯାଇ ଗର୍ଭଗୃହରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ସୁରକ୍ଷା ଦୃଷ୍ଟିରୁ ତାଙ୍କ ଦର୍ଶନର ଦେଢ଼ ଘଣ୍ଟା ପୂର୍ବରୁ ଅର୍ଥାତ୍ ପ୍ରାୟ ୧୦ଟା ୩୦ରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏହି ସମୟ ମଧ୍ୟରେ ଶ୍ରୀମନ୍ଦିରକୁ ଶୋଧ କରାଯିବ। କେବଳ ପାଳିଆ ସେବାୟତମାନେ ଶ୍ରୀମନ୍ଦିର ପରିସରରେ ଉପସ୍ଥିତ ରହିବେ। ସେହିପରି ରାଷ୍ଟ୍ରପତି ମହାପ୍ରସାଦ ସେବନ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ବର୍ତ୍ତମାନ ସୁଦ୍ଧା ରାଷ୍ଟ୍ରପତିଙ୍କ ଉକ୍ତ ଦିନର ମିନିଟ-ଟୁ-ମିନିଟ୍ କାର୍ଯ୍ୟସୂଚୀ ଆସିନାହିଁ। ତେଣୁ ସେ କେଉଁ ସ୍ଥାନରେ ମହାପ୍ରସାଦ ସେବନ କରିବେ ସେ ନେଇ ସୂଚନା ମିଳିନାହିଁ। ରାଷ୍ଟ୍ରପତି ଦର୍ଶନ ସାରି ଫେରିବା ପରେ ପୁଣିଥରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ ବୋଲି ଯାଦବ କହିଛନ୍ତି। ସିଂହଦ୍ୱାର ନିକଟସ୍ଥ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ରାଷ୍ଟ୍ରପତି ମାଲ୍ୟାର୍ପଣ କରିବେ ବୋଲି ଜଣାପଡ଼ିଛି।



ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଦଣ୍ଡବତ ଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଦାବି ପୂରଣ ନ ହେଲେ ଜୋରଦାର ଆନ୍ଦୋଳନ

**ଓଡ଼ିଶା ଡ୍ରାଇଭର ମହାସଂଘର ବିକ୍ଷୋଭ, ଦଣ୍ଡବତ ଯାତ୍ରା**

ପୁରୀ ଅଫିସ, ୪।୧୧:

ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ସଦସ୍ୟମାନେ ଦଣ୍ଡବତ ଯାତ୍ରା କରି ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ମହାସଂଘ ପକ୍ଷରୁ ଦର୍ଶାଯାଇଛି ଯେ, ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ ସଂଘର ଦାବି ପ୍ରତି ସରକାର କର୍ଣ୍ଣପାତ କରୁନାହାନ୍ତି। ଏ ନେଇ ଗତବର୍ଷ ଅକ୍ଟୋବର ୨୯ ଓ ପରେ ଗତ ଏପ୍ରିଲ ୧୮ରେ ସଚିବଙ୍କୁ ଦାବିପତ୍ର ଦିଆଯାଇଥିଲା। ସମାଧାନ ନେଇ ପ୍ରତିଶ୍ରୁତି ମିଳିଥିଲା। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ।

ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରିବା, ଗାଡ଼ି ପାର୍କିଂ ଓ ବିଶ୍ରାମାଗାର ବ୍ୟବସ୍ଥା, ୫୫ବର୍ଷ ପରେ ପେନସନ ଲାଗୁ, ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭରଙ୍କୁ ୨୦ଲକ୍ଷ ଟଙ୍କାର ବୀମା ରାଶି, ଦୁର୍ଘଟଣାରେ ଅକର୍ମଣ୍ୟ ଡ୍ରାଇଭରଙ୍କୁ ୧୦ଲକ୍ଷ ଟଙ୍କାର ବୀମା ରାଶି, ୫ଲକ୍ଷ ଟଙ୍କାର ଚିକିତ୍ସା ବୀମା, ଦ୍ୱିତୀୟ ସୈନିକ ମାନ୍ୟତା, ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ପ୍ରଦାନ, ପ୍ରଶାସନ ପକ୍ଷରୁ ଅଯଥା ହଇରାଣ କରା ନ ଯିବା, ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ରୂପେ ପାଳନ କରିବା ପ୍ରଭୃତି ଦାବି କରାଯାଇଛି। ଦାବି ପୂରଣ ନ ହେଲେ ରାଜ୍ୟର ସମସ୍ତ ଜିଲାରେ ଦଣ୍ଡବତ ଯାତ୍ରା ସହ ଜୋରଦାର ଆନ୍ଦୋଳନ କରାଯିବ ବୋଲି ମହସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ଅର୍ଚ୍ଚନା ନାଗ ବ୍ଲାକ୍‌ମେଲିଂ, ଧର୍ମେନ୍ଦ୍ର ସାହୁ ମୃତ୍ୟୁ ଘଟଣା ସିବିଆଇକୁ ହସ୍ତାନ୍ତର କରାଯାଉ ୨ ମାମଲା

କଟକ ଅଫିସ, ୪।୧୧

ଲେଡି ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ପୁରୀ ଜିଲା ୧୧ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ମାମଲାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏଭଳି ଅଭିଯୋଗ କରିଛି ଭାରତୀୟ ଜନତା ପାର୍ଟି (ଭାଜପା) କଟକ ନଗର ଶାଖା। ଏନେଇ ଭାଜପା କଟକ ନଗର ଶାଖା ପକ୍ଷରୁ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ଧାରଣା ଦେବା ସହ ପ୍ରତିବାଦ ସଭା କରିଥିଲେ। ଏହାପରେ ଦଳ ପକ୍ଷରୁ ଉକ୍ତ ଦୁଇଟି ମାମଲା ସିବିଆଇକୁ ହସ୍ତାନ୍ତର କରିବାକୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଟକ ଉପଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ କହିଛନ୍ତି, ଧର୍ମେନ୍ଦ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଓ ଅର୍ଚ୍ଚନାଙ୍କ କେଲେଙ୍କେରୀ ଓଡ଼ିଶାରେ ଅତ୍ୟନ୍ତ ଘୃଣ୍ୟ ରାଜନୈତିକ ପରିବେଶ ସୃଷ୍ଟି କରିଛି। ଜାଣିଶୁଣି ଏହି ଦୁଇଟି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ତଦନ୍ତରେ ବିଳମ୍ବ କରାଯାଉଛି। ଏଣୁ ତୁରନ୍ତ ଉକ୍ତ ଦୁଇଟି ମାମଲା ସିବିଆଇକୁ ହସ୍ତାନ୍ତର କରିବାକୁ ସେ ଦାବି କରିଛନ୍ତି। ନଗର ସଭାପତି ବଡୁଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

### ଯୁକ୍ତ ୩ ଛାତ୍ରୀଙ୍କୁ ର୍‌ୟାଗିଂ ଅଭିଯୋଗ

ନିମାପଡ଼ା,୪।୧୧(ଡି.ଏନ୍.ଏ.)

ନିମାପଡ଼ା କଲେଜରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ବିଜ୍ଞାନ ବିଭାଗରେ ଅଧ୍ୟୟନରତ ଜଣେ ଛାତ୍ରୀଙ୍କୁ ର୍‌ୟାଗିଂ କରାଯାଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗକାରିଣୀ ଛାତ୍ରୀ ରୋଜାଲିନ ହଷ୍ଟେଲରେ ରହି ପଢ଼ନ୍ତି। ଗତ କିଛିଦିନ ହେବ ହଷ୍ଟେଲର କେତେଜଣ ଅନ୍ତେବାସୀ ତାଙ୍କୁ ର୍‌ୟାଗିଂ କରୁଛନ୍ତି। ଏପରିକି କେହି ଅଜଣା ଯୁବକ ତାଙ୍କୁ ଫୋନ କରି ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର ମଧ୍ୟ କରିଛି। ଘଟଣା ସମ୍ପର୍କରେ ସେ ହଷ୍ଟେଲ ୱାର୍ଡେନକୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ଫର୍ଦ୍ଦରେ ଛାତ୍ରୀ ଦର୍ଶାଇଛନ୍ତି। ଅନ୍ୟପଟେ ଘଟଣାକୁ ନେଇ ଛାତ୍ରୀନିବାସର ୱାର୍ଡେନଙ୍କୁ ପଚାରିବାରେ ଉକ୍ତ ଛାତ୍ରୀ କୌଣସି ଘଟଣା ବିଷୟରେ କିଛି ଜଣାଇ ନାହାନ୍ତି। ମହିଳା ହଷ୍ଟେଲରେ କେବେ ବି କୌଣସି ଛାତ୍ରୀଙ୍କୁ ର୍‌ୟାଗିଂ କି ହଇରାଣ କରାଯାଇନାହିଁ। ଛାତ୍ରୀଜଣକ ଯାହା ଅଭିଯୋଗ କରିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ। ଏପରିକି ଉକ୍ତ ଛାତ୍ରୀ ଓ ତାଙ୍କ ବଡ଼ ଭଉଣୀ, ଭାଇ ମହିଳା ହଷ୍ଟେଲକୁ ଉଦ୍ଦେଶ୍ୟମୂଳକ ଭାବେ ବଦନାମ କରିବାକୁ ଚେଷ୍ଟା ଚଳାଇଛନ୍ତି ବୋଲି ୱାର୍ଡେନ କହିଛନ୍ତି। ଏ ନେଇ ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇ କହିଛନ୍ତି, ଅଭିଯୋଗ ଅନୁଯାୟୀ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ଯାହା ପଦକ୍ଷେପ ନିଆଯିବ। ଅନ୍ୟପଟେ ଏହି ଘଟଣାକୁ ନେଇ ଗତ ୩୦ତାରିଖରେ ଛାତ୍ରୀ ରୋଜାଲିନଙ୍କ ବଡ଼ ଭଉଣୀ ମହିଳା ହଷ୍ଟେଲ ୱାର୍ଡେନ ଓ ସିକ୍ୟୁରିଟି ଗାର୍ଡଙ୍କ ସମେତ ୩ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ସେହିଭଳି ସେଦିନ ସନ୍ଧ୍ୟାରେ ମହିଳା ହଷ୍ଟେଲରେ ପଶି ମାଡ଼ ମାରି ଗଣ୍ଡଗୋଳ କରିବା ସମ୍ପର୍କରେ ଛାତ୍ରୀ ରୋଜାଲିନ, ତାଙ୍କ ବଡ଼ ଭଉଣୀ ଓ ଭାଇଙ୍କ ବିରୋଧରେ ଥାନାରେ ହଷ୍ଟେଲ ୱାର୍ଡେନ ପାଲଟା ଅଭିଯୋଗ କରିଥିଲେ। ପୋଲିସ ଉଭୟଙ୍କ ଅଭିଯୋଗକ୍ରମେ ୨ଟି ମାମଲା (ନଂ.୩୬୧, ୩୬୩/୨୨) ରୁଜୁ କରିଛି।

# ରାସ୍ତା ପ୍ରଶସ୍ତୀକରଣ ନେଇ ଜନଶୁଣାଣି

**ଗୋପାଳ ନଗର ଜନ ଶୁଣାଣି ଅଧାରୁ ବନ୍ଦ**

ପୁରୀ ଅଫିସ, ୪।୧୧:

ପୁରୀ ଜିଲା ପ୍ରଶାସନ ପକ୍ଷରୁ ସହରର ମେଡିକାଲ ଛକଠାରୁ ବାଟଗାଁ ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିଲାଗି ଜମି ଅଧିଗ୍ରହଣ ନେଇ ଶୁକ୍ରବାର କାଶୀହରିପୁର, ସିରେଇକୋଣା ପାଟଣା, ଭାରତୀପୁର, କଦଳୀବାରି ପାଟଣା, ଆଳିକିଆ ଏବଂ ଚକ୍ରବର୍ତ୍ତୀ ଗାଁକୁ ନେଇ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଜିଲ୍ଲାପାଳ କୈଳାଶ ଚନ୍ଦ୍ର ନାୟକ, ଭୂ ଅର୍ଜନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ରାଜସ୍ୱ ଅଫିସର, ପୁରୀ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସାହୁ, କାଶୀହରିହରପୁର ସରପଞ୍ଚ ମୁକ୍ତିକାନ୍ତ ପଣ୍ଡା, ସମିତି ସଭ୍ୟ ପ୍ରଦୀପ୍ତ ଭାନୁ ଘଟୁଆରୀ, ଭିଟାମାଟି ସୁରକ୍ଷା କମିଟି ସଭାପତି ଘନଶ୍ୟାମ ସାହୁ, କାର୍ଯ୍ୟକାରୀ ସଭାପତି ରତ୍ନାକର ମୁଦୁଲି, ଉପଦେଷ୍ଟା ଭାସ୍କର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଗୋପାଳ ନଗର ଓ ଏକାଟାଳିଆ ପାଟଣାଠାରେ ଜନ ଶୁଣାଣି ଆୟୋଜନ କରାଯାଇଥିଲା। ଏହାକୁ ଭିଟାମାଟି ସୁରକ୍ଷା ମଞ୍ଚ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ ପରିଚାଳନା କରିଥିଲେ। ମଞ୍ଚ ପକ୍ଷରୁ ଦିଆଯାଇଥିବା ୧୧ଟି ପ୍ରସ୍ତାବର ପ୍ରଶାସନ କୌଣସି ଉତ୍ତର ଦେଇପାରି ନ ଥିଲା। ଫଳରେ ଜନ ଶୁଣାଣି ଅଧାରୁ ବନ୍ଦ ହୋଇଥିଲା। ଏଥିରେ ଅଞ୍ଚଳବାସୀ ଅସନ୍ତୁଷ୍ଟ ହୋଇଥିଲେ। ଏକାଟାଳିଆପାଟଣାରେ ବୈଠକରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବିଳାସ ଜେନା, ଗ୍ରାମ ସଭାପତି ତଥା ମଞ୍ଚ ସହସମ୍ପାଦକ ସୁକାନ୍ତ କୁମାର ସାହୁ ଯୋଗଦେଇଥିଲେ। ସୁଦାମ ପ୍ରଧାନ, ଧନେଶ୍ୱର ପ୍ରଧାନ, ଧୀରେନ୍ଦ୍ର ରାଉତ, କସ୍ତୁରୀ ରାଉତ, ସଞ୍ଜୟ ଭୋଳ, ସୁଧାଂଶୁ ପଟ୍ଟନାୟକ, ସୁକାନ୍ତ ବାରିକ ଓ ଧୀରେନ୍ଦ୍ର ବେହେରା ବୈଠକ ପରିଚାଳନା କରିଥିଲେ।




ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ମାମଲାରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଗିରଫ ଓ ବହିଷ୍କାର ଦାବିରେ ଗୋପ ନିମାପଡ଼ା ସ୍ୱାଭିମାନ ମଞ୍ଚ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଶୋଭାଯାତ୍ରା ସହ ତଳେ ଶୋଇ ଅଭିନବ ବିକ୍ଷୋଭ।

# ୧୧ମାସ ଧରି ଗହମ ନ ମିଳିବାରୁ ବିକ୍ଷୋଭ

କଣାସ,୪।୧୧(ସ୍ୱ.ପ୍ର.):

ଭାରତ ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗରିବ, ମୂଲିଆ, ଦିନମଜୁରିଆ ଓ ଆର୍ଥିକ ଅନଗ୍ରସରଙ୍କ ପାଇଁ ଖାଦ୍ୟ ସୁରକ୍ଷା ଆଇନ ଥିଲେ ସୁଦ୍ଧା ପୁରୀ ଜିଲାରେ ୧୧ମାସ ହେଲା ଗହମ ମିଳୁ ନାହିଁ। ଫଳରେ ହିତାଧିକାରୀମାନେ ନାନା ହଇରାଣ ହେଉଛନ୍ତି। ଏନେଇ ଶୁକ୍ରବାର କଣାସ ବ୍ଲକର ଶତାଧିକ ଜନଅଧିକାର ସୁରକ୍ଷା ସମିତି ପକ୍ଷରୁ କର୍ମୀମାନେ ଗୋଲାବଜାରଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ କଣାସ ବସ୍‌ଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ଛକ, ବାଲିଘାଇ ଛକ, ବ୍ଲକବଜାର ଦେଇ ପଞ୍ଚାୟତ ସମିତି ସମ୍ମୁଖରେ ପହଞ୍ଚି ଗଣବିକ୍ଷୋଭ କରିବା ସହିତ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିବାଦ ସଭାରେ ଜିଲା ପ୍ରଶାସନ ଖାଉଟି ବିଭାଗ ଅଧିକାରୀ ଓ ବ୍ଲକ ଖାଉଟି ଅଧିକାରୀଙ୍କ ସଲାସୁତୁରାରେ ୧୧ମାସ ହେଲା ରାଶନ କାର୍ଡଧାରୀଙ୍କୁ ଗହମ ଦିଆଯାଉ ନ ଥିବା ଓ ରାଶନ କାର୍ଡରେ ଆଧାର ଲିଙ୍କ୍ ମାଧ୍ୟମରେ ନୂତନ ହିତାଧିକାରୀ ସଂଯୋଗ କରାଯାଉ ନ ଥିବାରୁ ସମିତିର ସଦସ୍ୟମାନେ ତୀବ୍ର ସମାଲୋଚନା କରିଥିଲେ। ସଭାରେ ଧନେଶ୍ୱର ସ୍ୱାଇଁ, ସ୍ମୃତିରାଜ ଦାସ, ଗୋବର୍ଦ୍ଧନ ବାରିକ, ବିରଞ୍ଚି ବେହେରା, ମୃତ୍ୟୁଞ୍ଜୟ ଜେନା, ଲୋକନାଥ ବେହେରା, ଭାସ୍କରଚନ୍ଦ୍ର ସାହୁ, ଭାଗବତ ବାରିକ, ବାସୁଦେବ ପ୍ରଧାନ, କେଳୁ ବେହେରା ପ୍ରମୁଖ ଉପସ୍ଥିତି ଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ପବିତ୍ର ବେହେରାଙ୍କୁ ପ୍ରଦାନ କରିଥିଲେ।

# ରାସ୍ତାପାର୍ଶ୍ୱ ବିଲକୁ ଓଲଟିଲା ବସ୍

**୧୦ ଆହତ, ୨ ଗୁରୁତର**

ଖୋର୍ଦ୍ଧା ଅଫିସ/ବେଗୁନିଆ, ୪।୧୧(ଡି.ଏନ୍.ଏ.)



ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ ବାଘମାରୀ ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାସ୍ତାପାର୍ଶ୍ୱ ଧାନବିଲକୁ ଗାଡ଼ିଟି ଓଲଟି ପଡ଼ିବାରୁ ୧୨ଜଣ ଯାତ୍ରୀ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ଆହତଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ବାଘମାରୀ ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ବସ୍ ଚାଳକ କଟକ ଜିଲା ସାଲେପୁର ଅଞ୍ଚଳର ବିଜୟ ଖଟେଇଙ୍କୁ ଅଟକ ରଖିଥିଲା। ପରେ ସିଆରପିସି ୪୧ ଦଫାରେ ତାଙ୍କୁ ନୋଟିସ କରାଯାଇ ଛାଡ଼ିଦିଆଯାଇଛି ବୋଲି ଥାନା ଅଧିକାରୀ ପ୍ରଜ୍ଞା କର କହିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୧୫୬/୨୨) ରୁଜୁ ହୋଇଛି।

ସୂଚନା ମୁତାବକ, ବ୍ଲୁ ବେଲୁନ ନାମକ ନାଇଟ୍ ଏକ୍ସପ୍ରେସ ବସ୍ (ଓଡି ୩୩ ଆର-୭୦୫୧) ପ୍ରାୟ ୪୦ଜଣ ଯାତ୍ରୀଙ୍କୁ ନେଇ ବଲାଙ୍ଗୀରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ଶୁକ୍ରବାର ଭୋର ପ୍ରାୟ ୩ଟା ୪୫ରେ ବାଘମାରୀ ପେଟ୍ରୋଲ ପମ୍ପ ନିକଟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଗାଡ଼ିଟି ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡିଥିଲା। ଖବରପାଇ ସ୍ଥାନୀୟ ଲୋକେ ଓ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ବସ୍ କାଚ ଓ କବାଟ ଭାଙ୍ଗି ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ବସ୍‌ରେ ଥିବା ୪୦ ଯାତ୍ରୀଙ୍କ ମଧ୍ୟରୁ ୧୨ଜଣ ଆହତ ହୋଇଥିଲେ। ଆହତଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଯାଇଥିବା ବେଳେ ଅନ୍ୟମାନେ ନିଜସ୍ୱ ବ୍ୟବସ୍ଥାରେ ଫେରିଯାଇଥିଲେ। ଆହତମାନେ ହେଲେ ଭୋଳାନାଥ ପାରିକ୍, ଅଶୋକ ପାରିକ, ପ୍ରଣବ କୁମାର ମେହେର(୩୩), ନୀଳମାଧବ ଶାହା(୨୯), ବୈଷ୍ଣବୀ ପାତ୍ର(୨୦), ଲକ୍ଷ୍ମୀ କୁମାରୀ ଗଡ଼ଟିଆ(୨୪), ସାଇପ୍ରସାଦ ପ୍ରଧାନ(୧୦) ଓ ତାଙ୍କ ମା' ମୋନାଲିସା ଓ ଝିଅ ଶୁଭଲକ୍ଷ୍ମୀଙ୍କ ସମେତ ଅନ୍ୟମାନେ ରହିଛନ୍ତି। ତେବେ ଭୋଳାନାଥ ଓ ଅଶୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଏମ୍‌ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବାଘମାରୀ ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା। କୁହୁଡ଼ି ଯୋଗୁ ବସ୍ ଚାଳକ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି।

**ସଂକ୍ଷେପରେ**

## ରୂପାନ୍ତରିତ ବିଦ୍ୟାଳୟର ସମୀକ୍ଷା କଲେ ବିଧାୟକ

ମାହାଙ୍ଗା, ୪।୧୧(ସ୍ୱ.ପ୍ର): ମାହାଙ୍ଗା ବ୍ଲକର ୪ଟି ରୂପାନ୍ତରିତ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ସମୀକ୍ଷା କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନା। ମାହାଙ୍ଗା ମହାବୀର ବିଦ୍ୟାପୀଠ, ବରାହିପୁର ରାଧେଶ୍ୟାମ ନୋଡାଲ ବିଦ୍ୟାଳୟ, ପଞ୍ଚାୟତ ମଣିଯୋରୀ ଉଚ୍ଚ ବିଦ୍ୟାଳୟ, ହଳଦିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ପ୍ରଧାନଶିକ୍ଷକ ଓ ପଞ୍ଚାୟତ ମୁରବୀଙ୍କ ସହ ବିଦ୍ୟାଳୟର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର,ବ୍ଲକ ଅଧ୍ୟକ୍ଷ ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ବିଡିଓ ନିହାର ରଞ୍ଜନ ମଲିକ,ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର,ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ଶରତ ନାୟକ, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସିଆରସିସି ନିହାର ରଞ୍ଜନ ସାମଲ, ରଜନୀକାନ୍ତ ପରିଡା, ସମିତି ସଭ୍ୟା ଅନ୍ନପୂର୍ଣ୍ଣା ସାହୁ, ସରପଞ୍ଚଙ୍କ ପ୍ରତିନିଧି ଧୀରେନ୍ଦ୍ର ସ୍ୱାଇଁ, ପ୍ରଧାନଶିକ୍ଷକ ମୁକ୍ତିପଦ ନନ୍ଦ, ପ୍ରଧାନ ଶିକ୍ଷୟିତ୍ରୀ ଅଳକା ପ୍ରଧାନ, ସାମାଜିକ କର୍ମୀ ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାଣୀ ସୁରକ୍ଷା ନେଇ ଆଲୋଚନାଚକ୍ର

ସାଲେପୁର,୪।୧୧(ଡି.ଏନ୍.ଏ.): ସ୍ଥାନୀୟ ଶାନ୍ତି ପ୍ୟାଲେସ୍‌ଠାରେ ଶୁକ୍ରବାର ସେବା ଆନିମଲ ଟ୍ରଷ୍ଟ ପକ୍ଷରୁ ପ୍ରାଣୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ମୁଖ୍ୟ ଅନିତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ଅଞ୍ଚଳର ବହୁ ସଚେତନ ନାଗରିକ, ପଶୁପ୍ରେମୀ, ପ୍ରକୃତିପ୍ରେମୀ ଯୋଗଦେଇଥିଲେ। ଖବରଦାତା ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତହସିଲଦାର ଶିବ ମଲ୍ଲିକ, ଅତିଥି ଭାବେ ଡାକ୍ତର ଜ୍ଞାନରଞ୍ଜନ ନାୟକ, ଡ. ହଳଧର ସାହୁ, ଆଇନଜୀବୀ ବିଜୟକେତନ ନାୟକ ଯୋଗଦେଇ ପ୍ରାଣୀ ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ସହ ପ୍ରତ୍ୟେକ ମଣିଷ ଜୀବନରେ କିଛି ପ୍ରାଣୀଙ୍କ ସେବା ଓ ଯତ୍ନ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ମନୋଜ କୁମାର ଆଚାର୍ଯ୍ୟ, ବିରଞ୍ଚି ନାରାୟଣ କର, ହେମନ୍ତ କୁମାର ଭୂୟାଁ, ହୃଷୀକେଶ ମଲ୍ଲିକ, ସାମାଜିକ କର୍ମୀ ମାନସ ଦାଶ, ସୁଜିତ୍ କୁମାର ବାରିକ, ବିକ୍ରମ ସେଠୀ, ମାନସ ରଞ୍ଜନ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ରାଉତ, ବ୍ରହ୍ମାକୁମାରୀ ବିନୋଦିନୀ, ସୁମନ୍ତ ସାହୁ, ସମ୍ବିତ୍ ଦାସଙ୍କ ସମେତ ବହୁ ପଶୁପ୍ରେମୀ ଯୋଗଦେଇଥିଲେ।

# ପ୍ରତ୍ୟକ୍ଷ ଦର୍ଶନରୁ ଭକ୍ତ ବଞ୍ଚିତ

- ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା ଆରମ୍ଭ
- ଭର୍ଚୁଆଲରେ ଦର୍ଶନ କଲେ ଜିଲାପାଳ

ଖୁଣ୍ଟୁଣୀ,୪।୧୧(ଡି.ଏନ୍.ଏ):

କଟକ ଜିଲା ବାବା ଧବଳେଶ୍ୱର ପୀଠରେ ଶୁକ୍ରବାରଠାରୁ ପଞ୍ଚକ ଓ ବଡ଼ଓଷା ଯାତ୍ରା ଆରମ୍ଭ ହୋଇଛି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଭୋର ୫ଟାରେ ପୂଜକ ସମାଜ ପକ୍ଷରୁ ନୀତି ପାଳିଆ ପ୍ରକାଶ ପତ୍ରି ବାବାଙ୍କ ମଙ୍ଗଳ ଆଳତି କରି ପହଡ଼ ଖୋଲିଥିଲେ। ଏହାପରେ ସ୍ନାନ ନୀତି ଓ କର୍ପୂର, ଚନ୍ଦନ, ଅଗୁରୁ ଇତ୍ୟାଦିରେ ମାଜଣା ଏବଂ ବାବାଙ୍କ ଚନ୍ଦ୍ରଚୂଡ଼ ବେଶ ଅନୁଷ୍ଠିତ ହୋଇଥିଲା। ପରେ ଧୂପ ଦେଇ ଖେଚୁଡ଼ି ଭୋଗ କରାଯାଇଥିଲା। ଏହି ଦେବଦୁର୍ଲ୍ଲଭ ବେଶ ଦର୍ଶନ କରିବାରୁ ବଞ୍ଚିତ ହୋଇଥିଲେ ଭକ୍ତ। ପ୍ରଶାସନ ପକ୍ଷରୁ ୪ଟି ଏଲ୍‌ଇଡି ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଭକ୍ତଙ୍କ ମନରେ ସେପରି ଉତ୍ସାହ ପରିଲକ୍ଷିତ ହୋଇ ନ ଥିଲା। ଏଲ୍‌ଇଡିରେ ବାବାଙ୍କୁ ଦର୍ଶନ କରିବାକୁ ନାପସନ୍ଦ କରିଥିଲେ ଶ୍ରଦ୍ଧାଳୁ। ଅପରାହ୍ନ ପ୍ରାୟ ୧୧ଟା ମଧ୍ୟରେ ମାତ୍ର ହାତଗଣତି ଭକ୍ତଙ୍କ ସହିତ ପୋଲିସ ପ୍ରଶାସନକୁ ଦେଖିବାକୁ ମିଳିଥିଲା। ଘରେ ଟିଭିରେ ଦେଖିବା ଯାହା ଏଠାକୁ ଆସି ସ୍କ୍ରିନ୍‌ରେ ଦେଖିବା ସେଇଆ ବୋଲି ପୁରୀ ଅସ୍ତରଙ୍ଗ ଅଞ୍ଚଳରୁ ଆସିଥିବା ଜଣେ ମହିଳା ଶ୍ରଦ୍ଧାଳୁ କହି ଅତ୍ୟନ୍ତ ଦୁଃଖ ପ୍ରକାଶ କରିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ ମଞ୍ଚେଶ୍ୱର ପାଖରେ ପହଞ୍ଚି ଏଲ୍‌ଇଡି ସ୍କ୍ରିନ୍‌ରେ ବାବାଙ୍କୁ ଦର୍ଶନ କରି ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ସନ୍ଧ୍ୟାରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ଆସି ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଗୁରୁ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ ଓ ଅନ୍ୟ ପୋଲିସ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ପୀଠକୁ ଯାଇ ପୂଜକ ସମାଜ ମଧ୍ୟରେ ଥିବା ଅସନ୍ତୋଷକୁ ଦୂର କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ବୈଠକକୁ କେହି ପୂଜକ ନ ଆସିବାରୁ ସେ ଫେରିଯାଇଥିଲେ।


ଜିଲାପାଳ ଭବାନୀଶଙ୍କର ଚୟନୀ ଏଲ୍‌ଇଡି ସ୍କ୍ରିନ୍‌ରେ ଧବଳେଶ୍ୱରଙ୍କୁ ଦର୍ଶନ କରୁଛନ୍ତି ।

# ଶାଶୁଙ୍କୁ ନିର୍ଯାତନା ଦେଲେ ବୋହୂ

ନିଶ୍ଚିନ୍ତକୋଇଲି, ୪।୧୧(ସ୍ୱ.ପ୍ର.):

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଅଣସରପୁର ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ଶାଶୁଙ୍କୁ ବୋହୂ ନିର୍ଯାତନା ଦେବା ସହ ଏକ ଘରେ ପୂରାଇ ଅଟକ ରଖିଥିବା ଅଭିଯୋଗ ହୋଇଛି। ପୋଲିସ ଖବର ପାଇ ଶାଶୁଙ୍କୁ ଉଦ୍ଧାର କରିଛି। ଅଣସରପୁର ଗ୍ରାମର ରିତା ମଲିକ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଅଞ୍ଚଳର ମଙ୍ଗଳପୁର ଗ୍ରାମରେ ବିବାହ କରିଥିଲେ। ଶାଶୁଘର ତରଫରୁ ରିତାଙ୍କୁ ଅଧିକ ଯୌତୁକ ନିମନ୍ତେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଏ ନେଇ ରିତା ଶାଶୁଘର ଲୋକଙ୍କ ନାମରେ ଅଭିଯୋଗ କରିବା ସହିତ ବାପଘରକୁ ଚାଲିଯାଇଥିଲେ। ଏହି ମାମଲା ବିଚାରାଧୀନ ରହିଛି। ନିକଟରେ ବୋହୂ ରିତା ବୁଝାମଣା ନିମନ୍ତେ ଶାଶୁ ରିନା ମଲିକଙ୍କୁ ବାପଘର ଅଣସରପୁରକୁ ଡକାଇଥିଲେ। ଶାଶୁ ଅଣସରପୁର ଗ୍ରାମକୁ ଆସିଥିଲେ। ରୀତା ଚତୁରତାର ସହ ଶାଶୁଙ୍କୁ ଏକ ଘରେ ପୂରାଇ ଅଟକ ରଖିବା ସହ ନିର୍ଯାତନା ଦେଇଥିଲେ। ଏପରି କି ଟଙ୍କା ନ ଦେଲେ ତାଙ୍କୁ କିରାସିନ ଢାଳି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ରିନାଙ୍କ ଦିଅର ସୁଶାନ୍ତ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ରିନାଙ୍କୁ ଉଦ୍ଧାର କରିଥିଲା। ଏ ସମ୍ପର୍କରେ ବୋହୂ ରିତା ଓ ତାଙ୍କ ପରିବାର ଲୋକଙ୍କ ନାମରେ କେସ୍ ନଂ.୧୯୧/୨୨ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଚିନ୍ମୟୀ ସାହୁ କହିଛନ୍ତି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଲେଖକ ସହଯୋଗ ସମିତି ପକ୍ଷରୁ କବୟିତ୍ରୀ ଭଗବତୀ ଖଟୁଆଙ୍କ କବିତା ପୁସ୍ତକ 'ଫଗୁଣର ରଙ୍ଗ'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

## ପୁସ୍ତକ 'ଫଗୁଣର ରଙ୍ଗ' ଲୋକାର୍ପିତ

କଟକ ଅଫିସ, ୪।୧୧

କଟକ ଲେଖକ ସହଯୋଗ ସମିତି ପକ୍ଷରୁ କବୟିତ୍ରୀ ଭଗବତୀ ଖଟୁଆଙ୍କ କବିତା ପୁସ୍ତକ 'ଫଗୁଣର ରଙ୍ଗ' କଟକ ଶ୍ରୀରାମଚନ୍ଦ୍ର ଭବନରେ ଶୁକ୍ରବାର ଲୋକାର୍ପିତ ହୋଇଯାଇଛି। ଡ. ବୈଜୟନ୍ତି ମିଶ୍ର ଏହାକୁ ଲୋକାର୍ପଣ କରି ବିଶ୍ୱପ୍ରୀତି, ବିଶ୍ୱ ମୈତ୍ରୀ କବିତାର ସ୍ୱର ହେଉ ବୋଲି କହିଥିଲେ। ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଯୋଗ ଦେଇଥିଲେ। ସମ୍ପାଦକ ରଘୁନାଥ ମହାପାତ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲାବେଳେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ କବୟିତ୍ରୀ ଭଗବତୀ ଖଟୁଆ, ଅଶ୍ୱିନୀ କୁମାର ସେଠୀ, ଡକ୍ଟର ବସନ୍ତ ନନ୍ଦ ଓ କବୟିତ୍ରୀ ନମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସରପଞ୍ଚଙ୍କ ଦସ୍ତଖତ ଜାଲ୍ କରି ୫–ଟି ସଚିବଙ୍କୁ ଦାବିପତ୍ର

କଟକ ସଦର, ୪।୧୧(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତର ସରପଞ୍ଚ ସୁବାସିନୀ ରାଉତଙ୍କ ଦସ୍ତଖତ ଜାଲ୍ କରି ୫–ଟି ସଚିବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଜଣାପଡ଼ିବା ପରେ ସରପଞ୍ଚ ରାଉତ କନ୍ଦରପୁର ଥାନାରେ ବୁଧବାର ଏତଲା ଦେଇଛନ୍ତି। ଜାଲ୍ ଦସ୍ତଖତ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୋଲିସକୁ ନିବେଦନ କରାଯାଇଛି। ଏହି ଦାବିପତ୍ରରେ ପରମହଂସ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରଭାକର ବେହେରା ଓ କନ୍ଦରପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଭିକାରୀ ଚରଣ ବେହେରାଙ୍କ ଦସ୍ତଖତକୁ ମଧ୍ୟ ଜାଲ୍ କରାଯାଇଥିବା ଜଣାପଡ଼ିଛି। ଉକ୍ତ ଦାବିପତ୍ରରେ କନ୍ଦରପୁର କଲେଜ ଅଧ୍ୟକ୍ଷ ଶାରଦା ପ୍ରସନ୍ନ ମହାପାତ୍ରଙ୍କ ନାମରେ ଅଭିଯୋଗ କରାଯାଇଥିବାବେଳେ ବିଭିନ୍ନ ଆପତ୍ତିଜନକ ମନ୍ତବ୍ୟ ଲେଖାଯାଇଛି। କେହି ଦୁର୍ବୃତ୍ତ ଉକ୍ତ କଲେଜ ନାଁରେ ନକଲି ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ଆପତ୍ତିଜନକ ମନ୍ତବ୍ୟ ପୋଷ୍ଟ କରିଥିବା ନେଇ କଟକ ସାଇବର ଥାନାରେ ଗତ ୨୯ ତାରିଖରେ ଏତଲା ଦିଆଯାଇଛି। ତେବେ କନ୍ଦରପୁର ଥାନା ଅଧିକାରୀ କାଳୀ ଭସାଣୀ ପାଇଁ କଟକ ସହରକୁ ଯାଇଛନ୍ତି। ସେ ଫେରିବା ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ଥାନା ସୂତ୍ରରୁ ଜଣାପଡିଛି। ଅପରପକ୍ଷେ କଲେଜ ସମ୍ବନ୍ଧରେ କିଛି କହିବାକୁ ଥିଲେ ଅଫିସ୍‌କୁ ଆସି ଜଣାଇବା ଦରକାର ବୋଲି ଅଧ୍ୟକ୍ଷ ମହାପାତ୍ର କହିଛନ୍ତି। ଅନ୍ୟର ଦସ୍ତଖତ ଜାଲ୍ କରି ମିଥ୍ୟା ଅଭିଯୋଗ ଆଣି କଲେଜ, କର୍ମଚାରୀଙ୍କୁ ବଦ୍‌ନାମ କରିବା ଠିକ ନୁହେଁ ବୋଲି ସେ କହିଛନ୍ତି।

## 'ଦ୍ୱୀପାଞ୍ଚଳରେ ବିକାଶ ତ୍ୱରାନ୍ୱିତ ହୋଇଛି'

**ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ପ୍ରକଳ୍ପ ଶିଳାନ୍ୟାସ**


ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ପ୍ରତାପ ଜେନାଙ୍କ ସହ ଅନ୍ୟମାନେ ।

ନିଶ୍ଚିନ୍ତକୋଇଲି, ୪।୧୧(ସ୍ୱ.ପ୍ର):

ଦିନ ଥିଲା ଲୁଣା ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳବାସୀ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଥିଲେ । କିନ୍ତୁ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଦ୍ୱୀପାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସମେତ ବହୁବିଧ ବିକାଶମୂଳକ କାର୍ଯ୍ୟ କରାଯାଇଛି। ଏପରି କି ପ୍ରତି ପରିବାରକୁ ପାନୀୟଜଳ ବ୍ୟବସ୍ଥା ସହ ନଦୀରେ ସେତୁ ନିର୍ମାଣ କରାଯାଇ ଦ୍ୱୀପାଞ୍ଚଳବାସୀଙ୍କ ଆର୍ଥିକ ଓ ସାମାଜିକ ବିକାଶ କରାଯାଇଛି। ସହରାଞ୍ଚଳ ଭଳି ଦ୍ୱୀପାଞ୍ଚଳ ଏବେ ବିକଶିତ ହୋଇଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନା ମତବ୍ୟକ୍ତ କରିଥିଲେ। ଶୁକ୍ରବାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଶିଳାନ୍ୟାସ ଅବସରରେ ବିଧାୟକ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ୪ କିମିରୁ ଉର୍ଦ୍ଧ୍ୱ ଏହି ରାସ୍ତା ବିକଶିତ ହେଲେ ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀଙ୍କ ଗମନା ଗମନରେ ସୁବିଧା ହୋଇପାରିବ। ଏହି ଅବସରରେ ବିଧାୟକ ଜେନାଙ୍କୁ ନଗସପୁର ମେଡିକାଲ ଛକଠାରୁ ଏକ ବିରାଟ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ସରୋବରପୁର ପାତ୍ରସାହି ଗଡାଠାରେ ବାଲିଗଡା–ବରହମ୍ପୁର ରାସ୍ତାର ଶିଳାନ୍ୟାସ କରିଥିଲେ। ବନ୍ଧକାଟିଆ ଗ୍ରାମପଞ୍ଚାୟତ ହରିରାଜ ପୁରୁଣା ବ୍ୟାଙ୍କ ଛକଠାରେ ଏକ ରାସ୍ତାର ଶିଳାନ୍ୟାସ କରିଥିଲେ। ସେହିପରି ଜମରାଠାରୁ ଓରତି ମେଡିକାଲ ଛକ ରାସ୍ତା ଓ କେରିଲୋ ସାଇମନ୍ଦିର ଗଡାଠାରୁ ଘଣ୍ଟାଳ ରାସ୍ତାର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଗିରିଶ ରଞ୍ଜନ ମହାପାତ୍ର, ଭୂପତି ଭୂଷଣ ଷଣ୍ଢ, ଆମ୍ବା ସଭାପତି ହିମାଂଶୁ ଶେଖର ମହାନ୍ତି, ବ୍ରଜମୋହନ ପଣ୍ଡାଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦାନ କରିଥିଲେ।

## ମା' ତାରିଣୀଙ୍କ ବିଗ୍ରହ ପ୍ରତିଷ୍ଠା

ମାହାଙ୍ଗା, ୪।୧୧(ସ୍ୱ.ପ୍ର.):

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ହଂସଦିଆ ଗ୍ରାମରେ ଥିବା ମା' ତାରିଣୀ ମନ୍ଦିରର ଦଶମ ବାର୍ଷିକ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ କର୍ତ୍ତା ଭାବେ ବସନ୍ତ କୁମାର ପଣ୍ଡା ଓ ସୁନନ୍ଦା ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ଲିଙ୍ଗରାଜ କର ଓ ଅକ୍ଷୟ କର, ମହେନ୍ଦ୍ର ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଉକ୍ତ କାର୍ଯ୍ୟରେ ଶୋଭନ କର, ନୀହାର ରଞ୍ଜନ ପଣ୍ଡା, ଦିଲୀପ ପଣ୍ଡା, ଆନନ୍ଦ ପଣ୍ଡା, କାହ୍ନୁଚରଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ଫାଇନାଲରେ ଗୋପପୁର

ବଡ଼ମ୍ବା,୪।୧୧(ଡି.ଏନ.ଏ):

ଅଭିମାନପୁର ପଡ଼ିଆରେ ଶୁକ୍ରବାର ବିଶେଶ୍ୱର ରାଇଡ଼ର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ଧାଣିମା ଦଳକୁ ପରାସ୍ତ କରି ଗୋପପୁର ଦଳ ବିଜୟୀ ହେବା ସହିତ ଫାଇନାଲକୁ ପ୍ରବେଶ କରିଛି। ପ୍ରଥମେ ଗୋପପୁର ଦଳ ବ୍ୟାଟିଂ କରି ୯ ୱିକେଟ ହରାଇ ୩୫୪ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବିଦ୍ଧାଣିମା ଦଳ ୭ ୱିକେଟ ହରାଇ ୩୦୯ ରନ କରିଥିଲା। ବିଦ୍ଧାଣିମା ଦଳର ବ୍ରହ୍ମାନନ୍ଦ ପ୍ରଧାନ 'ମ୍ୟାନ ଅଫ ଦି ମ୍ୟାଚ' ଘୋଷିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଭୋଗଡ଼ା ପଞ୍ଚାୟତର ସାମାଜିକ କର୍ମୀ ଅରୁଣ କୁମାର ନାୟକ, ବାଲିପୁଟ ପଞ୍ଚାୟତ ସମିତି ସଭ୍ୟ ପ୍ରକାଶ କୁମାର ରାଉତ ଯୋଗଦେଇଥିଲେ। ଗିରିଶ ନାୟକ ଓ ବିରେନ ବେହେରା ମ୍ୟାଚ ପରିଚାଳନା କରି ଥିବାବେଳେ ଆୟୋଜକ ପ୍ରକାଶ ପଣ୍ଡା, ବିଶ୍ୱଜିତ ସାହୁ ଓ ସୂର୍ଯ୍ୟମଣୀ ଦାଶ ସହଯୋଗ କରିଥିଲେ।

# ୧୦ରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ରାଷ୍ଟ୍ରପତି

- ଦେଢ଼ଘଣ୍ଟା ପୂର୍ବରୁ ସାଧାରଣ ଦର୍ଶନ ବନ୍ଦ
- ଗସ୍ତ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ

ପୁରୀ ଅଫିସ, ୪।୧୧

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ। ସେ ୧୦ ତାରିଖରେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଶୁକ୍ରବାର ସନ୍ଧ୍ୟାରେ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଅଧ୍ୟକ୍ଷତା କରିଥିବାବେଳେ ଶ୍ରୀମନ୍ଦିର ଉପପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଳ ସିଂଙ୍କ ସମେତ ଛତିଶା ନିଯୋଗ, ନୀତି ସବ୍‌କମିଟି ଓ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ମୁଖ୍ୟ ପ୍ରଶାସକ ଯାଦବଙ୍କ ସୂଚନା ଅନୁଯାୟୀ, ରାଷ୍ଟ୍ରପତି ୧୦ ତାରିଖ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧ଟା ମଧ୍ୟରେ ଶ୍ରୀମନ୍ଦିର ଯାଇ ଗର୍ଭଗୃହରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ସୁରକ୍ଷା ଦୃଷ୍ଟିରୁ ତାଙ୍କ ଦର୍ଶନର ଦେଢ଼ ଘଣ୍ଟା ପୂର୍ବରୁ ଅର୍ଥାତ୍ ପ୍ରାୟ ୧୦ଟା ୩୦ରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏହି ସମୟ ମଧ୍ୟରେ ଶ୍ରୀମନ୍ଦିରକୁ ଶୋଧ କରାଯିବ। କେବଳ ପାଳିଆ ସେବାୟତମାନେ ଶ୍ରୀମନ୍ଦିର ପରିସରରେ ଉପସ୍ଥିତ ରହିବେ। ସେହିପରି ରାଷ୍ଟ୍ରପତି ମହାପ୍ରସାଦ ସେବନ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ବର୍ତ୍ତମାନ ସୁଦ୍ଧା ରାଷ୍ଟ୍ରପତିଙ୍କ ଉକ୍ତ ଦିନର ମିନିଟ–ଟୁ–ମିନିଟ୍ କାର୍ଯ୍ୟସୂଚୀ ଆସିନାହିଁ। ତେଣୁ ସେ କେଉଁ ସ୍ଥାନରେ ମହାପ୍ରସାଦ ସେବନ କରିବେ ସେ ନେଇ ସୂଚନା ମିଳିନାହିଁ। ରାଷ୍ଟ୍ରପତି ଦର୍ଶନ ସାରି ଫେରିବା ପରେ ପୁଣିଥରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ ବୋଲି ଯାଦବ କହିଛନ୍ତି। ସିଂହଦ୍ୱାର ନିକଟସ୍ଥ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ରାଷ୍ଟ୍ରପତି ମାଲ୍ୟାର୍ପଣ କରିବେ ବୋଲି ଜଣାପଡ଼ିଛି।


ଦ୍ରୌପଦୀ ମୁର୍ମୁ

# ସିବିଆଇକୁ ହସ୍ତାନ୍ତର କରାଯାଉ ୨ ମାମଲା

**ଅର୍ଚ୍ଚନା ନାଗ ବ୍ଲାକ୍‌ମେଲିଂ, ଧର୍ମେନ୍ଦ୍ର ସାହୁ ମୃତ୍ୟୁ ଘଟଣା**

କଟକ ଅଫିସ, ୪।୧୧

ଲେଡି ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ପୁରୀ ଜିଲା ୧୧ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ମାମଲାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏଭଳି ଅଭିଯୋଗ କରିଛି ଭାରତୀୟ ଜନତା ପାର୍ଟି (ଭାଜପା) କଟକ ନଗର ଶାଖା। ଏନେଇ ଭାଜପା କଟକ ନଗର ଶାଖା ପକ୍ଷରୁ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ଧାରଣା ଦେବା ସହ ପ୍ରତିବାଦ ସଭା କରିଥିଲେ। ଏହାପରେ ଦଳ ପକ୍ଷରୁ ଉକ୍ତ ଦୁଇଟି ମାମଲା ସିବିଆଇକୁ ହସ୍ତାନ୍ତର କରିବାକୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଟକ ଉପଜିଲାପାଳଙ୍କ ମାଧ୍ୟମରେ ଏକ ସ୍ମାରକପତ୍ର ଦିଆଯାଇଛି। ଏ ସମ୍ପର୍କରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ କହିଛନ୍ତି, ଧର୍ମେନ୍ଦ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଓ ଅର୍ଚ୍ଚନାଙ୍କ କେଲେଙ୍କେରୀ ଓଡ଼ିଶାରେ ଅତ୍ୟନ୍ତ ଘୃଣ୍ୟ ରାଜନୈତିକ ପରିବେଶ ସୃଷ୍ଟି କରିଛି। ଜାଣିଶୁଣି ଏହି ଦୁଇଟି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏପରି କି ତଦନ୍ତରେ ମଧ୍ୟ ବିଳମ୍ବ କରାଯାଉଛି। ଏଣୁ ତୁରନ୍ତ ଉକ୍ତ ଦୁଇଟି ମାମଲା ସିବିଆଇକୁ ହସ୍ତାନ୍ତର କରିବାକୁ ସେ ଦାବି କରିଛନ୍ତି। ସେହିପରି ଦଳୀୟ ନେତା ନୟନ କିଶୋର ମହାନ୍ତି କହିଛନ୍ତି, ୨୦୦୯ ପରଠାରୁ ଆଜିପର୍ଯ୍ୟନ୍ତ ରାଜ୍ୟରେ ନାରୀମାନଙ୍କ ଉପରେ ଅତ୍ୟାଚାର, ବଳାତ୍କାର, ହତ୍ୟା ଘଟଣା ଦୈନନ୍ଦିନ କାର୍ଯ୍ୟରେ ପରିଣତ ହୋଇଯାଇଛି। ଏଣୁ ଲୋକମତକୁ ଜାଗ୍ରତ କରିବା ତଥା ସରକାରଙ୍କ ବିଭିନ୍ନ କଥାକୁ ଲୋକଲୋଚନକୁ ଆଣିବା ବିରୋଧୀ ଦଳ କାର୍ଯ୍ୟ। ଏଥିପାଇଁ ରାଜ୍ୟର ୫୭ଟି ସବ୍‌କଲେକ୍ଟର ଅଫିସ ସମ୍ମୁଖରେ ଧାରଣା ଦେବାକୁ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ କଟକରେ ପ୍ରତିବାଦ ସଭା କରାଯାଇଛି ବୋଲି ମହାନ୍ତି କହିଛନ୍ତି। ନଗର ସଭାପତି ବଡୁଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସିକନ୍ଦର ଅଲ୍ଲୀ, ରଶ୍ମିରେଖା ଦାସ, ବିଶ୍ୱରଞ୍ଜନ ମିଶ୍ର, ଭାଗିରଥି ଦଳେଇ, ପ୍ରବୋଧ ବଡ଼ପଣ୍ଡା, ନିତାଇ ଚରଣ ନନ୍ଦ, ରତନ ମହାନ୍ତି, ଦେବାନନ୍ଦ ସିଂ, ନିତାଇଗୌର ମହାନ୍ତି ଓ କର୍ପୋରେଟର ଗୋପାଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ଅନୁଷ୍ଠିତ ପ୍ରତିବାଦ ସଭାରେ ଉପସ୍ଥିତ ଭାଜପା କର୍ମୀମାନେ ।


କାର୍ତ୍ତିକେଶ୍ୱରଙ୍କ ପୂଜା : ଦୋଳମୁଣ୍ଡାଇ ପୂଜାମଣ୍ଡପ ।


ଛତ୍ରବଜାର ମଣ୍ଡପ


ବକ୍ସିବାଟି ମଣ୍ଡପ


ପୀଠାପୁର ମଣ୍ଡପ


ସାଲେପୁର

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୫ ନଭେମ୍ବର, ୨୦୨୨

**ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତଙ୍କୁ କାରଣ ଦର୍ଶାଅ ନୋଟିସ**

କଟକ ସଦର,(ଡି.ଏନ୍.ଏ.): କଟକ ସଦର ବ୍ଲକ ଅଧୀନ ପରମହଂସନାଥ ମନ୍ଦିର ସମ୍ପର୍କରେ ତଥ୍ୟ ଠିକ୍ ସମୟରେ ଦେଇ ନ ଥିବାରୁ ରାଜ୍ୟ ସୂଚନା ଆୟୁକ୍ତ ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ୧୮ ତାରିଖ ସୁଦ୍ଧା ଜବାବ ଦାଖଲ କରି କାହିଁକି ଜରିମାନା ଧାର୍ଯ୍ୟ ନ କରାଯିବ ତାହାର କାରଣ ଜଣାଇବା ପାଇଁ କୁହାଯାଇଛି। ୨୦୧୮ରେ ପରମହଂସ ଅଞ୍ଚଳର ଜଣେ ସାମାଜିକ କର୍ମୀ ମନ୍ଦିରର ଆୟ, ପରିଚାଳନା ପଦ୍ଧତି, ଟ୍ରଷ୍ଟବୋର୍ଡ ସଭ୍ୟ ହେବାର ଯୋଗ୍ୟତା ସମ୍ପର୍କରେ ଜାଣିବା ପାଇଁ ସମ୍ପୃକ୍ତ କାର୍ଯ୍ୟାଳୟର ଜନସୂଚନା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଆବେଦନ କରିଥିଲେ। ଏ ସମ୍ପର୍କରେ ସୂଚନା ନ ମିଳିବାରୁ ସେ ରାଜ୍ୟ ସୂଚନା ଆୟୁକ୍ତଙ୍କ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଏହାର ଶୁଣାଣି କରି ଆୟୁକ୍ତ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ।



## ସଂକ୍ଷେପରେ

### ମୁଗ୍ଧ କଲା ଓଡ଼ିଶୀନୃତ୍ୟ

**ଅନ୍ତର୍ଜାତୀୟ ନୃତ୍ୟ ସଙ୍ଗୀତ ସମାରୋହ ଉଦ୍‌ଘାଟିତ**

**କଟକ ଅଫିସ, ୪।୧୧:** କଳା ବିକାଶ କେନ୍ଦ୍ର ପକ୍ଷରୁ ଅନ୍ତର୍ଜାତୀୟ ନୃତ୍ୟ ସଙ୍ଗୀତ ସମାରୋହ କଟକ କଳା ବିକାଶ କେନ୍ଦ୍ର ମହୋତ୍ସବ କେନ୍ଦ୍ର ପ୍ରେକ୍ଷାଳୟରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ମହୋତ୍ସବ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରସେନଜିତ ମହାନ୍ତି ସ୍ୱାଗତ ଭାଷଣ, କାର୍ଯ୍ୟକାରୀ ସଭାପତି ତଥା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ, ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି, ସଭାପତି ଡ. ବିଜୟାନନ୍ଦ ସିଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦିକା ସୁଦୀପ୍ତା ଦାସ ଧନ୍ୟବାଦ ଦେଇଥିଲେ। ଏହାପରେ ପଦ୍ମଶ୍ରୀ ଅରୁଣା ମହାନ୍ତି ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ସୁସ୍ମିତା ଚାଟାର୍ଜୀ ଏକକ କଥକ ନୃତ୍ୟ, ଆର୍ଯ୍ୟା ନନ୍ଦେ ଓଡ଼ିଶୀ ନୃତ୍ୟ, ମାଲେସିଆର ସୂତ୍ର ଫାଉଣ୍ଡେଶନର ଶିଳ୍ପୀ ଗୀତାଶ୍ରୀ ଓ ସାଥୀ କଳାକାର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି କଳା ବିକାଶ କେନ୍ଦ୍ର ଗ୍ରୁପ କଳାକାର କିଶୋର, ସୁଧା, ଚାହାତ, ସ୍ୱର୍ଣ୍ଣଶିଖା, ରମାକାନ୍ତ, ମୋକ୍ଷଦା, ପଦ୍ମିନୀ ଓ ଦିବ୍ୟାଙ୍କ ଦ୍ୱାରା ନୃତ୍ୟ ନାଟିକା 'କୃଷ୍ଣଂ ତୁଭ୍ୟଂ ନମଃ' ପରିବେଷିତ ହୋଇଥିଲା। ଡ. ଶ୍ରୀନିବାସ ପଟ୍ଟଆରୀ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ।

### ବ୍ଲକସ୍ତରୀୟ ନିଯୁକ୍ତିମେଳା

**କଣ୍ଟାପଡା, ୪।୧୧(ଡି.ଏନ୍.ଏ.):** କଟକ ଜିଲା ନିୟୋଜନ କାର୍ଯ୍ୟାଳୟ ଓ କଣ୍ଟାପଡା ବ୍ଲକ ପ୍ରଶାସନର ମିଳିତ ସହଯୋଗରେ ଅଡଶପୁରସ୍ଥିତ ପ୍ରାଚୀ ଜିମ୍‌ଖାନା ଓ ଷ୍ଟାଡିୟମ ପରିସରରେ ବ୍ଲକସ୍ତରୀୟ ନିଯୁକ୍ତିମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ନିୟୋଜନ କାର୍ଯ୍ୟାଳୟର କନିଷ୍ଠ ନିୟୋଜନ ଅଧିକାରୀ ଧର୍ମାନନ୍ଦ ବେହେରା, କଣ୍ଟାପଡା ବିଡିଓ ସନ୍ତୋଷ କୁମାର ପତି ଓ ଅଡଶପୁର ୟୁଏନ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଅରୁଣ କୁମାର ନାୟକ ଯୋଗଦେଇ ଚୟନ ପ୍ରକ୍ରିୟାରେ ନିଜକୁ କିପରି ସାମିଲ କରିପାରିବେ ସେ ସମ୍ପର୍କରେ ଉପସ୍ଥିତ ଆଶାୟୀମାନଙ୍କୁ ସୂଚନା ଦେଇଥିଲେ। ମେଳାରେ ୨୦ ବେସରକାରୀ ସଂସ୍ଥା, ୮ଟି ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗଦେଇ ୭୯୩ ଜଣ ଅଶାୟୀଙ୍କୁ ନିଯୁକ୍ତି ଓ ତାଲିମ ପ୍ରଦାନ ପାଇଁ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୫୫୯ ଜଣ ବେସରକାରୀ ସଂସ୍ଥାଦ୍ୱାରା ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଅନ୍ୟମାନେ ତାଲିମ ନେବା ନିମନ୍ତେ ମନୋନୀତ ହୋଇଥିଲେ। କଣ୍ଟାପଡା ବ୍ଲକ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚୌଦ୍ୱାର ଜେଲରେ ଖୋଲିଲା ଦକ୍ଷତା ବିକାଶ ତାଲିମ କେନ୍ଦ୍ର

**ଚୌଦ୍ୱାର,୪।୧୧(ଡି.ଏନ୍.ଏ.):** ଚୌଦ୍ୱାର ଜେଲ୍‌ରେ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ଆଇପିଏସ୍ ଅଧିକାରୀ ମନୋଜ ଛାବ୍ରା ଏହାକୁ ଉଦ୍‌ଘାଟନ କରି କହିଥିଲେ, ଜେଲରେ ରହୁଥିବା କଏଦୀମାନଙ୍କ ଦକ୍ଷତା ବିକାଶ ଦିଗରେ ତାଲିମ ଦିଆଯିବା ଲକ୍ଷ୍ୟରେ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। କଏଦୀମାନେ ଏଠାରେ ପ୍ରଶିକ୍ଷଣ ନେଇ ନିଜର ଆର୍ଥିକ ବିକାଶରେ ସଫଳ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ଜେଲ ଅଧୀକ୍ଷକ ପ୍ରଦୀପ୍ତ ବେହେରା, ପ୍ରଶିକ୍ଷକ ସୁକିର୍ତ୍ତୀ ପଟ୍ଟନାୟକ, ଜେଲର ବିଭେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ସମ୍ବାଦପତ୍ର ବିକ୍ରେତା ସଂଘ ବୈଠକ

**କଟକ ଅଫିସ, ୪।୧୧:** ସମ୍ବାଦପତ୍ର ବିକ୍ରେତା ସଂଘର ଏକ ବୈଠକ କଟକ ବାରବାଟୀ ଷ୍ଟାଡିୟମଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଜୟ କୁମାର ପଢିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆୟବ୍ୟୟ ହିସାବ କରାଯାଇଥିଲା। ଏଥିସହ ସଂଘ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯିବ। ସେହିପରି ଫେବୃୟାରୀ ଶେଷ ସପ୍ତାହରେ ପିକ୍‌ନିକ୍ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ବୈଠକରେ ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ କୁମାର ମହାନ୍ତି, ପ୍ରଭାସ ପ୍ରଧାନ, ସଭ୍ୟ ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ହୃଷୀକେଶ ପଢିହାରୀ, ରବି ପାଲ୍, ଦୀପ୍ତିରଞ୍ଜନ ପଟ୍ଟନାୟକ, ହେମନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# '୩୦ ମିନିଟ୍ ବ୍ୟବଧାନରେ ଲେଜର ଶୋ'

## ଏବେଠାରୁ ଜମିଲାଣି ଭିଡ଼



କଟକ ଅଫିସ,୪।୧୧

ବାଲିଯାତ୍ରାକୁ ଆଉ ୩ଦିନ ବାକି ରହିଲା । ହାତରେ କମ୍ ସମୟ ଥିବାରୁ ଜୋରସୋରରେ ଚାଲିଛି ଷ୍ଟଲ ନିର୍ମାଣ କାମ । ସେହିପରି 'କଟକ ଇନ୍ କଟକ' ପ୍ରକଳ୍ପ ତା'ର ପ୍ରକୃତ ରୂପ ପାଇବାରେ ଲାଗିଛି । ଏଥିସହ ପ୍ରତିଦିନ ସନ୍ଧ୍ୟାରେ ପରୀକ୍ଷାମୂଳକ ଭାବରେ ମହାନଦୀ କୂଳରେ ଲାଇଟ ଶୋ' ଜାରି ରହିଛି। ୮ ତାରିଖରୁ ଏହି ଶୋ' ବିଧିବଦ୍ଧ ଭାବରେ ଅନୁଷ୍ଠିତ ହେବ । ସନ୍ଧ୍ୟା ୬ରୁ ରାତି ୯ ପର୍ଯ୍ୟନ୍ତ ଏହି ଚାଲିବ । ଗୋଟିଏ ଶୋ'ର ଅବଧି ୩୦ ମିନିଟ ରହିଛି । ଏହି ଶୋ'ରେ ପ୍ରତି ୩୦ ମିନିଟ୍‌ରେ କାଞ୍ଚି ଅଭିଯାନ, ମହାବାତ୍ୟା, ଶ୍ରୀକ୍ଷେତ୍ରର ସାହିଯାତ, ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ଗସ୍ତ, ଖୁଦୁରୁକୁଣୀ ଓଷା ଏବଂ ସାରା ଓଡ଼ିଶାକୁ ନେଇ ପ୍ରସ୍ତୁତ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ଏହି ଶୋ' ଦେଖିବା ପାଇଁ ଏବେଠାରୁ ବେଶ୍ ଭିଡ଼ ଜମିଲାଣି।

### ଜାତୀୟ ଫୁଡ୍ ଫେଷ୍ଟିଭାଲରେ ଓଡ଼ିଆ ପିଠାକୁ ଗୁରୁତ୍ୱ

ଖାଦ୍ୟ ବିନା କଟକ ବାଲିଯାତ୍ରା ଅଧୁରା। ଯାତ୍ରା ବୁଲିବାକୁ ଆସୁଥିବା ଲୋକେ କିଣାକିଣି ସହ ବିଭିନ୍ନ ଖାଦ୍ୟର ମଜା ନିଅନ୍ତି । ସେଥିପାଇଁ ବାଲିଯାତ୍ରାରେ ସ୍ୱତନ୍ତ୍ର ଫୁଡ ଷ୍ଟଲ ଖୋଲିଥାଏ । ଚଳିତ ବର୍ଷ ମଧ ଓରମାସ ପକ୍ଷରୁ କରାଯାଉଥିବା ଷ୍ଟଲରେ ଫୁଡ କୋର୍ଟକୁ ଗୁରୁତ୍ୱ ଦିଆଯାଇଛି। ଯେଉଁଠାରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପୋଡ଼ପିଠା, ମଣ୍ଡା ପିଠା, ଏଣ୍ଡୁରି ପିଠା, ଆରିସା, କାକରା ସହ ବିଭିନ୍ନ ପ୍ରକାର ପିଠା ଓ ମିଠା ମିଳିବ। ଗତଥର ବାଲିଯାତ୍ରାରେ ୩୮୦ ଷ୍ଟଲ ଥିବାବେଳେ ଚଳିତ ବର୍ଷ ୪୨୦ଟି ଷ୍ଟଲ ଖୋଲାହେବ। ଏହାସହ ୩୦ଟି ଫୁଡ୍ ଷ୍ଟଲ କରାଯାଇଛି । ରାଜ୍ୟର ୩୦ ଜିଲା ସହ ୧୪ଟି ରାଜ୍ୟରୁ ବ୍ୟବସାୟୀମାନେ ଷ୍ଟଲ ଖୋଲିବାକୁ ଯୋଜନା କରିଛନ୍ତି। ଆଧୁନିକୀକରଣ ଛାପରେ ପାରମ୍ପରିକ ପିଠା ପଣା ପଛରେ ରହିଯାଉଛି, ସେଥିପାଇଁ ଜାତୀୟସ୍ତରର ଫୁଡ୍ ଫେଷ୍ଟିଭାଲ ଏହାକୁ ଆଦୃତ କରିବା ପାଇଁ ଓରମାସ ପକ୍ଷରୁ ଗୁରୁତ୍ୱ ଦିଆଯିବ । ଏହାବ୍ୟତୀତ ରାଜସ୍ଥାନୀ, ପଞ୍ଜାବୀ, ଗୁଜରାଟୀ ଖାଦ୍ୟ ସହ ଓଡ଼ିଆ ପାରମ୍ପରିକ ଖାଦ୍ୟ ପସରା ମିଳିବ ବୋଲି ଓରମାସ ଯୁଗ୍ମ କାର୍ଯ୍ୟନିର୍ବାହୀ ବିପିନ ବିହାରୀ ରାଉତ କହିଛନ୍ତି।

### ନୂତନ ସ୍ଥାନରେ ବୈଷ୍ଣବ ପାଣି ମଞ୍ଚ

ବହୁ ବର୍ଷ ଧରି ବୈଷ୍ଣବ ପାଣି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ପୂର୍ବରୁ ବୋଟ୍ ଗେଟ୍‌ର ବାମପାର୍ଶ୍ୱରେ ବୈଷ୍ଣବ ପାଣି ମଞ୍ଚରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଥିଲା। ଚଳିତ ବର୍ଷ ନଦୀପଠା ପୋତା ହୋଇଯାଇଥିବାରୁ ଉକ୍ତ ସ୍ଥାୟୀ ମଞ୍ଚ ମଧ ଦବିଯାଇଛି । ସେଥିପାଇଁ ଚଳିତ ବର୍ଷ ନୂତନ ସ୍ଥାନରେ ନିର୍ମାଣ କରାଯାଇଛି ଏହି ମଞ୍ଚ। ବୋଟ୍ ଗେଟ୍‌ର ଡାହାଣ ପାର୍ଶ୍ୱରେ 'କଟକ ଇନ୍ କଟକ' ସମ୍ମୁଖ ଭାଗରେ ବୈଷ୍ଣବ ପାଣି ମଞ୍ଚ ପ୍ରସ୍ତୁତ କରାଯାଇଛି । ଉକ୍ତ ମଞ୍ଚରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏହାର ସମ୍ମୁଖ ଭାଗରେ ଅଧିକ ଫାଙ୍କାସ୍ଥାନ ରହିଥିବାରୁ ବହୁ ଲୋକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିପାରିବେ। ସେହିପରି ବୈଷ୍ଣବ ପାଣି ମଞ୍ଚ ସାଙ୍ଗକୁ ଅକ୍ଷୟ ମହାନ୍ତି ମଞ୍ଚ ମଧ ପ୍ରସ୍ତୁତ କରାଯାଉଛି। ଚଳିତବର୍ଷ ଦୁଇଟି ଯାକ ମଞ୍ଚ ଷ୍ଟିଲ ଆଙ୍ଗେଲ ଓ ପ୍ଲାଏ ସହାୟତାରେ ନିର୍ମାଣ ହେଉଛି । ଏହାକୁ ଡିଜିଟାଲ ଆଲୋକମାଳାରେ ସଜାଯିବ।

### ଏଥରର ମୁଖ୍ୟ ଆକର୍ଷଣ କୈଳାସ ଖେର, ଜାଭେଦ ଅଲ୍ଲି

ବାଲିଯାତ୍ରା ମହୋତ୍ସବରେ ଚଳିତଥର ମୁଖ୍ୟ ଆକର୍ଷଣ ସାଜିବେ ଷ୍ଟାର କଳାକାର। ଏଥିପାଇଁ ତାଲିକା ପ୍ରସ୍ତୁତ କରିଛି ପ୍ରଶାସନ। ପ୍ରତିଦିନ ଷ୍ଟାର କଳାକାରମାନେ ବାଲିଯାତ୍ରା ମଞ୍ଚରେ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରିବେ। ଅପରାହ୍ନ ୪ରୁ ରାତି ୧୦ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ତେବେ ନିଜ ଜାଦୁରେ ଲୋକଙ୍କୁ ମତୁଆଲା କରିବେ ଲୋକପ୍ରିୟ କଣ୍ଠଶିଳ୍ପୀ କୈଳାସ ଖେର ଓ ଜାଭେଦ ଅଲ୍ଲୀ। ୧୧ ତାରିଖ ସନ୍ଧ୍ୟାରେ କୈଳାସ ଖେର ଦର୍ଶକଙ୍କ ପାଇଁ ଷ୍ଟେଜ ପରଫରମାନ୍ସ କରିବେ । ସେହିପରି ୧୩ ତାରିଖରେ ଜାଭେଦ ଅଲ୍ଲି, ୧୫ ତାରିଖରେ କ୍ରିଷ୍ଣା ବେଉରାଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ। ତେବେ ଏହି ତାଲିକାରୁ ବାଦ ପଡ଼ିନାହାନ୍ତି ଓଡ଼ିଆ କଳାକାର। ୮ ତାରିଖରେ ଶୀତଲ ପାତ୍ର, ୧୧ରେ କଣ୍ଠଶିଳ୍ପୀ ଦିପ୍ତୀରେଖା ପାଢ଼ୀ, ୧୨ରେ ଅସୀମା ପଣ୍ଡା, ୧୪ରେ ହ୍ୟୁମାନ ସାଗର, ୧୬ରେ ମଣ୍ଟୁ ଛୁରିଆ, ବିଷ୍ଣୁ ମୋହନ କବି ଦର୍ଶକ ମନ ମୋହିବେ ।



କୈଳାସ ଖେର



ଜାଭେଦ ଅଲ୍ଲି

### ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଚୌଦ୍ୱାର,୪।୧୧(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସ୍ଥାନୀୟ ଓଟିଏମ୍ ହାଇସ୍କୁଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ଆଇଆଇସି ବିରଞ୍ଚି ନାରାୟଣ ପତି, ଇମ୍ଫାର ଲୋକସମ୍ପର୍କ ଡିଜିଏମ୍ ଧ୍ରୁବ ଚରଣ ରାଉତ, ବିରଞ୍ଚି ନାରାୟଣ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ଅପରାହ୍ନରେ ମଣ୍ଡଳ ଶିକ୍ଷାଧିକାରୀ ସରୋଜିନୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ବିଜେଡ଼ି ନେତା ସେକ୍‌ସାହାଜାନ୍, କାଉନସିଲର ବିଜୟଲକ୍ଷ୍ମୀ ବେହେରା, ଶିକ୍ଷାବିତ୍ ଗଣେଶ ପ୍ରସାଦ ବେହେରା, ଓଟିଏମ୍ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ସାହୁ, ଯୁବନେତା ଅର୍ଜୁନ୍ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ଏଭଳି ମହୋତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବ୍ଲକ୍‌ର ମୋଟ୍ ୧୮ଟି କ୍ଲଷ୍ଟରର ୨୪୨ ବିଦ୍ୟାଳୟସ୍ତରରେ ଆୟୋଜିତ ୧୭ ପ୍ରକାରର ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୩୨ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗୀମାନେ ଜିଲାସ୍ତରରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଶିକ୍ଷାଧିକାରୀ ସାହୁ କହିଛନ୍ତି। କାଉନସିଲର ସୁବ୍ରତ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସିଆର୍‌ସିସି, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।




କଟକସ୍ଥିତ ଉତ୍କଳ ବାଳାଶ୍ରମ ପରିସରରେ ଶୁକ୍ରବାର ଅନୁଷ୍ଠିତ ଜିଲାସ୍ତରୀୟ ଶିଶୁ ଉତ୍ସବ ମହକରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଜିଲାସ୍ତରୀୟ ଶିଶୁ ଉତ୍ସବ ମହକ

କଟକ ଅଫିସ, ୪।୧୧

ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଜିଲାସ୍ତରୀୟ ଶିଶୁ ଉତ୍ସବ ମହକ-୨୦୨୨ କଟକ ନୂଆପଡାସ୍ଥିତ ଉତ୍କଳ ବାଳାଶ୍ରମ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୫ଟି ଶିଶୁ ଯତ୍ନ ଅନୁଷ୍ଠାନର ପ୍ରାୟ ୧୦୦ ଜଣ ପ୍ରତିଯୋଗୀ ଯୋଗଦେଇ ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଏବଂ ଦଳଗତ ନୃତ୍ୟ ବିଭାଗରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଶିଶୁଯତ୍ନ ଅନୁଷ୍ଠାନଗୁଡିକରେ ପାଳିତ, ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ପିଲାମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ମହିଳା ଓ ଶିଶୁ ବିଭାଗର ଏହା ଏକ ନିଆରା ପ୍ରୟାସ। ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସବିତା ରାଉତ, ଶିଶୁ ମଙ୍ଗଳ ସମିତି ଅଧକ୍ଷା ମନ୍ଦାକିନୀ ଜେମା, କିଶୋର ଓ ନ୍ୟାୟ ପରିଷଦର ସଦସ୍ୟା ଅନସୂୟା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ଉତ୍ସବ ପରିଚାଳନା କରିଥିଲେ। ଦେବସ୍ମିତା ନାୟକ, ଶୁଭଲକ୍ଷ୍ମୀ ମିଶ୍ର, ଦେବଯାନୀ ଶରଣ, ସ୍ୱାଗତିକା ବିଶ୍ୱାଳ, ଗୌତମ ମହାପାତ୍ର, ସନ୍ଦିପ ବିଶୋଇ, କଂଗ୍ରେସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ୧୨ ସାଇକେଲ ଜବତ, ୨ ଗିରଫ

**ଚୌଦ୍ୱାର, ୪।୧୧ (ଡି.ଏନ୍.ଏ.):** ଚୌଦ୍ୱାର ପୋଲିସ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୨ଟି ଚୋରି ସାଇକେଲ ଜବତ କରିଛି। ଚୋରି ଘଟଣାରେ ଆଗ୍ରାହାଟ ବରାଳ ସାହିର ରମେଶ ବେହେରା ଓ ଟାଙ୍ଗୀ ନିର୍ଗୁଣ୍ଡି ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗ ମୁର୍ଷିଦାବାଦ ଜିଲା ମିର୍ଜାପୁର ଗ୍ରାମର ଅମିର ସେଖ୍‌ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ଜନଗହଳି ସ୍ଥାନରୁ ସାଇକେଲ ଚୋରି କରି ବିକ୍ରି କରୁଥିଲେ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୫୨୫/୨୨) ରୁଜୁ ହୋଇଛି।

## ୬ ଟଙ୍କାର କ୍ୟାରିବ୍ୟାଗ୍ ପାଇଁ ୨୫ ହଜାର ଦଣ୍ଡ

କଟକ ଅଫିସ,୪।୧୧

**ଜିଲା ଖାଉଟି ଅଦାଲତରେ ଶପିଂ ମଲ୍ ଦଣ୍ଡିତ**

୬ ଟଙ୍କାର କ୍ୟାରିବ୍ୟାଗ୍ ପାଇଁ କଟକ ବକ୍ସିବଜାରସ୍ଥିତ ବଜାର କୋଲକାତା ଶପିଂ ମଲ୍ ଦଣ୍ଡ ଗଣିବ। ଉକ୍ତ ଶପିଂ ମଲ୍‌କୁ ଜିଲା ଖାଉଟି ଅଦାଲତ ଏଭଳି ଦଣ୍ଡିତ କରିଛନ୍ତି। ଜଣେ ଗ୍ରାହକଙ୍କୁ ନ ଜଣାଇ କ୍ୟାରି ବ୍ୟାଗ ପାଇଁ ୬ ଟଙ୍କା ନେବା ଅଭିଯୋଗର ଶୁଣାଣି କରି ଅଦାଲତ ୨୫ ହଜାର ଟଙ୍କା ଅର୍ଥଦଣ୍ଡ ୩୦ ଦିନ ମଧ୍ୟରେ ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ବିଚାରପତି ଦେବାଶିଷ ନାୟକ ଓ ଶିବାନନ୍ଦ ମହାନ୍ତିଙ୍କ ଖଣ୍ଡପୀଠ ଗତ ୧୯ ତାରିଖରେ ଏହି ରାୟ ଶୁଣାଇଛନ୍ତି।

ପୁରୀଘାଟ ଥାନା ଅନ୍ତର୍ଗତ ହରିପୁର ମୂଳିଆସାହିର ପଦ୍ମଲୋଚନ ରାଉତ ବକ୍ସିବଜାରସ୍ଥିତ ବଜାର କୋଲକାତାରୁ ୨୦୨୦ ଡିସେମ୍ବର ୨୮ରେ ଏକ ଟି-ଶାର୍ଟ କିଣିଥିଲେ। ଏ ବାବଦରେ ୨୪୯ ଟଙ୍କା ଦେବାକୁ ସେ କାଉଣ୍ଟରରେ ଉପସ୍ଥିତ ଥିବାବେଳେ ତାଙ୍କୁ କ୍ୟାରିବ୍ୟାଗ୍ ଦରକାର କି ବୋଲି ପଚରାଯାଇଥିଲା। ସେ ହଁ କହିବାରୁ ତାଙ୍କୁ ଗୋଟାଏ କ୍ୟାରି ବ୍ୟାଗ ଦିଆଯାଇଥିଲା। ମାତ୍ର ସେ କାର୍ଡ ମାଧ୍ୟମରେ ଟଙ୍କା ଦେବା ପରେ ଜାଣିଲେ ଯେ ତାଙ୍କଠାରୁ ୬ ଟଙ୍କା ଅଧିକ ନିଆଯାଇଛି। କ୍ୟାରି ବ୍ୟାଗ ନେବାକୁ ପଚାରିବାବେଳେ ଏଥିପାଇଁ ୬ ଟଙ୍କା ଦେବାକୁ ପଡ଼ିବ ବୋଲି ତାଙ୍କୁ କେହି କହି ନ ଥିଲେ କି ମଲ୍ ମଧ୍ୟରେ ଏ ସମ୍ପର୍କିତ କୌଣସି ଲେଖା ମଧ ନ ଥିଲା। ସେ ଏ କଥା ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ପାଇ ନଥିଲେ। ସେ ମାନସିକ ଭାବେ ଆଘାତ ପାଇ ଫେରିଆସିଥିଲେ। ପରେ ଉକ୍ତ ଶପିଂ ମଲ୍ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଲିଗାଲ ନୋଟିସ ପଠାଇଥିଲେ। ନିର୍ଦ୍ଧାରିତ ଦିନ ଶପିଂ ମଲ୍ ତରଫରୁ କେହି କାଉନସେଲିଂ ସେଣ୍ଟରକୁ ଆସି ନ ଥିଲେ। ଫଳରେ ପଦ୍ମଲୋଚନ ରାଉତ ଏନେଇ ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ କ୍ଷତିପୂରଣ ୬୦ ହଜାର ଟଙ୍କା, ମାନସିକ ନିର୍ଯାତନା ନିମନ୍ତେ ୧୫ ହଜାର ଟଙ୍କା ଓ ମାମଲାଜନିତ ଖର୍ଚ୍ଚ ବାବଦରେ ୧୫ ହଜାର ଟଙ୍କା ପ୍ରଦାନ ପାଇଁ ଦାବି କରିଥିଲେ। ତେବେ ବିଚାରପତିଙ୍କ ଖଣ୍ଡପୀଠ ତାଙ୍କ ରାୟରେ ମାନସିକ ନିର୍ଯାତନାଜନିତ କ୍ଷତିପୂରଣ ବାବଦରେ ୧୦ ହଜାର ଟଙ୍କା ଓ ମାମଲା ଖର୍ଚ୍ଚଜନିତ ୧୫ ହଜାର ଟଙ୍କା ଶପିଂ ମଲ୍ ପକ୍ଷରୁ ଆବେଦନକାରୀଙ୍କୁ ପ୍ରଦାନ କରିବା ପାଇଁ ଆଦେଶ ଦେଇଛନ୍ତି।



ପଞ୍ଚକ ଅବସରରେ ଶୁକ୍ରବାର ସିଡିଏ ସେକ୍ଟର-୧୧ ଅଞ୍ଚଳର ଘର ସମ୍ମୁଖରେ ଜଣେ ଯୁବତୀ ଝୋଟି ପକାଉଛନ୍ତି।

## ଉପଭୋକ୍ତା ଆଇନର ପ୍ରାବଧାନକୁ ବ୍ୟାପକ କରାଯାଉ




ବୈଠକରେ ଏମ୍‌ପି ଭର୍ତ୍ତୃହରି ମହତାବ, ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

କଟକ ଅଫିସ, ୪।୧୧

**ଜିଲାସ୍ତରୀୟ ଉପଭୋକ୍ତା ସୁରକ୍ଷା ପରିଷଦର ବୈଠକ**

- ଚଳିତବର୍ଷ ବୃଦ୍ଧି କରାଯାଉ ଖରିଫ ଧାନ ସଂଗ୍ରହ
- କର୍ମଶାଳା ମାଧ୍ୟମରେ କ୍ରେତା, ବିକ୍ରେତାଙ୍କୁ ସଚେତନତା କରାଯାଉ

ଜିଲାସ୍ତରୀୟ ଉପଭକ୍ତା ସୁରକ୍ଷା ପରିଷଦ ଓ ଖରିଫ ଧାନ ସଂଗ୍ରହ କମିଟି ବୈଠକ କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ, ତୃଣମୂଳସ୍ତରରେ ଉପଭୋକ୍ତା ଆଇନର ପ୍ରାବଧାନକୁ ସଚେତନତା ମାଧ୍ୟମରେ ବ୍ୟାପକ କରାଯିବାର ଆବଶ୍ୟକତା ରହିଛି। ଫଳରେ ଉପଭୋକ୍ତାମାନେ ଦୈନନ୍ଦିନ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସହଜ ଓ ସରଳ ସମାଧାନ ହୋଇପାରିବ। ଜିଲାରେ ୨୦୨୧-୨୦୨୨ ବର୍ଷରେ ୧୬ ଲକ୍ଷ ୪୮ ହଜାର ୩୪୨ କୁଇଣ୍ଟାଲ ଖରିଫ ଧାନ ସଂଗ୍ରହ ହୋଇଥିଲା। ଚଳିତବର୍ଷ ଏହି ପରିମାଣରେ ବୃଦ୍ଧି ନିମନ୍ତେ ସମ୍ପୃକ୍ତ ସମସ୍ତ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ସେ ଦେଇଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ, ଚଳିତବର୍ଷ ଧାନ ସଂଗ୍ରହ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ବିଧାୟକ ମହମ୍ମଦ ମୋକିମ ଯୋଗଦେଇ କହିଥିଲେ, ଉପଭୋକ୍ତା ତଥା ଖାଉଟିମାନଙ୍କ କଲ୍ୟାଣାର୍ଥେ ବିଭିନ୍ନ ସ୍ତରରେ ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ଗ୍ରାମ, ପଞ୍ଚାୟତ ଓ ବ୍ଲକ ସ୍ତରରେ କାର୍ମଶାଳା ଆୟୋଜନ କରି କ୍ରେତା ଓ ବିକ୍ରେତାମାନଙ୍କୁ ସଚେତନ କରାଯାଉ। ଓଡ଼ିଆ ଭାଷାରେ ସଚେତନତା ପ୍ରଚାରପତ୍ର ବାଣ୍ଟିବାକୁ ସେ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଜିଲା ଖାଉଟି ବିବାଦ ସମାଧାନ ମଞ୍ଚ ସଭାପତି ଦେବାଶିଷ ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଓଜନ ଓ ମାପ ଯୁଗ୍ମ ଆୟୁକ୍ତ ଗୌରୀଶଙ୍କର ପଟ୍ଟନାୟକ, ଭାରତୀୟ ତୈଳ ନିଗମ ପ୍ରତିନିଧି ସୁଦୀପ କୁମାର ମୁଦୁଲି, ରାଜ୍ୟ ଉପଭୋକ୍ତା ମହାସଂଘ ସମ୍ପାଦକ ଗିରିଜା ଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ‘ବିଜ୍ଞାନ ନୂତନ ସତ୍ୟର ସନ୍ଧାନରେ ସହାୟକ ହୁଏ’

ଟାଙ୍ଗୀ(ଖୋର୍ଦ୍ଧା),୪ା୧୧(ଡି.ଏନ୍.ଏ.): ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ବିଭାଗର ୨୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ସୀତାଂଶୁ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର, ମୁଖ୍ୟ ବକ୍ତା ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ଅଧକ୍ଷ ତୁଷାର କାନ୍ତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଟାଙ୍ଗୀ ବ୍ଲକ ଅଧକ୍ଷା ରିମ୍ପା ମାନ୍ଧାତା, କଲେଜ ପରିଚାଳନା କମିଟିର ପୂର୍ବତନ ସଭାପତି ରଘୁନାଥ ସାହୁ, ଖୋର୍ଦ୍ଧା ଜିଲା ଖାଉଟି ଅଦାଲତର ପୂର୍ବତନ ସଭାପତି ନାରାୟଣ ମହାପାତ୍ର, ସମିତି ସଭ୍ୟ ନବ ଚହଟରାୟ ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନ ନୂତନ ସତ୍ୟର ସନ୍ଧାନରେ ସହାୟକ ହୁଏ ବୋଲି ମତପ୍ରକାଶ ପାଇଥିଲା। ବିଜ୍ଞାନ ବିଭାଗର ଅଧ୍ୟାପକ ଚଣ୍ଡୀ ପ୍ରସାଦ ପଟ୍ଟନାୟକ, ସୂର୍ଯ୍ୟ କାନ୍ତ ସାହୁ, ରଞ୍ଜନ କୁମାର ମହାପାତ୍ର ଓ ବିଶ୍ୱ ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୭୩ ର୍ୟାଙ୍କ ରଖିଥିବା ବିଦ୍ୟାଳୟର ଛାତ୍ରୀ ଇପ୍ସିତା ବଳିୟାରସିଂହଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପିକା ସୁଚିତ୍ରାମୟୀ ଜଗଦେବ ଧନ୍ୟବାଦ ଦେଇଥିଲେ।

### ସରଳତା, ସଚ୍ଚୋଟତା ଥିଲା ଗିରୀଶଙ୍କ ପରିଚୟ

**ଖୋର୍ଦ୍ଧା ଅଫିସ,୪ା୧୧:** ଖୋର୍ଦ୍ଧା ପୌର ପରିଷଦ ପୂର୍ବତନ କାଉନସିଲର ତଥା ଖବରଦାତା ଗିରୀଶ ଚନ୍ଦ୍ର ପଟ୍ଟନାୟକଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଶୁକ୍ରବାର ଖୋର୍ଦ୍ଧା କ୍ଲବ ଆନୁକୂଲ୍ୟରେ କ୍ଲବ ସମ୍ପାଦକ ତଥା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। କ୍ଲବ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ମହାନ୍ତି, ଉପସଭାପତି ରବିନାରାୟଣ ପଟ୍ଟନାୟକ, ବିଭୂତି ଭୂଷଣ ପଟ୍ଟନାୟକ, ଦେବପ୍ରସାଦ ମଜୁମଦାର, ସରୋଜ ସୁନ୍ଦର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଗିରିଶ ଖୋର୍ଦ୍ଧା କ୍ଲବର ସଦସ୍ୟ,୧୯୯୨-୯୭ ଖୋର୍ଦ୍ଧା ଏନଏସି କାଉନସିଲର, ଖୋର୍ଦ୍ଧା ପ୍ରାଣନାଥ ସ୍ମୃତି ସମିତିର ସମ୍ପାଦକ ସହ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ ଥିଲେ। ସରଳତା, ସଚ୍ଚୋଟତା ଥିଲା ତାଙ୍କ ପରିଚୟ। ସେହିଭଳି ଖୋର୍ଦ୍ଧା ସାମ୍ବାଦିକ ପରିବାର ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏକାଧିକ ଛାପା ଓ ବୈଦ୍ୟୁତିକ ଗଣମାଧମ ପ୍ରତିନିଧି ତାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟପଟେ ତାଙ୍କ ବିୟୋଗରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି, ରୋଟାରୀ କ୍ଲବ ସମ୍ପାଦକ ରୁଦ୍ର ନାରାୟଣ ଦତ୍ତ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

# ରାସ୍ତାପାର୍ଶ୍ୱ ବିଲକୁ ଓଲଟିଲା ବସ୍

## ୧୦ ଆହତ, ୨ ଗୁରୁତର

ଖୋର୍ଦ୍ଧା ଅଫିସ/ବେଗୁନିଆ, ୪ା୧୧(ଡି.ଏନ୍.ଏ.)


ଓଲଟି ପଡିଥିବା ବସ୍।

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ ବାଘମାରୀ ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାସ୍ତାପାର୍ଶ୍ୱ ଧାନବିଲକୁ ଗାଡ଼ିଟି ଓଲଟି ପଡ଼ିବାରୁ ୧୨ଜଣ ଯାତ୍ରୀ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ଆହତଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ବାଘମାରୀ ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ବସ୍ ଚାଳକ କଟକ ଜିଲା ସାଲେପୁର ଅଞ୍ଚଳର ବିଜୟ ଖଟେଇଙ୍କୁ ଅଟକ ରଖିଥିଲା। ପରେ ସିଆରପିସି ୪୧ ଦଫାରେ ତାଙ୍କୁ ନୋଟିସ କରାଯାଇ ଛାଡ଼ିଦିଆଯାଇଛି ବୋଲି ଥାନା ଅଧିକାରୀ ପ୍ରଜ୍ଞା କର କହିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୧୫୬/୨୨)ରୁଜୁହୋଇଛି।

ସୂଚନା ମୁତାବକ, ବ୍ଲୁ ବେଲୁନ ନାମକ ନାଇଟ୍ ଏକ୍ସପ୍ରେସ ବସ୍ (ଓଡି ୩୩ ଆର-୭୦୫୧) ପ୍ରାୟ ୪୦ଜଣ ଯାତ୍ରୀଙ୍କୁ ନେଇ ବଲାଙ୍ଗୀରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ଶୁକ୍ରବାର ଭୋର ପ୍ରାୟ ୩ଟା ୪୫ରେ ବାଘମାରୀ ପେଟ୍ରୋଲ ପମ୍ପ ନିକଟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଗାଡ଼ିଟି ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡିଥିଲା। ଖବରପାଇ ସ୍ଥାନୀୟ ଲୋକେ ଓ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ବସ୍ କାଚ ଓ କବାଟ ଭାଙ୍ଗି ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ବସ୍‌ରେ ଥିବା ୪୦ ଯାତ୍ରୀଙ୍କ ମଧ୍ୟରୁ ୧୨ଜଣ ଆହତ ହୋଇଥିଲେ। ଆହତଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଯାଇଥିବା ବେଳେ ଅନ୍ୟମାନେ ନିଜସ୍ୱ ବ୍ୟବସ୍ଥାରେ ଫେରିଯାଇଥିଲେ। ଆହତମାନେ ହେଲେ ଭୋଳାନାଥ ପାରିକ୍, ଅଶୋକ ପାରିକ, ପ୍ରଣବ କୁମାର ମେହେର(୩୩), ନୀଳମାଧବ ଶାହା(୨୯), ବୈଷ୍ଣବୀ ପାତ୍ର(୨୦), ଲକ୍ଷ୍ମୀ କୁମାରୀ ଗଡ଼ତିଆ(୨୪), ସାଇପ୍ରସାଦ ପ୍ରଧାନ(୧୦) ଓ ତାଙ୍କ ମା’ ମୋନାଲିସା ଓ ଝିଅ ଶୁଭଲକ୍ଷ୍ମୀଙ୍କ ସମେତ ଅନ୍ୟମାନେ ରହିଛନ୍ତି। ତେବେ ଭୋଳାନାଥ ଓ ଅଶୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବାଘମାରୀ ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା। କୁହୁଡ଼ି ଯୋଗୁ ବସ୍ ଚାଳକ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି।

# ୧୦ରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ରାଷ୍ଟ୍ରପତି

- ଦେଢ଼ଘଣ୍ଟା ପୂର୍ବରୁ ସାଧାରଣ ଦର୍ଶନ ବନ୍ଦ
- ଗସ୍ତ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ

ପୁରୀ ଅଫିସ, ୪ା୧୧


ଦ୍ରୌପଦୀ ମୁର୍ମୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ। ସେ ୧୦ ତାରିଖରେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଶୁକ୍ରବାର ସନ୍ଧ୍ୟାରେ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଅଧକ୍ଷତା କରିଥିବାବେଳେ ଶ୍ରୀମନ୍ଦିର ଉପପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଳ ସିଂଙ୍କ ସମେତ ଛତିଶା ନିଯୋଗ, ନୀତି ସବ୍‌କମିଟି ଓ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ମୁଖ୍ୟ ପ୍ରଶାସକ ଯାଦବଙ୍କ ସୂଚନା ଅନୁଯାୟୀ, ରାଷ୍ଟ୍ରପତି ୧୦ ତାରିଖ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧ଟା ମଧ୍ୟରେ ଶ୍ରୀମନ୍ଦିର ଯାଇ ଗର୍ଭଗୃହରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ସୁରକ୍ଷା ଦୃଷ୍ଟିରୁ ତାଙ୍କ ଦର୍ଶନର ଦେଢ଼ ଘଣ୍ଟା ପୂର୍ବରୁ ଅର୍ଥାତ୍ ପ୍ରାୟ ୧୦ଟା ୩୦ରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏହି ସମୟ ମଧ୍ୟରେ ଶ୍ରୀମନ୍ଦିରକୁ ଶୋଧ କରାଯିବ। କେବଳ ପାଳିଆ ସେବାୟତମାନେ ଶ୍ରୀମନ୍ଦିର ପରିସରରେ ଉପସ୍ଥିତ ରହିବେ। ସେହିପରି ରାଷ୍ଟ୍ରପତି ମହାପ୍ରସାଦ ସେବନ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ବର୍ତ୍ତମାନ ସୁଦ୍ଧା ରାଷ୍ଟ୍ରପତିଙ୍କ ଉକ୍ତ ଦିନର ମିନିଟ-ଟୁ-ମିନିଟ୍ କାର୍ଯ୍ୟସୂଚୀ ଆସିନାହିଁ। ତେଣୁ ସେ କେଉଁ ସ୍ଥାନରେ ମହାପ୍ରସାଦ ସେବନ କରିବେ ସେ ନେଇ ସୂଚନା ମିଳିନାହିଁ। ରାଷ୍ଟ୍ରପତି ଦର୍ଶନ ସାରି ଫେରିବା ପରେ ପୁଣିଥରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ ବୋଲି ଯାଦବ କହିଛନ୍ତି। ସିଂହଦ୍ୱାର ନିକଟସ୍ଥ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମଧ ରାଷ୍ଟ୍ରପତି ମାଲ୍ୟାର୍ପଣ କରିବେ ବୋଲି ଜଣାପଡ଼ିଛି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର



ବୋଲଗଡ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

ବୋଲଗଡ଼,୪ା୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ପୂରଣ ପାଇଁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏସୟୁସିଆଇର ସ୍ଥାନୀୟ ବ୍ଲକ ସଙ୍ଗଠକ ଜୟନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ କର୍ମୀମାନେ ଗୋପବନ୍ଧୁ ଛକରୁ ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡ ଦେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ ସଭା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ରତିକାନ୍ତ ମିଶ୍ରଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା ସହ ପକ୍କାଘର ଯୋଗାଣ, ଆଦିବାସୀଙ୍କୁ ଜାତି ପ୍ରମାଣପତ୍ର ପ୍ରଦାନ, ଦରଦାମ ବୃଦ୍ଧି ନିୟନ୍ତ୍ରଣ, ବିଦ୍ୟୁତ୍ ବିଭାଗ ଘରୋଇକରଣ ପ୍ରତ୍ୟାହାର, ଚାଷୀଙ୍କୁ ସୁଲଭ ମୂଲ୍ୟରେ ସାର ଓ କୀଟନାଶକ ଯୋଗାଇବା ଆଦି ଦାବି ଅନ୍ତର୍ଭୁକ୍ତ। ତୁରନ୍ତ ଦାବିଗୁଡ଼ିକ ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଏସ୍‌ୟୁସିଆଇ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭ ସମାବେଶରେ ବିଶ୍ୱନାଥ ଜେନା, ସନ୍ତୋଷ ନାଏକ, ବିପିନ ନାଏକ, ବସନ୍ତ ନାଏକ, ସୁଶାନ୍ତ ନାଏକଙ୍କ ସମେତ ଏସୟୁସିଆଇର ବହୁ ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଥିଲା।

## ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ସତ୍ୟବ୍ରତ

ବୋଲଗଡ଼,୪ା୧୧(ଡି.ଏନ୍.ଏ.)

ବିଦ୍ୟାର୍ଥୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବାର ମାଧ୍ୟମ ହେଉଛି ସୁରଭି। ବିଦ୍ୟାଳୟର ଛାତ୍ରୀଛାତ୍ର କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାରୁ ଉତ୍ତୀର୍ଣ୍ଣ ହୋଇ ବ୍ଲକ ସ୍ତରୀୟ ପରେ ଜିଲାସ୍ତରୀୟ ଓ ରାଜ୍ୟସ୍ତରକୁ ମନୋନୀତ ହୋଇଥାନ୍ତି। ଶୁକ୍ରବାର ଖୋର୍ଦ୍ଧାଠାରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରତିଯୋଗିତାରେ ବୋଲଗଡ ବ୍ଲକ ଡାବରଧୁଆସ୍ଥିତ ବାଙ୍କନିଧି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ସତ୍ୟବ୍ରତ ସାହୁ କୁଇଜ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି । ଫଳରେ ସେ ନଭେମ୍ବର ୧୪ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ସେହିପରି ଜିଲାସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିଥିବା ମାଣିବନ୍ଧ ଗ୍ରାମ ପଞ୍ଚପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ସୃଜନାତ୍ମକ ଲିଖନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଏବଂ ମାଣିକାଗୋଡା ଗଦାଧର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟର ଆକାଶ ମହାପାତ୍ର ଚିତ୍ରାଙ୍କନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ବୋଲି ବୋଲଗଡ ଗୋଷ୍ଠୀ ସହ ଶିକ୍ଷାଧିକାରୀ ପଦ୍ମଚରଣ ବରାଡ କହିଛନ୍ତି।

# ୪ ମାସ ପରେ ଶୟନରୁ ଉଠିଲେ ଶ୍ରୀହରି

## ଶ୍ରୀମନ୍ଦିରରେ ହରି ଉତ୍ଥାପନା ନୀତି ସମ୍ପନ୍ନ

ପୁରୀ ଅଫିସ, ୪ା୧୧



ଦୀର୍ଘ ୪ ମାସ ଶୟନ କରିବା ପରେ ଶ୍ରୀହରି (ମହାପ୍ରଭୁ) ଶୁକ୍ରବାର କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ନିଦ୍ରା ପରିହାର କରିଛନ୍ତି। ଏ ନେଇ ଶ୍ରୀମନ୍ଦିରରେ ବିଶେଷ ନୀତି ସମ୍ପନ୍ନ ହୋଇଛି। ଏହି ନୀତିକୁ ହରି ଉତ୍ଥାପନା ନୀତି ବୋଲି କୁହାଯାଏ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ପରେ ରୋଷ ହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ବାଲଧୂପ ଓ ଭୋଗମଣ୍ଡପ ବଢ଼ି ମଇଲମ ହୋଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ସର୍ବାଙ୍ଗ ଚନ୍ଦନ ଲାଗି ନୀତି କରିବା ପରେ ମଧ୍ୟାହ୍ନ ଧୂପ ପୂଜା ବସିଥିଲା। ଭୋଗ ସରିଲା ପରେ ଶାଢ଼ି, ଖଣ୍ଡୁଆ ଲାଗି ପରେ ଝଡ଼ା ଆଳତି ହୋଇଥିଲା। ଏହାପରେ ଚନ୍ଦନ ଲାଗିହୋଇ ବେଶ ବଢ଼ିଥିଲା। ପାଣି ପଡ଼ି ସନ୍ଧ୍ୟାଧୂପ ପୂଜା ବଢ଼ି ମହାଦୀପ ଆଳତି ହୋଇ ନୀଳଚକ୍ରକୁ ମହାଦୀପ ବିଜେ ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ଉତ୍ଥାପନ ନୀତି ଆରମ୍ଭ ହୋଇଥିଲା। ଖଟଶେଯ ଘର ଉପରଭାଗରେ ଥିବା ଘରକୁ ଚଢ଼ଉକରଣଙ୍କ ଉପସ୍ଥିତିରେ ଖୋଲାଯାଇଥିଲା। ମୁଦିରସ୍ତ ତିନିବାକ୍ସକୁ ଖୋଲିଥିଲେ। ତିନି ଶୟନ ଠାକୁରଙ୍କ ମହାସ୍ନାନ, ସର୍ବାଙ୍ଗ ଚନ୍ଦନ, ବେଶ, କର୍ପୂର ଲାଗି ପରେ ବନ୍ଦାପନା ନୀତି ବଢ଼ିଥିଲା। ପୁଷ୍ପାଞ୍ଜଳି, ବନ୍ଦାପନା ପରେ ବାକ୍ସଗୁଡ଼ିକୁ ଯଥା ସ୍ଥାନରେ ରଖାଯାଇ ଘରଦ୍ୱାରକୁ ମୁଦ ଦିଆଯାଇଥିଲା। ପରମ୍ପରା ଅନୁଯାୟୀ, ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ରଥ ଉପରେ ହରିଶୟନ ନୀତି ସମ୍ପନ୍ନ ପରେ ଶ୍ରୀହରି (ମହାପ୍ରଭୁ) ନିଦ୍ରା ଯାଇଥିଲେ। କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ବା ପଞ୍ଚକର ପ୍ରଥମ ଦିନରେ ଠାକୁର ନିଦ୍ରାଭଙ୍ଗ କରିଥାନ୍ତି। ଏତାକୁ ହରି ଉତ୍ଥାପନା ନୀତି ବୋଲି କୁହାଯାଏ।

# ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା

ଖୋର୍ଦ୍ଧା ଅଫିସ,୪ା୧୧



ମିଶନ ଶକ୍ତି ପକ୍ଷରୁ ବାହାରିଥିବା ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା।

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ମିଶନ ଶକ୍ତି ଆନୁକୂଲ୍ୟରେ ଏକ ସଚେତନତା ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ସମ୍ମୁଖରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଯୋଗଦେଇ ପ୍ଲାକାର୍ଡ ଧରି ସଚେତନତାର ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଜିଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଭିଜିଲାନ୍ସ ନିରୀକ୍ଷକ ଚନ୍ଦ୍ରକଳା ଜେନା, ମିଶନ ଶକ୍ତି ଡିସିପି ପୃଥିରାଜ ପଟ୍ଟନାୟକ, ଜୀବିକା ମିଶନର ଜିଲା ପ୍ରୋଗ୍ରାମ ମ୍ୟାନେଜର(ଡିପିଏମ) ବିବେକ ରଞ୍ଜନ ବେଉରିଆ, ସ୍ୱପ୍ନା ପାତ୍ର, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର(ବିପିଏମ) ପ୍ରିୟଦର୍ଶୀ ଦାସ, ଅଞ୍ଜୁମନ ଆରା, ସୁକାନ୍ତି ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ବୈଷ୍ଣବ କବି ଭକ୍ତଚରଣ ଦାସ ସ୍ମାରକୀ ସମାରୋହ


ମହୋତ୍ସବରେ ଉପସ୍ଥିତ ଅତିଥି।

ବୋଲଗଡ଼,୪ା୧୧(ଡି.ଏନ୍.ଏ.)

ବୋଲଗଡ ବ୍ଲକ୍ ସାନପଦର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଭକ୍ତଚରଣ ସ୍ମୃତି ସଦନରେ ବୈଷ୍ଣବ କବି ଭକ୍ତଚରଣ ଦାସଙ୍କ ସ୍ମୃତି ସମାରୋହ କମିଟିର ସଭାପତି ରାଜକିଶୋର ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ ଭକ୍ତଚରଣ ନାମ ସଂକୀର୍ତ୍ତନ କରି ପଦବ୍ରଜରେ ପୁରୀ ଯାଉଥିବା ବେଳେ ଶ୍ରୀକ୍ଷେତ୍ରରେ କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ତାଙ୍କର ମହାପ୍ରୟାଣ ହୋଇଥିଲା। ସେହି ମହାନ୍ କବି ଯାହାଙ୍କ ବୈଷ୍ଣବ ଧର୍ମ ପ୍ରଭାବରେ ଏହି ଗ୍ରାମରେ ଗୋପୀଭାଷାର କବି ଦନେଇ ଦାସ, ବସନ୍ତ ରାସର କବି ପିଣ୍ଡିକ ଶ୍ରୀଚନ୍ଦନ, କବି ଅନନ୍ତ ପାତାଳସିଂହ, କବୟିତ୍ରୀ ନେତ୍ରମଣି ଏହି ଗ୍ରାମକୁ କବିତୀର୍ଥ ଭାବରେ ମାନ୍ୟତା ଦେଇଛନ୍ତି ବୋଲି ବକ୍ତାମାନେ କହିଥିଲେ। ମୁଖ୍ୟ ଅତିଥିଭାବେ ଡ. ତପନ କୁମାର ଜେନା, ମୁଖ୍ୟବକ୍ତା ପଣ୍ଡିତ ବିରଞ୍ଚି ନାରାୟଣ ତ୍ରିପାଠୀ, ଅତିଥିଭାବେ ଡ.କଳ୍ପନା ରଥ, ପୂର୍ବତନ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ଖଟେଇ, ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତି ସଭ୍ୟ ଦିଲୀପ କୁମାର ମହାପାତ୍ର, ଗ୍ରାମ୍ୟ ଶାନ୍ତି କମିଟି ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଅର୍ଜୁନ ପଟ୍ଟନାୟକ, ପୂଜା କମିଟି ସଭାପତି ପ୍ରିୟଦର୍ଶୀ ମହାନ୍ତି, ସମ୍ପାଦକ ସଞ୍ଜୟ ଦାସ, ଅଧ୍ୟାପକ ପ୍ରତାପ ଚନ୍ଦ୍ର ବେହେରା, ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ସିଂହ, ପ୍ରଧାନଶିକ୍ଷକ ମନୋଜ ଗୁମାନସିଂହ, ତ୍ରିଲୋଚନ ମହାନ୍ତି, ଶ୍ରୀନିବାସ ସାମନ୍ତରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଭକ୍ତଚରଣ ନୋଡାଲ୍ ବିଦ୍ୟାପୀଠର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଦିବ୍ୟଜ୍ୟୋତି ପାଠାଗାର ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶ୍ରୀକାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ୟଙ୍ଗ୍ ଗେମ୍‌ଚେଞ୍ଜର ଇନିସିଏଟିଭ ପ୍ରକଳ୍ପରେ ଜଟଣୀ ପୌରାଞ୍ଚଳ

ଜଟଣୀ,୪ା୧୧(ଡି.ଏନ୍.ଏ.)

ଯୁବବର୍ଗଙ୍କ ସ୍ୱାସ୍ଥ୍ୟ ଏବଂ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ବିଶ୍ୱର ବିଭିନ୍ନ ସହରାଞ୍ଚଳକୁ ନେଇ ୟୁଏନ ହାବିଟାଟ ‘ୟଙ୍ଗ ଗେମ ଚେଞ୍ଜର ଇନିସିଏଟିଭ’ ପ୍ରୋଗ୍ରାମ ଆରମ୍ଭ କରିବାକୁ ଯାଉଛି। ଏହି ସଂସ୍ଥା ଦ୍ୱାରା ବିଶ୍ୱର ବିଭିନ୍ନ ଦେଶରୁ ମନୋନୀତ ହୋଇଥିବା ୩ ଶ୍ରେଷ୍ଠ ସହର ମଧ୍ୟରେ ଓଡ଼ିଶାର ଜଟଣୀ ପୌରାଞ୍ଚଳ ସ୍ଥାନ ପାଇଛି। ୟୁଏନ ହାବିଟାଟର ଉକ୍ତ ପ୍ରୟୋଗାତ୍ମକ ପଦକ୍ଷେପରେ ଜଟଣୀ ପୌରାଞ୍ଚଳ ସାମିଲ ହୋଇ କାର୍ଯ୍ୟ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲା। ଏହି ପରିପ୍ରେକ୍ଷୀରେ ୟୁଏନ-ହାବିଟାଟର ଭାରତରେ ଥିବା ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଗତ ଜୁଲାଇରେ ଜଟଣୀ ସହରରେ ସର୍ଭେ କରାଯାଇଥିଲା। ଜଟଣୀ ପୌର ପରିଷଦର ବିଭିନ୍ନ ୱାର୍ଡ ବୁଲିବା ସହ ବହୁ ପ୍ରକଳ୍ପ ପରିଦର୍ଶନ କରିଥିଲେ। ପରେ ୟୁଏନହବିଟାଟ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ବ୍ଲକ ବାଇ ବ୍ଲକ ଫାଉଣ୍ଡେଶନ ଦେଶର ପ୍ରଥମ ସହର ଭାବେ ଜଟଣୀକୁ ଚୟନ କରିଛନ୍ତି। ବିଶ୍ୱର ଅନ୍ୟ ଦୁଇଟି ସହର କଲମ୍ବିଆର ଆର୍ମେନିଆ ଏବଂ ସେନେଗାଲର ବର୍ଗନୀ ମଧ ଏହି ପାଇଲଟ ପ୍ରକଳ୍ପରେ ସ୍ଥାନ ପାଇଛି। ଏହି ୟଙ୍ଗ ଗେମ ଚେଞ୍ଜର ଇନିସିଏଟିଭ ପ୍ରକଳ୍ପରେ କାର୍ଯ୍ୟ କରିବା ପାଇଁ ଜଟଣୀ ସହର ମନୋନୀତ ହୋଇଥିବାରୁ ପୌର ପରିଷଦ ପକ୍ଷରୁ ଶୁକ୍ରବାର ପୌର ସଭାଗୃହରେ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଜଟଣୀ ସହର ମନୋନୀତ ହେବା ପରେ ପୌର ଅଧକ୍ଷ ଅନନ୍ତ ବେହେରା ଏବଂ ପୌର ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ଖୁସି ବ୍ୟକ୍ତ କରିବା ସହ ଆଗାମୀ ଦିନରେ ଉକ୍ତ ପ୍ରକଳ୍ପର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ ଆଶା କରିଛନ୍ତି। ୟୁଏନ-ହାବିଟାଟ ଏବଂ ବୋଷ୍ଟାର ଫାଉଣ୍ଡେଶନର ମିଳିତ ସହଯୋଗରେ ସହରରେ ଯୁବବର୍ଗଙ୍କ ସ୍ୱାସ୍ଥ୍ୟ, ପରିବେଶ ଏବଂ ସହରବାସୀଙ୍କ ଜୀବନଶୈଳୀର ଉନ୍ନତି କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ। ଯୁବବର୍ଗଙ୍କ ସ୍ୱାସ୍ଥ୍ୟ ଏବଂ ଜୀବନଶୈଳୀରେ ପରିବର୍ତ୍ତନ ତଥା ଉନ୍ନତି ପାଇଁ ଏହି ସଂସ୍ଥା ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଏହି ପାଇଲଟ ପ୍ରକଳ୍ପ ସଫଳ ହେଲେ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକ ନିଜ ନିଜ ସହରରେ ଉନ୍ନତି ଆଣିବା ପାଇଁ ଏହାକୁ ଉପଯୋଗ କରିପାରିବେ।



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୧୧।୨୦୨୨

| | |
|---|---|
| ୫, ୮୫, ୫୪୬ ଟଙ୍କା | |
| ସୁନା | ୪ ଗ୍ରାମ |
| ରୁପା | ୧୬.୩୦୦ ଗ୍ରାମ |

# ସାକ୍ଷୀଗୋପାଳଙ୍କ ଲକ୍ଷ୍ମୀନାରାୟଣ ବେଶ

ସାକ୍ଷୀଗୋପାଳ, ୪।୧୧(ଡି.ଏନ୍.ଏ./ସ୍ୱ.ପ୍ର.)

କାର୍ତ୍ତିକ ବଡ଼ ଏକାଦଶୀ ତଥା ଦେବ ଉତ୍ଥାପନ ଏକାଦଶୀ ତିଥିରେ ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିରରେ ଠାକୁରଙ୍କ ଲକ୍ଷ୍ମୀ ନାରାୟଣ ବେଶ ସହିତ ଶ୍ରୀରାଧାଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ଠାକୁରଙ୍କ ଏହି ଦୁର୍ଲଭ ବେଶକୁ ଦର୍ଶନ କରିବା ପାଇଁ ଶୁକ୍ରବାର ରାଜ୍ୟ ତଥା ରାଜ୍ୟ ବାହାରୁ ସାକ୍ଷୀଗୋପାଳ ମନ୍ଦିରରେ ଶତାଧିକରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ଠାକୁରଙ୍କ ଏହି ବେଶ ଦେଖି ଭକ୍ତ ସାନ୍ନିଧ୍ୟ ଲାଭ କରିଥିବାବେଳେ ଠାକୁରଙ୍କ ପ୍ରିୟ ଖାଦ୍ୟ ଚୁଡ଼ାଘଷା ଭୋଗ ଲାଗିବେଳେ ମନ୍ଦିର ବେଢାରେ ମହକ ଖେଳିଯାଇଥିଲା। ଏଥିସହ ମନ୍ଦିର ପରିସରରେ ଶହ ଶହ ସଂକୀର୍ତ୍ତନ ମଣ୍ଡଳୀଙ୍କ ହରିନାମରେ ଅଞ୍ଚଳ ଆଧାତ୍ମିକମୟ ପରିବେଶ ସୃଷ୍ଟି ହୋଇଥିଲା।

ସାକ୍ଷୀଗୋପାଳଙ୍କ ନୀତିକାନ୍ତି ଲାଗି ପୂର୍ବ ରାତି ୨ଟାରୁ ମନ୍ଦିର ଦ୍ୱାର ଉନ୍ମୋଚନ, ମଙ୍ଗଳ ଆଳତି, ବେଶ ମଇଲମ, ମର୍ଦ୍ଦନ, ଅବକାଶ, ଲକ୍ଷ୍ମୀ ନାରାୟଣ ବେଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ବାଲଧୂପ ଓ ଆଳତି ଦେବନୀତି ପରେ ସକାଳ ୬ଟାରୁ ସାହାଣମେଳା ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଦିନତମାମ ମନ୍ଦିରରେ ଭିଡ଼ ଲଗାଇଥିଲେ। ଅଁଳାନବମୀରେ ଭିଡ଼ ନିୟନ୍ତ୍ରଣ



ସାକ୍ଷୀଗୋପାଳ ମନ୍ଦିର।



ଚୁଡ଼ାଘଷା ଭୋଗ ପ୍ରସ୍ତୁତ କରାଯାଉଛି।

### ମନ୍ଦିର ବେଢ଼ାରେ ଚୁଡ଼ାଘଷାର ମହକ

କରିବା ନିମନ୍ତେ ମନ୍ଦିର ସମ୍ମୁଖରେ କରାଯାଇଥିବା ଛାୟାପ୍ରଦ ବ୍ୟାରିକେଡ୍ ହଟାଇ ଦିଆଯାଇଥିବାରୁ ମଧ୍ୟାହ୍ନ ଖରାରେ ଶ୍ରଦ୍ଧାଳୁମାନେ ଲମ୍ବା ଧାଡିରେ ଠିଆ ହୋଇଥିବା ଦେଖାଯାଇଥିଲା। ଉପସ୍ଥିତ ଅଗ୍ନିଶମ ଅଧିକାରୀ ମନୋଜ କୁମାର ପାତ୍ର ଓ କର୍ମଚାରୀମାନଙ୍କ ସହଯୋଗରେ ମନ୍ଦିର ସମ୍ମୁଖରେ ପାଣି ପକାଇବାରୁ ପିଚୁ ତାତିରୁ କିଛି ସମୟ ରକ୍ଷା ମିଳିଥିଲା। ନୂଆ ଚୁଡ଼ାରେ ଚୁଡ଼ାଘଷା, କ୍ଷୀର, କଦଳୀ ଚକଟା ପ୍ରସ୍ତୁତ କରି ଠାକୁରଙ୍କୁ ଅର୍ପଣ କରାଯାଇଥିଲା।

### ନିଦରୁ ଉଠିଲେ ନାରାୟଣ

ସାହାଣମେଳା ଦର୍ଶନ ବନ୍ଦ ହେବା ପରେ ମନ୍ଦିରରେ ଦେବନୀତି ଆରମ୍ଭ କରାଯାଇ ବଡ଼ସିଂହାର ଧୂପ ଅନୁଷ୍ଠିତ ହୋଇଥିଲା। ପରେ ଗର୍ଭଗୃହର ଗୋଟିଏ କୋଣରେ ଶୟନ ମୁଦ୍ରାରେ ୪ ମାସ କାଳ ଶୋଇଥିବା ନାରାୟଣଙ୍କୁ ନିଦରୁ ଉଠାଯାଇଥିଲା। ଉପଚାର ଆଳତି କରାଯାଇ ଭୋଗ ନୈବେଦ୍ୟ କରାଯିବା ପରେ ନିଦ୍ରିତ ନାରାୟଣଙ୍କୁ ନିଦ୍ରାରୁ ଉଠାଇ ରତ୍ନ ସିଂହାସନକୁ ଅଣାଯାଇଥିଲା।

ଏହାପରେ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ। ତହସିଲଦାର ଜୟନ୍ତ ଜୟସିଂ, ବିଡିଓ ଲୋଚନ ଦାସ, ଆଇଆଇସି ବିଜୟ କେତନ ବେହେରା, ମନ୍ଦିର କାର୍ଯ୍ୟନିର୍ବାହୀ ବସନ୍ତ ପ୍ରଧାନ, ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର, ସମ୍ପାଦକ ବିଜୟ ନନ୍ଦ ଓ କର୍ମକର୍ତ୍ତାବୃନ୍ଦ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ମନ୍ଦିରକୁ ରଙ୍ଗବେରଙ୍ଗ ଆଲୋକ ଓ ଫୁଲମାଳରେ ସଜାଯାଇଥିଲା। ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ଶ୍ରୀରାଧା ଉତ୍ସବ ମନୋରଞ୍ଜନର ଖୋରାକ ଦେଇଥିବା ବେଳେ ପଲ୍ଲିଶ୍ରୀ ମେଳା ପ୍ରଦର୍ଶନୀ ବୁଲି ଲୋକେ ମଜା ନେଇଥିଲେ। ଲକ୍ଷ୍ମୀପୂଜା ମାଣପେଡ଼ି, ଖଟୁଲି, ପିଢା, ପନିକି, କୋରଣା ଆଦି ବିଭିନ୍ନ ଘରକରଣା ସାମଗ୍ରୀର ଅସ୍ଥାୟୀ ଦୋକାନରେ ବେଶ୍ କାରବାର ଚାଲିଥିଲା।

# ୪ ମାସ ପରେ ଶୟନରୁ ଉଠିଲେ ଶ୍ରୀହରି

ପୁରୀ ଅଫିସ, ୪।୧୧

ଦୀର୍ଘ ୪ ମାସ ଶୟନ କରିବା ପରେ ଶ୍ରୀହରି (ମହାପ୍ରଭୁ) ଶୁକ୍ରବାର କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ନିଦ୍ରା ପରିହାର କରିଛନ୍ତି। ଏ ନେଇ ଶ୍ରୀମନ୍ଦିରରେ ବିଶେଷ ନୀତି ସମ୍ପନ୍ନ ହୋଇଛି। ଏହି ନୀତିକୁ ହରି ଉତ୍ଥାପନା ନୀତି ବୋଲି କୁହାଯାଏ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ପରେ ରୋଷ ହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ବାଲଧୂପ ଓ ଭୋଗମଣ୍ଡପ ବଢ଼ି ମଇଲମ ହୋଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ସର୍ବାଙ୍ଗ ଚନ୍ଦନ ଲାଗି ନୀତି କରିବା ପରେ ମଧ୍ୟାହ୍ନ ଧୂପ ପୂଜା ବସିଥିଲା। ଭୋଗ ସରିଲା ପରେ ଶାଢ଼ି, ଖଣ୍ଡୁଆ ଲାଗି ପରେ ଝଡ଼ା ଆଳତି ହୋଇଥିଲା। ଏହାପରେ ଚନ୍ଦନ ଲାଗିହୋଇ ବେଶ ବଢ଼ିଥିଲା। ପାଣି ପଡ଼ି ସନ୍ଧ୍ୟାଧୂପ ପୂଜା ବଢ଼ି ମହାଦୀପ ଆଳତି ହୋଇ ନୀଳଚକ୍ରକୁ ମହାଦୀପ ବିଜେ

### ଶ୍ରୀମନ୍ଦିରରେ ହରି ଉତ୍ଥାପନା ନୀତି ସମ୍ପନ୍ନ

ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ଉତ୍ଥାପନ ନୀତି ଆରମ୍ଭ ହୋଇଥିଲା। ଖଟଶେଯ ଘର ଉପରଭାଗରେ ଥିବା ଘରକୁ ଚଢ଼ଉକରଣଙ୍କ ଉପସ୍ଥିତିରେ ଖୋଲାଯାଇଥିଲା। ମୁଦିରସ୍ତ ତିନିବାକ୍ସକୁ ଖୋଲିଥିଲେ। ତିନି ଶୟନ ଠାକୁରଙ୍କ ମହାସ୍ନାନ, ସର୍ବାଙ୍ଗ ଚନ୍ଦନ, ବେଶ, କର୍ପୂର ଲାଗି ପରେ ବନ୍ଦାପନା ନୀତି ବଢ଼ିଥିଲା। ପୁଷ୍ପାଞ୍ଜଳି, ବନ୍ଦାପନା ପରେ ବାକ୍ସଗୁଡ଼ିକୁ ଯଥା ସ୍ଥାନରେ ରଖାଯାଇ ଘରଦ୍ୱାରକୁ ମୁଦ ଦିଆଯାଇଥିଲା। ପରମ୍ପରା ଅନୁଯାୟୀ, ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ରଥ ଉପରେ ହରିଶୟନ ନୀତି ସମ୍ପନ୍ନ ପରେ ଶ୍ରୀହରି (ମହାପ୍ରଭୁ) ନିଦ୍ରା ଯାଇଥିଲେ। କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ବା ପଞ୍ଚକର ପ୍ରଥମ ଦିନରେ ଠାକୁର ନିଦ୍ରାଭଙ୍ଗ କରିଥାନ୍ତି। ଏତାକୁ ହରି ଉତ୍ଥାପନା ନୀତି ବୋଲି କୁହାଯାଏ।

# ୬ ଟଙ୍କାର କ୍ୟାରିବ୍ୟାଗ୍ ପାଇଁ ୨୫ ହଜାର ଡଣ୍ଡ

କଟକ ଅଫିସ,୪।୧୧

୬ ଟଙ୍କାର କ୍ୟାରିବ୍ୟାଗ୍ ପାଇଁ କଟକ ବକ୍ସିବଜାରସ୍ଥିତ ବଜାର କୋଲକାତା ଶପିଂ ମଲ ଡଣ୍ଡ ଗଣିବ। ଉକ୍ତ ଶପିଂ ମଲ୍‌କୁ ଜିଲା ଖାଉଟି ଅଦାଲତ ଏଭଳି ଦଣ୍ଡିତ କରିଛନ୍ତି। ଜଣେ ଗ୍ରାହକଙ୍କୁ ନ ଜଣାଇ କ୍ୟାରି ବ୍ୟାଗ ପାଇଁ ୬ ଟଙ୍କା ନେବା ଅଭିଯୋଗର ଶୁଣାଣି କରି ଅଦାଲତ ୨୫ ହଜାର ଟଙ୍କା ଅର୍ଥଦଣ୍ଡ ୩୦ ଦିନ ମଧ୍ୟରେ ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ବିଚାରପତି ଦେବାଶିଷ ନାୟକ ଓ ଶିବାନନ୍ଦ ମହାନ୍ତିଙ୍କ ଖଣ୍ଡପୀଠ ଗତ ୧୯ ତାରିଖରେ ଏହି ରାୟ ଶୁଣାଇଛନ୍ତି। ପୁରୀଘାଟ ଥାନା ଅନ୍ତର୍ଗତ ହରିପୁର ମୂଳିଆସାହିର ପଦ୍ମଲୋଚନ ରାଉତ ବକ୍ସିବଜାରସ୍ଥିତ ବଜାର କୋଲକାତାରୁ ୨୦୨୦ ଡିସେମ୍ବର ୨୮ରେ ଏକ ଟି-ଶାର୍ଟ କିଣିଥିଲେ। ଏ ବାବଦରେ ୨୪୯ ଟଙ୍କା ଦେବାକୁ ସେ କାଉଣ୍ଟରରେ ଉପସ୍ଥିତ ଥିବାବେଳେ ତାଙ୍କୁ କ୍ୟାରିବ୍ୟାଗ୍ ଦରକାର କି ବୋଲି ପଚରାଯାଇଥିଲା। ସେ ହଁ କହିବାରୁ ତାଙ୍କୁ ଗୋଟାଏ କ୍ୟାରି ବ୍ୟାଗ ଦିଆଯାଇଥିଲା। ସେ କାର୍ଡ ମାଧ୍ୟମରେ ଟଙ୍କା ଦେବା ପରେ ଜାଣିଲେ ଯେ ତାଙ୍କଠାରୁ ୬ ଟଙ୍କା ଅଧିକ ନିଆଯାଇଛି। କ୍ୟାରିବ୍ୟାଗ ନେବାକୁ ପଚାରିବାବେଳେ ଏଥିପାଇଁ ୬ଟଙ୍କା ଦେବାକୁ ପଡ଼ିବ ବୋଲି ତାଙ୍କୁ କେହି କହି ନ ଥିଲେ କି ମଲ୍ ମଧ୍ୟରେ ଏ ସମ୍ପର୍କିତ କୌଣସି ଲେଖା ନ ଥିଲା। ସେ ଫେରିଆସିବା ପରେ ଉକ୍ତ ଶପିଂ ମଲ୍ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଲିଗାଲ ନୋଟିସ ପଠାଇଥିଲେ। ନିର୍ଦ୍ଧାରିତ ଦିନ ଶପିଂ ମଲ୍ ତରଫରୁ କେହି କାଉନସେଲିଂ ସେଣ୍ଟରକୁ ଆସି ନ ଥିଲେ। ଫଳରେ ପଦ୍ମଲୋଚନ ରାଉତ ଏନେଇ ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସଂକ୍ଷେପରେ

### କୋଣାର୍କ ଅନ୍ତର୍ଜାତୀୟ କଳା ପ୍ରଦର୍ଶନୀ ଉଦ୍‌ଯାପିତ

ପୁରୀ ଅଫିସ, ୪।୧୧: କୋଣାର୍କ ଅନ୍ତର୍ଜାତୀୟ କଳା ପ୍ରଦର୍ଶନୀ-୨୦୨୨ ପୁରୀ ଆର୍ଟ ଗ୍ୟାଲେରୀ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳା ନିର୍ବାଣର ନିର୍ଦ୍ଦେଶକ ଆଶିଷ ପହି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରେଡି କିଟ୍ ମହାବିଦ୍ୟାଳୟର ସମ୍ପାଦକ ଆଶୁତୋଷ ମିଶ୍ର, ଅଧକ୍ଷା ଶୁଭଦର୍ଶିନୀ ଦାସ, ଟୁଇଟର ଆର୍କିଭିଟିଜର ସଦସ୍ୟ ବିପିନ ମହାନ୍ତି, ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧକ୍ଷ ଦୁର୍ଗାମାଧବ କର, ପୁରୀ ଆର୍ଟ ଗ୍ୟାଲେରୀ ପରିଚାଳକ ସତ୍ୟ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ହାଇଦ୍ରାବାଦର କଳାନିର୍ବାଣ ପକ୍ଷରୁ ୯ଟି ଦେଶର ଚିତ୍ରକରଙ୍କ ଦ୍ୱାରା ପ୍ରସ୍ତୁତ ୬୦ରୁ ଉର୍ଦ୍ଧ୍ୱ କଳା ପ୍ରଦର୍ଶନ କରାଯାଇଥିଲା। ବିଶ୍ୱରେ କଳାକୁ ଲୋକପ୍ରିୟ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଓଡ଼ିଶାରେ ପ୍ରଥମ କରି ପୁରୀରେ ଏହି ପ୍ରଦର୍ଶନୀ ହୋଇଥିଲା।

### ୬ରେ ମେଗା ଆଇନ ସେବା ଶିବିର

ପୁରୀ ଅଫିସ, ୪।୧୧: ଆସନ୍ତା ୬ ତାରିଖରେ ପୁରୀ ସ୍ପୋର୍ଟ୍ସ ଷ୍ଟାଡିୟମରେ ଜିଲା ପ୍ରଶାସନ ଏବଂ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ମେଗା ଆଇନସେବା ଓ ସଚେତନତା ଶିବିର ଅନୁଷ୍ଠିତ ହେବ। ଶୁକ୍ରବାର ଏ ନେଇ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦକ ଦେବାଶିଷ ଦାଶ ଯୋଗଦେଇଥିଲେ। ସମସ୍ତେ ନ୍ୟାୟ ପାଇବା ଜରୁରୀ। ନ୍ୟାୟ ପାଇବା କେବଳ କୋର୍ଟଭିତ୍ତିକ ଆଇନସେବାରେ ସୀମିତ ନୁହେଁ। ଲୋକଙ୍କୁ ସେମାନଙ୍କ ଅଧିକାର ବିଷୟରେ ଜଣାଇବା ଓ ତ୍ୱରିତ ନ୍ୟାୟ ପ୍ରଦାନ ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରାଧିକରଣ ସମ୍ପାଦକ ଦାଶ ଏବଂ ଅତିରିକ୍ତ ଜିଲାପାଳ ସାହୁ କହିଥିଲେ। ଏଥିରେ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ହିତାଧିକାରୀଙ୍କୁ ସଚେତନ କରାଇବା ସହ ସେମାନଙ୍କ ପ୍ରାପ୍ୟ ପ୍ରଦାନ ପାଇଁ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଶିବିର ସୁପରିଚାଳନା ଲାଗି ବିଭିନ୍ନ ବିଭାଗକୁ ଦିଆଯାଉଥିବା ଦାୟିତ୍ୱ ଠିକ ଭାବେ ନିର୍ବାହ ନିମନ୍ତେ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଯଶୁଆପୁର ସରପଞ୍ଚ ଉପନିର୍ବାଚନ ପାଇଁ ଶୁକ୍ରବାର ଏକ ମତଦାନ କେନ୍ଦ୍ରରେ ମତଦାତାଙ୍କ ଲମ୍ବାଧାଡ଼ି।

# ସରିଲା ଯଶୁଆପୁର ସରପଞ୍ଚ ଉପନିର୍ବାଚନ: ୭୫% ମତଦାନ

ପିପିଲି,୪।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

ପିପିଲି ବ୍ଲକ ଯଶୁଆପୁର ପଞ୍ଚାୟତର ସରପଞ୍ଚ ଶ୍ୟାମସୁନ୍ଦର ପରିଡାଙ୍କ ମୃତ୍ୟୁ ପରେ ଖାଲିପଡିଥିବା ସରପଞ୍ଚ ପଦବୀ ପାଇଁ ଶୁକ୍ରବାର ଉପନିର୍ବାଚନ ହୋଇଥିଲା। ଏହି ଉପନିର୍ବାଚନ ପୋଲିସ ଉପସ୍ଥିତିରେ ଶାନ୍ତିଶୃଙ୍ଖଳାରେ ସରିଛି। ତେବେ ଯଶୁଆପୁର ପଞ୍ଚାୟତରେ ମୋଟ ୫୭୫୩ଜଣ ଭୋଟର ଥିବାବେଳେ ୧୫ଟି ବୁଥରେ ମୋଟ ୪୩୩୦ ଭୋଟର ସେମାନଙ୍କର ମତଦାନ କରିଥିଲେ। ଯାହାକି ଶେଷ ସୁଦ୍ଧା ୭୫ ପ୍ରତିଶତ ମତ ସାବ୍ୟସ୍ତ ହୋଇଥିବା ବିଡିଓ ରଶ୍ମିତା ନାଥ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି। ଏହି ଉପନିର୍ବାଚନ ପାଇଁ ପଞ୍ଚାୟତର ୪ଜଣ ପ୍ରାର୍ଥୀ ତଥା ଅକ୍ଷୟ କୁମାର ବେହେରା, ନରସିଂହ ପ୍ରଧାନ, ବଳଭଦ୍ର ପ୍ରଧାନ ଓ ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ନିର୍ବାଚନ ରଣାଙ୍ଗନାରେ ରହିଥିବା ବେଳେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଶୁକ୍ରବାର ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ପ୍ରକ୍ରିୟା ଚାଲିଥିବା ବେଳେ ପ୍ରତ୍ୟେକ ବୁଥରେ ପ୍ରିଜାଇଡିଂ ଅଫିସର ସହ ୨ଜଣ ପୁଲିଂ ଅଫିସର ନିୟୋଜିତ ହୋଇଥିଲେ। ଏଥିସହ ସୁରକ୍ଷା ଦୃଷ୍ଟିରୁ ପ୍ରତ୍ୟେକ ବୁଥରେ ଜଣେ ପୋଲିସ କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ଏହି ନିର୍ବାଚନ ପାଇଁ ୨ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ପ୍ରତ୍ୟେକ ବୁଥରେ ପୁଲିଂ ଏଜେଣ୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୋଟ ବାକ୍ସ ସିଲ ହୋଇଥିବା ବେଳେ କଡ଼ା ସୁରକ୍ଷା ବଳୟରେ ଭୋଟ ବାକ୍ସଗୁଡିକ ପିପିଲି ବ୍ଲକ ଅଫିସ ଷ୍ଟ୍ରଙ୍ଗରୁମରେ ରଖାଯାଇଛି। ବିଡିଓ ବିଭିନ୍ନ ବୁଥକୁ ଯାଇ ସ୍ଥିତି ସମୀକ୍ଷା କରିଥିଲେ। ଶନିବାର ସକାଳ ୮ଟାରେ ଭୋଟ ଗଣତି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ନିର୍ବାଚନ ଅଧିକାରିଣୀ ତଥା ବିଡିଓ ରଶ୍ମିତା ନାଥ କହିଛନ୍ତି।

# ବିରୋଧ ପରେ ଅଟକ ଥିବା ବ୍ୟକ୍ତିଙ୍କୁ ଛାଡ଼ିଲା ପୋଲିସ

କଣାସ,୪।୧୧(ସ୍ୱ.ପ୍ର)

ପୁରୀ ଜିଲା କଣାସ ବ୍ଲକ କଖାରୁବସ୍ତ ଗ୍ରାମରେ କିଛିଦିନ ତଳେ ଜଣେ ଆସାମୀକୁ ଧରିବାକୁ ଯାଇ ଅନ୍ୟଜଣେ ଲୋକକୁ ପୋଲିସ ଉଠାଇ ଥିବାରୁ ଜନଆକ୍ରୋଶର ଶିକାର ହୋଇଥିଲା। ତେବେ ଗୁରୁବାର ଅଣ୍ଡଳାସିଂହ ପଶ୍ଚିମପାରୀ ଗ୍ରାମର ସିଂଶ୍ୱର ଦେବଙ୍କ ଗେଟ୍ ଲଗାଇବାକୁ କେନ୍ଦ୍ରକରି ଦାଦା-ପୁତୁରାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏପରି କି ଉଭୟେ କଣାସ ଥାନାର ଦ୍ୱାରସ୍ଥ ହୋଇଥିଲେ। ଆଇଆଇସି ନ ଥିବା ସମୟରେ ଥାନା ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ଅଭିଯୋଗକ୍ରମେ ଦିନତମାମ ଦାଦା-ପୁତୁରାକୁ ଅଟକ ରଖି ରାତିରେ ପୁତୁରାକୁ ଛାଡିଦେଇଥିବା ବେଳେ, ଦାଦାକୁ ଅଟକ ରଖିଥିଲେ। ଶୁକ୍ରବାର ସକାଳୁ ୨ଶହରୁ ଊର୍ଦ୍ଧ୍ୱ ଗ୍ରାମର ପୁରୁଷ ଓ ମହିଳାମାନେ କାହିଁକି ପୁତୁରାକୁ ଛାଡ଼ି ଦାଦାଙ୍କୁ ଅଟକ ରଖିଛ ବୋଲି ପ୍ରଶ୍ନ କରିବା ସହ ତୁରନ୍ତ ଛାଡିବା ପାଇଁ ଦାବିକରି ଥାନା ଆଗରେ ବିକ୍ଷୋଭ କରିଥିଲେ। ପରେ ପୋଲିସ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସତ୍ତ୍ୱେ ସେମାନେ ବୁଝି ନ ଥିଲେ। ଫଳରେ ପୋଲିସ ବାଧ ହୋଇ ଦାଦାକୁ ଛାଡିବାରୁ ଅଣ୍ଡାଳସିଂହ ଗ୍ରାମର ଲୋକେ ଥାନାରୁ ଫେରିଥିଲେ। ଏ ସମ୍ପର୍କରେ କଣାସ ଥାନା ଅଧିକାରୀଙ୍କୁ ଟେଲିଫୋନ୍‌ରେ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା।

# ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

କାକଟପୁର,୪।୧୧(ଡି.ଏନ୍.ଏ.)

କାକଟପୁର ବ୍ଲକ ଅନ୍ତର୍ଗତ ୧୫ଟି କ୍ଲଷ୍ଟରରୁ ୪୫୦ଜଣ କୃତୀ ଛାତ୍ରୀଛାତ୍ରମାନଙ୍କୁ ନେଇ ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ଓଥକା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ମନ୍ଦରଧର ମହାନ୍ତି ମହୋତ୍ସବରେ ଅଧକ୍ଷତା କରି କହିଥିଲେ, ସୁରଭି ମାଧ୍ୟମରେ ଗ୍ରାମାଞ୍ଚଳର ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ହୋଇ ଭବିଷ୍ୟତରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହେବାର ସୌଭାଗ୍ୟ ଅର୍ଜନ କରିପାରିବେ। ଆୟୋଜିତ ହୋଇଥିବା ୧୮ଟି ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ୧୮ଜଣ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଚୟନ କରାଯାଇଛି। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ମଲ୍ଲିକ, ଦେବରାଜ ଦାଶଙ୍କ ସମେତ ୧୫ଟି କ୍ଲଷ୍ଟର ଦାୟୀତ୍ୱରେ ଥିବା ସିଆର୍‌ସିସି, ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଓ ଗାଇଡ୍‌ମାନେ ଉପସ୍ଥିତ ଥିଲେ।



ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ଜନସମ୍ପର୍କ ପଦଯାତ୍ରାରେ ସଞ୍ଜୟଙ୍କ ଶକ୍ତି ପ୍ରଦର୍ଶନ



ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା।

ପୁରୀ ଅଫିସ/ବ୍ରହ୍ମଗିରି,୪।୧୧(ଡି.ଏନ୍.ଏ.)

ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଶୁକ୍ରବାର ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବ୍ରହ୍ମଗିରିରେ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଯାଇଛି। ବ୍ଲକର ଜପ୍ରତିନିଧି ଓ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କୁ ସାଙ୍ଗରେ ଧରି ଅଲାରନାଥଙ୍କ ପୀଠରୁ ପଦଯାତ୍ରା' ଆରମ୍ଭ ହୋଇ କେରାଣ୍ଡିଆ ପଡ଼ିଆଠାରେ ପହଞ୍ଚିଥିଲେ। ପଦଯାତ୍ରାରେ ସଞ୍ଜୟ ଓ କର୍ମୀମାନେ ଘର ଘର ବୁଲି ଲୋକଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇଥିଲେ। ପରେ କେରାଣ୍ଡିଆ ପଡ଼ିଆରେ ଏକ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହେଇଥିଲା। ସଭାରେ ସଞ୍ଜୟ ତାଙ୍କର ବିରୋଧୀଙ୍କ ଆଗରେ ଶକ୍ତି ପ୍ରଦର୍ଶନ କରି ସାଧାରଣ ଜନତାଙ୍କ ସମର୍ଥନ ଥିବା ଦର୍ଶାଇଛନ୍ତି। ନିର୍ବାଚିତ ଜନପ୍ରତିନିଧି ସାଧାରଣ ଜନତାଙ୍କ ନିକଟରେ ଉତ୍ତରଦାୟୀ ବୋଲି ଅଭିହିତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ଦିଗଦର୍ଶନ ଯୋଗୁ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟରେ ଉଲ୍ଲେଖନୀୟ ବିକାଶ ହୋଇପାରିଛି ବୋଲି ଦାସବର୍ମା ପ୍ରକାଶ କରିଥିଲେ। ଦୟା, ଭାର୍ଗବୀ, ରତ୍ନଚିରା, ଲୁଣା, ବ୍ରହ୍ମଗିରି ବ୍ଲକ ଦକ୍ଷିଣ କାଣିଆ, ବେଣା କାଣିଆ, ବକ୍ସି କାଣିଆ, ଏକ ନାଳିଆ, ଚଉଦସହ ମୌଉଜା ଚାଷି କମିଟି ଓ ସୁନାମୁଖି ଚାଷି କମିଟିଙ୍କ ଅନୁରୋଧ କ୍ରମେ ଦକ୍ଷିଣ କାଣିଆ, ବକ୍ସି କାଣିଆ, ବେଣା କାଣିଆ ପାଇଁ ୬କୋଟି ଟଙ୍କା ଏବଂ ସୁନାମୁଖି ଶେଷ ଭାଗରେ ଏକ କଣ୍ଟ୍ରୋଲ ଷ୍ଟ୍ରକ୍ଚର ପାଇଁ ୭କୋଟି ଟଙ୍କା ମଞ୍ଜୁର କରାଯାଇଛି। ଯାହା ଆସନ୍ତା ମାସଠାରୁ କାର୍ଯ୍ୟ ଆରମ୍ଭ କରାଯିବ। କାର୍ଯ୍ୟକ୍ରମରେ ପୁରୀ ଜିଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ପୁରୀ ଏମ୍‌ପିଙ୍କ ପ୍ରତିନିଧି ଯୁଧିଷ୍ଠିର ନାୟକ, ବ୍ରହ୍ମଗିରି ବ୍ଲକ ଅଧକ୍ଷା ରତ୍ନମାଳା ବେହେରା, ଉପାଧକ୍ଷା ମାଳିନୀ ଦଲାଇ, ସରୋଜିନୀ ତରେଇ, ଶକୁନ୍ତଳା ଗଡ୍ଡୁ, ସଦର ବ୍ଲକ ଅଧକ୍ଷ ଦିବାକର ପାତ୍ର, ନିରଞ୍ଜନ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଜନ୍ମେଶ୍ୱର ସାହୁ, ଲକ୍ଷ୍ମୀଧର ସାହୁ, ସନ୍ଦିପ ଜେନା, ମୋନାଲିସା ମିଶ୍ର, କାର୍ତ୍ତବୀର୍ଯ୍ୟ ସ୍ୱାଇଁ, କେଦାରନାଥ ଜେନା, ବିଦ୍ୟାଧର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ସଚେତନତା ମାଧ୍ୟମରେ ଦୁର୍ନୀତି ରୋକାଯାଇପାରିବ

ପୁରୀ ଅଫିସ, ୪।୧୧

ଦୁର୍ନୀତି ରୂପକ ସାମାଜିକ ବ୍ୟାଧିକୁ ବ୍ୟାପକ ସଚେତନତା ମାଧ୍ୟମରେ ପ୍ରତିହତ କରାଯାଇ ପାରିବ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି। ଶୁକ୍ରବାର ସଦ୍‌ଭାବନା ସଭାଗୃହରେ ପୁରୀ ଜିଲା ପ୍ରଶାସନ, ଦୁର୍ନୀତି ନିବାରଣ ଶାଖା ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସାହୁ ଯୋଗଦେଇ କହିଥିଲେ, ନୀତି ବିରୋଧୀ ଯେ କୌଣସି କାର୍ଯ୍ୟ ଦୁର୍ନୀତି ପଦବାଚ୍ୟ। ଦୁର୍ନୀତି ନିବାରଣ କ୍ଷେତ୍ରରେ ସରକାରଙ୍କ ଶୂନ୍ୟ ସହନଶୀଳତା ବ୍ୟବସ୍ଥା ପାଇଁ ଅନେକ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କେବଳ ସରକାର ବା ପ୍ରଶାସନ ନୁହେଁ ସାଧାରଣ ଜନତା ମଧ ଦୁର୍ନୀତି ନିବାରଣ ପାଇଁ ସଚେତନ ହୋଇ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର ପ୍ରସାଦ ପଣ୍ଡା ଯୋଗଦେଇ କହିଥିଲେ, ପ୍ରତ୍ୟେକ ବ୍ୟକ୍ତି ନିଜ ବିବେକାନୁମୋଦିତ କାର୍ଯ୍ୟ, ଉନ୍ନତ ଚରିତ୍ର ଗଠନ, ଆତ୍ମ ସଂଯମତା ଓ ଶୃଙ୍ଖଳିତ ରଖିଲେ ଦୁର୍ନୀତି ନିବାରଣ ସହଜ ହୋଇପାରିବ। ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଯୋଗଦେଇ କହିଥିଲେ, ବିକାଶର ମୁଖ୍ୟ ପ୍ରତିବନ୍ଧକ ହେଉଛି। ସରକାର ଦୁର୍ନୀତିକୁ ପ୍ରତିହତ କରିବା ପାଇଁ ଗ୍ରହଣ କରିଥିବା ବିବିଧ ପଦକ୍ଷେପ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ସଦର ବିଡିଓ ସମ୍ବିତ କୁମାର ଶତପଥୀ ଏବଂ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲ ଯୋଗଦେଇ ଦୁର୍ନୀତିର କାରଣ, ନିରାକରଣ ଓ ନାଗରିକଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପୁରୀ ଜିଲା ଦୁର୍ନୀତି ନିବାରଣ ଶାଖାର ଉପଆରକ୍ଷୀ ଅଧୀକ୍ଷକ ଶିଶିର କୁମାର ଭୋଇ ସମସ୍ତଙ୍କୁ ସ୍ୱାଗତ କରିବା ସହ ଦେଶରେ ଓଡ଼ିଶାର ଦୁର୍ନୀତି ନିବାରଣ ବିଭାଗ କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଉଛି ଓ ବୈଷୟିକ ଜ୍ଞାନ ଉପଯୋଗରେ ବିଭାଗକୁ ଅଧିକ କ୍ରିୟାଶୀଳ କରାଯାଇଛି ବୋଲି କହିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ସମସ୍ତଙ୍କୁ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ କରାଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।




ପୁରୀ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ରମାନେ।